ଟ.: ୨୫

# ଆମରି ସତ୍ୟ

# AMARI SATYA

RNI Regn. No. - ODIODI/2010/35051
Postal Regd. No. : PURI-33/2019-21

ଏକାଦଶ ବର୍ଷ । ସଂଖ୍ୟା ନବମ । ମାସିକ ମାର୍ଚ୍ଚ - ୨୦୨୧ । ଆର.ଏନ୍.ଆଇ. ନଂ : ଓଡିଆଇଓଡିଆଇ/୨୦୧୦/୩୫୦୫୧ ପୃଷ୍ଠା ସଂଖ୍ୟା ୫୨



# ଏକାଦଶ ବାର୍ଷିକ ଉତ୍ସବ ପାଳନ-୨୦୨୧



ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ
ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ



ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର
(ମୁଖ୍ୟ ଅତିଥି)ଙ୍କ ଉଦ୍‌ବୋଧନ



ଡ. ବିଷ୍ଣୁ ଚରଣ ସାହୁ
(ସମ୍ମାନୀତ ଅତିଥି)ଙ୍କ ଉଦ୍‌ବୋଧନ



ଡ. ଅଭୟ କୁମାର ନାୟକ
(ମୁଖ୍ୟ ବକ୍ତା)ଙ୍କ ଉଦ୍‌ବୋଧନ



ଡ. ପ୍ରସନ୍ନ କୁମାର ଜେନା
ସଭାପତି/ସଂପାଦକ



ଡ. ପ୍ରମୋଦ ଚନ୍ଦ୍ର ଦାଶ
ପ୍ରତିଷ୍ଠାତାଙ୍କ ଉଦ୍‌ବୋଧନ



ରମେଶ ଚନ୍ଦ୍ର ମହାପାତ୍ର
ନିର୍ଦ୍ଦେଶକଙ୍କ ଉଦ୍‌ବୋଧନ



ସତ୍ୟବାଦୀ ବଳିଆରସିଂହ
ସହଯୋଗୀ ସଂପାଦକ



ଆମରିସତ୍ୟ ସମ୍ମାନ
ଡ. ବିଷ୍ଣୁ ଚରଣ ସାହୁ



ଡାକ୍ତର ଧନେଶ୍ୱର ସାହୁ ନାଟ୍ୟ ସମ୍ମାନ
ବୀର କିଶୋର ସୁନ୍ଦରାୟ



ଆମରିସତ୍ୟ ସାରସ୍ୱତ ସମ୍ମାନ
ଶ୍ରୀଯୁକ୍ତ ଆଦିନାରାୟଣ ଖଣ୍ଡୁଆଳ



ଆମରିସତ୍ୟ ବାର୍ଷିକ ଉତ୍ସବରେ ଉପସ୍ଥିତ ବୁଦ୍ଧିଜୀବି...

# ଆମରି ସତ୍ୟ

# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

**ଏକାଦଶ ବର୍ଷ - ନବମ ସଂଖ୍ୟା - ମାର୍ଚ୍ଚ୨୦୨୧**

**ପ୍ରତିଷ୍ଠାତା**
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

**ସଂପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ସହ ସମ୍ପାଦକ**
ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨
ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ.ରଶ୍ମୀ ରଞ୍ଜନ ନାଥ
୯୯୮୬୧୪୭୭୧୯୫

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ରାଜୀବ ରଥ
୭୯୭୮୭୧୫୧୪୯

**ଯୋଗାଯୋଗ:**

**ମୁଖ୍ୟ କାର୍ଯ୍ୟାଳୟ -**
**'ଆମରିସତ୍ୟ'**
ଏମ୍ - ୧/୫,
ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଖୋର୍ଦ୍ଧା -୭୫୨୦୫୭, ଓଡ଼ିଶା
ଦୂରଭାଷ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ -**
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର
ନିର୍ଦ୍ଦେଶକ,ଆମରିସତ୍ୟ
ପ୍ଲଟ ନଂ-ଏମ୍ -୫/୨୩ , ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୭୫୧୦୧୩ , ଜି-ଖୋର୍ଦ୍ଧା
ଦୂରଭାଷ : ୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ -**
ଶ୍ରୀ ପଦ୍ମନାଭ ପାଣିଗ୍ରାହୀ
ବନମାଳି କଲୋନୀ, ଜଟଣୀ,
ଖୋର୍ଦ୍ଧା-୭୫୨୦୫୦
ଦୂରଭାଷ : ୯୩୩୮୨୨୧୩୭୪

**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ଦ୍ୱିବାର୍ଷିକ ଦେୟ | ଟ.୪୫୦/- |
| ୪. ତ୍ରୟବାର୍ଷିକ ଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟ | ଟ.୩୦୦୦/- |

(ଆଜୀବନ ଗ୍ରାହକ ସଦସ୍ୟତା ୧୪ ବର୍ଷ ପାଇଁ )

**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ.ଶରଚ୍ଚନ୍ଦ୍ର ମହାପାତ୍ର**
ପୂର୍ବତନ ଅଧ୍ୟକ୍ଷ,
ସରକାରୀ ମହିଳା ମହାବିଦ୍ୟାଳୟ, ପୁରୀ

**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର

**ଡ.ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ ଓ ସାମାଜସେବୀ, ଭୁବନେଶ୍ୱର

**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧ୍ୟକ୍ଷ, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ ।
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର - ୩୧୦୩୩୯୭୪୨୨୬
**IFSC-SBIN0012027, MICR-752002151**

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।

**AMARISATYA**
**AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.**
**Website: www.amarisatya.in Email:amarisatya@gmail.com / amarisatya@rediffmail.com**

# ସୂଚୀପତ୍ର


| କ୍ର.ସଂ. ବିଷୟ | ଲେଖକ | ପୃଷ୍ଠା |
|---|---|---|
| ୧. ସକାଳ ବନ୍ଦନା | ରମେଶ ମଙ୍ଗରାଜ | ୦୪ |
| ୨. ସମ୍ପାଦକୀୟ | | ୦୫ |
| ୩. ହିତ ବାଣୀ | | ୦୬ |
| ୪. ଆର୍ନ୍ତଜାତିକ ମହିଳା ଦିବସ | | ୦୭ |
| ୫. ନାରୀ ଭିତରେ ମା, ଭଉଣୀକୁ ..... | ଅଧ୍ୟାପିକା ଡ ଚନ୍ଦ୍ରକଳା ନାୟକ | ୦୮ |
| ୬. ନାରୀର ତିନୋଟି ରୂପ... | ପ୍ରଫୁଲ୍ଲ କୁମାର ବେହେରା | ୦୯ |
| ୭. ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୧୦ |
| ୮. ଝିଅକୁ ମାଡୁଛି ଡର | ରାଜକିଶୋର ପାଢ଼ୀ | ୧୩ |
| ୯. ଆମ ଦେଶର ଏକ ସ୍ମରଣୀୟ... | ତ୍ରିଲୋଚନ ମହାପାତ୍ର | ୧୪ |
| ୧୦.ଅର୍ଥନୀତିଜ୍ଞ ଡ. ସଦାଶିବ ମିଶ୍ର | ଡ.ଶରଚ୍ଚନ୍ଦ୍ର ମହାପାତ୍ର | ୧୫ |
| ୧୧.ଲୁହ ପାଇଁ ତିନିପଦ | ହେମଲତା ସାହୁ | ୧୬ |
| ୧୨.ମହୁମାଛି ନ ବଂଚିଲେ ମଣିଷ... | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୧୭ |
| ୧୩.ହାରିବା କଥାଟି | ଦାସ ବେନ୍‌ହୁର୍ | ୧୮ |
| ୧୪.ପରିବର୍ତ୍ତନର ପରିଭାଷା | ଇଂ ସତ୍ୟବ୍ରତ ରଥ | ୧୯ |
| ୧୫.ସତ୍ୟର ସନ୍ଧାନ | ଶ୍ରୀମତୀ ନିରୁପମା ମହାପାତ୍ର | ୨୦ |
| ୧୬.ଗୁରୁ - ଶିଷ୍ୟ | ଶ୍ରୀମତୀ ଉମାରାଣୀ ତ୍ରିପାଠୀ | ୨୧ |
| ୧୭.ଲାଇପୋପ୍ରୋଟିନ | ଡା.ଧନେଶ୍ୱର ସାହୁ | ୨୨ |
| ୧୮.ବିଶ୍ୱ ବନ୍ଦ୍ୟା ଝାନ୍‌ସୀ ରାଣୀ | ବ୍ରଜ କିଶୋର ଦାଶ | ୨୪ |
| ୧୯.ନାଟୁଆ ପିଲାଟି ବଡ଼ମଣିଷ ହେଲା | ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ | ୨୫ |
| ୨୦.ବାପା | ସୂର୍ଯ୍ୟକାନ୍ତି ରାଉତ | ୨୮ |
| ୨୧.ଜଣା ଅଜଣା | ଡ.ପ୍ରମୋଦ ଚନ୍ଦ୍ର ଦାଶ | ୨୯ |
| ୨୨.ଶାବର ଶ୍ରୀକ୍ଷେତ୍ରେ ଶ୍ରୀଜଗନ୍ନାଥ | ପ୍ରିୟମ୍ବଦା ସାହୁ | ୩୧ |
| ୨୩.ବରଷା ଗୋ ତୁମେ...... | ଡ. ଶରତ କୁମାର ଚଉଁରୀ | ୩୧ |
| ୨୪.ଭଗବାନ ମହାବୀର ଓ ଅହିଂସା | ତୁଳସୀ ଜୈନ | ୩୨ |
| ୨୫.ମାର୍ଚ୍ଚ ୨୩ ବଳିଦାନ ଦିବସ | ପଦ୍ମନାଭ ସ୍ୱାଇଁ | ୩୪ |
| ୨୬.ଅନ୍ୟ ଏକ ପୃଥିବୀ | ଡ଼.ପ୍ରଫୁଲ୍ଲ କୁମାର ସାମନ୍ତରାୟ | ୩୫ |
| ୨୭.କଇଁଳ ଫୁଲ | ଶ୍ରୀ ଜଗନ୍ନାଥ ନାୟକ | ୩୫ |
| ୨୮.ଗଜପତି ପୁରୁଷୋତ୍ତମ ଦେବ | ଡ. ପ୍ରସନ୍ନ କୁମାର ଜେନା | ୩୬ |
| ୨୯.ଚଳାଇବା କେତେ ଦିନ ? | ଅଧ୍ୟାପକ ଶିବ ପ୍ରସାଦ ପାଢ଼ୀ | ୩୮ |
| ୩୦.ପଥର ଓଧ | ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର | ୩୯ |
| ୩୧.ଟେନିସ୍ ଜଗତର ବିଗ୍-ଥ୍ରୀ | ଆଶିଷ କୁମାର ରାୟ | ୪୦ |
| ୩୦.ସମ୍ବାଦ ବିଚିତ୍ରା | | ୪୨ |
| ୩୧.ସାଧାରଣ ଜ୍ଞାନ | | ୪୩-୫୦ |

## ।। ସକାଳ ବନ୍ଦନା :


## ସଂଜ ପ୍ରାର୍ଥନା - ୫୫

**ରମେଶ ମଙ୍ଗରାଜ**

ଭାବର ଠାକୁର ଭାବନାରେ ମୋର
ଭାବଗ୍ରାହୀ ତୁମେ ସେମିତି ଥାଅ
ତମରି କରୁଣା ଟିକିଏ ଦିଅ । ।।୦।।
ତୁମେ ମୋର ସୁଖ ମୁଁ ତୁମ ଦୁଃଖ
ତମେ ମୋର ଅନୁଭବ
ହସ ତୁମେ ମୋର ମୁଁ ଲୁହ ତୁମର
ତମ ପରି କିଏ ହେବ
ଭରସା ରଖିଛି ତୁମକୁ ପ୍ରଭୁ ହେ'
ଚରଣ ତଳରେ ଶରଣ ନିଅ । ।।୧।।
ଭାବର ଠାକୁର.........
ମିଛ ଏ ସଂସାର ତୁମେ ସତ୍ୟ ମୋର
ଜୀବନର ଚଲାପଥେ
ପୁଣ୍ୟ ତୁମେ ମୋର ମୁଁ ପାପୀ ତମର
କହିବି ପ୍ରଭୁ ହେ'କେତେ
ତୁମେ ମୋ ଆରମ୍ଭ ତୁମେ ମୋର ଶେଷ
ତମଠାରୁ ପ୍ରଭୁ ଭିନ୍ନ ମୁଁ ନୁହଁ । ।।୨।।
ଭାବର ଠାକୁର............

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା**
**ଖୋର୍ଦ୍ଧା - ୭୫୨୦୫୪**
**ଦୂରଭାଷ - ୯୧୭୮୬୨୬୨୮୦**

# ସମ୍ପାଦକୀୟ....





କଥାରେ କଥାରେ କୁହାଯାଏ, "ଯେତେ କହିଲେ ଭାଗବତ, ତୋଷ ନୋହିଲା ମୋର ଚିତ୍ତ"! ଏକଥା କିଏ କାହାକୁ କୋଉଠି କୋଉ ପ୍ରସଙ୍ଗରେ କେତେବେଳେ କହିଥିଲେ ତାହା ଆମ ଜ୍ଞାନ ବାହାରେ! ଏକଥା ଭାଗବତ କହିବା ଲୋକଟି ଆଗ୍ରହୀ ଶ୍ରୋତାଟିକୁ କହିଛି କି ବିମୁଗ୍ଧ ଶ୍ରୋତାଟି ଭାଗବତ ଶୁଣାଇଥିବା ଲୋକକୁ କହିଛି, ତାହା ବି ଆମ ଜାଣିବାର ବାହାରେ! ତେବେ, ଯିଏ ଯାହାକୁ ଯୋଉ ପ୍ରସଙ୍ଗରେ ଏକଥା କହିଥାଉ ନା କାହିଁକି ଏହା ଏକ ସାର୍ବଜନୀନ ସତ୍ୟ ଯେ ଭାଗବତ ଯେତେ କହିଲେ ବା ଶୁଣିଲେ କେବେ ବି ମନବୋଧ ହୁଏନାହିଁ।

ମାତ୍ର, ଉପରୋକ୍ତ ପଦଟି ଏଭଳି ଅର୍ଥରେ କେବେ କେଉଁଠି ବ୍ୟବହାର ହେଉଥିଲା ପରି ଆମେ ଜାଣିନୁ। ଏହାର ବ୍ୟବହାର ସାଧାରଣତଃ କୌଣସି ଅମାନିଆ, ଅବାଗିଆ କିମ୍ବା ବାରମ୍ବାର ଡିଆରିବା ସତ୍ତ୍ୱେ ନସୁଧୁରୁଥିବା ବ୍ୟକ୍ତି ପ୍ରତି ବ୍ୟବହାର ହୁଏ। ଯେମିତି, "ମୋତେ ଯେତେ ମାଠିବୁ ମାଠ। ମୁଁ ସେଇ ଦରପୋଡ଼ା କାଠ"। କିମ୍ବା "କ୍ଷୀରରେ ଧୋଇଲେ ଖଣ୍ଡରେ ମୋହିଲେ ନିମ୍ବ କି ମଧୁର ହୋଇବ"- ଇତ୍ୟାଦି। ଏହାକୁ ବ୍ୟକ୍ତିତ୍ୱରେ ସୁଧାର ଆଣିବା ପାଇଁ ସମାଲୋଚନା ଭାବେ କୁହାଯାଇଥାଏ।

ତେବେ ଭାଗବତକୁ ନେଇ କୌଣସି ଆଲୋଚନାକରିବା ଏ ଆଲେଖ୍ୟର ଉଦ୍ଦେଶ୍ୟ ନଥିଲେ ବି ପ୍ରସଙ୍ଗକ୍ରମେ ଏହା ଆଲୋଚନା ଭିତରକୁ ପଶିଆସିଛି। ଆଜି ଭାଗବତକୁ ନେଇ କୌଣସି ଆଲୋଚନା କି ବ୍ୟାଖ୍ୟା କେବଳ କେତୋଟି ଗଣମାଧ୍ୟମରେ କାଁ ଭାଁ ଦେଖିବାକୁ ବା ଶୁଣିବାକୁ ମିଳୁଥିଲେ ବି ଏହା ଅତୀତର କୌଣସି ଏକ ସମୟରେ ଏ ଜାତିର ରକ୍ଷାକବଚ ଥିଲା, ତାହା ଭାବିଲାବେଳକୁ ଆଶ୍ଚର୍ଯ୍ୟ ଲାଗୁଛି। ଗାଁ ଗାଁରେ ଥିବା ଭାଗବତ ଟୁଙ୍ଗି ଆଜି ସାହି ମଝିରେ କେବଳ ନିଜର ଉପସ୍ଥିତି ଜାହିର କରୁଛି। କୋଉଠି କେମିତି ଏହା କ୍ଲବ୍ କିମ୍ବା ଯୁବକସଂଘରେ ରୂପାନ୍ତରିତ ହୋଇ ମଦ ମାଂସର ଉପାସନାରେ ନିଜ ହୃତଗୌରବର ସନ୍ଧାନ କରୁଛି। ସଂସାରଛଡ଼ା, ଅସାମାଜିକ କିଛି ବ୍ୟକ୍ତିତ୍ୱଙ୍କ କବଳରେ କବଳିତ ହୋଇ ଅତୀତର ଭାଗବତ ଟୁଙ୍ଗୀ ଅବଶୋଷର ଅଶ୍ରୁପାତ କରୁଛି।

କହିବାକୁ କେହି ନାହିଁ କି ଏହାର ସମାଧାନର ରାସ୍ତା ବି ବନ୍ଦ ହେଲାଭଳି ଲାଗୁଛି। କେବେ କେମିତି ସରକାରୀ ସ୍ତରରେ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପାଇଁ ପ୍ରସ୍ତାବ ବା ଖବର ଶୁଣିବାକୁ ମିଳେ। ଶୁଣିଲାବେଳେ ଅବଶ୍ୟ ଆମଭଳି ମରହଜିଆ ପୁରୁଣାକାଳିଆ ମନୋଭାବର କିଛି ବ୍ୟକ୍ତିଙ୍କ ମନରେ କିଛି ଖୁସି ଓ ସମ୍ଭାବନା ଅସେ। ମାତ୍ର, ପରବର୍ତ୍ତୀ ସମୟରେ ଏହା ପୁଣି ବୁଦବୁଦର କ୍ଷଣାୟୁ ଭଳି ଲୋପ ପାଇଯାଏ। କାରଣ, ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପାଇଁ ସରକାରୀ ଉଦ୍ୟମ ଯେତିକି ଲୋଡ଼ା ତାଠାରୁ ଅଧିକ ବ୍ୟକ୍ତିମନସ୍କତା ଲୋଡ଼ା। ହେଲେ ବ୍ୟକ୍ତିକୁ ଭାଗବତ ମନସ୍କ କରିବ କିଏ? ଏହାର ତ ଏକାନ୍ତ ବ୍ୟକ୍ତିଗତ ରୁଚି ଓ ଅଭିପ୍ସା ଉପରେ ନିର୍ଭରକରେ।

ପୂର୍ବରୁ କହିଛୁ, ଭାଗବତ ଓ ଭାଗବତ ଟୁଙ୍ଗୀ ଦିନେ ଏ ଓଡ଼ିଆ ଜାତିର ରକ୍ଷାକବଚ ଥିଲା। ଲୋକେ ଭାଗବତକୁ ଯେତିକି ସମ୍ମାନ ଓ ଭକ୍ତି କରୁଥିଲେ ଭାଗବତ ଟୁଙ୍ଗୀକୁ ସେତିକି ଶ୍ରଦ୍ଧା କରୁଥିଲେ। ଜ୍ଞାନ, ଭକ୍ତି, ପ୍ରେମ ଆଦି ଆଧ୍ୟାତ୍ମିକତାର ଆଲୋଚନା, ସମାଲୋଚନା ଓ ପର୍ଯ୍ୟାଲୋଚନାର ଉତ୍ତମ କ୍ଷେତ୍ର ଭାବେ ଭାଗବତ ଟୁଙ୍ଗୀର ଆଦର ପ୍ରତି ଗାଁରେ ରହିଥିଲା। ଜ୍ଞାନ-ବିଜ୍ଞାନର ଯାବତୀୟ ସମାଧାନର ସମୁଚିତ ସ୍ଥାନ ଭାବରେ ଭାଗବତ ଟୁଙ୍ଗୀ ପ୍ରାୟ ଚାରିଶହ ବର୍ଷ ଧରି ଓଡ଼ିଶାର ଜନପ୍ରାଣରେ ଯେଉଁ ଉତ୍ତରିତ ଚେତନାର ପ୍ରସ୍ରବଣ ବୁହାଇ ଦେଇଥିଲା, ତାହା ଆଜିର ଯୁଗ -ବିପ୍ଳବରେ ହୀନପ୍ରାଣ ହୋଇଯାଇଛି। ଏହାର ପୁନରୁଦ୍ଧାର ତ କେବେ ବି ହୋଇପାରିନବି, ମାତ୍ର ଏହାକୁ ଏକ ସଂସ୍କରଣର ରୂପ ଦେବା ପାଇଁ ଉଦ୍ୟମ କରାଯାଇପାରେ!

କାରଣ, ଭାଗବତର ଏକ ଚିର ସୌରଭ ରହିଛି, ତାହା ଏଥିରେ ତଲ୍ଲୀନ ହେଲେ ବ୍ୟକ୍ତି ଅନୁଭବ କରିପାରେ। ସେଇଥିପାଇଁ ତ କୁହାଯାଏ, "ଯେତେ କହିଲେ ଭାଗବତ, ତୋଷ ନୋହିଲା ମୋର ଚିତ୍ତ"!

ଡ. ପ୍ରସନ୍ନ କୁମାର ଜେନା

# ହିତ ବାଣୀ



## ଗୀତା

**ଅନାଶ୍ରିତଃ କର୍ମଫଳଂ କାର୍ଯ୍ୟଂ କର୍ମ କରୋତି ଯଃ ।**
**ସ ସଂନ୍ୟାସୀ ଚ ଯୋଗୀ ଚ ନ ନିରଗ୍ନିର୍ନ ଚାକ୍ରିୟଃ ॥ ୧/୬**

ଯେଉଁ ପୁରୁଷ କର୍ମଫଳକୁ ଆଶ୍ରୟ ନକରି କର୍ତ୍ତବ୍ୟ-କର୍ମ କରନ୍ତି, ସେ ସନ୍ନ୍ୟାସୀ ତଥା ଯୋଗୀ ଅଟନ୍ତି। କେବଳ ଅଗ୍ନି ତ୍ୟାଗ କରିଥିବା ମନୁଷ୍ୟ ସନ୍ନ୍ୟାସୀ ନୁହେଁ, କି କେବଳ କ୍ରିୟା ତ୍ୟାଗ କରିଥିବା ମନୁଷ୍ୟ ଯୋଗୀ ନୁହେଁ।

## ନୀଳକଣ୍ଠ ଦାସ


ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେନାହିଁ। ଧନୀ ମଧ୍ୟ ଦରିଦ୍ର ଉପରେ ନିର୍ଭର କରିଥାଏ।

## ଭାଗବତ ବାଣୀ

ମାତା ଭଗିନୀ କନ୍ୟା ମେଳେ । କେବେ ହେଁ ନଥିବ ନିରୋଳେ ॥
ମନ ଯେ ଇନ୍ଦ୍ରିୟଙ୍କ ଗ୍ରାମ। ବଳେ ତାହାକୁ ନାହିଁ ସମ ॥

## କୁହତ ଦେଖି

ପୂର୍ବ ଗଲି, ପଶ୍ଚିମ ଗଲି, ଡ଼େଇଁ ପଡ଼ିଲି ଉତ୍ତର,
ଦକ୍ଷିଣ ଦିଗରେ ଦେଖି ଆସିଲି ଫଳ ଉପରେ ପତର। (ସପୁରୀ)



## ଚାଣକ୍ୟ ନୀତି

**ରୂପ-ସୌନ୍ଦର୍ଯ୍ୟ ଅପେକ୍ଷା ସୁଗୁଣ ଭଲ :**

କୋକିଳାନାଂ ସ୍ୱରୋ ରୂପଂ ନାରୀ ରୂପଂ ପବିତ୍ରତମ୍
ବିଦ୍ୟା ରୂପଂ କୁରୁପାଣାଂ କ୍ଷମା ରୂପଂ ତପସ୍ୱିନାମ୍ ॥୯॥

ଆଚାର୍ଯ୍ୟ ଚାଣକ୍ୟ ରୂପ-ଚର୍ଚ୍ଚା କରିବା ଅବସରରେ ରୂପ-ସୌନ୍ଦର୍ଯ୍ୟ ଅପେକ୍ଷା ସୁଗୁଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିବାକୁ ଯାଇ କହିଛନ୍ତି ଯେ, କୋଇଲିର ସୌନ୍ଦର୍ଯ୍ୟ ହେଉଛି ତା'ର ସ୍ୱର। ପବିତ୍ରତା ହେବା ସ୍ତ୍ରୀମାନଙ୍କର ସୌନ୍ଦର୍ଯ୍ୟ। କୁରୂପ ଲୋକମାନଙ୍କର ଜ୍ଞାନ ହିଁ ସେମାନଙ୍କର ରୂପ ତଥା ତପସ୍ୱୀମାନଙ୍କର ରୂପ ହେଉଛି ସେମାନଙ୍କ ମଧ୍ୟରେ ଥିବା କ୍ଷମାଭାବ ।

## ଢଗଢମାଳୀ

**ଅଳପ ଲୋକ ବଡ଼ପଣ ପାଏ**
**ହଗୁଣୁ ମୁତୁଣୁ ଗୀତ ଗାଉଥାଏ ।**
**(ଅଯୋଗ୍ୟ ଲୋକ ଅଧିକାର ପାଇଲେ ସମସ୍ତଙ୍କୁ ନିଜର ବଡ଼ପଣିଆ ଦେଖେଇ ହୁଏ।)**
**ଆଗେ ଉଦର ପଛେ ସୋଦର ।**
**(ପେଟଚିନ୍ତା ଆଗ ତା'ପରେ ଆତ୍ମୀୟ ସ୍ୱଜନଙ୍କ ଚିନ୍ତା।)**

## ରୂଢ଼ି ପ୍ରୟୋଗ

ଗାତ ଖୋଳିବା - ବିପଦରେ ପକାଇବା ପାଇଁ ଯୋଜନା କରିବା।
ଗୋଡ଼ରୁ ପାଣି ମରିବା - ଚାଲି ଚାଲି ଥକିଯିବା ।
ଘରଭାଙ୍ଗିବା - ପରିବାରରେ ଅଶାନ୍ତି ସୃଷ୍ଟିକରିବା ।

ଯେଉଁଲୋକ ବିପଦରେ ପଡ଼ିନାହିଁ, ସେ ନିଜକୁ କେବେ ଚିହ୍ନି ପାରିନାହିଁ ବା ନିଜ ସଦ୍‌ଗୁଣର ପରିଚୟ ପାଇପାରିନାହିଁ।

# ଆର୍ନ୍ତଜାତିକ ମହିଳା ଦିବସ

ସମଗ୍ର ବିଶ୍ୱ ମାର୍ଚ୍ଚ ୮ ତାରିଖକୁ ଆର୍ନ୍ତଜାତିକ ମହିଳା ଦିବସ ରୂପେ ପାଳନ କରୁଛି। ବିଶେଷ କରି ଏହି ଦିବସ ପାଳନ ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କ ଅଧିକାର ଏବଂ ଲିଙ୍ଗଗତ ସମାନତା ଉପରେ ଗୁରୁତ୍ୱ ଦେବା। ସମଗ୍ର ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ମହିଳା ମାନଙ୍କୁ ପୁରୁଷମାନଙ୍କ ସମକକ୍ଷ ବିବେଚନା କରାଯାଉନାହିଁ। ମହିଳା ସଶକ୍ତିକରଣ କରିବା ସ୍ଲୋଗାନ ଦେଉଥିବା ବେଳେ ମହିଳାମାନଙ୍କ ଉପରେ ଅତ୍ୟାଚାର ଏବଂ ହିଂସା କମିବା ଲାଗୁନି। ୧୫ ରୁ ୨୦ ବର୍ଷ ବୟସର ମହିଳାମାନଙ୍କ ମଧ୍ୟରୁ ଅଧିକାଂଶ ମହିଳାମାନଙ୍କୁ ଚୋରା ଚାଲଣ କରିବା ସହିତ ସେମାନେ ଦୁଷ୍କର୍ମର ଶିକାର ହେଉଛନ୍ତି। କର୍ମ କ୍ଷେତ୍ରରେ ସେମାନଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଉଛି। ଅନେକ ଝିଅ ଆପଣା ଛାଏଁ ସ୍କୁଲକୁ ନଯାଇ ବିବାହ ବନ୍ଧନରେ ବାନ୍ଧିହୋଇ ଯାଉଛନ୍ତି। ମହିଳାମାନଙ୍କର ପ୍ରଗତି କ୍ଷେତ୍ରରେ ପ୍ରତିବନ୍ଧକ ସାଜୁଥିବା କାରଣ ମଧ୍ୟରୁ କମ୍ ବୟସରେ ବିବାହ, ପାତର ଅନ୍ତର ନୀତି ଏବଂ ପ୍ରଜନନ ସ୍ୱାସ୍ଥ୍ୟସେବାର ଅଭାବ । ଲିଙ୍ଗ ଭିତ୍ତକ ହିଂସା ସହ କନ୍ୟାଭ୍ରୂଣ ହତ୍ୟା ଏକ ଭୟଙ୍କର ସମସ୍ୟା ଭଳି ଦେଖାଦେଇଛି। ସରକାର 'ବେଟି ବଚାଓ, ବେଟି ପଢ଼ାଓ' ଓ ମହିଳା ସଶକ୍ତି କରଣ ଉପରେ ଗୁରୁତ୍ୱ ଦେବାରେ ହେଳା କରୁନାହାନ୍ତି। କିନ୍ତୁ ଆଜିର ଦିନରେ ମହିଳାମାନଙ୍କର ଉନ୍ନତି ପାଇଁ ଲିଙ୍ଗଗତ ସମାନତା ଉପରେ ଗୁରୁତ୍ୱଦେବା ଉଚିତ୍। ଶିକ୍ଷା ଅଧିକାର, ଆର୍ଥିକ ଅଧିକାର, ରାଜନୈତିକ ଅଧିକାରରେ ମହିଳାମାନେ ଚାରିକାନ୍ଥ ଭିତରେ ନରହି ଆଗକୁ ଯିବା ଉଚିତ୍। ସେମାନେ ପୁରୁଷଙ୍କ ଭଳି ନିଜେ ସକ୍ଷମ ଏହା ପ୍ରମାଣିତ କରିବାର ସମୟ ଆସିଛି। ସାରା ବିଶ୍ୱ କୋଭିଡ ମହାମାରୀ ସମୟରେ ଅନୁଭବ କରିଛି ଯେ, କରୋନା ଯୋଦ୍ଧାମାନଙ୍କ ମଧ୍ୟରେ ବିଶେଷ ଭାବରେ ମହିଳାମାନଙ୍କର ଅବଦାନ ପ୍ରଶଂସନୀୟ। ଏଣୁ ବିଶ୍ୱରେ ମହିଳାମାନେ କଳଙ୍କ ଏବଂ ହିଂସାମୁକ୍ତ ଏକ ସମାନ ଭବିଷ୍ୟତ ଚାହୁଁଛନ୍ତି। ସେମାନେ ଯୋଗ୍ୟ ଅଟନ୍ତି ବୋଲି ପ୍ରମାଣ କରିବାକୁ ଆଗେଇ ଆସିଛନ୍ତି। ବିଶ୍ୱ ପ୍ରତ୍ୟେକ ସ୍ତରରେ ମହିଳାମାନଙ୍କର ନିଷ୍ପତ୍ତିକୁ ସମ୍ମାନ ଜଣାଇବା ଉଚିତ୍। ୨୦୨୧ ବିଶ୍ୱ ମହିଳା ଦିବସର ଥିମ୍ "ନେତୃତ୍ୱରେ ଥିବା ମହିଳାମାନେ; ଏକ କୋଭିଡ-୧୯ ଦୁନିଆରେ ସମାନ ଭବିଷ୍ୟତ ହାସଲ କରିବା"

ବର୍ତ୍ତମାନ ୨୨ଟି ଦେଶରେ ମହିଳାମାନେ ରାଜ୍ୟ କିମ୍ବା ସରକାରଙ୍କର ମୁଖ୍ୟ ଭାବେ ପ୍ରତିଷ୍ଠିତ। ୨୨ଟି ଦେଶର ସଂସଦରେ ପ୍ରାୟ ୨୪.୯ ପ୍ରତିଶତ ମହିଳା ସାଂସଦ ଅଛନ୍ତି। ମହିଳାମାନେ ପୁରୁଷଙ୍କ ତୁଳନାରେ ବିଶ୍ୱରେ ୧୧ ପ୍ରତିଶତ କମ୍ ଦରମା ପାଆନ୍ତି। ତଥାପି କୋଭିଡ-୧୯ ବିରୋଧରେ ମହିଳାମାନେ ଆଗରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱାସ୍ଥ୍ୟ କ୍ଷେତ୍ରର କର୍ମକର୍ତ୍ତା, ବୈଜ୍ଞାନିକ, ଡାକ୍ତର,ସ୍ୱାସ୍ଥ୍ୟକର୍ମୀ ଅଟନ୍ତି। ଏହା ସ୍ପଷ୍ଟ ଯେ, ମହିଳାମାନେ ଯେତେବେଳେ ନେତୃତ୍ୱ ନିଅନ୍ତି ସେତେବେଳେ ସକରାତ୍ମକ ଫଳାଫଳ ମିଳିଥାଏ। ଏହା କୋଭିଡ-୧୯ ମହାମାରୀ ସମୟରେ ବିଶ୍ୱ ଅନୁଭବ କରିଛି। ତଥାପି ୩୦ ବର୍ଷରେ ବିଶ୍ୱ ବ୍ୟାପି ସଂସଦରେ ମହିଳାଙ୍କ ସଂଖ୍ୟା ୧ ପ୍ରତିଶତରୁ କମ୍ ଅଟେ। ଏଣୁ ଆଜି ଦିବସରେ ମହିଳାମାନେ କିପରି ନେତୃତ୍ୱ ନେଇ ପୁରୁଷମାନଙ୍କ ସହିତ ସମକକ୍ଷ ହୋଇପାରିବେ ଏବଂ ସେମାନେ କୋଭିଡ ଦୁନିଆରେ ସମାନ ଭବିଷ୍ୟତ ହାସଲ କରିପାରିବେ ସେଥିପ୍ରତି ଗୁରୁତ୍ୱଆରୋପ କରିବା ଉଚିତ୍।

ମହିଳା ଦିବସ ଏକ ଶ୍ରମିକ ଆନ୍ଦୋଳନରୁ ଯୁକ୍ତରାଷ୍ଟ୍ର ଆମେରିକା ନିୟୁଏର୍କ ସହରରୁ ଆରମ୍ଭ ହୋଇଥିଲା। ୧୫୦୦୦ ମହିଳା ଭଲ ବେତନ ଓ ମତଦାନ ଅଧିକାର ଦାବିରେ ଏକ ଶୋଭାଯାତ୍ରା ଆରମ୍ଭକରିଥିଲେ। ପରେ ୧୯୦୯ ରେ ସୋସିଆଲିଷ୍ଟ୍ ପାର୍ଟି ଏହାକୁ ମହିଳା ଦିବସ ବୋଲି ଘୋଷଣା କଲା। କିନ୍ତୁ ଜର୍ମାନୀର ଜଣେ ମହିଳକ୍ଲାରା ୧୯୧୦ ମସିହାରେ ଆର୍ନ୍ତଜାତିକ ମହିଳା ଦିବସ ଭାବରେ ଘୋଷଣା କରିବାକୁ ଡେନ୍‌ମାର୍କ ସହରରେ ୧୭ଟି ରାଷ୍ଟ୍ରର ମହିଳାଙ୍କୁ ନେଇ ଏକ ଶୋଭାଯାତ୍ରରେ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ୧୦୦ ଜଣ ମହିଳା ସମର୍ଥନ କରିଥିଲେ। ସର୍ବପ୍ରଥମେ ୧୯୧୧ରେ ଅଷ୍ଟ୍ରିଆ, ଡେନମାର୍କ, ଜର୍ମାନୀ, ସୁଇଜରଲାଣ୍ଡରେ ମହିଳା ଦିବସ ଭାବେ ପାଳନ କରାଗଲା। କିନ୍ତୁ ପରେ ପରେ ୧୯୭୫ ମସିହାରେ ବିଧିବଦ୍ଧ ଭାବରେ ଗୋଟିଏ ପ୍ରସଙ୍ଗ ଓ ଚିନ୍ତାଧାରାକୁ ନେଇ ବର୍ଷକୁ ଥରେ ଏହାକୁ ପାଳନ କରିବାପାଇଁ ଚିନ୍ତାକରାଗଲା। ଆଜି ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ପ୍ରସଙ୍ଗ ଭିତରେ ଏହାକୁ ଆମେ ପାଳନ କରୁଛେ ୨୦୨୦ ର ଏହି ଦିବସର ପ୍ରସଙ୍ଗ ଥିଲା 'ମୁଁ ମୋ ପିଢ଼ିସହ ସମାନ' 'ମହିଳାଙ୍କ ଅଧିକାର ହୃଦୟଙ୍ଗମ କରିବାକୁ ଚାହେଁ' ୨୦୨୧ ମସିହାର ପ୍ରସଙ୍ଗ ନେତୃତ୍ୱରେ ଥିବା ମହିଳାମାନେ ଏକ କୋଭିଡ-୧୯ ଦୁନିଆରେ ସମାନ ଭବିଷ୍ୟତ ହାସଲ କରିବା।

**ଉପସ୍ଥାପନା : ଡ. ପ୍ରମୋଚନ୍ଦ୍ର ଦାଶ**

ନିଜ ଉପରୁ ଯଦି ତୁମର ବିଶ୍ୱାସ ତୁଟିଗଲା, ତେବେ ଜାଣିରଖ ଯେ ତୁମର ସବୁଠାରୁ ବଳି ଗୋଟାଏ ପତନ ହୋଇଗଲା।

# ନାରୀ ଭିତରେ ମା, ଭଉଣୀକୁ ଉପଲବ୍ଧି କରାଯାଉ



ଅଧ୍ୟାପିକା ଡ ଚନ୍ଦ୍ରକଳା ନାୟକ

ନାରୀ ହେଉଛି ଦୟାମୟୀ, କଲ୍ୟାଣମୟୀ, ସ୍ନେହମୟୀ ଏବଂ ମମତାମୟୀ। ଜଣେ ମହିଳା ହେଉଛି ଜୀବସୃଷ୍ଟି କରିବାର ଚାବିକାଠି। ଗୋଟେ ସୌନ୍ଦର୍ଯ୍ୟର ଦର୍ପଣ, ସ୍ନେହଶ୍ରଦ୍ଧାର ଗନ୍ତାଘର, ଆନନ୍ଦ ପ୍ରଦାନ କରିବାର ଏକ ଉତ୍ସ। ଖାଦ୍ୟ ଓ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଉଥିବା – ସରଘର।

ନାରୀ କେବେ ମାନସିକ ସ୍ତରରେ ଦୁର୍ବଳ ନଥିଲେ ଓ ନାହାନ୍ତି ମଧ୍ୟ। ନାରୀ ସବୁବେଳେ ନିଜକୁ କଷ୍ଟ ଦେଇ କିମ୍ବା ବିପଦରେ ପକାଇ ଅନ୍ୟକୁ ସାହାଯ୍ୟ କରିଥାଏ କିମ୍ବା ସୁଖ ଦେଇଥାଏ। ପରିବାର ଓ ସମାଜର ଉନ୍ନତି ପାଇଁ ସେ ବ୍ରତୀ ହୋଇଥାଏ। ମା ପରି ଲାଳନ ପାଳନ କରେ। ପେଟ ଜାଣି, ମନ ଜାଣି ଖାଦ୍ୟ ଖୋଇଥାଏ। ତା ସହିତ ଘର ଓ ବାହାରର ସମସ୍ତ କର୍ମ ନିର୍ବାହ କରିଥାଏ। ବହୁ ସନ୍ତାନର ଜନନୀ ହୋଇ ମଧ୍ୟ ଶ୍ରଦ୍ଧା, ସ୍ନେହରୁ ବଞ୍ଚିତ, ଘରେ ଓ ସମାଜରେ ବିଭିନ୍ନ ଭାବରେ ନିର୍ଯ୍ୟାତିତ, ସମସ୍ତ ସାହାଯ୍ୟ, ସହଯୋଗରୁ ବଞ୍ଚିତ ହୋଇ ବି ନାରୀଟିଏ ତାର ସନ୍ତାନ ପାଇଁ ତାର କର୍ମ କରିଥାଏ। ତେଣୁ କବି ନାରୀ କୁ ଗୋଟିଏ ଜଳନ୍ତା ଦୀପ ସହ ତୁଳନା କରିଛନ୍ତି।



ତିଳ ତିଳ କରି ନିଜ ଅଙ୍ଗଜାଳି
ବର୍ତ୍ତିକା ତେଜଇ ଆଲୋକମୁଦେ,
ମରଣ ଦେଖଇ ପରାଣ ସମ୍ପଦ
ବରିନିଏ ଅମା ତିମିର ଛନ୍ଦେ।।

ଏଥିରୁ ପ୍ରମାଣିତ ହୁଏ ଯେ, ନାରୀଟିଏ ଦୁର୍ବଳ ନୁହେଁ ବରଂ ଯଥେଷ୍ଟ ସବଳ।

ଏହା କେବଳ ନାରୀର ସାର୍ବଜନୀନ ବ୍ୟକ୍ତିତ୍ୱରେ ସୀମିତ ହୋଇ ରହିନାହିଁ। ନାରୀ ନିଜର ଶକ୍ତି ଓ ସାମର୍ଥ୍ୟକୁ ମଧ୍ୟ ବ୍ୟକ୍ତିଗତ ଭାବେ ପ୍ରମାଣିତ କରିଛି। ପୁରାଣ, ଇତିହାସ, ଦେଶର ମୁକ୍ତି ସଂଗ୍ରାମଠାରୁ ଆରମ୍ଭ କରି ସମାଜସେବା, ପ୍ରଶାସନିକ ସେବା ଏବଂ ରାଜନୀତିରେ ଏହାର ବହୁ ଉଜ୍ଜ୍ୱଳ ଦୃଷ୍ଟାନ୍ତର ଅଭାବ ନାହିଁ। କିନ୍ତୁ ଅନେକ ସମୟରେ ପୁରୁଷର ପାଶବିକତା ନିକଟରେ ନାରୀ ହାରି ଯାଉଛି। ଯେଉଁ ପୁରୁଷଟିଏ ଦିନେ ସେହି ମାଆକୁ ଅସହ୍ୟ ଗର୍ଭ ବେଦନା ଦେଇ ପୃଥିବୀର ପ୍ରଥମ ପରଶ ପାଉଛି, ପ୍ରଥମ କ୍ଷୀର ବୁନ୍ଦାଏ ମାଆଠାରୁ ପାଉଛି, ସେହି ପରୁଷ ପୁଣି ସେହି ନାରୀ ଜାତି ପ୍ରତି ବଳାତ୍କାର ଓ ଧର୍ଷଣ ପରି ଅପରାଧ କରିବା ପାଶବିକତା ନୁହେଁ ତ ଆଉ କଣ ? ପ୍ରକୃତ ମଣିଷପଣିଆ ଥିବା ମଣିଷଟିଏ କେମିତି ଭୁଲିଯିବ ଯେ ତାର ଘରେ ବି ମାଆ ଓ ଭଉଣୀଟିଏ ଅଛି ବୋଲି।

କେତେକ ସର୍ବେକ୍ଷଣରେ ଭାରତ ନାରୀମାନଙ୍କୁ ଯୌନ ଉତ୍ପୀଡନ ଦେବା କ୍ଷେତ୍ରରେ ବିଶ୍ୱରେ ସବୁଠାରୁ ବିପଦଜନକ ଦେଶ। ଲଣ୍ଡନର ଥୋମାସ ରଉଟରସ୍ ଫାଉଣ୍ଡେସନ୍‌ର ସର୍ଭେରେ ମଧ୍ୟ ଏହାକୁ ସ୍ୱୀକାର କରାଯାଇଛି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଯୌନାକାଂକ୍ଷା ନିୟନ୍ତ୍ରଣର ସରଳ ସୂତ୍ର ଦେଉଥିବା ଆଶାରାମ ବାପୁ ଯୌନ ପାଗଳ ସାଜି ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଭଳି ଘଟଣା କେବଳ ବିଶ୍ୱାସର ବିଷଜ୍ୱାଳା ଛଡା ଆଉ କଣ ହୋଇପାରେ। ଅନେକ କ୍ଷେତ୍ରରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସର ଏଭଳି କ୍ଷେତ୍ରରେ ଲଜ୍ଜାଜନକ କାର୍ଯ୍ୟ ଖାକିରେ କଳଙ୍କ ସାଜିବା ପରେ ଲୋକେ ଆଉ କାହା ଉପରେ ବିଶ୍ୱାସ କରିବେ ଏବଂ କାହାକୁ ନ୍ୟାୟ ମାଗିବେ। ଲୋକ ଲୋଚନକୁ ଏଭଳି ଅନେକ କଳଙ୍କିତ ଘଟଣା ଆସୁନାହିଁ। ଯାହା ବି ଲୋକ ଲୋଚନକୁ ଆସୁଛି ତାହା ଏତେ ଅମାନବିକ ଯେ, ଏଥିନେଇ ଆଲୋଚନା କରିବା ବି କଷ୍ଟକର ଏବଂ ଅସମ୍ଭବ ହୋଇ ପଡୁଛି।

ବାସ୍ତବରେ ମହିଳାମାନଙ୍କ ଉପରେ ସଂଘଟିତ ହେଉଥିବା ଅପରାଧ ତଥା ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ଏକ ସାମାଜିକ ସମସ୍ୟା। ଯାହା କେବଳ ଆଇନଦ୍ୱାରା ସମାଧାନ କରାଯାଇ ପାରିବ ନାହିଁ। ଏଥିପାଇଁ ନୈତିକତା ଓ ମାନବିକତାର ଆବଶ୍ୟକତା ରହିଛି। ଏସବୁ ସମସ୍ୟା ପଛରେ ଅନେକ କାରଣ ରହିଛି। ପ୍ରଥମ ହେଉଛି, ମଣିଷର ନଗ୍ନତା ପ୍ରତି ଥିବା ଦୁର୍ବଳତାର ଦୁର୍ଯୋଗକୁ ବ୍ୟବସାୟୀକରଣ କରାଯାଉଛି। ଏହାକୁ ଚାରିକାନ୍ଥ ମଧ୍ୟରେ ସୀମିତ ରଖାଯାଉ ନାହିଁ। ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଟମାସ୍ ଜେଫେରସନ୍ ଥରେ କହିଥିଲେ- ମୋ ଜୀବନରେ ସବୁଠାରୁ ଖୁସିର ସମୟ ହେଉଛି ସେହି କେତୋଟି ନିରୋଳା ଅନ୍ତରଙ୍ଗ ମୁହୂର୍ତ୍ତ ଯାହାକୁ କି ମୁଁ ମୋ ଘରେ ଓ ପିଲାଙ୍କ ଗହଣରେ ବିତାଇଛି। ସେହି ଅନ୍ତରଙ୍ଗତା ଭିତରେ ଥିଲା ବାସ୍ତବ ପ୍ରେମ। ଅପର ପକ୍ଷରେ ଏଭଳି ଦୁଷ୍କର୍ମରେ କେବଳ ନିଜର ରାକ୍ଷାସତ୍ୱକୁ ସାବ୍ୟସ୍ତ କରାଯାଏ।

ଦୁଷ୍କର୍ମ ପରି କୁକାର୍ଯ୍ୟକୁ ଲକ୍ଷ୍ୟକରି ଆମେରିକୀୟ ଲେଖିକା କ୍ଲେୟାର ଟୋମାସିନ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି "ମୋ ଲାଗି ସବୁଠାରୁ ତୀବ୍ର

ଅନୁଶୋଚନାର କାରଣ ହେଲା ଆମେ ଯେଉଁଭଳି ପୃଥିବୀଟିଏ ପାଇଥିଲୁ ତା ଠାରୁ ଏକ ଭଲ ପୃଥିବୀ ଆମ ଲାଗି ଛାଡି ଯାଉନାହୁଁ।" କାରଣ ପୂର୍ବ ସମୟ ଏତେ କଦର୍ଯ୍ୟ ନଥିଲା। ପରପିଢି ପାଇଁ ଆଜିର ମଣିଷ ଏକ କଳଙ୍କିତ ଇତିହାସ ଓ ଜୀବନଶୈଳୀ ସୃଷ୍ଟି କରୁଛି। ଏହା କରୁଥିବା ମଣିଷ ଟିଏ ମାନବ ଜାତିର ଶତ୍ରୁ।

ଆମ ଭାରତୀୟ ସଂସ୍କୃତି କାହିଁ କେଉଁ କାଳରୁ ନାରୀର ସମ୍ମାନକୁ ସର୍ବାଧିକ ଗୁରୁତ୍ୱ ଦେବାରେ ବିଶ୍ୱରେ ଦୃଷ୍ଟାନ୍ତ। ସମଗ୍ର ମାନବ ଜାତିକୁ ଆମ ସଂସ୍କୃତି ଏ କ୍ଷେତ୍ରରେଦଗଦର୍ଶନ ଦେଇଛି। ଭାରତବର୍ଷର ଲୋକ ଚରିତ୍ରରେ ଏହା ପରିସ୍ଫୁଟ ହେଉ। ଆମେ ସମସ୍ତେ ପ୍ରାୟ ମାତୃଶକ୍ତିର ଉପାସକ। କିଏ ମା କାଳୀ, ମା ଚଣ୍ଡୀ, ମା ମଙ୍ଗଳା ତ ଆଉ କିଏ ଗାଁର ଗ୍ରାମଦେବତୀଙ୍କ ଭକ୍ତ। ନାରୀ ଜାତିକୁ ଅସମ୍ମାନ କରୁଥିବା କିମ୍ବା ମନରେ ବି ସମ୍ମାନବୋଧ ନଥିବା ମଣିଷଟିଏ ମାଆର ଭକ୍ତ ହୋଇନପାରେ।

ଆଇନର ଦୁର୍ବଳ ଦିଗ କେବଳ ଶିଶୁ ଓ ଅଳ୍ପବୟସ୍କ ବାଳିକାମାନଙ୍କୁ ବଳାତ୍କାରର ଏକମାତ୍ର ମୂଳ କାରଣ ହୋଇ ନପାରେ। ଏଥିପାଇଁ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ମଧ୍ୟ ଅନେକାଂଶରେ ଦାୟୀ। ବଳାତ୍କାରୀ ବ୍ୟକ୍ତିମାନଙ୍କ ବିଶ୍ଳେଷଣରୁ ଜଣାପଡିଛି ଯେ, ଅତିମାତ୍ରାରେ ମାଦକଦ୍ରବ୍ୟ ସେବନ, ମାନସିକ ରୁଗ୍ଣତା, ଅଶ୍ଳୀଳ ଚିତ୍ର ଦେଖିବାର ଦୁର୍ଯୋଗ, ଆମ ପୁରାଣ ଶାସ୍ତ୍ର ତଥା ନୀତିବାଣୀ ସଂସ୍ପର୍ଶରେ ନଆସିବା କିମ୍ବା ବାସ୍ତବ ଆଧ୍ୟାତ୍ମିକତା ଦିଗରେ ନରହିବା ହିଁ ଏହାର ଗୋଟିଏ ଗୋଟିଏ କାରଣ। ଆମ ସରକାର ମଧ୍ୟ ଏ କ୍ଷେତ୍ରରେ ଯଥେଷ୍ଟ ସମ୍ବେଦନଶୀଳ ଏବଂ ଯତ୍ନବାନ। ଗତ ୨୦୧୮ ଅପ୍ରେଲ ୨୦ ତାରିଖ ଦିନ ନାବାଳିକା ବଳାତ୍କାରୀଙ୍କୁ ଫାଶୀ ପ୍ରଦାନ ପାଇଁ ହୋଇଥିବା ଅଧ୍ୟାଦେଶକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ କରିଛନ୍ତି। ଏଥିନେଇ ସୁପ୍ରିମକୋର୍ଟ ମଧ୍ୟ ଅନେକ ସମୟରେ ଦୃଷ୍ଟାନ୍ତ ମୂଳକ ରାୟ ଦେଇଛନ୍ତି। ବଳାତ୍କାରୀଙ୍କୁ ସାମାଜିକ ଦୃଷ୍ଟି କୋଣରୁ ଅତି ଘୃଣ୍ୟ ଦୃଷ୍ଟିରେ ବ୍ୟବହାର କରାଯିବା ସହ ବଳାତ୍କାରର ଶିକାର ନାବାଳିକା କିମ୍ବା ମହିଳାଙ୍କୁ ସାମାଜିକ ସମ୍ମାନର ସହ ବଂଚିବାକୁ ସମସ୍ତେ ହାତ ବଢାନ୍ତୁ। ଏବେ ଆମେ ଜାତିର ପିତା ଗାନ୍ଧିଜୀ ଏବଂ ଗାନ୍ଧୀ ଦର୍ଶନ ନେଇ ସମସ୍ତେ ସଜାଗ ହୋଇ ଉଠିଛେ। ମଧ୍ୟରାତ୍ରରେ ନାରୀଟିଏ ନିର୍ଭୟରେ ବୁଲି ପାରିବା ଦେଶ ସ୍ୱାଧୀନତା ନେଇ ଗାନ୍ଧିଜୀଙ୍କ ସବୁଠାରୁ ବଡ ସ୍ୱପ୍ନ ଥିଲା। ଆସନ୍ତୁ ସମସ୍ତେ ମିଳିମିଶି ନାରୀର ସମ୍ମାନ ପାଇଁ ଏକାଠି ହେବା, ସହଯୋଗର ହାତ ବଢାଇବା। ଅନ୍ୟ ନାରୀ ପ୍ରତି ଦୁଷ୍କର୍ମ ହେଲାବେଳେ ଆମ ଘରେ ଆମ ମାଆ, ଭଉଣୀ କଥା ଭାବିନେବା। ପ୍ରତ୍ୟେକ ନାରୀ ଭିତରେ ଆମେ ଆମ ମାଆ ଓ ଭଉଣୀଙ୍କୁ ଦେଖିବାକୁ ସଂକଳ୍ପ ନେବା।

**ଭୁବନପୁର, ଗଡମଧୁପୁର, ଧର୍ମଶାଳା**
**ଯାଜପୁର, ୯୪୩୭୯୫୭୬୧୭**

# ନାରୀର ତିନୋଟି ରୂପ
# ଜନନୀ, ଭଗିନୀ ଓ ତପସ୍ୱିନୀ

**ପ୍ରଫୁଲ୍ଲ କୁମାର ବେହେରା**



ଏଇ ଦୁନିଆରେ ନାହିଁ ତୋ ତୁଳନା
ତୁ ସେ' ଜନନୀ - ଭଗିନୀ - ତପସ୍ୱିନୀ
ମାଆ ଗୋ.......
ଘେନ ମୋର ପୂଜା ଆରାଧନା
ଏଇ ଦୁନିଆରେ......... । ॥୦॥
ମାଆ ରୂପେ ବିରାଜିଛୁ ଏ ମହୀମଣ୍ଡଳେ
ଦୁଃଖୀ ଦୁଃଖ ଶୁଣୁଛୁ ତୋ ମହିମା ବଳେ
ତୋ ଉଦରୁ ଜାତ ଆମେ ତୋ ସନ୍ତାନ
ଲୋଡ଼ା ନାହିଁ ଆନ ଲୋଡ଼ା ଦରଶନ
ତୁ ସେ' ଜନନୀ - ଭଗିନୀ - ତପସ୍ୱିନୀ
ମାଆ ଗୋ.......
ଘେନ ମୋର ପୂଜା ଆରାଧନା
ଏଇ ଦୁନିଆରେ......... । ॥୧॥

ଦେଖିବାକୁ ତତେ ଭଗିନୀ ରୂପରେ
ବାନ୍ଧିନିଏ ମୋ ମନ ରାକ୍ଷୀ ପୂନେଇଁରେ
ଦଦରା ନାଆରେ ତୋର ମୁଁ ନାଉରୀ
ତୋ ଲୁହେ ଲୁହ ଦେଇ କରେ ତୋତେ ପାରି
ତୁ ସେ' ଜନନୀ - ଭଗିନୀ - ତପସ୍ୱିନୀ
ମାଆ ଗୋ.......
ଘେନ ମୋର ପୂଜା ଆରାଧନା
ଏଇ ଦୁନିଆରେ......... । ॥୨॥

ଜୀବନସଂଗିନୀ ତୁ ପ୍ରେମ ସୁହାଗିନୀ
ପୁରୁଷ ପରାଣ ତୁ ତା'ର ଅର୍ଦ୍ଧାଙ୍ଗିନୀ
ସୁଖରେ ଦୁଃଖରେ ହସରେ ଲୁହରେ
ସାଥୀ କରିନେଉ ସଂସାର ପଥରେ
ତୁ ସେ' ଜନନୀ - ଭଗିନୀ - ତପସ୍ୱିନୀ
ମାଆ ଗୋ.......
ଘେନ ମୋର ପୂଜା ଆରାଧନା
ଏଇ ଦୁନିଆରେ......... । ॥୩॥

**ଗୁରୁଜଙ୍ଗ, ଖୋରଧା**
**ମୋ - ୭୯୭୮୦୯୮୯୨୯**

# ବିଜ୍ଞାନ ବିଚିତ୍ର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

## ଭାରତରେ ୧୫% ବୟସ୍କ ବ୍ୟକ୍ତି ନିଦ୍ରାହୀନତାର ଶିକାର ହେଉଛନ୍ତି :-



ଦିବସର ଅକ୍ଲାନ୍ତ ପରିଶ୍ରମ ପରେ ପ୍ରତ୍ୟେକ ବ୍ୟକ୍ତି ନିଦ୍ରାଦେବୀଙ୍କ କୋଳରେ ଆଶ୍ରା ନେଇଥାନ୍ତି । ଏହାର ଅନେକ ସୁଫଳ ରହିଛି । ଯେପରିକି ଏଥିଯୋଗୁଁ ଆମ ମସ୍ତିଷ୍କ ରିଚ୍ରର୍ଜ ହେବା ସଙ୍ଗେ ସଙ୍ଗେ ଅନେକ ବିଷାକ୍ତ ରାସାୟନିକ ପଦାର୍ଥ ଆମ ଶରୀରରୁ ନିଷ୍କାସିତ ହୋଇଥାଏ । କିନ୍ତୁ ଠିକ୍ ରୂପେ ନିଦ ନହେଲେ ଅନେକ ଶାରୀରିକ ଏବଂ ମାନସିକ ରୋଗର ସୂତ୍ରପାତ ହୋଇଥାଏ । ଅବସାଦ ଯାହା ବୃଦ୍ଧାବସ୍ଥାରେ ଉତ୍କଟ ରୂପ ଧାରଣ କରିଥାଏ ତାକୁ ବୃଦ୍ଧି କରିବାରେ ନିଦ୍ରାହୀନତା ସହାୟକ ହୋଇଥାଏ । ବୟସ୍କ ବ୍ୟକ୍ତିଙ୍କଠାରେ ବିଭିନ୍ନ ରୋଗ ଯୋଗୁଁ କିମ୍ବା ଅନ୍ୟ ସାମାଜିକ କାରଣ ଯୋଗୁଁ ନିଦ୍ରାହୀନତା ଦେଖାଦେଇଥାଏ । ବେଙ୍ଗାଲୁରୁର Longitudinal Ageing Survey in India ନାମକ ଏକ ସର୍ଭେରେ ଏପ୍ରିଲ ୨୦୧୭ ଏବଂ ଡିସେମ୍ବର ୨୦୧୮ ମଧ୍ୟରେ ୭୨,୨୫୦ ବ୍ୟକ୍ତି (ବୟସ୍କ ୪୫ ବର୍ଷରୁ ଅଧିକ) ଙ୍କୁ ନେଇ ହୋଇଥିବା ସର୍ବେକ୍ଷଣରେ ଦେଖାଗଲା ଯେ, ମଧ୍ୟପ୍ରଦେଶରେ ୨୨%, ପଞ୍ଜାବ ଏବଂ ପୁଡୁଚେରୀରେ ୨୧%, କେରଳ ଏବଂ ଦିଲ୍ଲୀରେ ୨୦%, କର୍ଣ୍ଣାଟକରେ ୧୫.୨% ଓ ସବୁଠାରୁ କମ୍ ଲାଗାଲାଣ୍ଡରେ ୧.୬ ଲୋକ ଆବଶ୍ୟକତାଠାରୁ କମ୍ ନିଦ୍ରା ଯାଉଥିବା ଜଣାଗଲା । ଏମାନଙ୍କ ମଧ୍ୟରେ ୩୧,୪୬୪ ଜଣ ୬୦ ବର୍ଷରୁ ଉର୍ଦ୍ଧ୍ୱ ଥିଲାବେଳେ ୬୭୪୯ ଜଣ ୭୫ ବର୍ଷ ଅତିକ୍ରମ କରିଥିଲେ । ଭାରତୀୟ ବୟୋଜ୍ୟେଷ୍ଠ ସଙ୍ଘର ସମ୍ପାଦକ ଡ. ଓ.ପି. ଶର୍ମାଙ୍କ ମତରେ ଏହି ସମାନ ଚିତ୍ର ଉଭୟ ଗ୍ରାମ ଓ ସହରାଞ୍ଚଳରେ ଦୃଶ୍ୟମାନ ହେଉଛି । ସେ କହନ୍ତି ଏକ ସୁଖନିଦ୍ରା ଗୋଟିଏ Physiological Header with antiageing Effects । ଯଦି ଠିକ୍ ଭାବରେ ନିଦ ନହୁଏ ତେବେ ରକ୍ତଚାପ ବଢ଼ି ପିଠିରେ ଯନ୍ତ୍ରଣା ଦେଖାଦିଏ, ମେଦବୃଦ୍ଧି ସହିତ ମଧୁମେହ ରୋଗ ହେବା, ସ୍ମୃତିହୀନତା ଦେଖାଦେବା, ଗଳା ଓ ଛାତିରେ ସଂକ୍ରମଣ ହେବା, ଦୃଷ୍ଟିଶକ୍ତି ହ୍ରାସପାଇବା ଭଳି ଲକ୍ଷଣ ଦେଖାଦିଏ । ନିଃସଙ୍ଗ ଜୀବନଯାପନ କରୁଥିବା ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ୧୭.୭% ଥିଲାବେଳେ ପରିବାର ସହିତ ରହୁଥିବା ଲୋକଙ୍କ ସଂଖ୍ୟା ୧୧.୪% ବୋଲି ଜଣାପଡ଼ିଛି । ଏହାର ନିରାକରଣ ପାଇଁ ଜୀବନଶୈଳୀ ପରିବର୍ତ୍ତନ, ଶୋଇବା ଢଙ୍ଗର ପରିବର୍ତ୍ତନ ଏବଂ ଯୋଗ ଓ ପ୍ରାଣାୟାମର ଆଶ୍ରୟ ନେବାକୁ ଏଥିରେ କୁହାଯାଇଛି ।

## ଦକ୍ଷିଣ ଏସିଆରେ ଲୋକଙ୍କଠାରେ ଡାଇବେଟିସ୍ ସହ ହୃଦରୋଗ ଜୀନ୍‌ଗତ :-

ବେଙ୍ଗାଲୁରୁ ସ୍ଥିତ Centre for Cerdiovasculsr Biology and Diseases ଓ Institute for Stem Cell Science and Regenerative Medicine ର ମିଳିତ ସହଯୋଗରେ ବୈଜ୍ଞାନିକ ଦଣ୍ଡପାଣି ପେରୁନ୍ଧୁରାରଙ୍କ ନେତୃତ୍ୱରେ ହୋଇଥିବା ଏକ ଗବେଷଣାରେ ୨୫୫୨ ଜଣ କାର୍ଡ଼ିଓ ମାୟୋଗାଥି ରୋଗୀଙ୍କୁ ନିଆଯାଇଥିଲା, ଏମାନଙ୍କୁ ମଧ୍ୟରୁ କେତେକ ମଧୁମେହରେ ପୀଡ଼ିତ ଥିଲାବେଳେ ଆଉକେତେକଙ୍କ ଶରୀରରେ ମଧୁମେହ ନଥିଲା । ତେବେ ଏହି ଦୁଇଶ୍ରେଣୀର ରୋଗୀଙ୍କଠାରେ Adiponectin Receptor Protein - 1 ନାମକ ଜୀନ୍‌ର ଭିନ୍ନତା ପରିଲକ୍ଷିତ ହୋଇଥିଲା । ଏହି ଜୀନ୍‌ଟି ରକ୍ତ ଶର୍କରା ଓ ଲିପିଡ଼୍‌କୁ ନିୟନ୍ତ୍ରଣ କରୁଥିବା Adiponectin ପାଇଁ ରିସେପ୍ଟର ଭଳି କାର୍ଯ୍ୟ କରିଥାଏ । ଦକ୍ଷିଣ ଏସିଆର ୧୮୦୦ ବ୍ୟକ୍ତିଙ୍କଠାରେ ଏହା ନଥିବା ଜଣାପଡ଼ିଥିଲା । ଏହି ପରୀକ୍ଷଣ ପାଇଁ ହୃତପିଣ୍ଡର Cardiomyocytes ନାମକ କୋଷକୁ ବ୍ୟବହାର କରାଯାଇଥିଲା । ଏହିସବୁ Variants ନିର୍ଦ୍ଦିଷ୍ଟ ସଙ୍କେତ ବହନ କରୁଥିବା ଅଣୁମାନଙ୍କ ଉପରେ କାମ କରିଥାଏ । ଦକ୍ଷିଣ ଏସିଆର କେବଳ ୧୦% ବ୍ୟକ୍ତିଙ୍କଠାରେ ଏହି ଜୀନ୍ ଦୃଶ୍ୟମାନ ହୋଇଥିଲା ଏବଂ ଏମାନେ ଉଭୟ ମଧୁମେହ ଓ ହୃଦରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା । ଗବେଷକଙ୍କ ମତରେ ଯଦି ଯଥେଷ୍ଟ ପୂର୍ବରୁ ଏହି ଜୀନ୍‌ର ଉପସ୍ଥିତିକୁ ଚିହ୍ନଟ କରିହୁଅନ୍ତା ତେବେ ଏହାକୁ ଏକ ମାର୍କର ରୂପେ ବ୍ୟବହାର କରିହୁଅନ୍ତା ।



## ଆସନ୍ତୁ ନିରାମିଷାସୀ ହୋଇ ଆମ ପରିବେଶକୁ ରକ୍ଷା କରିବା :-

ନିମ୍ନରେ ପ୍ରଦତ୍ତ ବିବରଣୀ ହାବାର୍ଡ଼ ୟୁନିଭରସିଟିର ଏକ ମହାମାରୀ ରୋଗ ଏବଂ ଖାଦ୍ୟ ବିଭାଗର ପ୍ରଫେସର Watter C.Willett ଙ୍କ ସାକ୍ଷାତ୍‌କାରରୁ ଉଦ୍ଧୃତ ଅଟେ। ବର୍ତ୍ତମାନର ବର୍ଦ୍ଧିତ ଜନସଂଖ୍ୟାର ଧାରାକୁ ଅନୁଧ୍ୟାନ କଲେ ଜଣାଯାଏ ୨୦୧୫ ବେଳକୁ ବିଶ୍ୱର ଜନସଂଖ୍ୟା ୧୦ ବିଲିୟନ୍‌କୁ ଟପିଯିବ ଓ ଏଥିସହିତ ମାଂସାଶୀଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିବ। ଯଦି ଏହା ଚାଲୁରହେ ତେବେ ମାଂସପାଇଁ ଉର୍ଦ୍ଦିଷ୍ଟ ଜନ୍ତୁମାନଙ୍କ ଖାଦ୍ୟପାଇଁ ଜଙ୍ଗଲ ଓ ଗୋଚରଭୂଇଁ ନଷ୍ଟହେବା ସହିତ ଶସ୍ୟରାଜିର ଏକ ମୁଖ୍ୟାଂଶ ଚାଲିଯିବ। ଏମାନଙ୍କ ମଧ୍ୟରୁ ନିର୍ଗତ ମିଥେନ୍ ବାଷ୍ପ ସବୁଜ ଗୃହ ପ୍ରଭାବକୁ ବୃଦ୍ଧିକରିବ। ଅଧିକ ସାର ଓ କୀଟନାଶକ ବ୍ୟବହାର ଦ୍ୱାରା ବାୟୁ ଓ ଭୂ-ଭାଗ ପ୍ରଦୂଷିତ ହେବ ଏବଂ ଅନେକ ମୂଲ୍ୟବାନ ଜୀବନ ଅନ୍ତ ଘଟାଇବେ। EAT - Lancet Commission ର ଅଧକ୍ଷ ରୂପେ କରିଥିବା ଗବେଷଣାରୁ ସେ ଦର୍ଶାଇଛନ୍ତି ଯେ, ସିଧାସଳଖ ଗୋଟା ଶସ୍ୟ, ଚଣା, ଡାଲି ଜାତୀୟ ଖାଦ୍ୟ, ଫଳ ଓ ପନିପରିବାରୁ ମିଳୁଥିବା ପୋଷକତତ୍ତ୍ୱ ମାଂସଠାରୁ କିଛି କମ୍ ନୁହେଁ ଏବଂ ଏହା ପରିବେଶ ଉପରେ କିଛି ପ୍ରତିକୂଳ ପ୍ରଭାବ ନଥାଏ। ହଜାର ହଜାର ବର୍ଷଧରି ନିଜ ଅନୁରୁଚି ଗବେଷଣାକୁ ଭିତ୍ତିକରି ପ୍ରତ୍ୟେକ ମଣିଷ ତା'ନିଜ ପରିବାର ଏବଂ ସମାଜପାଇଁ ବିଭିନ୍ନ ଖାଦ୍ୟପଦାର୍ଥକୁ ନିଜ ଆହାରର ଅନ୍ତର୍ଭୁକ୍ତ କରିଛି। ଆଜି ଆମ ପରିବେଶକୁ ବଂଚାଇବା ପାଇଁ ଏହାର ପରିବର୍ତ୍ତନର ଆବଶ୍ୟକତା ଦେଖାଦେଇଛି। କେବଳ ଭିଟାମିନ୍ $B_{12}$ କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଉପାଦାନ ଉଦ୍ଭିଦରୁ ମିଳିଥାଏ। ରେଡ୍ ମିଟ୍‌ରେ ଏହି ଭିଟାମିନ୍ ସିନା ମିଳେ ତା'ସହିତ ଅନେକ କ୍ଷତିକାରକ ପଦାର୍ଥ ଯଥା ପରିପୃକ୍ତ ସ୍ନେହସାର ଏବଂ କୋଲେଷ୍ଟେରାଲ ସହ ଅନ୍ୟ ବିଷାକ୍ତ ପଦାର୍ଥ ଆମ ଭିତରେ ପ୍ରବେଶ କରି ହୃଦରୋଗର କାରଣ ସାଜେ। ଆପଣ ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ଭୂ-ଭାଗର ଏକ ତୃତୀୟାଂଶ ମଧୁରଜଳକୁ ମାଂସ ଏବଂ ଦୁଗ୍ଧ ଉତ୍ପାଦନକାରୀ ଶିଳ୍ପ ବ୍ୟବହାର କରନ୍ତି। କୃଷିଦ୍ୱାରା ସବୁଜଗୃହ ପ୍ରଭାବ ୩୦% ହେଲାବେଳେ, ଗୃହପାଳିତ ପଶୁଙ୍କଦ୍ୱାରା



୧୪.୫% ହୋଇଥାଏ। ଆମେ ଯଦି ସମସ୍ତେ ନିରାମିଶାସୀ ହେବା ତେବେ ଏହାର ମାତ୍ରା ୭୦% ହ୍ରାସପାଇବ। ଦେଢ଼ଏକର ଜମିରୁ ୩୭୫ ପାଉଣ୍ଡ ମାଂସ ଉତ୍ପାଦନ ହେଲାବେଳେ ୩୭,୦୦୦ ପାଉଣ୍ଡରୁ ଉଦ୍ଭିଦଜାତ ଖାଦ୍ୟ ପ୍ରସ୍ତୁତ ହୋଇପାରିବ। ଅନ୍ୟ ଅର୍ଥରେ ଜଣେ ମାଂସାଶୀ ବ୍ୟକ୍ତି ଜଣେ ନିରାମିସାଶୀ ବ୍ୟକ୍ତିଠାରୁ ୧୮ଗୁଣ ଅଧିକ ଜମି ଭୋଗକରୁଛି। ଜମିରେ ମାଂସପାଇଁ ଉଦ୍ଦିଷ୍ଟ ପ୍ରାଣୀମାନଙ୍କ ପାଇଁ ଘାସପତ୍ର ଦାନା ଉପୁଜାଇବା ପାଇଁ ବ୍ୟବହାର ଯୋଗୁଁ ୮୫% ଅନ୍ୟପ୍ରାଣୀମାନେ ଖାଦ୍ୟାଭାବରୁ ବିଲୁପ୍ତିର ଦ୍ୱାରା ଦେଶରେ ପହଞ୍ଚିଗଲେଣି। ଦେଖିବାକୁ ଗଲେ ମାଂସ ଏବଂ ଦୁଗ୍ଧ ଶିଳ୍ପ ୮୩% କୃଷି ଅନୁକୂଳ ଭୂମିକୁ ନଷ୍ଟ କରୁଥିବାବେଳେ ୬୦% ସବୁଜଗୃହ ସୃଷ୍ଟିକାରୀ ବାଷ୍ପ ନିର୍ଗତ କରନ୍ତି କିନ୍ତୁ ତା'ତୁଳନାରେ ମାତ୍ର ୧୮% କ୍ୟାଲୋରୀ ଯୋଗାଇଥାନ୍ତି। ବିଦେଶର ଖାଦ୍ୟାଭାସକୁ ଆମ ଦେଶସହ ତୁଳନା କଲେ ଜଣାଯାଏ ଯେ, ଭାରତୀୟମାନେ ଓ କ୍ଷେତ୍ରରେ ଅଧିକ ଉନ୍ନତ ଓ ରକ୍ଷଣଶୀଳ ।

## କମ୍ପ୍ୟୁଟରରେ ଏପରି ଏକ ୱିଣ୍ଡୋ ତିଆରି ହୋଇଛି ଯିଏ ଆପଣଙ୍କୁ ଉଡ଼ାଜାହାଜରେ ଉଡ଼ିବାର ଅନୁଭୂତି ପ୍ରଦାନ କରିବ :-




ଜାପାନର ଦୁଇଟି କମ୍ପ୍ୟୁଟର କଂପାନୀ Sky Scape ନାମକ ଏକ ୨୨ଇଞ୍ଚ ହାଇ ରିଜୋଲ୍ୟୁସନ୍ ଡିସ୍‌ପ୍ଲେ ତିଆରି କରିଛନ୍ତି ଯଦ୍ୱାରା ଆପଣ ଘରେ ବା ଅଫିସ୍‌ରେ ବସି ବିମାନଯାତ୍ରାର ଅନୁଭୂତି ନେଇପାରିବେ। କେବଳ ଯେ ବିମାନର ଝରକାରୁ ଆକାଶକୁ ଦେଖିପାରିବେ ତାହା ନୁହେଁ ବରଂ ବିମାନଟି ଆକାଶକୁ ଉଡ଼ିବା ଓ ଧରାବତରଣ କରିବାର ଅନୁଭୂତି ମଧ୍ୟ ଏଥିସହିତ ଯୋଡ଼ିହୋଇଛି। ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର ବିମାନଯାତ୍ରା କରିବା ଏକ ନିଶା କିନ୍ତୁ କୋଭିଡ୍ କଟକଣା ଯୋଗୁଁ ବିମାନଯାତ୍ରା ସଂପୂର୍ଣ୍ଣ ବନ୍ଦ ହୋଇଥିବା ଯୋଗୁଁ ଏମାନେ ଏକରକମ ନିରାଶ ଓ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ। ସେମାନଙ୍କୁ ସାନ୍ତ୍ୱନା ଏବଂ ସାହାଯ୍ୟ କରିବାକୁ ଏହି ୱିଣ୍ଡୋଟି ସମର୍ପିତ ବୋଲି ବ୍ଲୁମ୍ ବର୍ଗ ରିପୋର୍ଟ କହିଛି ।

## କରୋନାଗ୍ରସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବ କୁକୁର :-

ଦିଲ୍ଲୀର ସାଣ୍ଟିଆଗୋ ଅନ୍ତର୍ଜାତୀୟ ବିମାନ ବନ୍ଦରରେ Golden Retrievers ଓ ଲାବ୍ରାସର କିସମର କୁକୁରମାନଙ୍କୁ ଏପରି ପ୍ରଶିକ୍ଷଣ ଦିଆଯାଇଛି ଯାହାଫଳରେ ସେମାନେ ବ୍ୟକ୍ତିର ଶରୀରର ବାସ୍ନାରୁ କୋଭିଡ୍

-୧୯ ଭୂତାଣୁର ଉପସ୍ଥିତିକୁ ବାରିପାରିବେ। ପୂର୍ବରୁ ଏପରି କୁକୁରମାନଙ୍କୁ ସାଉଦିଆରବ ଓ ଫିନଲ୍ୟାଣ୍ଡର ବିମାନ ବନ୍ଦରମାନଙ୍କରେ ବିସ୍ଫୋରକ, ନିଶାଦ୍ରବ୍ୟ ଚିହ୍ନଟ ସହିତ ମ୍ୟାଲେରିଆ, କର୍କଟ, ପାର୍କିନସନ ରୋଗୀଙ୍କୁ ଚିହ୍ନିବାପାଇଁ ଏହି ଜାତୀୟ କୁକୁରମାନଙ୍କୁ ନିୟୋଜିତ କରାଯାଇଥିଲା। ଏକ୍ଷେତ୍ରରେ ଏମାନେ ୮୫% ରୁ ୧୦୦% ସଠିକ୍ ତଥ୍ୟ ପ୍ରଦାନ କରନ୍ତି ବୋଲି ଜଣାପଡ଼ିଛି। ଏମାନଙ୍କୁ ଗୋଟିଏ ରେଡ଼କ୍ରସ୍ ଚିହ୍ନଥିବା ସବୁଜ ଜ୍ୟାକେଟ ପିନ୍ଧାଯାଇଥାଏ। ଜଣେ ବ୍ୟକ୍ତି ବିମାନରୁ ଓହ୍ଲାଇଲା ପରେ ତା'ର ବେକ ଏବଂ କହୁଣୀର ଝାଳକୁ ତୁଳାଦ୍ୱାରା ପୋଛି ଏକ ସିଲ୍ କରାଥିବା କାଚପାତ୍ରରେ ସଂଗ୍ରହକରି ତାକୁ କୁକୁରମାନଙ୍କୁ ଶୁଙ୍ଘାଯାଏ। ଏମାନଙ୍କ ଘ୍ରାଣଶକ୍ତି ଏତେ ପ୍ରଖର ଯେ, ବ୍ୟକ୍ତିଟା କରୋନା ଆକ୍ରାନ୍ତ କି ନୁହେଁ ଏମାନେ ଏକ ଭିନ୍ନ ପ୍ରତିକ୍ରିୟା ପୂର୍ବକ ଜଣାଇଦିଅନ୍ତି ।

## ଉତ୍ତମ ଓ ସୁଖନିଦ୍ରା ପାଇଁ କେତୋଟି ଟିପ୍ସ :-

୧. ଦୁଶ୍ଚିନ୍ତା, ନିରାଶା ଓ ଅସୁରପା ଭାବ ଉତ୍ତମ ନିଦ୍ରାର ବାଧକ ଅଟେ। ଅଫିସ୍ ଚିନ୍ତା ଘରକୁ ନଆଣି ତଥା ପାରିବାରିକ ଅଶାନ୍ତିକୁ ପ୍ରଶୟ ନଦେଇ ଯୋଗ, ଧ୍ୟାନ, ପ୍ରାଣାୟାମ ଅଭ୍ୟାସ କରନ୍ତୁ, ପ୍ରକୃତିର ସୌନ୍ଦର୍ଯ୍ୟ, ରୂପ ଭୋଗରେ ମଜ୍ଜିଯାଆନ୍ତୁ ।

୨. ମନ ସବୁବେଳେ ଋହେଁ ଅଧିକ ତେଲ, ଲୁଣ ଓ ମିଠାଯୁକ୍ତ ଖାଦ୍ୟ ଖାଇବାକୁ କିନ୍ତୁ ଏଥିରୁ ଦୂରେଇ ଅଧିକ ତନ୍ତୁଯୁକ୍ତ, ଫଳ ଓ ପନିପରିବାଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ। ଦେଖିବେ ମନ ଓ ଶରୀର ହାଲୁକା ହୋଇ ଭଲ ନିଦହେବ।

୩. ଆଜିର ଡିଜିଟାଲ ଯୁଗରେ ଦିନକୁ ଆମେ ୮୦ ରୁ ୨୦୦ ଥର ମୋବାଇଲ ଦେଖୁଛୁ। ଏପରିବି ହେଉଛି ଯେ, ଶୋଇବା ସମୟରେ ବି ମୁଣ୍ଡପାଖରେ ମୋବାଇଲ ରଖି ନିଦ ବାଉଳାରେ ବି ମୋବାଇଲ ଖୋଲି ଦେଖୁଛୁ। ମନେରଖନ୍ତୁ, ଏହାଦ୍ୱାରା ମୋବାଇଲ୍‌ରୁ ବାହାରୁଥିବା ନୀଳଆଲୋକ ଆମ ଶରୀରରେ ଥିବା ଜୈବିକ ଘଣ୍ଟାକୁ ପ୍ରଭାବିତ କରି ନିଦ୍ରାହୀନତା ଦେଇଥାଏ। ତେଣୁ ଅତିକମ୍‌ରେ ଶୋଇଲାବେଳେ ମୋବାଇଲକୁ ଅନ୍ୟ କୋଠରୀରେ ରଖନ୍ତୁ।

୪. ଯଦି ସକାଳୁ ଭୋର୍‌ରୁ ନିଦ ଭାଙ୍ଗିଯାଉଛି ତେବେ ପୁନର୍ବାର ଶୋଇବାକୁ ଚେଷ୍ଟା ନକରି ଧ୍ୟାନକରନ୍ତୁ, ଏହାଦ୍ୱାରା ରାତିରେ ଭଲ ନିଦହେବ। କାରଣ ଗବେଷଣା ସୂଚାଏ ଯେ, ଏହାଦ୍ୱାରା ଆମ ମସ୍ତିଷ୍କରେ ଭୟକୁ ଚିହ୍ନଟ କରୁଥିବା Amygdala ସଂକୁଚିତ ହୋଇଥାଏ ଏବଂ ଭକତର ଭାବନା ଉଦ୍ରେକକାରୀ Prefrontol Cortex ର ବୃଦ୍ଧି ଘଟିଥାଏ।

୫. ନିଜକୁ ସର୍ବଦା ଅନ୍ଧାରରେ ରଖିବା ବଦଳରେ ଆଲୋକର ସମ୍ମୁଖୀନ ହୁଅନ୍ତୁ। ଅନ୍ଧାରରେ ରହିବାଦ୍ୱାରା ନିଦ୍ରା ଉଦ୍ରେକକାରୀ ହରମୋନ୍ ମେଲାଟୋନିନ୍‌ର କ୍ଷରଣରେ ବାଧା ଉପୁଜେ। ଯେତେ ସମୟ ଦିନବେଳା ବାହାରେ ବୁଲିବେ ଏବଂ ଚଣାଜାତୀୟ ଖାଦ୍ୟ, ଟମାଟୋ ଏବଂ ଭାତ ଖାଇବେ ମେଲାଟୋଲିନ୍ ସେତେ ଅଧିକ କ୍ଷରିତ ହେବ ଏବଂ ନିଦ ସେତିକି ଗାଢ଼ହେବ।

୬. ଶରୀରର ତାପମାତ୍ରା ମଧ୍ୟ ନିଦ୍ରାକୁ ପ୍ରଭାବିତ କରେ। ଅତ୍ୟଧିକ ଉଚ୍ଚ ତାପମାତ୍ରା କିମ୍ବା ନିମ୍ନ ତାପମାତ୍ରା ନିଦ୍ରାରେ ବ୍ୟାଘାତ ଘଟାଏ, ତେଣୁ ୧୬° ସେଲିସିୟସ୍ ରୁ ୧୮° ସେଲସିୟସ୍ ନିଦ୍ରାପାଇଁ ଉପଯୁକ୍ତ ଅଟେ ।

୭. ରାତିରେ ଶୋଇବାର ତିନିଘଣ୍ଟା ପୂର୍ବରୁ ଭୋଜନ ସାରନ୍ତୁ। ଯଦି ଆପଣ ଅମ୍ଳରୋଗରେ ପୀଡ଼ିତ ତେବେ ମୁଣ୍ଡତଳେ ଟିକେ ଉଚ୍ଚା ତକିଆ ଦିଅନ୍ତୁ ଯଦ୍ୱାରା ପେଟଭିତରୁ ଅମ୍ଳ ବାହାରି ପାଟି ବାହାରକୁ ଆସିପାରିବ ନାହିଁ ।

## ଆମ ଜୀବନ ତନ୍ତ୍ରିର ବାହକ ସମୁଦ୍ରର ଅଗାଧ ଜଳରାଶି :-

ସମ୍ମାନଜନକ Wyland Icon ପୁରସ୍କାର ବିଜୟୀ ଗଭୀର ସମୁଦ୍ର ସଂପର୍କରେ ଗବେଷଣାରତ ବୈଜ୍ଞାନିକ ତଥା ଫଟୋଗ୍ରାଫର୍ Jill Heinerth ତାଙ୍କ ଜୀବନକାଳ ମଧ୍ୟରେ ସମୁଦ୍ରକୁ ଅତି ଆତ୍ମୀୟ ଭାବେ ପାଖରୁ ଦର୍ଶନ କରି ବିଗତ ଦିନ ଓ ଆଜିର ସମୁଦ୍ର ମଧ୍ୟରେ ଏକ ବିରାଟ ପରିବର୍ତ୍ତନ ଦେଖି ଯେତିକି ବ୍ୟଥିତ ହୋଇଛନ୍ତି ସେତିକି ଶଙ୍କା ପ୍ରକାଶ କରିଛନ୍ତି ମାନବ ସମାଜର ଭବିଷ୍ୟତ ସଂପର୍କରେ। ୧୯୭୦ ପରେ ମିଲିୟନ୍ ଟନ୍‌ର ଆବର୍ଜନା, ଶିଳ୍ପାଞ୍ଚଳ ଓ କୃଷିକ୍ଷେତ୍ରରୁ ଜାତ ରାସାୟନିକ ତଥା ନିର୍ବାରଣଧର୍ମୀ ପଦାର୍ଥରେ ଆଜି ସମୁଦ୍ର ଜଳରାଶି ପ୍ରଦୂଷିତ। ଏଥିରୁ ୮୦% ପ୍ରଦୂଷକ କେବଳ ମାନବୀୟ କ୍ରିୟାକଳାପରୁ ଆନିତ ହୋଇଛି। ୧୯୭୨ରେ ଲଣ୍ଡନ୍ କନ୍‌ଭେନ୍‌ସନ୍‌ରେ ପ୍ରଥମେ ସମୁଦ୍ରର ଅବସ୍ଥା ଦେଖି ଉଦ୍‌ବେଗ ପ୍ରକାଶ ପାଇଥିଲା ଓ ପରେ ୨୦୦୬ ରେ କୌଣସି ବି ବିଷାକ୍ତ ପଦାର୍ଥକୁ ସମୁଦ୍ରରେ ପକାଇବା ଉପରେ ନିଷେଧାଦେଶ ଜାରି ହୋଇଥିଲା। ୧୯୬୦ ରୁ ଆଜିମଧ୍ୟରେ କେବଳ ଆଟ୍‌ଲାଣ୍ଟିକ୍ ମହାସାଗରରେ ୬,୨୦,୦୦୦ ବର୍ଗ ମାଇଲ ଅଞ୍ଚଳରେ ପ୍ଲାଷ୍ଟିକ୍ ରୂପକ ପ୍ରଦୂଷକ ଜମାହୋଇ ରହିବା ଦେଖାଯାଉଛି। ଏହା ଯେ କେବଳ ପ୍ରଦୂଷଣ ବୃଦ୍ଧିକରୁଛି ତାହା ନୁହଁ ବରଂ ଏହା ସାମୁଦ୍ରିକ ଜୀବଜଗତର ପତନର କାରଣ ସାଜିଛି। ଆଜି ବେଲୁଗା ନାମକ ତିମିମାନଙ୍କ ବଂଶ ଲୋପ ପାଇବାକୁ ବସିଛି। ୧୦ ବର୍ଷ ମଧ୍ୟରେ Hawksbill ନାମକ କଇଁଛମାନଙ୍କ ସଂଖ୍ୟାରେ ୮୦% ହ୍ରାସଘଟିଛି। ପ୍ରତ୍ୟେକ ବର୍ଷ ବିଷାକ୍ତ ପ୍ଲାଷ୍ଟିକ୍ ଭକ୍ଷଣ ଯୋଗୁଁ ମିଲିୟନ୍ ସଂଖ୍ୟକ ସମୁଦ୍ରପକ୍ଷୀଙ୍କ ଜୀବନହାନି ଘଟିଛି। ଆମେ ବୁଝିବା ଦରକାର ଯେ, ଆମେ ଭୂ-ଭାଗକୁ ଯେତିକି ପ୍ରଦୂଷିତ କରିବା ତାହା ଜଳଭାଗରୁ ସେତିକି ପ୍ରଦୂଷିତ କରିବ ଏବଂ ତାହା ପୁଣି ଆମ ଶରୀରକୁ ପାନୀୟଜଳ ଆକାରରେ ପ୍ରବେଶ କରିବ। ଏହି ଚକ୍ରର ଛାୟାତଳେ ଜୀଇଁବାକୁ ପଡ଼ିବ। କେତେ ଅଦ୍ଭୁତ ସଂଗମ ପୃଥିବୀରେ ଜଳର ପରିମାଣ ୭୦% ହେଲାବେଳେ ଆମ ଶରୀର ମଧ୍ୟରେ ବି ଜଳର ଅଂଶ ହେଲା ୭୦%। କୋଭିଡ୍ -୧୯ ମହାମାରୀ ଆମକୁ ଶିକ୍ଷାଦେଇଛି ଯେ, ଆମେ ଭାରତୀୟ ଆମେରିକୀୟ ବା ୟୁରୋପୀୟ ସଂପ୍ରଦାୟରେ ନିଜକୁ ସୀମାବଦ୍ଧ କରିପାରିବା ନାହିଁ ବରଂ ସେହି ପୁରାତନ ଉକ୍ତି 'ବସୁଧୈବ କୁଟୁମ୍ବକମ୍' କୁ ଆଜି ସ୍ୱୀକାର କରିବାକୁ ଆମେ ବାଧ୍ୟ। ତେଣୁ ପ୍ରଦୂଷିତ ସମୁଦ୍ରର ପ୍ରଭାବ ସମସ୍ତଙ୍କ ଉପରେ ସମାନ ଭାବରେ ପଡ଼ିବ। ଏଥିପାଇଁ ଆମକୁ ଉପଭୋକ୍ତାବାଦରେ ଲଗାମ ଲଗାଇବାକୁ ପଡ଼ିବ, ପୁନଃଚକ୍ରୀକରଣ ପ୍ରକ୍ରିୟାକୁ ଆପଣାଇ ଏକ ଚକ୍ରାକାର ଅର୍ଥନୀତିକୁ ନିଜର କରିବାକୁ ପଡ଼ିବ ।

# ଝିଅକୁ ମାଡୁଛି ଡର



**ରାଜକିଶୋର ପାଢ଼ୀ**

ଝିଅକୁ ଡର ମାଡୁଛି। କୁନିଝିଅକୁ ଗାଁ ଦାଣ୍ଡରେ ଖେଳିବାକୁ ଡର। ସାଂଗ ସାଥୀଙ୍କ ସହିତ ମିଳାମିଶା, ବୁଲାବୁଲି କରିବାରେ ଡର। ଟିକେ ଦୂରରେ ଥିବା ଔଷଧ ଦୋକାନ କି ହାଟ ବଜାର ଯାଏ ଯିବାକୁ ଡର। ଗୋଟିଏ ଡର, ଭୟ ଓ ଆଶଙ୍କା ଭିତରେ ତା' ଦିନ କଟୁଛି। ସିଏ ଡର ଖାଲି ତା'ର ନାହିଁ, ତା' ବାପା ମାଆ ଗୁରୁ ଗୁରୁଜନଙ୍କର ବି ଅଛି। ତେଣୁ ତା' ପାଇଁ ଅନେକ ଆକଟ। ଗୁଡ଼ାଏ ବିଧି ନିଷେଧ, ଅନୁଶାସନର ବାଣୀ ଓ ନୀତିକଥା।



ଆଉ ଆମ କଲେଜ ଯାଉଥିବା ଝିଅ, କି ଏକାଠି କେଉଁଠିକି ଯାଇ ଚାକିରି କରୁଥିବା ଝିଅ, କି କୌଣସି କାରଣରୁ ଏକା ବା କାହା ସାଂଗରେ ଦୂରକୁ ଯାଇଥିବା ତରୁଣୀ ଝିଅର କ'ଣ ଡର ନାହିଁ? ତା'ର ବି ସେଇ ଡର। ଝିଅ ତ ଏଠି ନାହାରେ ବସି ଚିଲିକା ଭିତରେ ଶାଶୁଘର ଯାଉନାହିଁ କି ଝଡ଼ ବତାସ ଉଠେଇନି, ଅଥଚ ଏତେଡର କେଉଁଥିପାଇଁ, କାହାକୁ ଡରୁଛି ସେ।

ବାଘ ଭାଲୁ ଅବଶ୍ୟ ନୁହେଁ, ନୁହେଁ ବି ସେପରି ଚୋର ଡକାୟତଙ୍କୁ, ଏ ଭୟ ନିଜ ଚିହ୍ନାଜଣା ଲୋକଙ୍କୁ। ପରିଚିତ ପ୍ରିୟଜନମାନଙ୍କୁ ଓ ଅପରିଚିତ ତଥାକଥିତ ଭଦ୍ରଲୋକମାନଙ୍କୁ। ସେମାନେ କୁଆଡ଼େ ହିଂସ୍ର ବନ୍ୟ ପ୍ରାଣୀଙ୍କଠାରୁ ଆହୁରି ଭୟଙ୍କର, କ୍ଷତିକାରକ ଓ ଆତଙ୍କଜନକ।

ଜାତିର ପିତା ଦିନେ କହିଥିଲେ, ରାତି ଅଧରେ ତରୁଣୀଟିଏ ଯଦି ନିର୍ଭୟରେ ଏକାଟିଆ ରାଜରାସ୍ତାରେ ଯାଇ ଆସିପାରିବ, ତେବେ ଯାଇ ଆମ ସ୍ୱାଧୀନତା ସାର୍ଥକ ହୋଇଛି ବୋଲି ଆମେ କହିବା। କେତେବର୍ଷ ବିତିଗଲାଣି ଆ ଭିତରେ ହିସାବ କରନ୍ତୁ। ଧନ ଜୀବନର ନିରାପଦା ପାଇଁ କେତେ ବିଧିବିଧାନ, ଶାସନତନ୍ତ୍ର, ବିଚାର ବିଭାଗ, ଆରକ୍ଷୀ ବିଭାଗ ଯା ସଜାଗ ଅଛନ୍ତି। ଆମେ ଅଧିକ ଶିକ୍ଷିତ, ମାର୍ଜିତ, ବିଜ୍ଞାନ ସଚେତନ, ସଂସ୍କୃତି ସଂପନ୍ନ, ଆଧୁନିକ, ବିକଶିତ ଓ ଉତ୍ତମ ନାଗରିକ ହେଇପାରିଥିବା ଆଶା କରାଯାଏ। ଆମ ଆଚରଣ ଅନ୍ୟପ୍ରତି ସୌଜନ୍ୟପୂର୍ଣ୍ଣ ବ୍ୟବହାର, ବିଶ୍ୱାସନୀୟତା, ଭଦ୍ରତା, ଶିଷ୍ଟତା, ଶ୍ରଦ୍ଧା ଆମର ଅସଲ ପରିଚୟ ହେବାକଥା। ଆମ ଭିତରେ ଏଇପ୍ରକାର ମାନସିକତାର ଅନୁଶୀଳନ ଯଥାର୍ଥ ଭାବରେ ରହୁଥିଲେ ଆମ ପିଲାମାନଙ୍କ ଭିତରେ ଡର ପଶନ୍ତା କିପରି! ଆମେ ତ ହିଂସ୍ର ପ୍ରାଣୀମାନଙ୍କ ଭିତରେ କୌଣସି ଅଗ୍ନାଅଗ୍ନି ବନସ୍ତରେ ବାସ କରୁନାହାନ୍ତି, ଆମେ ଅଛନ୍ତି ସହରେ, ବଜାରରେ, ସହରପରି ଲାଗୁଥିବା ଗାଆଁରେ, ଯେଉଁଠି କେତେ କ'ଣ ସୁବିଧା ସୁଯୋଗ ଉପଲବ୍ଧ ହେଲାଣି। ଆମ ଆଧୁନିକତାର ପ୍ରଦର୍ଶନୀ ବଡ଼ ମନୋହର ଦିଶିଲାଣି।

ଅଥଚ ତା' ଭିତରେ ଏତେ କୁତ୍ସିତ, ବିକୃତ, ପଶୁପଣର ରାଜୁତି ଚାଲୁଛି କିପରି! ଆମେ କ'ଣ ତା'ହେଲେ ଛଳନାକୁ ଆମର ଗୋଟେ ଅବିଚ୍ଛେଦ୍ୟ ମୁଖା ବା ମାସ୍କ କରି କେବେଠୁ ପିନ୍ଧି ସାରିଲେଣି! ନୁହେଁ ତ ଆଉ କ'ଣ। ବିଶ୍ୱାସ, ଜୀବନର, ମୁଖ୍ୟତଃ ସମାଜିକ ଜୀବନର, ଗୋଟିଏ ବଡ଼ ସୂକ୍ଷ୍ମ ଆଧାର। ଯା ଆମକୁ ଶିଖାଏ 'ମୁଁ' ନୁହେଁ 'ଆମେ'ର ଚେତନା। ଆମେ କହନ୍ତି ସର୍ବେ ଭବନ୍ତୁ ସୁଖୀନଃ ଓ ଲୋକା ସମସ୍ତା ସୁଖୀନ ଭବନ୍ତୁ। କିନ୍ତୁ ଏସବୁ ଥାଏ ଆମ ଜିଭ ଅଗରେ। ନଥାଏ ଆମ ଜୀବନଯାପନ ଭିତରେ ଏକାକାର ହେଇ। ଆମେ ବଂଚନ୍ତି ତ ବ୍ୟକ୍ତିଗତ ଜୀବନଟିଏ ନିଶ୍ଚିୟ। କିନ୍ତୁ ବ୍ୟକ୍ତି ବା ଜୀବନ ଜମା ସମଗ୍ରଠାରୁ ବା ସମାଜଠାରୁ ପୂର୍ଣ୍ଣ ବିଚ୍ଛିନ୍ନ ନୁହେଁ, ବରଂ କେତେ କାରଣରୁ ଅବିଚ୍ଛିନ୍ନ ଓ ଉତ୍ତର ଦାୟିତ୍ୱରେ ଅନୁବନ୍ଧିତ।

ଆତ୍ମକୈନ୍ଦ୍ରିକ ହୋଇ ନିଜ ସୁଖ ସଂଭୋଗ ଭୋଗବିଳାସ ଓ ଉଚ୍ଚାଭିଳାଷ ପାଇଁ ଯେଉଁ ସ୍ୱାର୍ଥପରତାକୁ ଆମେ ଆପଣେଇ ନିଅନ୍ତି ତା' ଗୋଟିଏ ଅସ୍ୱାସ୍ଥ୍ୟକର, ଅନୈତିକ ପ୍ରତିଯୋଗିତାର ଭିତିଭୂମି ହେଇଯାଏ। ଏଇପ୍ରକାର ମଣିଷଙ୍କ ସଂଖ୍ୟା ବେଶ୍ ବଢ଼ିଚାଲିଛି। ସେମାନେ ଅନେକ ସାମଜିକ କ୍ଷେତ୍ରକୁ

ନିଜ ନିୟନ୍ତ୍ରଣରେ ରଖିବାକୁ ତତ୍ପର ଓ ସେଥିରେ ମଧ୍ୟ ସଫଳ ହୁଅନ୍ତି। ଏହା ଗଣତାନ୍ତ୍ରିକ ଭିତ୍ତିଭୂମିକୁ ଦୋହଲାଇ ଦିଏ। ବିଶ୍ୱର ଗୋଟିଏ ପ୍ରବୃତ୍ତିପରି ଏକଛତ୍ରପତିତ୍ୱର ଅଭିଳାଷ ସବୁ କ୍ଷେତ୍ରକୁ ଗ୍ରାସ କରିଯାଏ। ମୁଁ ଅନ୍ୟମାନଙ୍କୁ ପାଇଁ, ଜଣେ ଅଲଗା ନୁହେଁ, କି ମୋର ଭାଗ ବେଶି ଏହା ଠିକ୍ ନୁହେଁ, ଏପରି ଭାବନାଠାରୁ ଚତୁରମାନେ, ସୁବିଧାବାଦୀମାନେ ଦୂରେଇ ଯାଇ ନିଜନିଜର ନିରଙ୍କୁଶ ଭୂମି ନିର୍ମାଣ କରନ୍ତି। ଏହା ଜଣେ ସାଧାରଣ ମଣିଷର ମର୍ଯ୍ୟାଦାବୋଧକୁ ଭୂଲୁଣ୍ଠିତ କରୁଥାଏ ଓ ସେହି ସିଆଣିଆମାନଙ୍କୁ ମୁକୁଟ ପିନ୍ଧେଇବାରେ ଲାଗିଥାଏ।

ଅବସ୍ଥାଟି ଯେଉଁ ବିକଳ ରୂପ ନିଏ, ତା'ର ଗୋଟିଏ ଦୂର ପରିଣାମ ହେଲା କୋମଳ, ସୁକୁମାର ଫୁଲକଢ଼ିପରି ଯେଉଁମାନଙ୍କର ଜୀବନ ସେଇ ପୁଅଝିଅମାନେ ଆତଙ୍କିତ ହେଇ ରହନ୍ତି। ଖଳମାନଙ୍କର ପ୍ରତିଷ୍ଠା ବଢ଼େ, ସେମାନେ ଆହୁରି ବଡ଼ବଡ଼ ଭ୍ରଷ୍ଟାଚାରୀଙ୍କ ଛତ୍ରଛାୟାରେ ରହି ଦୁର୍ଦ୍ଦମନୀୟ ହେଇ ଉଠନ୍ତି। ଅବସ୍ଥା ବିଗଡ଼ିଯାଏ ଓ ଖାଲି ଆମ ଝିଅକୁ ନୁହେଁ, ଆମ ପୁଅକୁ ବି ଡରମାଡ଼େ।


ସେ ଷ୍ଟେସନ୍‌ରୁ ଘରକୁ ଭଲରେ ଆସିପାରିବ ତ! ସ୍କୁଲ କଲେଜରେ, ଟିଉସନ୍ ଜାଗାରେ, ମେଳାରେ, ମହୋତ୍ସବରେ, ଦେବାଳୟରେ ଏପରିକି ନିଜ ବନ୍ଧୁଘରେ, ପଡ଼ିଶା ଘରେ, ଗାଆଁ ହାଟରେ, ତୋଟାରେ, ନିଛାଟିଆ ସଂଜସକାଳେ, ପୋଖରୀ କୂଳରେ, ସମୁଦ୍ର ବେଳାରେ , ସତ୍‌ସଂଗରେ, ଅଫିସ୍‌ରେ, ଡାକ୍ତରଖାନାରେ, ଥାନାରେ, ବସ୍‌ରେ ଓ ଆହୁରି ସେଭଳି ଅନେକ ଜାଗାରେ ସେ ନିର୍ଭୟରେ ନିଜର ଉପସ୍ଥିତିକୁ ପ୍ରୟୋଜନକୁ, ସୁରକ୍ଷା ଦେଇପାରିବ ତ!

ମଣିଷ ପାଇଁ ଇଏ ଗୋଟିଏ ପ୍ରଶ୍ନ। ଆମ ପୁଅଝିଅଙ୍କ ପାଇଁ ଏହା ଆହୁରି ଗୁରୁତ୍ୱପୂର୍ଣ୍ଣ। ସେମାନେ ଗଢ଼ି ହେଉଛନ୍ତି ଓ କିଛି ହବାକୁ ବାହାରିଛନ୍ତି। କେତେ ଆଶା କେତେ ବିଶ୍ୱାସ ତାଂକ ଭିତରେ ପାଖୁଡ଼ା ଖୋଲୁଛି। ନୂଆ ଆଲୁଅ ଓ କେତେ ଆଡୁ ବହୁଥିବା ପବନ ତାଂକ ଦେହରେ ବାଜୁଛି। ବାଟ ତାଙ୍କର ଅସୀମ, ସ୍ୱପ୍ନ ବି ଅପରିମିତ। କିନ୍ତୁ ଜଗତକୁ, ମଣିଷକୁ ବିଶ୍ୱାସ ନକରି ଡରିମରି ଅପମାନିତ ହେଇ ଯଦି ସେମାନେ ପ୍ରଥମରୁ ଜଡ଼ସଡ଼ ହେଇଯାଆନ୍ତି ତେବେ ବିଶ୍ୱର ଗୋଟିଏ ଚିରନ୍ତନ ଅଭିଯାତ୍ରାକୁ ଆମେ ଦିଗଭ୍ରଷ୍ଟ କରୁଛନ୍ତି ବୋଲି ବୁଝିବାକୁ ହବ ଏବଂ ଯେତେ ଡ଼େରି ହେଲେ ବି ଆମକୁ ନିର୍ଭୟତାର ପ୍ରତିଶ୍ରୁତି ଦବାକୁ ହବ, ଆମ ଭବିଷ୍ୟତକୁ, ଆଲୋକପଥର ସେଇ ନବାଗତ ଅଭିଯାତ୍ରୀମାନଙ୍କୁ ॥

**କୋତପୁର, ଯାଜପୁର -୭୫୫୦୦୮**

**ଫୋନ୍: ୯୯୩୭୫୫୧୫୭୭**

# ଆମ ଦେଶର ଏକ ସ୍ମରଣୀୟ ପରମ୍ପରା



**ତ୍ରିଲୋଚନ ମହାପାତ୍ର**

୧୯୭୦-୭୧ ମସିହା। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ତିନିଦିନିଆ ରାଜ୍ୟ ସମ୍ମିଳନୀ ସମ୍ବଲପୁରରେ ଅନୁଷ୍ଠିତ ହୋଇଥିଲା। ପରିଷଦରେ କଳାହାଣ୍ଡି ଜିଲ୍ଲାର ମୁଖ୍ୟ ଥିଲେ ଦିଲ୍ଲୀପ ରାଜ ବେହେରା। ତାଙ୍କ ନେତୃତ୍ୱରେ କେତେଜଣ ବିଦ୍ୟାର୍ଥୀ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ଭବାନୀପାଟଣା ଶିକ୍ଷକ ତାଲିମ ଶିକ୍ଷାନୁଷ୍ଠାନର ଆମେ କେତେଜଣ ଗୁରୁଛାତ୍ର ଥିଲୁ।

ଉଦ୍‌ଯାପନ ଉତ୍ସବର ମୁଖ୍ୟ ଅତିଥି ଥିଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ତତ୍‌କାଳୀନ କୁଳପତି ବିଦ୍ୱାନ୍ ପ୍ରାଧ୍ୟାପକ, ସାହିତ୍ୟିକ ତଥା ଗବେଷକ ଶ୍ରୀଯୁକ୍ତ ଭୁବନେଶ୍ୱର ବେହେରା ଭାଷଣ ପ୍ରସଙ୍ଗରେ ସେ ନିମ୍ନଲିଖିତ ଘଟଣାଟି କହିଥିଲେ।

କୌଣସି ଏକ ରାଷ୍ଟ୍ରରେ ଅନୁଷ୍ଠିତ ଶିକ୍ଷାସମ୍ମିଳନୀରେ କେତେଜଣ ଭାରତୀୟ ବିଦ୍ୱାନଙ୍କ ସହିତ ଶ୍ରୀ ବେହେରା ଯୋଗ ଦେଇଥିଲେ। ଜଣେ ଆୟୋଜକ ଶିକ୍ଷାବିତ୍ ମଧ୍ୟାହ୍ନ ଭୋଜନ ଲାଗି ଭାରତୀୟ ଅତିଥିମାନଙ୍କୁ ତାଙ୍କଘରକୁ ନିମନ୍ତ୍ରଣ କଲେ। ଅତିଥିମାନେ ଯଥା ସମୟରେ ସେଠାରେ ପହଞ୍ଚିଲେ। ଅତିଥି ସେବକ ଦମ୍ପତି ସେମାନଙ୍କୁ ସାଦର ସ୍ୱାଗତ ଜଣେଇଲେ। ତାଙ୍କରି ଅନୁରୋଧ କ୍ରମେ ଅତିଥିମାନେ ନିଜର ଯୋତା ଓ ମୋଜାଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିଲେ। ସେଠାରେ କେତେହଳ ରବର ଯୋତା ଥିଲା। ତାକୁଇ ପିନ୍ଧି ଘର ଭିତରକୁ ଗଲେ। ଅତିଥି ଗୃହରେ ସଫା ପୋଷାକ ଥିଲା। ତାକୁ ପିନ୍ଧି ନିଜ ପୋଷାକଗୁଡ଼ିକୁ ରଖିଲେ। ଗାଧୁଆ ଘରେ ହାତ, ମୁହଁ, ଗୋଡ଼ ଧୋଇଲେ। ଚପଲ ବାହାରେ ରଖି ଖାଇବା ଘରକୁ ସମସ୍ତେ ପ୍ରବେଶ କଲେ। ଅତି ପରିଚ୍ଛନ୍ନ ତଥା ପ୍ରଶସ୍ତ କୋଠରିଟିଏ। ସୁନ୍ଦର ସୁନ୍ଦର ଆସନ ପଡ଼ିଥିଲା। ସମ୍ମୁଖରେ ଗୋଟିଏ ଲେଖାଏଁ ପିଢ଼ାଥିଲା। ସମସ୍ତେ ଆସନରେ ଚକା ପକେଇ ବସିଲେ। ପିଢ଼ା ଉପରେ ଥାଳି ରଖାଗଲା। ସେଥିରେ ଖାଦ୍ୟ ପରଷା ହେଲା। ଅତି ରୁଚିକର ତଥା ସାତ୍ତ୍ୱିକ ଖାଦ୍ୟ। ସମସ୍ତେ ତୃପ୍ତ ହେଲେ।

ଏସବୁ ବ୍ୟବସ୍ଥା ଅତିଥିମାନଙ୍କୁ ଚକିତ କରିଥାଏ। ବିଦାୟ ପୂର୍ବରୁ ଶ୍ରୀ ବେହେରା ଏ ସଂପର୍କରେ ଅତିଥିସେବକଙ୍କୁ ପଚାରିବାରୁ ଜଣେ ଭାରତୀୟ ବନ୍ଧୁଙ୍କ ଘରେ ଅତିଥି ହୋଇଥିବା କାଳରେ ଏହା ଦେଖିଥିଲେ ବୋଲି କହିଲେ। ଏହି ସ୍ୱାସ୍ଥ୍ୟପ୍ରଦ ତଥା ସ୍ୱଚ୍ଛ ବ୍ୟବସ୍ଥାଟି ତାଙ୍କୁ ଆକୃଷ୍ଟ କରିଥିବାରୁ ସେ ତାଙ୍କ ଘରେ ଏହାକୁ ଆପଣେଇଛନ୍ତି।

ଭାରତବର୍ଷର ଏହି ମହାନ୍ ପରମ୍ପରାଟି ଆମେ ଭୁଲିଯାଇଥିବାରୁ ଶ୍ରୀ ବେହେରା ଦୁଃଖପ୍ରକାଶ କରିଥିଲେ।

କରୋନା ମହାମାରୀ ଆମକୁ ଏ କଥାଟି ସ୍ମରଣ କରେଇ ଦେଇଛି।

**ଜଟଣୀ**

# ଅର୍ଥନୀତିଜ୍ଞ ଡ. ସଦାଶିବ ମିଶ୍ର



ଡ.ଶରଚ୍ଚନ୍ଦ୍ର ମହାପାତ୍ର

ମୁଁ ଯେତେବେଳେ ବାଣୀବିହାରରେ ସ୍ନାତକୋତ୍ତର ଦର୍ଶନ ବିଭାଗରେ ଅଧ୍ୟୟନ କରୁଥିଲି ସେ ସମୟରେ ଡ.ସଦାଶିବ ମିଶ୍ର ସେହି ବିଶ୍ୱବିଦ୍ୟାଳୟର କୁଳପତି ଥିଲେ। ସେ ଇଂରାଜୀରେ ଏତେ ଚମତ୍କାର କହନ୍ତି ତାହାର ତୁଳନା ନଥିଲା। ତାଙ୍କର ବ୍ୟଙ୍ଗୋକ୍ତି ବେଳେବେଳେ ଶ୍ରୋତାଙ୍କୁ ଆନନ୍ଦ ଦେଇଥାଏ। ମୁଁ ଭାବୁଛି ତାଙ୍କଭଳି ବକ୍ତା ଓଡ଼ିଶାରେ ଖୁବ୍ କମ୍ ଥିଲେ। ସେ ଯେକୌଣସି ବିଷୟ ଉପରେ କହିପାରୁଥିଲେ। ସେ ଲଣ୍ଡନ ସ୍କୁଲ୍ ଅଫ୍ ଇକନୋମିକ୍ସରେ ଗବେଷଣା କରି ଡକ୍ଟରେଟ୍ ଉପାଧି ଲାଭ କରିଥିଲେ। ବାଣୀବିହାରରେ ଥିବା ଅଧିକାଂଶ ବିଭାଗୀୟ ମୁଖ୍ୟ ତାଙ୍କର ଛାତ୍ର ଥିଲେ, ଯଥା - ଡ. ବିଦ୍ୟାଧର ମିଶ୍ର, ଡ.ଶ୍ରୀ ରାମଚନ୍ଦ୍ର ଦାଶ ପ୍ରମୁଖ।

ସଦାଶିବ ମିଶ୍ରଙ୍କର ଜନ୍ମ ବୀରନରସିଂହପୁର ଗ୍ରାମରେ ୧୯୦୯ ମସିହାରେ ହୋଇଥିଲା। ପିତାଙ୍କ ନାମ ନୀଳକଣ୍ଠ ମିଶ୍ର। ସେ ଗ୍ରାମରେ ସାଙ୍ଗମାନଙ୍କ ସହ ଖେଳିବୁଲି ଆନନ୍ଦରେ ସମୟ କାଟୁଥିଲେ। ଗ୍ରାମ ସ୍କୁଲରେ ପଢୁଥିଲେ ଏବଂ ଜଣାଯାଉଥିଲା ସେ ଖୁବ୍ ଭଲ ପଢ଼ିବେ।



ମାତ୍ର ତାଙ୍କର ଜୀବନ ଆକାଶରେ ଏଭଳି କଳାବାଦଲ ଘେରି ଆସିବ ସେ କଳ୍ପନା କରିନଥିଲେ। ସେତେବେଳେ ହଇଜା ରୋଗରେ ବହୁଲୋକ ମରିଯାଉଥିଲେ। ସେ ୧୦ ବର୍ଷର ହୋଇଥିବାବେଳେ ତାଙ୍କ ପିତାମାତା ଓ ପରିବାରର ଅନ୍ୟମାନଙ୍କୁ ହରାଇଥିଲେ। କେବଳ ବଞ୍ଚିରହିଲେ ସେ ଏବଂ ତାଙ୍କର ସାନଭଉଣୀ ଯାହାଙ୍କୁ 'ଲାଣ୍ଡୀ' ବୋଲି ଡାକୁଥିଲେ।

ବର୍ତ୍ତମାନ ପ୍ରଶ୍ନଉଠିଲା, ସେ ରହିବେ କେଉଁଠି, ଖାଇବେ କଅଣ? ତାଙ୍କର ଦଦେଇ ଥିଲେ ବୀରପ୍ରତାପପୁରରେ। ତାଙ୍କର ପିତା ଥିଲେ ତିନିଭାଇ। ରାମଚନ୍ଦ୍ର ମିଶ୍ର, ନୀଳକଣ୍ଠ ମିଶ୍ର ଓ ଲକ୍ଷ୍ମଣ ମିଶ୍ର। ତାଙ୍କର ପିତା ନୀଳକଣ୍ଠ ମିଶ୍ର ବୀରନରସିଂହପୁରକୁ ପୁଅହୋଇ ଆସିଥିଲେ। ସିଏ ଏହି ଭାଇଭଉଣୀଙ୍କୁ ନିଜପାଖକୁ ନେଇଗଲେ। ସଦାଶିବ ଦଦେଇଙ୍କ ସ୍ନେହ ଲାଭକରି ସେଠାରେ ପଢ଼ିଲେ ଓ ୭ମ ଶ୍ରେଣୀ ପାସ୍‌କଲେ।

ଏହାପରେ ହାଇସ୍କୁଲରେ ପଢ଼ାଇବା ପାଇଁ ଦଦେଇ ସମର୍ଥ ନଥିଲେ। ସେ ସମୟରେ ପୁରୀଜିଲ୍ଲାରେ ଦୁଇଟି ହାଇସ୍କୁଲ ଥିଲା। ପୁରୀ ଜିଲ୍ଲାସ୍କୁଲ ଓ ଖୋର୍ଦ୍ଧାସ୍କୁଲ। ଏଠାରେ ହଷ୍ଟେଲରେ ରଖି ଅର୍ଥ ବ୍ୟୟ କରିବାକୁ ଦଦେଇ ସମର୍ଥ ନଥିଲେ। ଏଣୁ ସଦାଶିବ ମନଦୁଃଖରେ ଗ୍ରାମ ଦାଣ୍ଡରେ ବୁଲୁଥାଆନ୍ତି। ଏହି ସମୟରେ ସେହି ଗ୍ରାମର ପଣ୍ଡିତ କୃପାସିନ୍ଧୁ ମିଶ୍ର ଯେକି ବନବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲେ, ସେ ତାଙ୍କୁ ସାହାଯ୍ୟ କଲେ। ସେ ଜାଣିବାକୁ ପାଇଲେ ଯେ ସଦାଶିବ ପିତୃମାତୃହୀନ ବାଳକଟିଏ। ବୁଦ୍ଧିମାନ୍ କିନ୍ତୁ ଅଭାବଗ୍ରସ୍ତ। ପଢ଼ିବାକୁ ପ୍ରବଳ ଇଚ୍ଛା ମାତ୍ର ସାହାଯ୍ୟ ନମିଳିବାରୁ ଗାଁ ଦାଣ୍ଡରେ ବୁଲୁଛି। ତାଙ୍କ ହୃଦୟରେ ଏ ପିଲାଟି ପ୍ରତି ଦୟା ଆସିଲା। ତାଙ୍କୁ ସାଇକେଲ ପଛରେ ବସାଇ ସାକ୍ଷୀଗୋପାଳ ବନବିଦ୍ୟାଳୟକୁ ଆଣିଲେ ଏବଂ ଆଚାର୍ଯ୍ୟ ହରିହର ଦାସଙ୍କ ଜିମାରେ ଦେଇଦେଲେ। ତାଙ୍କ ଦାୟିତ୍ୱ ଆଚାର୍ଯ୍ୟ ହରିହର ନେଇଗଲେ। ଆଚାର୍ଯ୍ୟଙ୍କ ହୃଦୟ ଅତ୍ୟନ୍ତ କୋମଳ। ସେ ସମସ୍ତଙ୍କୁ ଭଲପାଆନ୍ତି। ଏଣୁ ସଦାଶିବଙ୍କୁ ସେ ସବୁପ୍ରକାରର ସାହାଯ୍ୟ କଲେ। ସଦାଶିବ ମିଶ୍ର ଏ ଅନୁଷ୍ଠାନରେ ଶୃଙ୍ଖଳାକୁ ଜୀବନର ଆଦର୍ଶ ଭାବରେ ଗ୍ରହଣ କରିନେଲେ। ତେବେ ତାଙ୍କୁ ମାଗଣାରେ ଖାଇବା ଓ ରହିବାର ଯେଉଁ ସୁବିଧା ମିଳିଲା ତାହା ବଦଳରେ କିଛି କାମ କରିବାକୁ ପଡ଼ିଲା। ସେ 'ସମାଜ' ବାଣ୍ଟିବେ ଘରଘର ବୁଲି ଓ 'ସମାଜ'କୁ ନେଇ ଟ୍ରେନ୍‌ରେ ଲଦିବେ। ସେ ଭଲ ପଢୁଥିଲେ ଓ ପରୀକ୍ଷାରେ ତାଙ୍କର ପ୍ରଦର୍ଶନ ଅତି ଚମତ୍କାର ହେଉଥିଲା।

ତେବେ ଶେଷବର୍ଷ ଗୋଟିଏ ଅସୁବିଧା ହେଲା। ଏ ଅନୁଷ୍ଠାନ ସରକାରୀ ଅନଦାନକୁ ଗ୍ରହଣ ନକରିବାରୁ ଏ ଅନୁଷ୍ଠାନକୁ ସରକାରୀ ସ୍ୱୀକୃତି ମିଳିଲାନାହିଁ। ଏଣୁ ପ୍ରଧାନଶିକ୍ଷକ କୃପାସିନ୍ଧୁଙ୍କ ପରାମର୍ଶ କ୍ରମେ ଛାତ୍ରମାନେ ଶେଷବର୍ଷ ଅନ୍ୟ ବିଦ୍ୟାଳୟକୁ ଚାଲିଗଲେ। ସଦାଶିବ କଟକରେ ପ୍ୟାରିମୋହନ ଏକାଡ଼େମୀରେ ନାମ ଲେଖାଇବାକୁ ଗଲେ। ତେବେ ସେଠାକାର ପ୍ରଧାନଶିକ୍ଷକ ତାଙ୍କୁ ପ୍ରଥମେ ପରୀକ୍ଷାକରି ସେଥିରେ ସନ୍ତୁଷ୍ଟ ହୋଇ ତାଙ୍କୁ ନାମ ଲେଖାଇବାକୁ ଅନୁମତି ଦେଲେ। ସେଠାରେ ଗୋଟିଏ ବର୍ଷ ପଢ଼ି ମାଟ୍ରିକ୍ ପରୀକ୍ଷା ଦେଲେ ଓ ପ୍ରଥମ ଶ୍ରେଣୀରେ ପାସ୍‌କଲେ।

ଏଥିରେ ସେ ଉତ୍ସାହିତ ହୋଇ କଟକର ରେଭେନ୍‌ସା କଲେଜରେ ନାମ ଲେଖାଇଲେ। ଯେହେତୁ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ୨ ବର୍ଷ ପଢ଼ିନାହାନ୍ତି ଏଣୁ ସେ ବୃତ୍ତିପାଇଲେ ନାହିଁ। କିନ୍ତୁ ବହୁ କଷ୍ଟରେ ଟିଉସନ୍ କରି ପଢ଼ିବାକୁ ଲାଗିଲେ। ୪ଟି ଟିଉସନ୍ ପାଇଁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯିବା ଓ ପୁଣି କଲେଜ ଯିବା ଏଥିରେ ବହୁତ ସମୟ ନଷ୍ଟ ହେଉଥିଲା ଏଣୁ ପରବର୍ଷ ଗୋଟିଏ ସାଇକେଲ୍ କିଣିଲେ। ଆଇ.ଏ. ପରୀକ୍ଷାରେ ପ୍ରଥମଶ୍ରେଣୀରେ ପାସ୍‌କଲେ। ବୃତ୍ତିଟଙ୍କା ଓ ଟିଉସନ୍ ବି.ଏ ପଢ଼ିବାରେ ସାହାଯ୍ୟ କଲା। ବି.ଏ. ପରୀକ୍ଷାରେ ଇକୋନୋମିକସ୍ ଅନର୍ସରେ ପ୍ରଥମଶ୍ରେଣୀ ଲାଭ କଲେ ଓ ଶ୍ରେଷ୍ଠ ସ୍ନାତକର ଗୌରବ ମଧ୍ୟ ଲାଭ କରିଥିଲେ।

ବର୍ତ୍ତମାନ ବୃତ୍ତିଲାଭ କଲେ ଓ ପଢ଼ିବାକୁ କିଛିଟା ସୁବିଧା ହେଲା। ଏହାପରେ ଏମ୍.ଏ. ପଢ଼ିବାପାଇଁ ପାଟନା ଗଲେ। ସେଠି ବିଖ୍ୟାତ ଅର୍ଥନୀତି ପ୍ରଫେସର ଜ୍ଞାନଚନ୍ଦ୍ରଙ୍କର ଶିଷ୍ୟ ହେବାର ଗୌରବ ଲାଭକଲେ। ଏଠାରେ ମଧ୍ୟ ଏମ୍.ଏ. ଫାଷ୍ଟକ୍ଲାସ୍ ଲାଭକଲେ।

ଏହାପରେ ଓଡ଼ିଶା ଫେରିଆସିଲେ ମାତ୍ର ସେତେବେଳେ ରେଭେନ୍ସା କଲେଜ ଏକମାତ୍ର କଲେଜ ଥିଲା। ଏଠି ଅର୍ଥନୀତି ବିଭାଗରେ ଅଧ୍ୟାପକ ପଦ ଖାଲିନଥିଲା। ଏଣୁ ବାରିପଦାରେ ରାଜାଙ୍କ ଅଧୀନରେ କାର୍ଯ୍ୟକଲେ। ପରେ ଅଧ୍ୟାପକ ପଦ ଖାଲିହେବାରୁ ୧୯୩୮ ମସିହାରେ ଏହି ପଦରେ ଯୋଗ ଦେଲେ।

ତାଙ୍କର ପଢ଼ାଇବାର ଶୈଳୀ ଚମତ୍କାର ଥିଲା। ଅତି କଠିନ ବିଷୟକୁ କିପରି ସରଳ ଭାବରେ ବୁଝାଇ ଛାତ୍ରମାନଙ୍କ ମନରେ ଆଗ୍ରହ ସୃଷ୍ଟି କରାଯାଇପାରେ ସେ ବିଷୟ ତାଙ୍କୁ ଜଣାଥିଲା। ମଜା ମଜା କଥାକହି ସେ ତାଙ୍କର ଅଧ୍ୟାପନାକୁ ରସାଳ କରିପାରୁଥିଲେ। ଡକ୍ଟର ଶ୍ରୀରାମଚନ୍ଦ୍ର ଦାସ, ଡକ୍ଟର ବିଦ୍ୟାଧର ମିଶ୍ର, ଡକ୍ଟର ବୈଦନାଥ ମିଶ୍ର ପ୍ରଭୃତି ତାଙ୍କର ଛାତ୍ରଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସେ ସମୟରେ ରେଭେନ୍ସାରେ ପଢୁଥିଲେ। ଯଦିଓ ତାଙ୍କର ଅନର୍ସ ସଂସ୍କୃତ ଥିଲା ତଥାପି ସେ ସଦାଶିବ ମିଶ୍ରଙ୍କ ଭାଷଣ ଶୁଣି ମୁଗ୍ଧ ହୋଇଯାଉଥିଲେ। ନିଜର ଆତ୍ମଜୀବନୀରେ ତାଙ୍କର ବହୁତ ପ୍ରଶଂସା କରିଛନ୍ତି।

ପରବର୍ତ୍ତୀ ସମୟରେ ସେ ଇଂଲଣ୍ଡ ଯାଇ 'London School of Economics' ରେ ଅଧ୍ୟୟନ କରି ଡକ୍ଟରେଟ୍ ଡିଗ୍ରୀ ଲାଭ କରିଥିଲେ। ଏହାପରେ ପୁନର୍ବାର ରେଭେନ୍ସାରେ ଯୋଗଦେଲେ। ସମୟକ୍ରମେ ସେ ହେଲେ ବିଭାଗୀୟ ମୁଖ୍ୟ, ପରେ ଅଧ୍ୟକ୍ଷ ମଧ୍ୟ ହେଲେ। ସେ ଜୀବନରେ ବହୁତ ଉଚ୍ଚପଦ ଲାଭ କରିଥିଲେ। ସେ ଡି.ପି.ଆଇ ଓ ପରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ହେଲେ। ମୁଁ ଏମ୍.ଏ ପଢୁଥିବା ସମୟରେ . ସେ କୁଳପତି ଥିଲେ। ସେ ଇଂରାଜୀରେ ଚମତ୍କାର କହନ୍ତି। ତାଙ୍କ ଭାଷଣ ଶୁଣି ଆମେ ମୁଗ୍ଧ ହୋଇଯାଇଥିଲୁ।

ସର୍ବଭାରତୀୟ ସ୍ତରରେ ତାଙ୍କର ଖ୍ୟାତି ଥିଲା। ଅର୍ଥନୀତି ସମ୍ମିଳନୀ ଆଦିରେ ସେ ଯୋଗଦେଇ ଓ ଉଚ୍ଚକୋଟୀର ପ୍ରବନ୍ଧ ପଢ଼ି ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇପାରିଥିଲେ।

ସେ ଖାଲି ସୁବକ୍ତା ନଥିଲେ, ସେ ଜଣେ ସୁଲେଖକ ଥିଲେ ଏବଂ ଓଡ଼ିଆ ସାହିତ୍ୟରେ ତାଙ୍କର ଅବଦାନ ଅବିସ୍ମରଣୀୟ। ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ହେଲା - ଅର୍ଥ ଓ ଅର୍ଥନୀତି, ମାର୍କିନ୍ ପରିକ୍ରମା, ମାତୃପୂଜା ମଣ୍ଡପ,ଆଲୋକର ସନ୍ଧାନ, ମନ୍ଦଗ୍ରହ, ଖାଇବା ଆମେ କଅଣ,ମା ଦୁର୍ଗା ପୂଜାମଣ୍ଡପ ଇତ୍ୟାଦି ପୁସ୍ତକ ପାଠକମାନଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ହୋଇଥିଲା। 'ମାତୃପୂଜା ମଣ୍ଡପ' ପାଇଁ ସେ ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ।

ସେ ବହୁତ ବିଦେଶ ରାଷ୍ଟ୍ର ଭ୍ରମଣ କରିଥିଲେ ଏବଂ ଭାରତବର୍ଷରେ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଭାବରେ ପ୍ରସିଦ୍ଧ ଲାଭ କରିଥିଲେ। ସେ ବହୁ ସଂସ୍ଥା ସହିତ ଜଡ଼ିତ ହେଲେ।

ଆଚାର୍ଯ୍ୟ ହରିହର ଦାସ ଓ କୃପାସିନ୍ଧୁ ମିଶ୍ରଙ୍କୁ ସେ ସବୁବେଳେ ସ୍ମରଣ କରୁଥିଲେ। ସେ ସବୁବେଳେ କହୁଥିଲେ ଯେ, ଏମାନେ ସାହାଯ୍ୟ କରିନଥିଲେ ଆଜି ଜୀବନର ଏଭଳି ସ୍ଥାନରେ ସେ ପହଞ୍ଚି ପାରିନଥାନ୍ତେ। ଆଚାର୍ଯ୍ୟ ହରିହରଙ୍କର ଫଟୋ ତାଙ୍କ ଘର କାନ୍ଥରେ ସେ ଟାଙ୍ଗି ସର୍ବଦା ପ୍ରଣାମ କରୁଥିଲେ।

ସେ ତାଙ୍କର ସାନଭଉଣୀକୁ( ଲାଣ୍ଡି )ବହୁତ ଭଲ ପାଉଥିଲେ। ତାର ବାହାଘର ତାଙ୍କ ଦଦେଇ ଜଣେ ବୟସ୍କ ବ୍ୟକ୍ତିଙ୍କ ସହ କରାଇଥିଲେ। ଏଣୁ ସେ ସାମାଜିକ କୁସଂସ୍କାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ।

ସେ ପିଲାଦିନେ ପିତାଙ୍କୁ ହରାଇଥିଲେ। ମାତ୍ର ତାଙ୍କୁ ସବୁବେଳେ ମନେପକାଉଥିଲେ। ତାଙ୍କର ଶ୍ରାଦ୍ଧଦିନ ନୂଆ ପଇତା ପିନ୍ଧି ସେ ଶ୍ରାଦ୍ଧ ଦିବସ ପାଳନ କରୁଥିଲେ। ତାଙ୍କ ପିତା ରସଗୋଲାକୁ ଭଲପାଆନ୍ତି ଏବଂ ଗୋଟିଏ କୋଠରୀରେ କିଛି ରସଗୋଲା ରଖି ଦୁଆରଟା ବନ୍ଦ କରିଦିଅନ୍ତି। ରାତିରେ ସେ ତାଙ୍କର କେତେ ବନ୍ଧୁଙ୍କୁ ଡାକି ଭୋଜନରେ ଆପ୍ୟାୟିତ କରନ୍ତି।

ସେ ଗ୍ରାମକୁ ବହୁତ ଭଲପାଉଥିଲେ। ପ୍ରତିବର୍ଷ ଶୀତଳଷଷ୍ଠୀକୁ ସେ ଗ୍ରାମକୁ ଯାଉଥିଲେ ଓ ଉତ୍ସାହର ସହ ଏ ପର୍ବ ପାଳନ କରୁଥିଲେ। ତାଙ୍କ ଗ୍ରାମର ପ୍ରସିଦ୍ଧ ଠାକୁର 'ନୀଳକଣ୍ଠ' ଙ୍କୁ ସେ ଗଭୀର ଭକ୍ତି କରୁଥିଲେ। ତାଙ୍କ ଗ୍ରାମବାସୀମାନଙ୍କୁ ବହୁତ ଭଲ ପାଉଥିଲେ ଓ ତାଙ୍କ ସହିତ ମିଶୁଥିଲେ। ଡିସେମ୍ବର ୧୨, ୧୯୯୪ ମସିହାରେ ତାଙ୍କର ବିୟୋଗ ହେଲା।

ସେ ନୀତି ବା ଆଦର୍ଶ ସହ ସାଲିସ୍ କରିପାରୁନଥିଲେ। । ୧୯୭୧ରେ ସେ କୁଳପତି ଥିଲେ ମଧ୍ୟ ଛାତ୍ର ଅଶାନ୍ତିରେ କ୍ଷୁବ୍ଧ ହୋଇ ଇସ୍ତଫା ଦେଇଥିଲେ। ଯେତେ ଯିଏ ଅନୁରୋଧ କଲେ ମଧ୍ୟ ନିଜ ନିଷ୍ପତ୍ତିରେ ଅଟଳ ରହିଥିଲେ।

ଦୂରଭାଷ - ୮୮୯୫୫୯୬୬୭୫

# ଲୁହ ପାଇଁ ତିନିପଦ

**ହେମଲତା ସାହୁ**

ଭାଷାର ମମତା ହୃଦୟର କୋଣେ
ଲୁଚି ଲୁଚି କଥା କୁହେ
ଭୁଲିପାରେ ନାହିଁ ଅଭୁଲା ଅତୀତ
ଜାଳିଦିଏ ଆଖିଲୁହେ । ॥୧॥

ସବୁ ଲୁହ କେବେ ଛୁଏଁନା ଚିବୁକ
ପିଇଯାଏ କିଛି ଓଠ
ଆଉ କିଛି ଲୁହ ହାତ ପାପୁଲିରେ
ନିତି ପୋଛି ପାଏ କଷ୍ଟ । ॥୨॥


ସବୁ ବାଉଁଶରେ ବାଜେନି ବଂଇଶୀ
ସବୁ ଓଠେ କେବେ ନଥାଏ ହସ
ସବୁ ଲୁହ ନୁହେଁ ଦରଦୀ ହୃଦର
ଲୁଚିଥାଏ ପୁଣି କେବେବି ବିଷ । ॥୩॥

ଜଟଣୀ

# ମହୁମାଛି ନ ବଂଚିଲେ ମଣିଷ ବି ବଂଚିବନି



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ



ଫୁଲବିହୀନ ପୃଥିବୀ ! ଏହା କଳ୍ପନାକରି ଭାବିବସିଲେ ଦେହ ଶିହରି ଉଠିବନି ? ଗଛର ଅସ୍ତିତ୍ୱ ସହ ଫୁଲ ତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଗଛ କହିଲେ ପ୍ରଥମେ ଆମ ଚକ୍ଷୁ ସାମ୍ନାରେ ଭାସିଉଠେ ଫୁଲର କଥା। ଅଥଚ ଶୁଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଦିନଥିଲା ଯେତେବେଳେ ଏଇ ପୃଥିବୀରେ ଫୁଲର ଅସ୍ତିତ୍ୱ ହିଁ ନଥିଲା। ଫୁଲ ଜନ୍ମ ନେଇଥିଲା ଆଜିଠାରୁ ୧୦୦ କୋଟି ବର୍ଷ ପୂର୍ବେ, କ୍ରେଟାସିୟସ୍ ଯୁଗରେ। ସେତେବେଳେ ପୃଥିବୀଟା ଥିଲା ଅତିକାୟ ଡାଇନୋସରମାନଙ୍କର ଦଖଲରେ। ଏହାର ପୂର୍ବ ପର୍ଯ୍ୟନ୍ତ ପୃଥିବୀରେ ଗଛ କହିଲେ, ଥିଲା କେବଳ ବିଭିନ୍ନ ରକମର ଫର୍ନ୍ ଓ କୋନିଫର ବା ଶଙ୍କୁଧାରୀ ଗଛ। ଏଗୁଡ଼ିକରେ କୌଣସି ଫୁଲ ହେଉନଥିଲା। ଏହି ସମୟରେ ସାରା ପୃଥିବୀରେ ଘଟିଥିଲା ଏକ ପରିବର୍ତ୍ତନ ବା ବିବର୍ତ୍ତନ। ସେହି ବିବର୍ତ୍ତନର ପଥ ଧରି ପୃଥିବୀରେ ସୃଷ୍ଟି ହୋଇପଡ଼ିଲା ଫୁଲ।

ଜୀବାଶ୍ମ ଅନୁଧ୍ୟାନରୁ ପ୍ରମାଣ ମିଳୁଛି ଯେ, ଆଜିଠାରୁ ପ୍ରାୟ ୧୩୦ କୋଟି ବର୍ଷ ଆଗେ ପୃଥିବୀ ବୁକୁରେ ଫୁଟିଥିଲା ପ୍ରଥମ ଫୁଲ। ପୁଣି ପ୍ରଥମ ଫୁଲ ଜନ୍ମିଥିଲା ଉତ୍ତର ପୂର୍ବ ଚୀନ୍ ଅଞ୍ଚଳରେ। ସେହି ଫୁଲର ବୈଜ୍ଞାନିକ ନାଆଁ 'ଆର୍କେଫ୍ରୁକ୍ଟାସ୍ ଲାୟାନିନ୍ ଜେନ୍ସିସ୍'। ବର୍ତ୍ତମାନର ପୃଥିବୀରେ ୨ଲକ୍ଷ ୭୦ ହଜାର ରକମ ଫୁଲର ଅସ୍ତିତ୍ୱ ରହିଛି।

ଫୁଲ ସହ ଆସିଛି ଫଳ ଓ ଶସ୍ୟ। ଫୁଲର ଉପସ୍ଥିତି ସାଙ୍ଗରେ ଜଡ଼ିତ ରହିଛି ଯାବତୀୟ ପ୍ରାଣୀକୁଳର ବିଶାଳ ଅଂଶପାଇଁ ଖାଦ୍ୟଯୋଗାଣ ଓ ସେମାନଙ୍କ ଜୀବନରକ୍ଷା। କିନ୍ତୁ ଫୁଲରୁ ଫଳ ଓ ଶସ୍ୟ ଜନ୍ମନେବା ସମ୍ଭବ ହୋଇନଥାନ୍ତା ଯଦି ପୃଥିବୀରେ ନଥାନ୍ତା ରଙ୍ଗିନ୍ ଏକ ପତଙ୍ଗ। ଏହି ପତଙ୍ଗଟିର ନାଁ ମହୁମାଛି। ଏଯାବତ୍ ୧୬ ହଜାରରୁ ବେଶି ପ୍ରକାରର ମହୁମାଛିର ସନ୍ଧାନ ମିଳିପାରିଛି। ବିଶ୍ୱର ୯୦ ଭାଗ ପ୍ରଧାନ ଫସଲର ପରାଗସଙ୍ଗମ ମହୁମାଛି ମାଧ୍ୟମରେ ହିଁ ସଂପାଦିତ ହୋଇଥାଏ। ମହୁମାଛି ଯଦି ପରାଗସଙ୍ଗମରେ ସାହାଯ୍ୟ ନକରନ୍ତା, ତେବେ ଫସଲ ଉତ୍ପାଦନ ମଧ୍ୟ ସମ୍ଭବ ହୁଅନ୍ତାନି। ସାହାରା ମରୁଭୂମିଠାରୁ ଆରମ୍ଭ କରି ସାଇବେରିଆର ତୁଷାର ଭୂମି, ଯେଉଁଠି ଫୁଲ ଫୁଟେ, ସେଠାରେ ମହୁମାଛି ଦେଖିବାକୁ ମିଳେ।

୨ ମିଲିମିଟରରୁ ୨ଇଞ୍ଚ (୨୫ ମିଲିମିଟର) ପର୍ଯ୍ୟନ୍ତ ଆକାରର ମହୁମାଛିର ଜନ୍ମ ହୋଇଛି ଫୁଲର ଜନ୍ମ ସାଙ୍ଗରେ, ସମାନ ସମୟରେ। କ୍ରେଟାସିୟସ୍ ଯୁଗରେ। ମାତ୍ର ମଣିଷ ମହୁପାଇଁ ମହୁମାଛି ପାଳନ କରିଛି ଅଳ୍ପ କେତେହଜାର ବର୍ଷଧରି। ଏହାର ପ୍ରମାଣ ମିଳୁଛି ପ୍ରାଚୀନ ମିଶରରୁ। ଫୁଲରୁ ଫଳ - ଏପରି ପ୍ରକ୍ରିୟା ସହିତ ଜଡ଼ିତ ରହିଛି ମହୁମାଛି ।

ସଂପ୍ରତି ଲଣ୍ଡନସ୍ଥିତ ରୟାଲ୍ ଜିଓ୍ରାଫିକାଲ ସୋସାଇଟି ଜଣେଇଛି, ମହୁମାଛି ହେଉଛି ପୃଥିବୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜୀବିତ ପ୍ରାଣୀ। ତେବେ ସେହି ଗୁରୁତ୍ୱପୂର୍ଣ୍ଣ ପତଙ୍ଗଟିର ଅସ୍ତିତ୍ୱ ଏବେ ବଡ଼ ବିପଦର ସମ୍ମୁଖୀନ। କାରଣ ମହୁମାଛି ଏବେ ବିପଦଗ୍ରସ୍ତ ପ୍ରଜାତିର ତାଲିକାରେ ସ୍ଥାନପାଇଲାଣି। ସଂପ୍ରତି କରାଯାଇଥିବା ଗବେଷଣାରୁ ଜଣାଯାଇଛି, ବିଗତ କିଛିବର୍ଷ ଭିତରେ ପୃଥିବୀରେ ପ୍ରାୟ ୯୦ ଶତାଂଶ ମହୁମାଛି ନାଟକୀୟ ଭାବେ ବିଲୁପ୍ତ। ବିଲୁପ୍ତି ପଥରେ ବି ରହିଛନ୍ତି ଇଉରୋପର ୨୪ ଭାଗ ମହୁମାଛି।

'ଇଣ୍ଟରନେସନାଲ ୟୁନିଅନ୍ ଫର୍ କଞ୍ଜରଭେସନ୍ ଅଫ୍ ନେଚର' ବା ଆଇ.ୟୁ.ସି.ଏନ୍. ର ବିପଦାପନ୍ନ ପ୍ରାଣୀଙ୍କ ତାଲିକାରେ ରେଡ୍‌ଲିଷ୍ଟ ବା ବିଲୁପ୍ତିପଥର ପ୍ରାଣୀମାନଙ୍କ ତାଲିକାରେ ଭଅଁର ସଙ୍ଗେ ରହିଛି ମହୁମାଛିର ନାମ ଏବଂ ଏହି ରିପୋର୍ଟ ବିଶ୍ୱର ବିଜ୍ଞାନୀମାନଙ୍କ ପାଇଁ ଗଭୀର ଚିନ୍ତାର କାରଣ ହୋଇପଡ଼ିଛି। କାରଣ ମହୁମାଛି ନରହିଲେ ପୃଥିବୀର ୭୦ ପ୍ରତିଶତ ପ୍ରଜାତିର ଫୁଲ, ଫଳ ଓ ଶାକସବ୍‌ଜି ଆଉ ନୂଆକରି ଜନ୍ମନେଇ ପାରିବେନି। ନୂତନ କରି ଶସ୍ୟ ଜନ୍ମ ନନେଲେ, ସମୟ ଆସିବ ଯେତେବେଳେ ନୂତନ କୌଣସି ଜୀବ ବା ମଞ୍ଜି ମିଳିବନି। ଆଉ ଜୀବ ନମିଳିଲେ ପୃଥିବୀରୁ ଅନେକ ପ୍ରଜାତିର ଗଛ ଧୀରେ ଧୀରେ ବିଲୀନ ହୋଇଯିବେ। ଦେଖାଦେବ ଅମ୍ଳଜାନ ସଂକଟ। ଫୁଡ୍ ଚେନ୍ ବା ଖାଦ୍ୟଶୃଙ୍ଖଳରେ ଜାତ ହୋଇପଡ଼ିବ ବିଶୃଙ୍ଖଳା। ଫଳରେ ଶୋଚନୀୟ ଭାବରେ କ୍ଷତିଗ୍ରସ୍ତ ହେବ ପୃଥିବୀ ଓ ଏହାର ବାୟୁମଣ୍ଡଳ।

ଗବେଷଣାକୁ ବିଚାର କରି ବିଜ୍ଞାନୀମାନ କହୁଛନ୍ତି, ପୃଥିବୀର ସର୍ବଶେଷ ମହୁମାଛିଟି ମରିଯିବାର ଠିକ୍ ତିନିମାସ ମଧ୍ୟରେ ସାରାବିଶ୍ୱର ଫୁଡ୍ ଚେନ୍ ପୂରାପୂରି ଭାବରେ ଭାଙ୍ଗିପଡ଼ିବ। ବିଶୃଙ୍ଖଳିତ ହୋଇଯିବ। ଆମର ନିତିଦିନିଆ ଖାଦ୍ୟଦ୍ରବ୍ୟଗୁଡ଼ିକର ବେଶିଭାଗ ଆମ ହାତପାଆନ୍ତାରୁ ଦୂରେଇ ଯିବ। ଏତିକିରେ ଏହାର ଶେଷ ହେବନି ? ବେଳ ଆସିବ ଯେତେବେଳେ ଆମେ

ସାଇତି ରଖିଥିବା ଖାଦ୍ୟଦ୍ରବ୍ୟ ମଧ୍ୟ ସରିଯିବ। ଖାଲି କଅଣ ଖାଦ୍ୟ ? ମହୁମାଛି ନରହିଲେ ଆମେ ପିନ୍ଧିବାପାଇଁ ଲୁଗାପଟା ପାଇବାନି। କାରଣ ପୋଷାକପତ୍ର ତିଆରିପାଇଁ ଦରକାର ପଡୁଥିବା ତୁଳା ଉତ୍ପାଦନ ବନ୍ଦ ହୋଇଯିବ। ଫଳରେ ଆମେ ଆମ ଯୁଗର ମଣିଷଙ୍କ ଭଳି ଗଛର ଛେଲି ଓ ବକ୍କଳକୁ ଜମାପଟା ଭାବରେ ବ୍ୟବହାର କରି ଲଜ୍ଜା ନିବାରଣ କରିବା ନିମନ୍ତେ ବାଧହେବୁ। ସୁତରାଂ ମହୁମାଛି ବିନା ନଷ୍ଟ ହୋଇଯିବ ପରିବେଶର ଭାରସାମ୍ୟ। ଆଲବର୍ଟ ଆଇନଷ୍ଟାଇନ୍ କହିଥିଲେ, "ଯଦି ମହୁମାଛିର ବଂଶ ବୁଡ଼ିଯିବ, ତେବେ ମଣିଷ ନିଶ୍ଚିହ୍ନ ହେବାପାଇଁ ସମୟ ଲାଗିବ ଜମା ଚାରିବର୍ଷ !"

'ଫାଉଣ୍ଡେସନ୍ ଫର୍ ଆଗ୍ରେରେରିୟାନ୍ ଇନୋଭେସନ୍' ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି, ମହୁମାଛି ହେଉଛି ଏକମାତ୍ର ପ୍ରାଣୀ, ଯିଏ ନିଜ ସାଙ୍ଗରେ କୌଣସି ରୋଗ ବହନ କରେନି। ଫଳରେ ବିଭିନ୍ନ ଫୁଲକୁ ଘୁରିବୁଲିଲେ ବି କୌଣସି ଫୁଲ କି ଗଛକୁ ରୋଗାକ୍ରାନ୍ତ କରିନଥାଏ ମହୁମାଛି।

ଏବେ ପ୍ରଶ୍ନ ଉଠେ, ମହୁମାଛି ପାଇଁ ହଠାତ୍ ବିପଦ ମାଡ଼ିଆସିଲା କାହିଁକି ? ଲଗାମହୀନ ଭାବରେ କୀଟନାଶକର ବ୍ୟବହାର, ଗଛହଣା, ଫୁଲର ଅଭାବ ଓ ଜଳବାୟୁ ପରିବର୍ତ୍ତନକୁ ହିଁ ମହୁମାଛିର ଆଶଙ୍କାଜନକ ବିଲୋପର କାରଣ ହିସାବରେ ଚିହ୍ନଟ କରାଯାଇଛି। ଏହାଛଡ଼ା ବୈଜ୍ଞାନିକମାନେ ଦେଇଛନ୍ତି ଅନ୍ୟ ଏକ ନୂତନ ତଥ୍ୟ। ସୁଇଜରଲ୍ୟାଣ୍ଡର ଫେଡ଼େରାଲ ଇନ୍‌ଷ୍ଟିଚିଉଟ୍ ଅଫ୍ ଟେକ୍‌ନୋଲୋଜି ତା'ର ଗବେଷଣାର ତଥ୍ୟକୁ ଆଧାର କରି ଜଣାଇଛି ଯେ, ମୋବାଇଲ୍ ଟେକ୍‌ନୋଲୋଜି ସହ ସଂଶ୍ଳିଷ୍ଟ ତରଙ୍ଗ ମହୁମାଛି ଧ୍ୱଂସର ଅନ୍ୟତମ କାରଣ ହୋଇପାରେ। ମୋବାଇଲର ତରଙ୍ଗ ମହୁମାଛି ଯାତାୟାତର ଦିଗକୁ ଭୁଲ୍ କରିଦିଏ। ଆଉ ମହୁମାଛି ତା'ର ଦିଗ ଭୁଲିଗଲେ ସୁଗମ ହୋଇଯାଏ ତା'ର ମୃତ୍ୟୁ । ଡାନିଏଲ ଫାଭରେ ନାମକ ଜଣେ ପ୍ରାଣୀବିଜ୍ଞାନୀ ପରୀକ୍ଷା କରି ଦେଖେଇଛନ୍ତି ଯେ, ଏହିପ୍ରକାର ତରଙ୍ଗର ଉପସ୍ଥିତିରେ ମହୁମାଛି ତା'ଗୋଷ୍ଠୀର ଅନ୍ୟ ମହୁମାଛିମାନଙ୍କୁ ଯେଉଁ ସଙ୍କେତ ପଠେଇଥାଏ. ତା'ର ଅର୍ଥ ହେଲା - "ମହାବିପଦ ଉପସ୍ଥିତ। ଏହିକ୍ଷଣି ହିଁ ଫେଣାକୁ ଛାଡ଼ି ପଳାଇଯିବାକୁ ପଡ଼ିବ !"

ମଣିଷର ବଞ୍ଚିରହିବା ପାଇଁ ମହୁମାଛିର ବଞ୍ଚିରହିବା ଜରୁରୀ। ଆମ ହାତରେ ଆଉ ବିଶେଷ ସମୟ ନାହିଁ। ତେଣୁ ଏବେ ହିଁ ଆମେ ଯଦି ମହୁମାଛିକୁ ବଞ୍ଚେଇ ରଖିବାପାଇଁ ଚେଷ୍ଟା ନକରିବା, ତେବେ ଅଦୂର ଭବିଷ୍ୟତରେ ପୃଥିବୀ ମଣିଷ ନିମନ୍ତେ ଆଉ ବାସଯୋଗ୍ୟ ହୋଇ ରହିବନି।

'ଅଭୀପ୍‌ସା'
**ସେକ୍ଟର - ୬, ପ୍ଲଟ୍ ନଂ - ୧୧୩୧**
**ଅଭିନବ ନିବାସୀ, କଟକ - ୭୫୩୦୧୪**

# ହାରିବା କଥାଟି

**ଦାସ ବେନ୍‌ହୁର୍**



ଯେତେବସି ଘୋଷେଇଲେ
ଅମନୁଆ ପଢ଼ିବକି ପାଠ,
ମନ ଥିଲେ ଯେ କେହି ବି
ହୋଇପାରେ ଭାରି ଭଲ ଛାଟ ।

ଟଙ୍କା ନୁହେଁ ଲୁଗା ନୁହେଁ
ପଢ଼ିବାକୁ ଲୋଡ଼ା ଖାଲି ମନ,
ଗରିବ ପିଲାଟି ପଢ଼େ
ଧନୀ ପାଖେ ଥାଉ ଯେତେ ଧନ ।

ସମୟ ତରଳୁଥାଏ
ଋତୁ ଆସେ ଆଉ ଯାଏ ଚାଲି,
ଦିନ ପରେ ରାତି ଆସେ
ଝରିଯାଏ ସମୟର ବାଲି ।

ଗୋଟିଏ ସୋପାନ ପରେ
ଆସିଯାଏ ଆରେକ ସୋପାନ,
ଆଗ୍ରହୀ ପିଲାଟି ଜିଣେ
ସତହୁଏ ଦେଖିବା ସପନ ।

ସମୟକୁ ସାଥୀ କରି
ଆବେଗରେ ଚାଲୁଥାଏ ଯିଏ,
ହାରିବା କଥାଟି ଜାଣ
ତା'ପାଖରେ ଆଗେ ହାରିଯାଏ ।

ଭୁବନେଶ୍ୱର

# ପରିବର୍ତ୍ତନର ପରିଭାଷା



ଇଂ ସତ୍ୟବ୍ରତ ରଥ

ଆକାର, ଗଠନ, ଆୟତନ, ପ୍ରଭାବ ତଥା ସ୍ଥିତାବସ୍ଥା ବଦଳିଗଲେ ତାହାକୁ ପରିବର୍ତ୍ତନ କୁହାଯିବ। ପରିବର୍ତ୍ତନର ଦିଗ ଦିଗନ୍ତ ବିସ୍ତାରିତ। ଏହାର ପରିଣତି ଲାଭଦାୟକ ହୋଇପାରେ ବା ଅନିଷ୍ଟକାରୀ ହୋଇପାରେ। ପ୍ରାଚୀନ ଗ୍ରୀକ୍ ଦାର୍ଶନିକ ହେରାକ୍ଲାଇଟସ୍ କହିଥିଲେ - 'There is nothing permanet expect change. (ତାଙ୍କ ମତରେ ପରିବର୍ତ୍ତନର ଶେଷନାହିଁ)' ।

ପରିବର୍ତ୍ତନ ଏକ ଗତିଶୀଳ ପ୍ରକ୍ରିୟା। ଏହି ପ୍ରକ୍ରିୟାରେ ସ୍ଥିତାବସ୍ଥା ଭିନ୍ନରୂପ ନେଇଥାଏ। ପରିବର୍ତ୍ତନ ବିଶ୍ଳେଷଣ ବହୁ ବ୍ୟାପକ। ତେବେ ସଂକ୍ଷେପରେ ପରିବର୍ତ୍ତନକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ। ଯଥା - ପ୍ରାକୃତିକ, କୃତ୍ରିମ, ଜୈବିକ ଓ ସାମାଜିକ। ପ୍ରାକୃତିକ ବା କୃତ୍ରିମ ଜନିତ କାରଣରୁ ପୃଥିବୀପୃଷ୍ଠରେ ବହୁ ପରିବର୍ତ୍ତନ ଘଟିଥାଏ। ତନ୍ମଧ୍ୟରୁ ଦିନରାତି ଓ ଋତୁ ପରିବର୍ତ୍ତନ ଏକ ପୌନଃପୌନିକ ପ୍ରକ୍ରିୟା। ଭୂମିକମ୍ପ, ଆଗ୍ନେୟଗିରି ଉଦ୍‌ଗୀରଣ, ଘୂର୍ଣ୍ଣିବାତ୍ୟା, ମରୁଝଡ଼, ଅମ୍ଳବୃଷ୍ଟି ଆଦି ଅନିଷ୍ଟକାରୀ ପ୍ରାକୃତିକ ମଧ୍ୟ ରହିଛି। ଆଉ ବି ପ୍ରାକୃତିକ କାରଣରୁ ନୂତନ ଭାବେ ସ୍ଥଳଭାଗ ସୃଷ୍ଟି ହୋଇଥାଏ ଏବଂ ସ୍ଥଳଭାଗ ମଧ୍ୟ ସମୁଦ୍ରରେ ବିଲୀନ ହୋଇଥାଏ। ଅଳ୍ପ କେତେ ବର୍ଷ ପୂର୍ବେ ୨୦୧୧ ମସିହାରେ ଆଗ୍ନେୟଗିରି ଉଦ୍‌ଗୀରଣ ଫଳରେ ଲୋହିତ ସାଗରରେ ଏକ କ୍ଷୁଦ୍ର ଦ୍ୱୀପ ସୃଷ୍ଟି ହୋଇଥିଲା। ଆଉ ମଧ୍ୟ ୨୦୧୩ ମସିହା ସେପ୍ଟେମ୍ବର ମାସରେ ପଶ୍ଚିମ ପାକିସ୍ତାନରେ ଭୂମିକମ୍ପ ହୋଇଥିଲା। ଭୂମିକମ୍ପର ତୀବ୍ରତା ରିଟର ସ୍କେଲ୍ ମାପାଙ୍କରେ ୭.୭ ଥିଲା। ଏହି ଘଟଣା ସହିତ ସମୁଦ୍ର ଭାଗରେ ଏକ କ୍ଷୁଦ୍ର ଦ୍ୱୀପ ସୃଷ୍ଟି ହୋଇଥିଲା, ଯେଉଁ ଦ୍ୱୀପର ସ୍ଥଳଭାଗ କ୍ରମଶଃ କ୍ଷୟ ହୋଇଚାଲିଛି। ସମୁଦ୍ର ବିଜ୍ଞାନୀମାନଙ୍କ ମତରେ - ଏହିଭଳି ଆଶ୍ଚର୍ଯ୍ୟଜନକ ଘଟଣା ବିଗତ ଏକହଜାର ଭିତରେ ଅଳ୍ପ କେତେଥର ଘଟିଛି। ମୁଖ୍ୟତଃ ସାମୁଦ୍ରିକ ଝଡ଼ ଏବଂ ଭୂମିକମ୍ପ କାରଣରୁ ପୃଥିବୀରେ ସ୍ଥଳଭାଗର ଆୟତନରେ ପରିବର୍ତ୍ତନ ଘଟିଚାଲିଛି। ପ୍ରାକୃତିକ ପ୍ରକ୍ରିୟାରେ ରାଜସ୍ଥାନର ଥର୍ ମରୁଭୂମିରେ ଶାମ୍, ଖୁରୀ ଏବଂ ଆହୁରି ଅନେକ ବାଲିସ୍ତୂପ ସୃଷ୍ଟିହୋଇଛି। ଏଥିମଧ୍ୟରୁ ଶାମ୍ ବାଲିସ୍ତୁପର ବ୍ୟାସାର୍ଦ୍ଧ ୩ କି.ମି. ରୁ ୪ କି.ମି., ହାରାହାରି ଉଚ୍ଚତା ୪୫ ମିଟର। ଏହି ବାଲିସ୍ତୂପର ଆକାରରେ ପ୍ରତିଦିନ ପରିବର୍ତ୍ତନ ଆସିଥାଏ।

କୃତ୍ରିମ ପରିବର୍ତ୍ତନ ସାଧାରଣତଃ ମନୁଷ୍ୟକୃତ। ରାସ୍ତାଘାଟ, କୋଠାବାଡ଼ି ନିର୍ମାଣ, ସୁଡ଼ଙ୍ଗ ଖନନ, ଖଣିଜପଦାର୍ଥ ସଂଗ୍ରହ ପାଇଁ ପାହାଡ଼ ପର୍ବତ ଖନନ, ବହୁମୁଖୀ ନଦୀବନ୍ଧ ଯୋଜନା ନିର୍ମାଣ ଫଳରେ ଭୂପୃଷ୍ଠର ପ୍ରତିରୂପରେ ପରିବର୍ତ୍ତନ ଘଟିଚାଲିଛି। ଉଦାହରଣ ସ୍ୱରୂପ - ଓଡ଼ିଶାର ହୀରାକୁଦ ବନ୍ଧ। ଏହି ବନ୍ଧ ନିର୍ମାଣ ଫଳରେ ବନ୍ଧର ଉପରିଭାଗରେ ବହୁଗ୍ରାମ ଜଳମଗ୍ନ ହୋଇଥିଲା। ଏହ କୃତ୍ରିମ ଜଳଭଣ୍ଡାର ମଧ୍ୟ ସୃଷ୍ଟି ହେଲା, ଯାହାକି ଏକ ବୃହତ୍ ହ୍ରଦର ରୂପନେଇଛି। ଏହି ଜଳଭଣ୍ଡାରର ଆୟତନ ୭୮୪ ବର୍ଗକିଲୋମିଟର। ଏହିଭଳି ମାନବକୃତ ପରିବର୍ତ୍ତନ ଅନେକ କାରଣରୁ ଭୂପୃଷ୍ଠରେ ଦେଖାଦେଇଛି। ସମୟକ୍ରମେ ଜନସଂଖ୍ୟା ବୃଦ୍ଧି ହେତୁ ବାସସ୍ଥାନ ପାଇଁ ଲକ୍ଷ ଲକ୍ଷ ବୃକ୍ଷ କଟାଯାଇଛି। ଯାହାର କୁପ୍ରଭାବ ପରିବେଶକୁ ବିପଦଗ୍ରସ୍ତ କରିଛି।

ଜୈବିକ ପରିବର୍ତ୍ତନ ଜୀବଜଗତ ସହିତ ସଂପୃକ୍ତ। ପୃଥିବୀପୃଷ୍ଠରେ ବାସ କରୁଥିବା ଜୀବମାନଙ୍କର ଗଠନ, ଆକାର, ବୃଦ୍ଧି, ବଳ, ଚିନ୍ତାର ଶକ୍ତି କ୍ରମଶଃ ପରିବର୍ତ୍ତନ ମଧ୍ୟଦେଇ ଯାଇଥାଏ। ଆଜି ଜନ୍ମଲାଭ କରିଥିବା ଶିଶୁ ୨୦ ବର୍ଷ ବେଳକୁ ବହୁ ଅନୁଭବ ସଂଗ୍ରହ କରିଥିବ। ତା'ର ଶାରୀରିକ ତଥା ମାନସିକ ସ୍ଥିତିରେ ପରିବର୍ତ୍ତନ ଆସିଥିବ। ଜୈବିକ ପରିବର୍ତ୍ତନ ସମୟ ଓ ପରିବେଶ ଉପରେ ନିର୍ଭର କରିଥାଏ।

ସାମାଜିକ ପରିବର୍ତ୍ତନ ଅନେକ କାରଣରୁ ହୋଇଥାଏ। ବହୁ ବର୍ଷ ପୂର୍ବରୁ ଅନେକ ଦେଶରେ ରାଜତନ୍ତ୍ର ଶାସନ ବ୍ୟବସ୍ଥାଥିଲା। ଶାସକ ବା ରାଜାମାନେ ପ୍ରଜାମାନଙ୍କୁ ଶାସନ କରୁଥିଲେ। ଦେଶଶାସନ ପାଇଁ ବିଭିନ୍ନ ଦେଶରେ ନୀତିନିୟମ ପ୍ରଣୟନ କରାଯାଇଥିଲା। ଶାସନ ବ୍ୟବସ୍ଥାରେ ଭିନ୍ନତା ମଧ୍ୟ ରହୁଥିଲା। ବହୁପୂର୍ବର ଏକ ଘଟଣା - ମହାମନା ଚାଣକ୍ୟ ମୌର୍ଯ୍ୟ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ଦରବାରରେ ଅମାତ୍ୟ ପଦରେ ନିଯୁକ୍ତ ହୋଇଥିଲେ। ସେ ଜଣେ ଚତୁର ବିଦ୍ୱାନ୍ ଓ ଆଚରନିଷ୍ଠ ବ୍ୟକ୍ତି ଥିଲେ। ତତ୍‌କାଳୀନ ମଗଧ ରାଜ୍ୟର ଆର୍ଥିକ ତଥା ସାମାଜିକ ଅବସ୍ଥାକୁ ଅନୁଧ୍ୟାନ କରି ଚାଣକ୍ୟ କହିଥିଲେ - ହେ ସମ୍ରାଟ୍ ! ଦୀର୍ଘଦିନ ଧରି ପ୍ରଜାମାନେ କୁଶାସନରେ ନିଷ୍ପେଷିତ ତଥା ଅତିଷ୍ଠ ହୋଇଥିବାର ପ୍ରମାଣ ମୁଁ ସଂଗ୍ରହ କରିଛି। ସେମାନେ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଇଚ୍ଛା କରୁଛନ୍ତି। ସେମାନଙ୍କର ଇଚ୍ଛା ଯଥାର୍ଥ। ମୋର ହୃଦ୍‌ବୋଧ ହୋଇଛି ଯେ, ଏହା ଏକାନ୍ତ ଆବଶ୍ୟକ। ପରିବର୍ତ୍ତନର ଅର୍ଥ କଲ୍ୟାଣ ଏବଂ ପ୍ରଗତି। ଶାସନକର୍ତ୍ତାଙ୍କ ପାଇଁ ପରିବର୍ତ୍ତନର ଅର୍ଥ ସୁଶାସନ। ସୁଶାସନ ଉଭୟ ଶାସକ ଓ ପ୍ରଜାମାନଙ୍କର ହିତସାଧନ କରିଥାଏ। ସେ ଦୃଷ୍ଟିରୁ ଆମେ ପ୍ରଜାମାନଙ୍କୁ କର୍ମରେ ନିୟୋଜିତ କରିବା, କର୍ମ ମାଧ୍ୟମରେ ସେମାନେ ଅର୍ଥ ଉପାର୍ଜନ କରିବେ ଏବଂ ପରିବାର ପ୍ରତିପୋଷଣ କରିବାପାଇଁ ସମର୍ଥ ହେବେ। ସେମାନଙ୍କ ଶରୀର ଓ ମନ କ୍ରିୟାଶୀଳ ରହିବ। ସେଥିପାଇଁ ଯଥାଶୀଘ୍ର ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପଡ଼ିବ। ଆଉ ମଧ୍ୟ କୃଷି, ଶିକ୍ଷା, ବାଣିଜ୍ୟ, ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ପ୍ରଜାମାନେ ନିଜ ନିଜ କର୍ମରେ ବ୍ୟସ୍ତ ରହିଲେ ଅଯଥା କଳହ କରିବେ ନାହିଁ। ଅବସ୍ଥାର ପରିବର୍ତ୍ତନ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିବ।

ସମୟକ୍ରମେ ଅନେକ ଦେଶରୁ ରାଜତନ୍ତ୍ର ଶାସନ ଲୋପପାଇଲା।

ଗଣତନ୍ତ୍ର, ଏକଛତ୍ରବାଦ, ସାମ୍ୟବାଦ ଭଳି ଶାସନବ୍ୟବସ୍ଥା ପ୍ରଚଳିତ ହେଲା। ପ୍ରତ୍ୟେକ ଶାସନ ବ୍ୟବସ୍ଥାରେ ଦେଶର ପ୍ରଗତିପାଇଁ ଲକ୍ଷ୍ୟ ରହିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିବହନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତିପାଇଁ କାର୍ଯ୍ୟକ୍ରମ ମଧ୍ୟ କାର୍ଯ୍ୟକାରୀ ହେଲା। ତେବେ ପ୍ରଗତିପାଇଁ ଭୂପୃଷ୍ଠ ଉପରେ ଅତ୍ୟାଚାର ମାତ୍ରାଧିକ ହେଉଛି ବୋଲି କେତେକ ଚିନ୍ତାଶୀଳ ବ୍ୟକ୍ତି ମତବ୍ୟକ୍ତ କରୁଛନ୍ତି। ପରିବର୍ତ୍ତନ ସୃଷ୍ଟିର ତଥା ଜୀବନର ଧର୍ମ। ତେବେ ପରିବର୍ତ୍ତନକୁ ସୁଚାରୁରୂପେ ପରିଚାଳନା କଲେ ତାହା ପୃଥିବୀ ଓ ପୃଥିବୀବାସୀଙ୍କ ପାଇଁ ମଙ୍ଗଳକର ହେବ। ଏବେ ପ୍ରଗତିବାଦର ଯୁଗ, ଜଗତୀକରଣର ଯୁଗ। ପୃଥିବୀର ବହୁଦେଶରେ ପ୍ରଗତିର ଧାରା ଅବ୍ୟାହତ ରହିଛି। ଭୂ-ବିଜ୍ଞାନ, ଜଳବିଜ୍ଞାନ ଓ ସୌର ବିଜ୍ଞାନ କ୍ଷେତ୍ରରେ ଅଧିକ ଗବେଷଣା ଚାଲିଛି। ବିଶିଷ୍ଟ ଭୂ-ବିଜ୍ଞାନୀମାନେ ଦୀର୍ଘଦିନର ଅନୁଧ୍ୟାନ ପରେ ପୃଥିବୀରେ ଏକ ଉପଦେଶଜନକ ପରିସ୍ଥିତି ସଂପର୍କରେ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି ଯେ - ୨୦୧୮ ମସିହା ଭିତରେ ପୃଥିବୀର କେତୋଟି ବଡ଼ସହର ଭୂତଳଗାମୀ ଅବସ୍ଥାକୁ ଆସିଛି। ଆଉ କେତୋଟି ସହର ଜଳପ୍ଲାବିତ ଅବସ୍ଥାରେ ପହଞ୍ଚିଛି। ସେହି ସହରଗୁଡ଼ିକ ହେଲା - ଇଣ୍ଡୋନେସିଆର ଜାକର୍ତ୍ତା, ଇଟାଲୀର ଭେନିସ୍, ନେଦରଲ୍ୟାଣ୍ଡର୍ ଭୋଟରଡ୍ୟାମ୍, ଇଂଲଣ୍ଡର ଲଣ୍ଡନ, ଆମେରିକାର ନିଉୟର୍କ, ଚୀନ୍‌ର ସାଂଘାଇ, ଦକ୍ଷିଣ ଆମେରିକାର ମେକ୍ସିକୋ, ଥାଇଲାଣ୍ଡର ବ୍ୟାଙ୍ଗକକ୍, ନାଇଜେରିଆର ଲାଗୋସ୍, (ମୃତ୍ତିକାର ଓଜନ ବା ଭାର ସହନ କ୍ଷମତା (Safe bearing capacity of soil) ଅତିକ୍ରମ କରିବା, ଉତ୍ତୋଳିତ ଜଳ ଓ ବ୍ୟବହୃତ ଜଳ ନିଷ୍କାସିତ ହୋଇନପାରିବା। )

ଭୂପୃଷ୍ଠ ମୃତ୍ତିକାସ୍ତରର ଓଜନ ସହନ କ୍ଷମତା ରହିଥାଏ। ମୃତ୍ତିକା ପ୍ରକାରଭେଦରେ ଏହି କ୍ଷମତାରେ ତାରତମ୍ୟ ରହିଛି। କେତେକ ବଡ଼ ବଡ଼ ସହରରେ ବହୁ ସଂଖ୍ୟାର ବହୁତଳ ପ୍ରାସାଦ, ହୋଟେଲ୍, କଳକାରଖାନା ନିର୍ମିତ ହେବାଫଳରେ ସେହି ଅଞ୍ଚଳର ମୃତ୍ତିକାସ୍ତର ଅଧିକ ଭାରଗ୍ରସ୍ତ ହୋଇପଡ଼ିଛି। ତେଣୁ ସେହି କୋଠାଗୁଡ଼ିକ କ୍ରମେ କ୍ରମେ ଭୂମିତଳକୁ ଦବି ଦବି ଯାଉଛି। ସଂଗୃହିତ ତଥ୍ୟ ଅନୁସାରେ ୪ଟି ସହରରେ କୋଠାଗୁଡ଼ିକ ୩୫ ସେ.ମି ଦବି ଦବିଯାଉଛି। ବହୁ ପରିମାଣରେ ଭୂଗର୍ଭରୁ ଜଳ, ତୈଳ, ଗ୍ୟାସ ଉତ୍ତୋଳନ ଫଳରେ କ୍ରମଶଃ ଭୂଗର୍ଭରେ ଶୂନ୍ୟସ୍ଥାନ ସୃଷ୍ଟି ହେଉଛି ଏବଂ ତାହା ମୃତ୍ତିକାସ୍ତରର ଓଜନ ସହନ କ୍ଷମତାକୁ ପ୍ରଭାବିତ କରୁଛି। ବର୍ଷାଜଳ, ଉତ୍ତୋଳିତ ଜଳ ଓ ବ୍ୟବହୃତ ଜଳ ନିଷ୍କାସିତ ନହୋଇପାରିବାରୁ ସହରର ସ୍ଥଳଭାଗ ଜଳପ୍ଲାବିତ ହେବାକୁ ଲାଗିଛି।

ଏଭଳି ପରିବର୍ତ୍ତନ ଧାରା ଅବ୍ୟାହତ ରହିଲେ ପୃଥିବୀର କେତୋଟି ବଡ଼ ବଡ଼ ସହର ଅସ୍ତିତ୍ୱ ହରାଇବ ବୋଲି ଭୂ-ବିଜ୍ଞାନୀମାନେ ମତବ୍ୟକ୍ତ କରିଛନ୍ତି। ଆମ ଭାରତବର୍ଷରେ ଏପର୍ଯ୍ୟନ୍ତ ସେଭଳି ଉଦ୍‌ବେଗଜନିତ ସ୍ଥିତି ପରିଲକ୍ଷିତ ହୋଇନାହିଁ ।

**କଲେଜ ରୋଡ୍, ବାଙ୍କୀ, କଟକ**
**ମୋ - ୯୯୩୭୭୩୨ ७৬৪৭**

## ସତ୍ୟର ସନ୍ଧାନ

**ଶ୍ରୀମତୀ ନିରୁପମା ମହାପାତ୍ର**



ସତ୍ୟର ସନ୍ଧାନ ପାଇଁ ନିରନ୍ତର
ପ୍ରବାହିତ ନଦୀପରି
କେତେ ଘାତ ପ୍ରତିଘାତ ସେ ସହିଛି
ଅଟଳ ତନୁକି ଗିରି । ॥୧॥
କାଗଜ ଫର୍ଦ୍ଦର ପତ୍ରିକା ନୁହେଁ ସେ
ଅଲିଭା ଜୀବନ ବାଣୀ
ସଜାଡ଼ି ରଖିଛି ଅତୀତର ଚିତ୍ର
ନବଦିଗନ୍ତକୁ ବୁଣି । ॥୨॥
କାଳର କରାଳ ସତ୍ୟ ଉନ୍ମୋଚନ
ହୃଦେ କରେ ଆଲୋଡ଼ନ
ସାହିତ୍ୟ ଦର୍ପଣ ବାସ୍ତବ ବିଜ୍ଞାନ
ଭୂଗୋଳ ରାଷ୍ଟ୍ର ଶାସନ। ॥୩॥
ଗାଣିତିକ ସୂତ୍ର ଜିଲ୍ଲା ଚିତ୍ରପଟ
କ୍ରୀଡ଼ା ସମ୍ବାଦ ବିଚିତ୍ରା
ତା'ପରଶେ ସର୍ବେ ହୋଇଥାନ୍ତି ବଶ
ଆବାଳ ବୃଦ୍ଧ ବନିତା । ॥୪॥
ଯାହାପାଇଁ ସୃଷ୍ଟି ହୋଇଅଛି ସେହି
ସେତ ପଞ୍ଚଭୂତେ ଲୀନ
ଅମର ଆଜି ସେ ଆମରିସତ୍ୟରେ
ରହିଥିବ ଚିରନ୍ତନ । ॥୫॥
ଜନମ ମୃତ୍ୟୁର ବିଚିତ୍ର ଖେଳ ଏ
ସ୍ରଷ୍ଟାଙ୍କର ଜଗତରେ
ପିତାମାତାଙ୍କର ବାତ୍ସଲ୍ୟ ମମତା
ଝରୁଥାଉ ପତ୍ରିକାରେ । ॥୬॥

**ରାମେଶ୍ୱର, ଖୋର୍ଦ୍ଧା**
**ମୋ - ୯୯୩୮୩୮୨୭୩୨**

# ଗୁରୁ - ଶିଷ୍ୟ

ଶ୍ରୀମତୀ ଉମାରାଣୀ ତ୍ରିପାଠୀ

ଅତୀତର ସେଇ ଶୁଭର ମୁହୂର୍ତ୍ତ
ଆଜି ପଡ଼ିଯାଏ ମନେ
ଟିକି ପାଦ ଆମ ପଡ଼ିଥିଲା ଦିନେ
ଏଇ ବିଦ୍ୟାଳୟ ସ୍ଥାନେ ।   ॥୧॥

ଟିକି ମନେ ଆମ ଉଙ୍କି ମାରିଥିଲା
ଅନେକ ସୁନେଲି ସ୍ୱପ୍ନ
ସାଙ୍ଗ ସାଥୀମେଳେ ହଜି ଯାଇଥିଲୁ
ମା, ବାପ ପ୍ରେମେ ମଗ୍ନ ।   ॥୨॥

ଗୁରୁଜୀମାନଙ୍କ ଅନାବିଳ ସ୍ନେହ
ମମତାର ଡ଼ୋରି ବାନ୍ଧି
ଗଢ଼ିଦେବେ ଆମ ସୁନ୍ଦର ଭବିଷ୍ୟ
ମାୟାରେ ହୋଇଲୁ ଛନ୍ଦି ।   ॥୩॥

ପୂଜ୍ୟ ଆମ ଗୁରୁ ଆମରି ଦେବତା
ସେ ଯେ ଆମ ଭଗବାନ
ତାଙ୍କରି ଚରଣେ ସକାଳୁ ପ୍ରଣମୁ
ଖୁସିରେ କଟେ ମୋ ଦିନ ।   ॥୪॥

ଆମ ଶିକ୍ଷାଦାତା ଜ୍ଞାନଦାତା ଗୁରୁ
ଅଟନ୍ତି ସଖା ସୋଦର
କଅଁଳ ମନରେ ଭରି ଦେଇଛନ୍ତି
ଅତୁଳ ମମତା ଝର ।   ॥୫॥

ଭୁଲିବନି କେବେ ତାଙ୍କରି ଆଦର୍ଶ
ସ୍ନେହବୋଳା ମିଠା କଥା
ଝୁରି ହେଉଥିବୁ ସବୁଦିନ ପାଇଁ
ମନରେ ଅସହ୍ୟ ବ୍ୟଥା ।   ॥୬॥

ଗୁରୁ ଶିଷ୍ୟଙ୍କର ପବିତ୍ର ସମ୍ପର୍କ
ଯୁଗେ ଯୁଗେ ପରମ୍ପରା
ବହୁତ ଶୁଣିଛୁ ପୁରାଣର ଗାଥା
ସେତ ଅମୃତର ଧାରା ।   ॥୭॥

ଗୁରୁ ଛାଟ ଖାଇ ହୋଇବୁ ମଣିଷ
ପାଞ୍ଚରେ ହୋଇବୁ ଗଣା
ଏ ଜୀବନେ ତାଙ୍କୁ ଭୁଲିବୁନି କେବେ
ହେବୁନାହିଁ ବାଟବଣା ।   ॥୮॥

ଖୋଜୁଛି ଆଜି ମୁଁ ପିଛିଲା ଅତୀତ
ନୟନେ ଆସଇ ଲୁହ
ଇଚ୍ଛାହୁଏ ପୁଣି ଫେରିଯାଆନ୍ତି କି
ହୃଦୟୁ ଉଠଇ କୋହ ।   ॥୯॥

ଦିଅ ଗୁରୁ ତୁମ ଆଶୀର୍ବାଦ
କ୍ଷମିବ ଶିଶୁଙ୍କ ଦୋଷ
ତୁମରି କଲ୍ୟାଣ ମଥାପରେ ଥାପି
ହୋଇବୁ ବଡ଼ ମଣିଷ ।   ॥୧୦॥

ଗାନ୍ଧୀନଗର, ଜଟଣୀ

---

# ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡିଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟାଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

ଉତ୍ତର ପୃଷ୍ଠା ନ.-୩୭

| | | | | | | | | |
|---|---|---|---|---|---|---|---|---|
| | | 9 | 8 | | 7 | | | 3 |
| 7 | 8 | | | 4 | | | 6 | 5 |
| | | 3 | 5 | | 9 | 4 | | |
| | 7 | 6 | | 8 | | | 9 | 1 |
| 3 | | 4 | | 9 | | 6 | | 8 |
| 8 | | 1 | 3 | | 6 | | 7 | |
| | 4 | | | 3 | | 8 | | 2 |
| | 3 | | 9 | | 8 | | 4 | |
| | | 8 | 2 | | 4 | 5 | | 9 |

# ଲାଇପୋପ୍ରୋଟିନ



ଡା.ଧନେଶ୍ୱର ସାହୁ
ଏମ.ବି.ବି.ଏସ., ଏମ.ଏସ

ଏହା ଏକ କଂପାଉଣ୍ଡ ଲିପିଡ଼୍। ଲିପିଡ଼୍ ଓ ପ୍ରୋଟିନ ମିଶ୍ରଣରେ ତିଆରି। ଲିପିଡ଼୍ ପାଣିରେ ଦ୍ରବଣୀୟ ନୁହେଁ। ତେଣୁ ଏହା ପ୍ରୋଟିନ ସହ ମିଶି ଲିପିଡ଼୍‌କୁ ରକ୍ତରେ ପରିବହନ କରେ। ଲାଇପୋପ୍ରୋଟିନରେ ଥିବା ପ୍ରୋଟିନକୁ ଆପୋଲାଇପୋପ୍ରୋଟିନ ବା ଆପୋପ୍ରୋଟିନ କୁହାଯାଏ।

## ଏହାର ଗଠନ :-

ଲିପିଡ଼୍ ସାଥିରେ ପ୍ରୋଟିନ ମିଶି ଏହା ତିଆରି ହୁଏ ।

- ଏହାର ଭିତର କୋର ହାଇଡ୍ରୋଫୋବିକ ନନ୍ ପୋଲାର ଲିପିଡ଼୍‌ରେ ତିଆରି। ସେଗୁଡ଼ିକ ହେଲା ଟ୍ରାଇଗ୍ଲିସେରାଇଡ଼୍ (TG) , କଲିଷ୍ଟେରଲ ଇଷ୍ଟର (CE) ।

- ବାହାର ମନୋଲାୟର ଆଂପିପାଥିକ ଲିପିଡ଼୍ ଓ ପ୍ରୋଟିନ। ଲିପିଡ଼୍‌ଗୁଡ଼ିକ ହେଲା ଫସଫୋଲିପିଡ ଓ ଫ୍ରି କଲିଷ୍ଟେରଲ। ଆଂପିପାଥିକ ଲିପିଡ଼୍‌ର ହାଇଡ୍ରୋଫିଲିକ (Water Loving) ପୋଲାର ଏଣ୍ଡ ଓ ହାଇଡ୍ରୋଫୋବିକ (Water Fearing) ନନ୍ ପୋଲାର ଏଣ୍ଡ ଅଛି। ପୋଲାର ଏଣ୍ଡ ବାହାରକୁ ରହେ। ନନ୍ ପୋଲାର ଏଣ୍ଡ ଭିତରକୁ ଭିତର କୋର ପଟକୁ ରହେ ।

ଲାଇପୋପ୍ରୋଟିନର ପ୍ରୋଟିନକୁ ଆପୋଲାଇପୋପ୍ରୋଟିନ ବା ଆପୋପ୍ରୋଟିନ କୁହାଯାଏ। ଆପୋପ୍ରୋଟିନରୁ ଗୋଟିଏ ପେରିଫେରାଲ ପ୍ରୋଟିନ ଓ ଆଉ ଗୋଟିଏ ଇଣ୍ଟେଗ୍ରାଲ ପ୍ରୋଟିନ।

ଆପୋଲାଇପୋପ୍ରୋଟିନ ବା ଆପୋପ୍ରୋଟିନଗୁଡ଼ିକ ହେଲା -

୧. ଆପୋ ଏ - ଆପୋ ଏ ୧, ଆପୋ ଏ ୨, ଆପୋ ଏ ୪
୨. ଆପୋ ବି - ଆପୋ ବି ୪୮, ଆପୋ ବି ୧୦୦
୩. ଆପୋ ସି - ଆପୋ ସି ୧, ଆପୋ ସି ୨, ଆପୋ ସି ୩

## ଏହା କେତେ ପ୍ରକାରର :-

ଏହା ଭିନ୍ନ ଭିନ୍ନ ଆଧାରରେ ଭିନ୍ନ ଭିନ୍ନ ପ୍ରକାରର । ଡ଼େନସିଟି ଆଧାରରେ ଅଲଟ୍ରାସେଣ୍ଟ୍ରିଫ୍ୟୁଗେସନ କରି ଏହା ୫ ପ୍ରକାରର ।

### ୧. କାଇଲୋମାଇକ୍ରନ (Chylomicron) :-

- ଏହା ଖାଦ୍ୟନଳୀର ଏପିଥେଲିଆଲ ସେଲରୁ ନିଃସୃତ ହୁଏ। ଏହା ଖାଦ୍ୟନଳୀରୁ ଟ୍ରାଇଗ୍ଲିସେରାଇଡ଼୍, କଲିଷ୍ଟେରଲ, ଫସଫୋଲିପିଡ଼୍‌କୁ ଯକୃତ, ପେରିଫେରାଲ ଟିସୁକୁ (ସ୍କେଲିଟାଲ ମାଂସପେଶୀ, ଆଡ଼ିପୋଜ ଟିସୁ ଆଦିକୁ) ନିଏ ।

- ଏହା ଆକାରରେ ସବୁଠାରୁ ବଡ଼। ଏହାର ଡାଇଆମିଟର ହେଲା ୭୫ - ୧୨୦୦ ନାନୋମିଟର।

- ଏହାର ଡ଼େନସିଟି ସବୁଠାରୁ କମ। ଡ଼େନସିଟି ହେଲା <୦.୯୫ ଗ୍ରାମ /ଲି।

- ଏଥିରେ ପ୍ରୋଟିନ ୧% ରୁ ୨% ଅଛି। ଆପୋପ୍ରୋଟିନଗୁଡ଼ିକ ହେଲା, ଆପୋ ବି ୪୮, ଆପୋ ଏ, ଆପୋ ସି, ଆପୋ ଇ ।

- ଏଥିରେ ଲିପିଡ଼୍ ୯୮% ରୁ ୯୯% ଅଛି। ଲିପିଡ଼୍ ଭିତରେ ଟ୍ରାଇଗ୍ଲିସେରାଇଡ଼୍ (TG) ୮୩% ରୁ ୮୪%, ଫସଫୋଲିପିଡ଼୍ ୭%, କଲିଷ୍ଟେରଲ ଓ କଲିଷ୍ଟେରଲ ଇଷ୍ଟର ୮% ଅଛି ।

### ୨. ଭେରି ଲୋ ଡ଼େନସିଟି ଲାଇପୋପ୍ରୋଟିନ (VLDL) :-

- ଏହା ଯକୃତରୁ ନିଃସୃତ ହୁଏ। ଏହା ଟ୍ରାଇଗ୍ଲିସେରାଇଡ଼୍ (TG), କଲିଷ୍ଟେରଲ ଓ ଫସଫୋଲିପିଡ଼୍‌କୁ ଯକୃତରୁ ପେରିଫେରାଲ ଟିସୁକୁ (ସ୍କେଲିଟାଲ ମାଂସପେଶୀ ଓ ଆଡ଼ିପୋଜ ଟିସୁ ଆଦିକୁ) ନିଏ।

- ଏହାର ଡାଇଆମିଟର ୩୦ ରୁ ୮୦ ନାନୋମିଟର ।

- ଏହାର ଡ଼େନସିଟି ୦.୯ ରୁ ୧.୦୦୬ ଗ୍ରାମ/ଲି।

- ଏଥିରେ ପ୍ରୋଟିନ ୧ ରୁ ୧୦% ଅଛି। ଆପୋପ୍ରୋଟିନଗୁଡ଼ିକ ହେଲା, ଆପୋ ବି ୧୦୦, ଆପୋ ସି ୧, ଆପୋ ସି ୨, ଆପୋ ସି ୩, ଆପୋ ଇ ।

- ଏଥିରେ ଲିପିଡ ୯୦% ରୁ ୯୩% ଅଛି। ଲିପିଡ ଭିତରେ ଟ୍ରାଇଗ୍ଲିସେରାଇଡ଼୍ ୫୦%, ଫସଫୋଲିପିଡ଼୍ ୧୮%, କଲିଷ୍ଟେରଲ ଓ କଲିଷ୍ଟେରଲ ଇଷ୍ଟର ୨୨% ଅଛି ।

- କ୍ୟାପିଲାରି ଲାଇପୋପ୍ରୋଟିନ ଲାଇପେଜ ଦ୍ୱାରା ଫ୍ୟାଟି ଏସିଡ଼୍ ହାଇଡ୍ରୋଲିସିସ ଯୋଗୁ ଏହା ଇଣ୍ଟରମେଡ଼ିଏଟ ଡ଼େନସିଟି ଲାଇପୋପ୍ରୋଟିନ (IDL) ଲୋ ଡ଼େନସିଟି ଲାଇପାପ୍ରୋଟିନକୁ (LDL) ପରିବର୍ତ୍ତନ ହୁଏ ।

### ୩. ଇଣ୍ଟରମେଡ଼ିଏଟ ଡ଼େନସିଟି ଲାଇପୋପ୍ରୋଟିନ (IDL) :-

- ଏହା ଫାଷ୍ଟିଙ୍ଗ ସମୟରେ ସାଧାରଣ ଭାବରେ ରକ୍ତରେ ଦେଖାଯାଏ ନାହିଁ। ଏହା VLDL ର ମେଟାବୋଲିଜିମ ଯୋଗୁ ହୁଏ ।

- ଏହା VLDL ଓ LDL ମଝିରେ ରହେ ।

- ଏହା ପେରିଫେରାର ଟିସୁରୁ (ସ୍କେଲିଟାଲ ମାଂସପେଶୀ, ଆଡ଼ିପୋଜ ଟିସୁ ଆଦିରୁ) ଟ୍ରାଇଗ୍ଲିସେରାଇଡ଼୍, ଫସଫୋଲିପିଡ଼୍ ଓ କଲିଷ୍ଟେରଲ ଯକୃତକୁ ନିଏ।

- ଏହାର ଡାଇଆମିଟର ୨୫ ରୁ ୩୦ ନାନୋମିଟର।

- ଏହାର ଡ଼େନସିଟି ୧.୦୦୬ ରୁ ୧.୦୧୯ ଗ୍ରାମ/ଲି ।

- ଏଥିରେ ପ୍ରୋଟିନ ୧୧% ରୁ ୧୮% ଅଛି।

ଆପୋପ୍ରୋଟିନଗୁଡ଼ିକ ହେଲା ଆପୋ ବି ୧୦୦, ଆପୋ ଇ।

- ଏଥିରେ ଲିପିଡ଼୍ ୮୨% ରୁ ୮୯% ଅଛି। ଲିପିଡ଼୍ ଭିତରେ ଟ୍ରାଇଗ୍ଲିସେରାଇଡ଼୍ ୩୧%, ଫସଫୋଲିପିଡ଼୍ ୨୨%, କଲିଷ୍ଟେରଲ ଓ କଲିଷ୍ଟେରଲ ଇଷ୍ଟର ୨୯%

ଅଛି ।

**୪. ଲୋ ଡ଼େନସିଟି ଲାଇପୋପ୍ରୋଟିନ (LDL) :-**

- ଏହା VLDL ମେଟାବୋଲିଜିମ ଯୋଗୁ ହୁଏ।
- ଏହା ଯକୃତରୁ ଟ୍ରାଇଗ୍ଲିସେରାଇଡ଼, ଫସଫୋଲିପିଡ଼, କଲିଷ୍ଟେରଲ, ପେରିଫେରାଲ ଟିସୁକୁ ନିଏ।
- ଏହାକୁ ବ୍ୟାଡ଼ କଲିଷ୍ଟେରଲ କୁହାଯାଏ। କାରଣ ଏହା ଅଧିକ ରହିଲେ ଆଥେରୋସ୍କ୍ଲେରୋସିସ୍ ଆଦି ହୋଇପାରେ ।
- ଏହାର ଡାଇଆମିଟର ୧୮ ରୁ ୨୮ ନାନୋମିଟର ।
- ଏହାର ଡ଼େନସିଟି ୧.୦୧୯ ରୁ ୧.୦୬୩ ଗ୍ରାମ/ଲି ।
- ଏଥିରେ ପ୍ରୋଟିନ ୨୧% ରୁ ୨୫% ଅଛି।

ଆପୋପ୍ରୋଟିନ ହେଲା ଆପୋ ବି ୧୦୦ ।

- ଏଥିରେ ଲିପିଡ଼ ୭୫% ରୁ ୭୯% ଅଛି। ଲିପିଡ଼ ଭିତରେ ଟ୍ରାଇଗ୍ଲିସେରାଇଡ଼ ୮% ରୁ ୧୦%, ଫସଫୋଲିପିଡ଼ ୨୧% ରୁ ୨୨%, କଲିଷ୍ଟେରଲ ଓ କଲିଷ୍ଟେରଲ ଇଷ୍ଟର ୪୬% ରୁ ୫୦% ଅଛି।

**୫. ହାଇଡ଼େନସିଟି ଲାଇପୋପ୍ରୋଟିନ (HDL) :-**

- ଏହା ଖାଦ୍ୟନଳୀର ଏପିଥେଲିଆଲ ସେଲ ଓ ଯକୃତରୁ ନିଃସୃତ ହୁଏ।
- ଏହା ଟ୍ରାଇଗ୍ଲିସେରାଇଡ଼, ଫସଫୋଲିପିଡ଼ ଓ କଲିଷ୍ଟେରଲକୁ ପେରିଫେରାଲ ଟିସୁରୁ ଯକୃତକୁ ନିଏ ।
- ଏହାକୁ ଗୁଡ଼ କଲିଷ୍ଟେରଲ କୁହାଯାଏ। କାରଣ, ଏହା କଲିଷ୍ଟେରଲ ପେରିଫେରାଲ ଟିସୁରୁ ଯକୃତକୁ ନେବା ଫଳରେ ରକ୍ତରେ ଥିବା କଲିଷ୍ଟେରଲ କମ୍ ରୁହେ। ଏହାକୁ ରିଭର୍ସ ଟ୍ରାନସପୋର୍ଟ କଲିଷ୍ଟେରଲ କୁହାଯାଏ। ଫଳରେ ଆଥେରୋସ୍କ୍ଲେରୋସିସ ରିସ୍କ କମିଯାଏ। ଯେତେ ଅଧିକ ରକ୍ତରେ HDL ରହିବ ସେତେ ଆଥେରୋସ୍କ୍ଲେରୋସିସ ରିସ୍କ କମ।
- ଏହାର ଡାଇଆମିଟର ୫ ରୁ ୧୫ ନାନୋମିଟର।
- ଏହାର ଡ଼େନସିଟି > ୧.୦୬୩ ଗ୍ରାମ/ଲି।
- ଏଥିରେ ପ୍ରୋଟିନ ୩୦% ରୁ ୬୦% ଅଛି।

ଆଇପୋପ୍ରୋଟିନଗୁଡ଼ିକ ହେଲା - ଆପୋ ଏ୧, ଆପୋ ଏ୨, ଆପୋ ଏ୪, ଆପୋ ସି୧, ଆପୋ ସି୨, ଆପୋ ସି୩, ଆପୋ ଡ଼ି, ଆପୋ ଇ ।

- ଏଥିରେ ଲିପିଡ଼ ୪୦% ରୁ ୭୦% ଅଛି। ଲିପିଡ଼ ଭିତରେ ଟ୍ରାଇଗ୍ଲିସେରାଇଡ଼ ୪% ରୁ ୮%, ଫସଫୋଲିପିଡ଼ ୨୯%, କଲିଷ୍ଟେରଲ ଓ କଲିଷ୍ଟେରଲ ଇଷ୍ଟର ୩୦% ଅଛି ।

ଫ୍ରିଫ୍ୟାଟି ଏସିଡ଼ ଆଲବୁମିନ (FFA) ସହ ମିଶି ଏକ କଂପ୍ଲେକ୍ସ ତିଆରି କରିଥାଏ। FFA କୁ ସାଧାରଣ ଭାବରେ ଲାଇପୋପ୍ରୋଟିନ କ୍ଲାସିଫିକେସନରେ ନିଆଯାଏ ନାହିଁ। କାରଣ ସେଗୁଡ଼ିକ ଲୁଜ ଭାବରେ ବାନ୍ଧି ହୋଇଥାଏ।

ଇଲେକ୍ଟ୍ରୋଫୋରେଟିକ ମୋବିଲିଟି ଆଧାରରେ ଏହା ଚାରି ପ୍ରକାରର । ଯଥା -

**୧. ଆଲଫା ଲାଇପୋପ୍ରୋଟିନ :-**

HDL କୁ ଆଲଫା ଲାଇପୋପ୍ରୋଟିନ କୁହାଯାଏ।

**୨. ବିଟା ଲାଇପୋପ୍ରୋଟିନ :-**

LDL କୁ ବିଟା ଲାଇପୋପ୍ରୋଟିନ କୁହାଯାଏ।

**୩. ପ୍ରି ବିଟା ଲାଇପୋଟ୍ରୋଟିନ :-**

VLDL କୁ ପ୍ରି ବିଟା ଲାଇପୋପ୍ରୋଟିନ କୁହାଯାଏ ।

**୪. ବ୍ରଡ଼ ବିଟା ଲାଇପୋପ୍ରୋଟିନ :-**

IDL କୁ ବ୍ରଡ଼ ବିଟା ଲାଇପୋପ୍ରୋଟିନ କୁହାଯାଏ ।

## ଲାଇପୋପ୍ରୋଟିନର କାମ କ'ଣ :-

- କାଇଲୋମାଇକ୍ରନ ଖାଦ୍ୟନଳୀରୁ (ଏକ୍ସୋଜିନସ କିମ୍ବା ଡାଏଟାରି) ଟ୍ରାଇଗ୍ଲିସେରାଇଡ଼, କଲିଷ୍ଟେରଲ, ଫସଫୋଲିପିଡ଼କୁ ଯକୃତ, ପେରିଫେରାଲ ଟିସୁକୁ (ସ୍କେଲିଟାଲ ମାଂସପେଶୀ, ଆଡ଼ିଆପୋଜ ଟିସୁ ଆଦିକୁ) ନିଏ ।
- ଭେରିଲୋ ଡ଼େନସିଟି ଲାଇପୋପ୍ରୋଟିନ (VLDL) ଯକୃତରୁ (ଏଣ୍ଡୋଜିନସ) ଟ୍ରାଇଗ୍ଲିସେରାଇଡ଼, କଲିଷ୍ଟେରଲ, ଫସଫୋଲିପିଡ଼ ପେରିଫେରାଲ ଟିସୁକୁ ନିଏ।
- ଇଣ୍ଟରମେଡ଼ିଏଟ ଡ଼େନସିଟି ଲାଇପୋପ୍ରୋଟିନ (IDL) ପେରିଫେରାଲ ଟିସୁରୁ ଟ୍ରାଇଗ୍ଲିସେରାଇଡ଼, କଲିଷ୍ଟେରଲ, ଫସଫୋଲିପିଡ଼କୁ ଯକୃତକୁ ନିଏ।
- ଲୋ ଡ଼େନସିଟି ଲାଇପୋପ୍ରୋଟିନ (LDL) ଯକୃତରୁ ଟ୍ରାଇଗ୍ଲିସେରାଇଡ଼, କଲିଷ୍ଟେରଲ, ଫସଫୋଲିପିଡ଼ ପେରିଫେରାଲ ଟିସୁକୁ ନିଏ। ଏହାକୁ ବ୍ୟାଡ଼ କଲିଷ୍ଟେରଲ କୁହାଯାଏ। ଏହା ଅଧିକ ରହିଲେ ଆଥେରୋସ୍କେରୋସିସ ଆଦି ହୋଇପାରେ ।
- ହାଇ ଡ଼େନସିଟି ଲାଇପୋପ୍ରୋଟିନ ଟ୍ରାଇଗ୍ଲିସେରାଇଡ଼, କଲିଷ୍ଟେରଲ, ଫସଫୋଲିପିଡ଼କୁ ପେରିଫେରାଲ ଟିସୁରୁ ଯକୃତକୁ ନିଏ। ଏହାକୁ ଗୁଡ଼ କଲିଷ୍ଟେରଲ କୁହାଯାଏ। ରିଭର୍ସ ଟ୍ରାନସପୋର୍ଟେସନ କଲିଷ୍ଟେରଲ ଯୋଗୁ ରକ୍ତ କଲିଷ୍ଟେରଲ କମ ରହେ। ଫଳରେ ଆଥେରୋସ୍କ୍ଲୋରୋସିସ ଆଦି ହେବା ରିସ୍କ ରହେନା। ଇନଫ୍ଲାମେସନ ପ୍ରୋସେସରେ ଏହାର ମୁଖ୍ୟ ଭୂମିକା ରହିଛି ।

## ଲାଇପୋପ୍ରୋଟିନରେ ଆପୋପ୍ରୋଟିନଗୁଡ଼ିକ ହେଲା :-

(କ) ଲାଇପୋପ୍ରୋଟିନ ଷ୍ଟ୍ରକ୍‌ଚର ତିଆରି କରେ ।

(ଖ) କେତେକ ଏନ୍‌ଜାଇମ୍ ଆକ୍ଟିଭେଟ କରେ। ସେ ଏନ୍‌ଜାଇମ୍‌ଗୁଡ଼ିକ ହେଲା - ଲେସିଥିନ କଲିଷ୍ଟେରଲ ଏସିଲ ଟ୍ରାନସଫରେଜ (LCAT), କ୍ୟାପିଲାରି ଲାଇପୋପ୍ରୋଟିନ ଲାଇପେଜ।

(ଗ) କେତେକ ଏନ୍‌ଜାଇମ ଇନହିବିଟି କରେ ।

(ଘ) କାଇଲୋମାଇକ୍ରନ, ଇଣ୍ଟରମେଡ଼ିଏଟ ଡ଼େନସିଟି ଲାଇପୋପ୍ରୋଟିନ ଯକୃତ ଗ୍ରହଣ କରିବାରେ ସାହାଯ୍ୟ କରେ ।

(ଙ) ମେଟାବୋଲିଜିମରେ ସାହାଯ୍ୟ କରେ ।

## ଲିପିଡ଼ ପ୍ରୋଫାଇଲ :-

ଲିପିଡ଼ ପ୍ରୋଫାଇଲ ବା ଲିପିଡ଼ ପ୍ୟାନେଲ ହେଉଛି ଏକ ପ୍ୟାନେଲ ରକ୍ତ ପରୀକ୍ଷା। ଯାହାଦ୍ୱାରା ରକ୍ତରେ ଲିପିଡ଼ର କିଛି ଅସୁବିଧା ଅଛି କି ନାଁ ଜଣାଯାଏ। ଏହି ଟେଷ୍ଟଗୁଡ଼ିକ ହେଲା -

୧. ଟୋଟାଲ କଲିଷ୍ଟେରଲ
୨. ଟ୍ରାଇଗ୍ଲିସେରାଇଡ଼ (TG)
୩. ଲୋ ଡ଼େନସିଟି ଲାଇପୋପ୍ରୋଟିନ (LDL)
୪. ଭେରି ଲୋ ଡ଼େନସିଟି ଲାଇପୋପ୍ରୋଟିନ (VLDL)
୫. ହାଇଡ଼େନସିଟି ଲାଇପ୍ରୋଟିନ (HDL)

## ଏହାର ସାଧାରଣ ପରିମାଣ ରକ୍ତରେ କେତେ ?

ଟୋଟାଲ କଲିଷ୍ଟେରଲ-୧୧୦-୨୧୦ମିଲିଗ୍ରା/ଡ଼େସିଲିଟର(mg/dl)
ଟ୍ରାଇଗ୍ଲିସେରାଇଡ଼ - ୨୫ - ୧୬୦ ମିଲି ଗ୍ରା / ଡ଼େସିଲିଟର
ଲୋ ଡ଼େନସିଟି ଲାଇପୋପ୍ରୋଟିନ - < ୧୦୦ ମିଲିଗ୍ରା /ଡ଼େସିଲିଟର
ଭେରିଲୋଡ଼େନସିଟଲାଇପୋପ୍ରୋଟିନ- < ୩୦ମିଲିଗ୍ରା /ଡ଼େସିଲିଟର
ହାଇଡ଼େନସିଟି ଲାଇପ୍ରୋଟିନ - ୩୫ - ୮୮ ମିଲିଗ୍ରା/ ଡ଼େସିଲିଟର

ଟୋଟାଲ କଲିଷ୍ଟେରଲ = ଲୋ ଡ଼େନସିଟି ଲାଇପୋପ୍ରୋଟିନ + ଭେରି ଲୋ ଡ଼େନସିଟି ଲାଇପୋପ୍ରୋଟିନ + ହାଇଡ଼େନସିଟି ଲାଇପୋପ୍ରୋଟିମନ।

## ଏହି ଟେଷ୍ଟ କରିବାର ଉଦ୍ଦେଶ୍ୟ :-

ଏହି ଟେଷ୍ଟଦ୍ୱାରା ରକ୍ତରେ ଲିପିଡ଼ର ପରିମାଣରେ କିଛି ଅସୁବିଧା ଅଛି କି ନାହିଁ ଜଣାପଡ଼ିଥାଏ। ତା'ଯୋଗୁ ଆମେ କେତେକ ରୋଗର ରିସ୍କ ସଂବନ୍ଧରେ ଜାଣିପାରୁ। ସେ ରୋଗଗୁଡ଼ିକ ହେଲା -

(କ) କାର୍ଡ଼ିଓଭାସ୍କୁଲାର ଡ଼ିଜିଜ - କରୋନାରି ହାର୍ଟ ଡିଜିଜ, ଉଚ୍ଚ ରକ୍ତଚାପ, କାର୍ଡ଼ିଆକ ଆରେଷ୍ଟ, ଆଥେରୋସ୍କ୍ଲେରୋସିସ, ବ୍ରେନ ଷ୍ଟ୍ରୋକ, ପେରିଫେରାଲଲ ଭାସ୍କୁଲାର ଡିଜିଜ ।
(ଖ) କେତେକ ଜେନେଟିକ ରୋଗ ।
(ଗ) କେତେକ ଫର୍ମରେ ପାନକ୍ରିଆଟାଇଟିସ ।

ଶରୀରର ରକ୍ତରେ ଲାଇପାପ୍ରୋଟିନ ଏକ ଉପାଦେୟ ଜିନିଷ। ଲିପିଡ ପାଣିରେ ଦ୍ରବଣୀୟ ନୁହେଁ। ସେଥିପାଇଁ ଲିପିଡ଼ ସହ ପ୍ରୋଟିନ ମିଶି ଲାଇପୋପ୍ରୋଟିନ ହୁଏ ଓ ଏହା ପାଣିରେ ଦ୍ରବଣୀୟ ହୋଇଥିବାରୁ ଲିପିଡ଼କୁ ରକ୍ତରେ ଟ୍ରାନସପୋର୍ଟ କରେ। ଏହା ରକ୍ତରେ ଠିକ ପରିମାଣରେ ଥିଲେ ଦେହପାଇଁ ହିତକର। ଯଦି ଏହାର ପରିମାଣ ରକ୍ତରେ ଅସୁବିଧା ହୁଏ ତେବେ କେତେକ ରୋଗର ରିସ୍କ ସମ୍ବନ୍ଧରେ ଜାଣିହୁଏ। ସେଥିପଇଁ ସମସ୍ତେ କିଛି ସମୟ ବ୍ୟବଧାନରେ ଡାକ୍ତରଙ୍କୁ ପରାମର୍ଶ କରି ଲିପିଡ଼ ପ୍ରୋଫାଇଲ ଟେଷ୍ଟ କରିବା ଉଚିତ। ନଚେତ୍ ବିପଦରେ ପଡ଼ିପାରନ୍ତି ।

**ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ,ଖୋର୍ଦ୍ଧା**

# ବିଶ୍ୱ ବନ୍ଦ୍ୟା ଝାନ୍‌ସୀ ରାଣୀ

ବ୍ରଜ କିଶୋର ଦାଶ



ମହାକାଳୀ,ଭୈରବୀ ଶକ୍ତି ରୂପରେ ବିକ୍ରମିନୀ,
ସିଂହବାହିନୀ ଦୁର୍ଗାଦେବୀ ରୂପେ ଭୟଂକରୀ,
ସିଂହ ବିକ୍ରମିନୀ,ମହାବିଦ୍ରୋହିନୀ ନାରୀନେତ୍ରୀ,
ଅଦ୍‌ଭୂତ, ବିଚିତ୍ର, ରହସ୍ୟମୟୀ ବିରାଙ୍ଗନା,
ଦୁର୍ଜୟ ବ୍ରିଟିଶ୍ ସାମରିକ ଶକ୍ତିସହ
କରିଥିଲ ମହାଯୁଦ୍ଧ, ସିପାହୀ ବିଦ୍ରୋହ,
ବୀର ଅଭିମନ୍ୟୁ ପରି, ଭେଦକରିଥିଲ ତୁମେ,
ବ୍ରିଟିଶ୍ ସାମରିକ ଶକ୍ତି ଚକ୍ରବ୍ୟୂହ।।
ଧନ୍ୟା ତୁମେ ମହନୀୟା,
ଭାରତମାତାର ଯଶସ୍ୱିନୀ ବରପୁତ୍ରୀ,
ଭାରତୀୟ ସବୁନାରୀ ପ୍ରାଣେ,
ଚିରନ୍ତନ ଉପାସ୍ୟା ସଂପତ୍ତି,
ଆଗାମୀ ସମସ୍ତ ଯୁଗର ତୁମେ କାଳୋତ୍ତୀର୍ଣ୍ଣସ୍ମୃତି।।
ଏକବିଂଶ ଶତାବ୍ଦୀର ଉପାସ୍ୟ ଧରିତ୍ରୀ,
ନମ୍ର ହୃଦୟରେ କରେ,
ତୁମର ଅମର ଆତ୍ମାକୁ ଐକାନ୍ତିକ ଆବାହନ,
ପ୍ରଭୁ ପରମେଶ୍ୱରଙ୍କ ଇଚ୍ଛାରେ,
ତୁମପରି ଶକ୍ତିମୟୀ
ବିରାଙ୍ଗନା ନାରୀଙ୍କର ଧରାବତରଣ,
ଯଉଁମାନେ ନେତୃତ୍ୱରେ ଗଢ଼ିଦେବେ,
ବିଶ୍ୱରେ ମହନୀୟା ନାରୀଙ୍କ ନିର୍ମାଣ,
ବିକଶି ଉଠିବ ଅଭୂତପୂର୍ବ
ନାରୀଶକ୍ତି ଜାଗରଣ, ସଶକ୍ତିକରଣ,
ନାରୀ ଜାଗୃତିରେ ବିଶ୍ୱ ହେବ ମହନୀୟ
ହସିଉଠିବ ବି, ଦିବ୍ୟ ପୁରୁଷ ସମାଜ,
ସୃଷ୍ଟିହେବ ସମୃଦ୍ଧ ବିଶ୍ୱର ଅଧ୍ୟାୟ।।

କଳଦିଆ,ନମୌଜା,ଆଳି,କେନ୍ଦ୍ରାପଡ଼ା
ଦୂରଭାଷ-୯୭୭୭୭୩୩୦୪୪

ବଡ଼ ମଣିଷଙ୍କ ଜୀବନ ବୃତ୍ତାନ୍ତ - ୨



# ନାଟୁଆ ପିଲାଟି ବଡ଼ମଣିଷ ହେଲା

**ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ**

ପିଲାଟି ପିଲାଦିନୁ ଈଶ୍ୱରଙ୍କୁ ବିଶ୍ୱାସ କରୁନଥିଲା। ପ୍ରଥମେ ପ୍ରଥମେ ସେ ତା'ନନାଙ୍କ କଥାରେ ଚାଲିଥିଲା। କୌଳିକ ବୃତ୍ତି ଅବଲମ୍ବନ କରି ପେଟ ପୋଷିବାକୁ ସିଦ୍ଧାନ୍ତ ନେଇଥିଲା। କର୍ମକର୍ମାଣି ଶିଖି ପୂଜାପାଠ କରୁଥିଲା। କାରଣ ସେ ମନେ ମନେ ବିଚାରିଥିଲା, ଜଗତରେ ଯିଏ ବଡ଼ ସେ ହିଁ ପୂଜା ପାଇଥାନ୍ତି।

ଦିନକର କଥା। ପିଲାଟି ବସି କ'ଣ ଭାବୁଥିଲା କେଜାଣି, ହଠାତ୍ ବିଚଳିତ ହୋଇଉଠିଲା। ଏବେ ଶୁଣ ସେକଥା -

"ମଣିଷ ବଡ଼ ନା ଈଶ୍ୱର ବଡ଼
ପିଲାମାନେ ଯେବେ ଆସଇ ଝଡ଼
କାରଣଟା ପଡ଼େ ଖୋଜା
ଈଶ୍ୱର ହିଁ ବଡ଼ ହୋଇଥିବେ ନିଶ୍ଚେ
ଯେଣୁ ସେ ପାଆନ୍ତି ପୂଜା ।"

ଥରେ ସେ ପିଲା ଘରେ ଠାକୁର ପୂଜା କଲାବେଳେ, ଠାକୁର ମୁହଁକୁ ଭୋଗ ମଡ଼ାଇ କହିଲା - "ଠାକୁରେ ! ତୁମେ ଯଦି ସତ ତେବେ ଏ ଭୋଗ ଖାଇଦିଅ। ନଚେତ୍ ମୁଁ ଭାବିବି ମିଛଦିଅଁ। ସେଦିନ ଠାକୁର ଭୋଗ ନଖାଇବାରୁ ତାଙ୍କୁ ମିଛୁଆ ଠାକୁର କହି, ତା' ପଇତା ଛିଣ୍ଡାଇ ପକେଇଦେଲା ଏବଂ ସେହିଦିନଠାରୁ ପୂଜାପାଠ ଛାଡ଼ିଦେଇଥିଲା।

ହିନ୍ଦୁଧର୍ମର ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଫାଲ୍‌ଗୁନ ମାସ ଫଗୁଦଶମୀଠାରୁ ଠାକୁରମାନେ ଗାଆଁରୁ ଗାଆଁ, ଘରକୁ ଘର ବୁଲି ଚାଚେରୀ ଭୋଗ ଖାଇଥାନ୍ତି। ଦୋଳପୂର୍ଣ୍ଣିମାରେ ଏହି ଭୋଗଖିଆ ଶେଷହୁଏ। ଠିକ୍ ପରେ ପରେ ଚୈତ୍ରମାସର ପାଞ୍ଚଦିନରେ ପଞ୍ଚଦୋଳ, ସାତଦିନରେ ସପ୍ତଦୋଳ ଏବଂ ଦଶଦିନରେ ଦଶଦୋଳ ଆଦିପର୍ବରେ ଠାକୁରମାନଙ୍କର ମହାମିଳନ ଘଟିଥାଏ। ସେଠାରେ ଦୋକାନ ବଜାର ପଡ଼େ। ଲୋକମାନେ ଏହି ଯାତ୍ରାରେ ପହଞ୍ଚି ଘରକରଣା ଜିନିଷ କିଣି, ଦୋଳିଖେଳି, ଠାକୁର ଦର୍ଶନକରି ପରମ ପୁଣ୍ୟ ଅର୍ଜନ କରନ୍ତି। କିନ୍ତୁ ଆମ ବାଣପୁରରେ ପଞ୍ଚଦୋଳ ପାଳିତ ହୋଇଥାଏ।

ସେଦିନ ବାଣପୁର ପଞ୍ଚଦୋଳ ଯାତ୍ରା। ସୁତରାଂ -

"ବାଣପୁର ଧାମେ ପଞ୍ଚଦୋଳରେ
ଠାକୁର ଆସିକି ଚଉଦୋଳରେ
ହୁଅନ୍ତି ଏଠାରେ ମେଳ,
ମନେହୁଏ ସତେ ସରଗୁଁ ଦେବତା
ଆସି ହୋଇଲେଣି ଠୁଳ ।"

ସେଦିନ ବାଣପୁରରେ ପଞ୍ଚଦୋଳ ହେଉଛି ବୋଲି ସେ ପିଲା ଶୁଣିଲା। ଲୋକମାନେ ଯାତ୍ରା ଦେଖିବାକୁ ଯାଉଥିବା କଥା ବି ଆଖିରେ ଦେଖିଲା। ସୁତରାଂ ପିଲାଟି ପଇସାଟିଏ ଧରି ଅସଲ ଠାକୁର କିଣିଆଣିବ ବୋଲି ବାହାରିଲା। ଯାତ୍ରା କେଉଁଠି ହେଉଛି ସେ ଜାଣିନି। ଦୋଳଯାତ୍ରା ଦେଖିବାକୁ ଯାଉଥିବା ଲୋକଙ୍କ ସାଥିରେ ଯାଇ ଯାତ୍ରା ପଡ଼ିଆରେ ପହଞ୍ଚିଗଲା।

ଯାତ୍ରା ପଡ଼ିଆରେ ପହଞ୍ଚି ପିଲାଟି ଖୁବ୍ ଖୁସି ହୋଇଗଲା। ସେ ପିଲା ଭାବିଲା - ଠାକୁର ଦୋକାନରେ ବିକ୍ରି ହେଉଥିବେ। ସୁତରାଂ ଦୋକାନରୁ ଦୋକାନକୁ ବୁଲିଲା, ଈଶ୍ୱରଙ୍କୁ ଦେଖିଲେ କିଣିନେବାକୁ। ହେଲେ ସେ କାଠ ପଥରର ପ୍ଲାଷ୍ଟିକ୍ ମୂର୍ତ୍ତି ଚାହୁଁନଥିଲା। ଚାହୁଁଥିଲା, ଜୀବନ୍ତ ଠାକୁର।

ଏବେ ଶୁଣ ସେ ପିଲା କ'ଣ କଲା -

"ପଇସାଟେ ଧରି ପିଲା ଧାଇଁଛି
ଏ ଦୋକାନୁ ସେ ଦୋକାନ ଯାଉଛି
କିଣିବ ବୋଲି ଠାକୁର,
ଦୋକାନୀ କହନ୍ତି ବାଛି ନେ ଯେଉଁଟା
ଲୋଡ଼ା ହେଉଅଛି ତୋ'ର ।"

ହେଲେ ପିଲାଟିର ମନ ପାଉନାହିଁ। ସେ ଯେଉଁ ଠାକୁର କିଣିନେବ ବୋଲି ଚାହୁଁଥିଲା, ସେଭଳି କେଉଁଠି ଦେଖିଲା ନାହିଁ। ଏବେ ପିଲାଟି ଯାତ୍ରା ପଡ଼ିଆର ଅନ୍ୟପାଖକୁ ଧାଇଁଲା, ଯେଉଁପଟେ ଧାଡ଼ି ଧାଡ଼ି ଠାକୁର ବସିଥିଲେ ସୁସଜ୍ଜିତ ବିମାନରେ। ଭକ୍ତମାନେ ତାଙ୍କ ଆଗରେ ଯୋଡ଼ହସ୍ତ ହୋଇ ଠିଆହୋଇଥାନ୍ତି। ଠାକୁରଙ୍କ ଆଗରେ ଭଳିକି ଭଳି ଭୋଗରାଗ ବଢ଼ାଯାଇଥାଏ। ପୂଜକ ପୂଜା କରୁଥାନ୍ତି। ଘଣ୍ଟ, ମରଦଳ, କାହାଳୀ ବାଜି ଉଠୁଥାଏ। ହରିବୋଲ, ହୁଳହୁଳି ଶବ୍ଦରେ ଚଉଦିଗ କମ୍ପି ଉଠୁଥାଏ। ଫୁଲ - ଚନ୍ଦନ, ଧୂପ - ଦୀପର ବାସ୍ନାରେ ସେ ଅଞ୍ଚଳ ମହକି ଉଠୁଥାଏ। ପିଲାଟି ଯାଇ ସେଇଠି ପହଞ୍ଚିଗଲା।

ଏବେ ପିଲାଟି କ'ଣ କଲା ଜାଣିଛ -

"ବିମାନେ ଠାକୁର ବସି ଅଛନ୍ତି
ଭକ୍ତଗଣ ଦରଶନ ଲଭନ୍ତି
ପିଲାଟି ଖୋଜେ ତା' ଦିଅଁ,
ଟିକି ଘରଟାରେ କେଉଁଠି ଅଛନ୍ତି
ଦିଶୁନି ତ କା'ର ମୁହଁ ?"

ପିଲାଟି ସେଦିନ ଏତେ ବଡ଼ ଯାତ୍ରା ପଡ଼ିଆରେ ତା' ଅସଲଠାକୁରକୁ ନପାଇ ନିରୁତ୍ସାହିତ ହୋଇ ଘରକୁ ଫେରିଲା। ଫେରିଲାବେଳେ ବାଟରେ ସେ ମନେ ମନେ ଭାବୁଥିଲା, ଯାତ୍ରା ପଡ଼ିଆରେ ସେ ଯେଉଁ ଠାକୁରଙ୍କୁ ଦେଖିଲା, ସେମାନେ ଠାକୁର ହୋଇପାରନ୍ତି କିନ୍ତୁ ସେମାନେ ବଡ଼ଠାକୁର, ମିଛଠାକୁର।
ପିଲାଟି ମତରେ ଅସଲ ଈଶ୍ୱର ହେଉଛନ୍ତି, ସେମାନେ ଯିଏ -

"ମଣିଷ ଯେମିତି ଖାଇ ବଞ୍ଚନ୍ତି
ଠାକୁର ଖାଇବା ଅଟେ ଉଚିତି
ଯିଏ ନପାରନ୍ତି ଖାଇ,
ମଣିଷଠୁଁ ବଡ଼ ହେବେ ସେ କିପରି
ଠାକୁର ପଦଟା ପାଇ ?"

ଏବେ ପିଲାଟି ଶେଷ ସିଦ୍ଧାନ୍ତରେ ପହଞ୍ଚିଗଲା, ଯିଏ ଜଡ଼ ଈଶ୍ୱର ସେ କାହାର କିପରି ଦୁଃଖ ବୁଝିବେ ନା ହଟାଇ ପାରିବେ? ସୁତରାଂ ପିଲାଟି ଖୋଜିଲା, ଦିଅଁ ଏବେ ପାଇଗଲା। ସେ ଦିଅଁ କିଏ ଜାଣିଛ -

"ଯିଏ ପୀଡ଼ିତଙ୍କ ସେବା କରନ୍ତି
ଅସଲ ଦେବତା ସିଏ ଅଟନ୍ତି
ତାଙ୍କ ନାଁ ଜନସେବକ
ମାନବ ସମାଜେ ବଡ଼ ବୋଲି ତାଙ୍କୁ
ପୂଜନ୍ତି ଜଗତଜନ ।"

ସେଦିନ ଯେଉଁ ପିଲାଟି ଠାକୁର କିଣିବ ବୋଲି ଯାତ୍ରା ପଡ଼ିଆଟା ସାରା ଘୂରି ବୁଲୁଥିଲା, ସେ ଥିଲେ ବାଳକ ଗୋଦାବରୀଶ। ସେ ଭବିଷ୍ୟତରେ ଜନସେବା କରିବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ।

## ଗୋଦାବରୀଶ ଛାତ୍ର ଜୀବନରୁ ଦେଶପ୍ରେମୀ ଓ ଜନସେବୀ ପାଲଟିଗଲେ :-

ଗୋଦାବରୀଶ ପିଲାଦିନୁ ଅସରନ୍ତି ଅଭାବ, ଅନଟନ ସହିଛନ୍ତି। ଅସହ୍ୟ ଘାତ-ପ୍ରତିଘାତ ଦେଇ ଗତିକରିଛନ୍ତି, ହେଲେ ସେ କେଉଁଠି ଅଟକି ଯାଇନାହାନ୍ତି। ଏବେ ସେ ପୁରୀ ଜିଲ୍ଲାସ୍କୁଲର ଦଶମ ଶ୍ରେଣୀ ଛାତ୍ର। ଦିନେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ ମହାରଣା ତାଙ୍କ ସହିତ ଶଶୀଭୂଷଣ ରାୟ ଚୌଧୁରୀଙ୍କୁ ନେଇ ଛାତ୍ରାବାସକୁ ଆସି ଅତିଥିଙ୍କର ପରିଚୟ ପ୍ରଦାନ କଲେ। ସେଦିନଠାରୁ ପିଲାମାନେ ସେହି ଆଗନ୍ତୁକ ବ୍ୟକ୍ତିଙ୍କୁ ଶଶିଦା' ନାମରେ ଡାକିଲେ। ଶଶୀଦା' ମଧ୍ୟ ପିଲାଙ୍କ ସହିତ ପ୍ରାୟତଃ ମିଶୁଥିଲେ।

ହେଲେ ଏ ଶଶିଦା' କିଏ? ସେଥିଲେ ବଙ୍ଗର ସନ୍ତ୍ରାସବାଦୀ ଦଳର ଟାଣୁଆ ନେତା, ଯିଏ ଇଂରେଜ ସରକାରଙ୍କର ବିରୋଧୀ ଥିଲେ। ଦେଶକୁ ସ୍ୱାଧୀନ କରାଇବା ପାଇଁ କାମ କରୁଥିଲେ। ଗୋଦାବରୀଶ ବି ସେଇକଥା ରହୁଁଥିଲେ।

ସୁତରାଂ - "ଲୁହାକୁ ଯେମିତି ଟାଣେ ଚୁମ୍ବକ
ଶଶିଦା' ଙ୍କ ଆଚରଣ - ବ୍ୟକ୍ତିତ୍ୱ
ସେଦିନ ଛାତ୍ରାବାସରେ,
ଗୋଦାବରୀଶଙ୍କୁ ଟାଣିନେଲା ସତେ
ରଲିଲେ ତାଙ୍କ କଥାରେ ।"

ସୁତରାଂ ଗୋଦାବରୀଶ ଭାରତ ସ୍ୱାଧୀନତା ସଂଗ୍ରାମ ପାଇଁ ଜଣେ ସୈନିକ ଭାବରେ ନିଜ ଜୀବନକୁ ଛାତ୍ରଜୀବନରୁ ହିଁ ଗଢ଼ିଲେ। ଏହି ଘଟଣାରୁ ଗୋଦାବରୀଶ ଜଣେ ସ୍ୱାଧୀନଚେତା ମଣିଷ ଥିଲେ ବୋଲି ଜଣାପଡ଼େ।

ଏହି ମର୍ମରେ ଗୋଦାବରୀଶ ତାଙ୍କର ଆତ୍ମଜୀବନୀରେ ଲେଖିଛନ୍ତି - "ଜୀବନ - କୁମ୍ଭାରଶାଳ ମାଟିପିଣ୍ଡୁଳା ବୟସରେ ଶଶିଦା'ଙ୍କ ହାତରେ ଗଢ଼ାହେବା ପରେ ତାଙ୍କରି ପ୍ରରୋଚନାରେ ସମସ୍ତ ସୁବିଧା ସୁଯୋଗ ଛାଡ଼ିଦେଇଛି। ଏଭଳି ପାରାବାରରେ ମୋ'କ୍ଷୁଦ୍ର ଜୀବନ ତରୀର କର୍ଣ୍ଣଧାର ଓ ମୋ ଉପାସ୍ୟ ଦେବତା ସେ। ମୋର ଦୁର୍ବଳ ମୁହୂର୍ତ୍ତମାନଙ୍କରେ ଆଜି ସୁଦ୍ଧା ମୁଁ ତାଙ୍କରି ମୂର୍ତ୍ତି ଆଖିଆଗରେ କଳ୍ପନାରେ ଦେଖି ଶାନ୍ତିପାଏ ।"

ଗୋଦାବରୀଶ ତାଙ୍କର ଆତ୍ମଜୀବନୀରେ ପୁଣି ଲେଖିଛନ୍ତି - "ଗୋପବନ୍ଧୁଙ୍କ ସହିତ ଘନିଷ୍ଠତା ଜନ୍ମିବା ପର୍ଯ୍ୟନ୍ତ ଶଶିଦା' ହିଁ ଥିଲେ ମୋ ଭ୍ରାନ୍ତ ଜୀବନରେ ଏକମାତ୍ର ପଥ ପ୍ରଦର୍ଶକ। ସେ ମୋ'ଲାଗି ଅନେକ କଷ୍ଟ ସହିଛନ୍ତି, ଅର୍ଥ ବ୍ୟୟ କରିଛନ୍ତି ଓ ସୁଖ-ଦୁଃଖରେ ଭାଗି ହୋଇଛନ୍ତି ।"

## ସେବା ଏମିତି କରିହୁଏ :-

କଥାରେ ଅଛି - "ଏମନ ଭାବୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା"। ଅର୍ଥାତ୍ ଗୋଦାବରୀଶଙ୍କୁ ମନଜାଣି କାମ ମିଳିଗଲା ପୁରୀରେ। ୧୯୦୫ ମସିହା କଥା। ଗୋଦାବରୀଶ ଏକାଦଶ ଶ୍ରେଣୀରେ ପାଠ ପଢୁଥାଆନ୍ତି। ସେତେବେଳେ ଗୋପବନ୍ଧୁ ପୁରୀରେ ଏକ ସେବାଦଳ ଗଢ଼ି ଅସହାୟମାନଙ୍କର ସେବାରେ ଲାଗିଥିଲେ। ଏହି ସଭ୍ୟଦଳରେ ଜଣେ ସକ୍ରିୟ ସଭ୍ୟ ଭାବରେ ଗୋଦାବରୀଶ ଯୋଗଦେଲେ। ସେବର୍ଷ ଶଶିଦା'ଙ୍କର ପରାମର୍ଶରେ ଗୋଦାବରୀଶ ଖରାଛୁଟିରେ ଗାଁକୁ ଗଲେନାହିଁ। ପାଠ ପଢ଼ାପଢ଼ି କରିବାକୁ ପୁରୀରେ ରହିଗଲେ। ଛୁଟି ଶେଷବେଳକୁ ପ୍ରତିବର୍ଷ ଭଳି ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଆରମ୍ଭ ହେଲା। ରଥଯାତ୍ରା ଦେଖିବାଲାଗି ଦେଶ ବିଦେଶରୁ ଅନେକ ଭକ୍ତ ରୁଣ୍ଡହେଲେ।

ଏବେ ଶୁଣ ତା'ପରର ଘଟଣା, ଯାହା ଘଟିଲା -

"ରଥଯାତ ଦେଖିବାକୁ ପୁରୀରେ
ଅସଂଖ୍ୟ ଭକତ ରୁଣ୍ଡ ହୋଇଲେ
ପୁରୀରେ ପଡ଼ିଲା ବାଡ଼ି,

ପୋକମାଛି ଭଳି ମରିଗଲେ ଲୋକେ
ଶବ ରହିଥାଏ ପଡ଼ି ।"

ଆଗକାଳରେ ଯେଉଁ ଅଞ୍ଚଳରେ ହଇଜା ରୋଗ ବ୍ୟାପେ ଅସଂଖ୍ୟ ଲୋକ ଅକାଳ ମରଣ କରନ୍ତି । ସେ ଅଞ୍ଚଳରେ ବାଡ଼ିପଡ଼ିଲା ବୋଲି କହି କେହି ସେଠାକୁ ଯାଆନ୍ତିନାହିଁ । କାରଣ, ହଇଜା ଏକ ଡ଼ିଆଁରୋଗ ହୋଇଥିବାରୁ ଏବଂ ସ୍ୱାସ୍ଥ୍ୟସେବା ଭଲନଥିବାରୁ ଲୋକେ ଭୟରେ ଛାନିଆଁ ହୋଇ ଘରୁ ବାହାରନ୍ତି ନାହିଁ ।

ଠିକ୍ ଏତିକିବେଳେ ଗୋପବନ୍ଧୁଙ୍କ ସେବାଦଳ ପୀଡ଼ିତଙ୍କ ସେବା କରିବାପାଇଁ ଅଣ୍ଟାଭିଡ଼ି ବାହାରି ପଡ଼ିଲେ । ସବା ଆଗରେ ଥିଲେ ଗୋଦାବରୀଶ । ଦିନରାତି ସେବାରେ ଲାଗିଥାନ୍ତି । କାନ୍ଧରେ ଶବ ବୋହିନେଇ ପୋଡ଼ିଦେଉଥାନ୍ତି । ତେଣେ ରୋଗୀସେବା ଓ ପରିବେଶ ସଫାସଫି ସହିତ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଉଥାଏ ।

ପୁରୀରେ ହଇଜା ବ୍ୟାପିଛି, ଏହି ଖବର ବିଜୁଳି ବେଗରେ ପ୍ରଚାର ହୋଇଗଲା । ଏଖବର ଶୁଣି ଗୋଦାବରୀଶଙ୍କ ନନା ଓ ବୋଉ ଭାରି ବ୍ୟସ୍ତ ହୋଇପଡ଼ିଲେ ।

ଏଥର ଶୁଣ ତା'ପରର କଥା -

"ଗୋଦାବରୀଶଙ୍କ ପିତା ଓ ମାତା
ଦୁଃସମ୍ବାଦ ଶୁଣି କରିଲେ ଚିନ୍ତା
ପୁଅକୁ ନେବେ ଡକାଇ,
ସେଥିଲାଗି ନନା ପୁରୀ ଗଲେ ସିନା
ଫେରିଲେ ନିରାଶ ହୋଇ ।"

ପୁଅର କାଳେ କିଛି ଅନିଷ୍ଟ ଘଟିବ ଭାବି ବାପା ପହଞ୍ଚଗଲେ ପୁରୀରେ । ପୁଅକୁ ଫେରାଇ ଆଣିବାପାଇଁ ବହୁତ ବୁଝାଇଲେ, ହେଲେ ସବୁ ବିଫଳ ହେଲା । ବାପା ନିରାଶ ହୋଇ ଏକା ଏକା ଫେରିଲେ ଗାଁକୁ । ଘରେ ପହଞ୍ଚି, ପୁଅ କିପରି ମଢ଼ା ବୋହୁଛି, ମଢ଼ା ପୋଡୁଛି ଏବଂ ଜୀବନକୁ ବାଜି ଲଗାଇ ହଇଜା ରୋଗୀଙ୍କ ସେବା କରୁଛି, କହୁ କହୁ କାନ୍ଦି ପକାଇଲେ । ଶେଷରେ ଭାଗ୍ୟକୁ ଆଦରି ନେଲେ ।

## ଅକାଳ ଚଡ଼କ ଖସିପଡ଼ିଲା :-

କଥାରେ କହନ୍ତି - "ଯେତେବେଳେ ଯାହା କରିବେ ସାଇଁ
ତାକୁ କିଏ ରୋକି ପାରିବନାହିଁ । "

ଗୋଦାବରୀଶଙ୍କ ପରିବାର ପାଇଁ ଉପରୋକ୍ତ ଉକ୍ତି ସତରେ ପରିଣତ ହୋଇଗଲା । ପୁରୀରେ ବାପ-ପୁଅଙ୍କର ସେଦିନ ଥିଲା ଅନ୍ତିମ ଦେଖାସାକ୍ଷାତ୍ । ତାଙ୍କ ପରିବାରରେ ଏକ ବଡ଼ ଅଘଟଣ ଘଟିଯାଇଥିବା କଥା ଗୋଦାବରୀଶ ପୁରୀରେ ଥାଇ ଶୁଣିଲେ । ଏହାକୁ ସେ ସହଜରେ ବିଶ୍ୱାସ କରିପାରିନଥିଲେ ।

ଏବେ ଶୁଣ ସେକଥା -

"ବାପା ଫେରିବାର ଦିନ ଚାରୋଟି
ହଇଜା ରୋଗରେ ପିତା
ମରିଗଲେ ବୋଲି ଗାଆଁ ମଶାଣିରେ
ହୁତ୍ ହୁତ୍ ଜଳେ ଚିତା ।"

ଏଣେ ଗାଆଁ ଲୋକେ କଥାବାର୍ତ୍ତା ହେଲେ - ବୁଢ଼ା ବାପଟା ପୁଅକୁ ଆଣିବ ବୋଲି ପୁରୀ ଯାଇଥିଲା ଯେ, ସେ ପୁଅକୁ ଆଣିବ କ'ଣ, ତାକୁ ଛାଡ଼ି ବାଡ଼ିକୁ ଧରି ଫେରିଆସିଲା । ଫଳରେ ସେ ନିଜେ ମଲା, ଏବେ ଗାଁ'ଟା ଯାକର ଲୋକଙ୍କୁ ମାରିବ । ଧନ୍ୟ କହିବ ସେ ଚଣ୍ଡାଳ ପୁଅକୁ । ସେଭଳି ପିଲା କୁଳରେ ରହି କି ଲାଭ ?

ବାପାଙ୍କର ମୃତ୍ୟୁଖବର ନେଇ ଗୋଦାବରୀଶ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି - "ମନୁଷ୍ୟ ଅଶୁଭ ଖବର ବିଶ୍ୱାସ କରିବାକୁ ରାଜି ହୁଏନାହିଁ । ଚିଠି ପଢ଼ନ୍ତେ ମୋର ପ୍ରଥମ ପ୍ରତିକ୍ରିୟା ହେଲା ଯେ, କେହି ମିଛରେ ସେଭଳି ଲେଖିଦେଇଛି । କିଛି ସମୟ ପରେ ମୁଁ ବାସ୍ତବ ରାଜ୍ୟକୁ ଫେରି କହିପକାଇଲି, ନନା ତ ଗଲେ, ବୋଉ ଚାଲିନଗଲେ ରକ୍ଷା । ମୁଁ ଗ୍ରାମରେ ପହଞ୍ଚି ଦେଖିଲି, ବୋଉ ଠିକ୍ ଚାଲିଯିବା ଉପରେ । ସେ ଥରେ ଆଖିଫିଟେଇ ମୋତେ ଚାହିଁଦେଇ, ପୁଣି ଆଖି ବୁଜିଦେଲା ଯେ, ଆଉ ଚାହିଁଲାନାହିଁ । ମୋର ଆଠବର୍ଷର ଭଉଣୀଟି ସୁଦ୍ଧା ହଇଜାରେ ଆକ୍ରାନ୍ତ ହୋଇପଡ଼ିଲା । ସବୁ ବରଦାସ୍ତ କରିବା ନିମନ୍ତେ, ଯିଏ ଦୁର୍ଦ୍ଦିନରେ ଏକମାତ୍ର ଭରସା ରହିଲେ ସେ ଥିଲେ ମୋର ଅନ୍ଧୁଣୀ ବୁଢ଼ୀମା' ଆଉ ସାନ ଭଉଣୀ ।

ଗୋଦାବରୀଶଙ୍କ ନନା ମରିଥିଲେ, ଠିକ୍ ଚାରିଦିନ ପରେ ଚିଠି ପାଉପାଉ ସେ ଗାଆଁରେ ପହଞ୍ଚିଲା ବେଳକୁ ତାଙ୍କ ବୋଉ ମଧ୍ୟ ଆରପାରିକୁ ଚାଲିଗଲେ । ସେତେବେଳେ ଗୋଦାବରୀଶଙ୍କ ମାନସିକ ଅବସ୍ଥା ଓ ତାଙ୍କ ଗାଁର ଅବସ୍ଥା କିପରି ଥିଲା, ଶୁଣ ସେକଥା -

"ଶ୍ରୀନିବାସପୁରେ ପଡ଼ିଛି ବାଡ଼ି
ବୁଢ଼ା ମରିଥିଲା, ମଲାଣି ବୁଢ଼ୀ
ଯାଇନି ଚାରିଟା ଦିନ,
ଘରେ ଘରେ ତାଟି କବାଟ ପଡ଼ିଲା
ଗାଆଁ ଦାଣ୍ଡ ଶୂନ୍‌ସାନ୍ ।"

ଶ୍ରୀନିବାସପୁରରେ ବାଡ଼ିପଡ଼ିଛି ବୋଲି ସାରା ବାଣପୁର ଅଞ୍ଚଳରେ ପ୍ରଚାର ହୋଇଗଲାଣି । ମା' ଭଗବତୀଙ୍କ ପୂଜକ ଜଟିଆ ବାବା ଚାଲିଗଲେ, ହେଲେ ମା' ତାଙ୍କୁ ରକ୍ଷା କରିପାରିଲେ ନାହିଁ ବୋଲି ଲୋକେ ମାଆଙ୍କ ଉପରେ ଦୋଷ ଲଦିଦେବାରେ ବ୍ୟସ୍ତ । ଠିକ୍ ଚାରିଦିନ ପରେ ତାଙ୍କର ପତ୍ନୀ ମରିଯିବାର ଖବର ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ତଥା କୋକୁଆ ଭୟ ଖେଳାଇଦେଲା । କାଳେ କା'ଘରେ ବାଡ଼ି ପଶିଯିବ ବୋଲି ଶ୍ରୀନିବାସପୁର ଗ୍ରାମରେ ଲୋକେ ତାଟିକବାଟ ପକାଇ ଘରଭିତରେ ରହିଲେ ।

ସହଜେ ଗୋଦାବରୀଶ ଥିଲେ ବାଳକ, ଆଉ ସ୍ୱଭାବତଃ ଭୟାଳୁ। ତଥାପି ପରିସ୍ଥିତି ଆଜି ତାଙ୍କୁ ଦମ୍ଭିଲା କରିଦେଇଛି। ଘରେ ବୋଉର ଶବଟା ପଡ଼ିଛି, ଶ୍ମଶାନକୁ ନେଇ ଦାହ କରାଯିବ କିପରି? ସେ ଗାଆଁ ଲୋକଙ୍କୁ ଦୁଆର ଦୁଆର ବୁଲି କବାଟ ବାଡ଼େଇ କେତେ ଡାକିଲେଣି, ହେଲେ କେହି ଘରୁ ଜବାବ ଦେଉନାହାନ୍ତି। ଏଭଳି ପରିସ୍ଥିତିରେ ତାଙ୍କୁ ଆହା ପଦେ କହି ସାହା ଯୋଗାଇଦେବ କିଏ?

ଏବେ ଶୁଣ ପରର ଘଟଣା :-

"ପିଲାଟିର ଅସହାୟତା ଦେଖି
ଜଣେ ଅଧେ କିଏ ଯାଇ ପହଞ୍ଚି
ବସିଲେ କୋକେଇ ବାନ୍ଧି
ଅନ୍ଧାରକୁ ଯିଏ ଭୟ କରୁଥିଲା
ଖାଇଲା ତିକ୍ତାନ୍ନ ରାନ୍ଧି ।"

ଅର୍ଥାତ୍ ଅସହାୟ ବାଳକ ଗୋଦାବରୀଶ ନନା ଆଉ ବୋଉଙ୍କର ଶୁଦ୍ଧାଦି କ୍ରିୟା ଶେଷକଲେ। ତାଙ୍କୁ ସାହାଯ୍ୟ କରିବାପାଇଁ କେହିନଥିଲେ।

ଭଗବାନଙ୍କର କି ବିଚିତ୍ରଲୀଳା? ବୋଝ ଉପରେ ନଳିତା ବିଡ଼ାପରି ମୁଣ୍ଡ ଉପରେ ଦୁଃଖର ପାହାଡ଼ ମୁଣ୍ଡେଇ ଗୋଦାବରୀଶ ଚାଲିଲେ ପୁରୀ ପାଠ ପଢ଼ିବାକୁ। ଘରେ ଅନ୍ଧୁଣୀ ଗୋସିମା' ଓ ସାନଭଉଣୀକୁ ଛାଡ଼ିଆସିଲେ ସିନା ସେମାନେ ଚଳିବେ କିପରି? ଘରେ କି ତାଙ୍କ ପାଖରେ ଫଟା ପାହୁଲାଟିଏ ନଥିଲା। ସୁତରାଂ ଗୋଦାବରୀଶଙ୍କ ମନଟା ଥିଲା ତାଙ୍କ ଘରେ ।

ସୁତରାଂ ଗୋଦାବରୀଶ ମନେ ମନେ ଭାବୁଥିଲେ -

"ନନା - ବୋଉ ଚାଲିଗଲେ ଅକାଳେ
ଅନ୍ଧୁଣୀ ବୁଢ଼ୀମା' ରହିଲେ ଘରେ
ମେଞ୍ଚଡ଼ ସାନଭଉଣୀ,
ପୁରୀରେ ରହି ମୁଁ କି ପାଠ ପଢ଼ିବି
ମୋ ଘରେ ଆଣ୍ଟୁଏ ପାଣି ?"

ଏଥର ଗୋଦାବରୀଶ କ'ଣ କଲେ ନା, ରାମକୃଷ୍ଣ ବୋଷଙ୍କ ପ୍ରଦତ୍ତ ବୃତ୍ତି ପାଞ୍ଚଟଙ୍କାରୁ ମାସିକ ଟଙ୍କାଟିଏ ଘରକୁ ପଠାଇଲେ, ଘରେ ଦି' ଦି' ପ୍ରାଣୀ ଚଳିବାପାଇଁ। ବାକି ଚାରିଟଙ୍କାରେ ସେ ପୁରୀରେ କଷ୍ଟେମଷ୍ଟେ ଚଳିଲେ।

ଆଜି କଥା ଏଇଠି ସରିଲା, ଆଉ ବାକି ରହିଲା ଆରଥରକୁ।

**ରାଜ୍ୟ ଓ ଜାତୀୟ ସମ୍ମାନ ପ୍ରାପ୍ତ ପ୍ରଧାନ ଶିକ୍ଷକ**
**ଖମାରସାହି, ବାଣପୁର, ଖୋରଧା**
**ମୋ - ୯୬୬୮୫୬୦୬୪୫**

# ବାପା

**ସୂର୍ଯ୍ୟକାନ୍ତି ରାଉତ**

ବାପା ତୁମେ ଅଟ ବିସ୍ତୃତ ଆକାଶ
ଗଭୀର ସିନ୍ଧୁର ଜଳ,
ତ୍ୟାଗ, ବଳିଦାନ ଆଦର ଯତନ
ପିଲାଙ୍କ ଉପରେ ଢାଳ ।
ବାପା ତୁମେ ଅଟ ସଶକ୍ତ ପର୍ବତ
ଦୀପର ପ୍ରଦୀପ ଶିକ୍ଷା,
ସହି ଚାଲିଥାଅ ଜ୍ୱଳନର ପୀଡ଼ା
ମନରେ ନାହିଁ ତ ବ୍ୟଥା ।
ବାପା ତୁମେ ଅଟ ସୁରକ୍ଷା ପ୍ରାଚୀର
ଘରର ଯେ ମଝି ଖୁଣ୍ଟ,
ସୁରକ୍ଷିତ ରଖ ପ୍ରତିଟି ଜୀବନ
ଦେଖାଅ ଜୀଇଁବା ବାଟ ।
ବାପା ତୁମେ ଅଟ ତ୍ୟାଗର ପ୍ରତିମା
ଗମ୍ଭୀର ଗୁମ୍ଫା ଶୂନ୍ୟତା,
ତ୍ୟାଗ କରିଚାଲ ନିଜର ସର୍ବସ୍ୱ
ଦିଅ ଯେ ଶାନ୍ତିର ବାର୍ତ୍ତା ।
ବାପା ତୁମେ ଅଟ ନାରୀକେଳ ଫଳ
ଶାସନର ମାନଦଣ୍ଡ,
ଶୃଙ୍ଖଳା ଦାୟିତ୍ୱ କର୍ତ୍ତବ୍ୟର ଜ୍ଞାନ
ଦେଖାଇଛ ସତ୍‌ପଥ ।
ବାପା ତୁମେ ଅଟ ପ୍ରଥମ ପୁରୁଷ
ପ୍ରତିଟି ସନ୍ତାନ ପାଇଁ,
ତୁମ ସତ୍ୟ ନିଷ୍ଠା ବୀରତ୍ୱର ସ୍ମୃତି
ସଞ୍ଚେ ଚିରଦିନ ପାଇଁ ।

**ଶିକ୍ଷୟିତ୍ରୀ, ଇନ୍ଦୁମତୀ ପାଟଣା, ବାଙ୍କୀ**
**ମୋ - ୭୦୭୭୦୨୬୨୨୨୨**




### ଉପସ୍ଥାପନା - ଡ.ପ୍ରମୋଦ ଚନ୍ଦ୍ର ଦାଶ

**୧. 'ଚଉବର୍ଗ' କହିଲେ କାହାକୁ କୁହାଯାଏ ?**

ଉ. ଧର୍ମ, ଅର୍ଥ, କାମ ଏବଂ ମୋକ୍ଷକୁ ଚଉବର୍ଗ କୁହାଯାଏ ।

**୨. ଓଡ଼ିଆ ଲିପି କେଉଁ ଲିପିରୁ ବିବର୍ତ୍ତିତ ହୋଇଛି ?**

ଉ. ବ୍ରାହ୍ମୀଲିପି ।

**୩. ସାରଳା ମହାଭାରତରେ କେତୋଟି ପଦ ଅଛି ?**

ଉ. ୧ ଲକ୍ଷ ୪୦ ହଜାର ।

**୪. 'ଅଷ୍ଟଧାତୁ' କ'ଣ ?**

ଉ. ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର, ରଙ୍ଗ, ଦସ୍ତା, ଶୀଷକ, ଲୌହ ଏବଂ ପାରଦ।

**୫. ଭୀଷ୍ମଙ୍କ ପିତାଙ୍କ ନାମ କ'ଣ ?**

ଉ. ଶାନ୍ତନୁ ।

### ବନାନ ଶୁଦ୍ଧି

| | ଅଶୁଦ୍ଧ | ଶୁଦ୍ଧ | | ଅଶୁଦ୍ଧ | ଶୁଦ୍ଧ |
|---|---|---|---|---|---|
| ୧. | ଅଖୀଳ | ଅଖିଳ | ୧୧. | ଅନ୍ୟାନ୍ୟମାନେ | ଅନ୍ୟମାନେ |
| ୨. | ଅଜାଣତା | ଅଜାଣତ | ୧୨. | ଅନ୍ନ୍ୟୁନ | ଅନ୍ୟୂନ |
| ୩. | ଅଞ୍ଜଳୀ | ଅଞ୍ଜଳି | ୧୩. | ଅପଦସ୍ତ | ଅପଦସ୍ଥ |
| ୪. | ଅନସନ | ଅନଶନ | ୧୪. | ଅପରାହ୍ନ | ଅପରାହ୍ଣ |
| ୫. | ଅନାହୁତ | ଅନାହୂତ | ୧୫ | ଅପର୍ନ୍ନା | ଅପର୍ଣ୍ଣା |
| ୬. | ଅନୁକୁଳ | ଅନୁକୂଳ | ୧୬. | ଅପୁତ୍ରିକ | ଅପୁତ୍ରକ |
| ୭. | ଅର୍ଣ୍ଣପୂର୍ଣ୍ଣା | ଅନ୍ନପୂର୍ଣ୍ଣା | ୧୭. | ଅବତିର୍ଣ୍ଣ | ଅବତୀର୍ଣ୍ଣ |
| ୮. | ଅନ୍ତସତ୍ୱା | ଅନ୍ତଃସତ୍ତ୍ୱା | ୧୮. | ଅବସ୍ତା | ଅବସ୍ଥା |
| ୯. | ଅନୁଛେଦ | ଅନୁଚ୍ଛେଦ | ୧୯. | ଅର୍ବାଚିନ | ଅର୍ବାଚୀନ |
| ୧୦. | ଅନୁବାଦିତ | ଅନୂଦିତ | ୨୦. | ଅଭିମାନି | ଅଭିମାନୀ |

## ଗୋଟିଏ ଘୋଡ଼ାର ୪ ଜଣ ଦାବିଦାର :-

ଗଡ଼ଓ୍ୱା ଜିଲ୍ଲାର ସୁଅରଜଙ୍ଘାରେ ମଙ୍ଗଳ ଭୂଇଁୟା ଏକ ଜଙ୍ଗଲରୁ ଗୋଟିଏ ଘୋଡ଼ା ପାଇଥିଲେ ତାହାର ନାମ ଥିଲା ତୋଫାନ୍। କିଛିଦିନ ପରେ ଦୁଇଜଣ ବ୍ୟକ୍ତି ଘୋଡ଼ାର ଦାବିଦାର ବୋଲି କହିଲେ। ପୁଣି ପଡ଼ୋଶୀ ଗାଁର ଜଣେ ଘୋଡ଼ାଟି ତାଙ୍କରି ବୋଲି କହିଲା। ଏମିତି ଘୋଡ଼ାଟିର ଦାବିଦାର ପାଇଥିବା ବ୍ୟକ୍ତିଙ୍କ ସହ ଚାରିଜଣ ହେଲେ। ସେହି ଗ୍ରାମର ସରପଞ୍ଚଙ୍କ ପାଖରେ ଗୁହାରି କରାଗଲା। ସରପଞ୍ଚ କାହାକୁ ଦେବେ ସେ ବିଷୟରେ ନିଜର ବୁଦ୍ଧି ଖର୍ଚ୍ଚକଲେ।




ଗ୍ରାମପଞ୍ଚାୟତର କାର୍ଯ୍ୟାଳୟର ବାହାରେ ଘୋଡ଼ାଟିକୁ ବାନ୍ଧିଦେଲେ। ଘୋଡ଼ାପାଖକୁ ଚାରିଜଣଙ୍କୁ ପଠାଇଲେ। ଘୋଡ଼ାଟି ୩ଜଣଙ୍କୁ ଦେଖି ଚିଙ୍କି ଉଠିଲା ମାତ୍ର ଜଣକ ପାଖରେ ଶାନ୍ତଭାବରେ ଠିଆହେଲା। ସେ ବ୍ୟକ୍ତି ଜଣକ ପଚୋରା ଗାଁର ପ୍ରହଲାଦ। ସରପଞ୍ଚ ସ୍ଥିରକଲେ ଘୋଡ଼ାର ମାଲିକ ପ୍ରହଲାଦ ତେଣୁ ପ୍ରହଲାଦକୁ ଘୋଡ଼ାଟି ଦିଆଗଲା। ଏହି ନିଆରା ଘଟଣାଟି ଝାଡ଼ଖଣ୍ଡର ଗଡ଼ଓ୍ୱାର ସୁଅରଜଙ୍ଘା ଗାଁର ଏକ ନିଆରା ଘଟଣା ଅଟେ।

## ବିଜୁବାବୁ କହିଲେ ପୁଅର କର୍ତ୍ତବ୍ୟ କର :-

(୧୦୫ ତମ ଜନ୍ମବାର୍ଷିକ ଉପଲକ୍ଷେ)

ବିଜୁବାବୁଙ୍କର ବାଙ୍କିରେ ନିର୍ବାଚନ ପ୍ରଚାର ଚାଲିଥାଏ ।୧୯୭୭ ମସିହା ଏପ୍ରଲ୍ ୮ ତାରିଖ। ଭୁବନେଶ୍ୱରରୁ ବିଜୁବାବୁ କିଛିବାଟ ଗଲାପରେ ଡ୍ରାଇଭରକୁ ଗାଡ଼ି ରଖିବାକୁ କହିଲେ, ଗାଡ଼ିରୁ ଓହ୍ଲାଇଲେ। ସାଥିରେ ଥିବା



ସାମ୍ବାଦିକ ସ୍ୱର୍ଗତ ମହେନ୍ଦ୍ର କୃଷ୍ଣ ଧଳଙ୍କୁ ଜଣେ ବୃଦ୍ଧବ୍ୟକ୍ତିଙ୍କୁ ଲକ୍ଷ୍ୟକରି ଡାକିବାକୁ କହିଲେ। ଆମ୍ବତୋଟାର ତଳେ ପଡ଼ିଥିବା ଆମ୍ବକାଠ ଗୋଟାଉଥିବା ଜୀର୍ଣ୍ଣଶୀର୍ଣ୍ଣ ବ୍ୟକ୍ତି କି। ବ୍ୟକ୍ତିଜଣକ ପାଖକୁ ଆସିଲେ। ବିଜୁବାବୁ ବୟସ ପଚାରିଲେ। ଚାରିକୋଡ଼ିରୁ ବେଶି ବୋଲି ସେ କହିଲେ ଅର୍ଥାତ୍ ୮୦ ବର୍ଷରୁ ଉର୍ଦ୍ଧ୍ୱ। ବିଜୁବାବୁ ପଚାରିଲେ, ଏ ଖରାବେଳେ କାଠ କାହିଁକି ଗୋଟାଉଛ? ବୁଢ଼ା କହିଲେ, କାଠ ନନେଲେ ବୋଉ ଖାଇବାକୁ ଦେବନାହିଁ। ବିଜୁବାବୁ ପଚାରିଲେ, ତୋର କେତେ ପୁଅ? ବୁଢ଼ା କହିଲା - ଦୁଇଟା ପୁଅ, ଗୋଟେ କଟକରେ ଆଉ ସାନଟି ବାଙ୍କି କଲେକ୍ଟର ଅଫିସ୍‌ରେ ପିଅନ ଅଛି। ବିଜୁବାବୁ କହିଲେ, ତୋ ପୁଅ କେଉଁଠି ଅଛି ? ବୁଢ଼ା କହିଲା - ତା ମାଇକିନିଆ ପାଖରେ ଥିବ। ପାଖରେ ଥିବା ଲୋକଙ୍କୁ କହିଲେ, ଯା ପୁଅକୁ ଡାକ।

କିଛି ସମୟ ପରେ ଜଣେ ମଧ୍ୟବୟସ୍କ ବ୍ୟକ୍ତି ପ୍ୟାଣ୍ଟସାର୍ଟ ପିନ୍ଧି

ବିଜୁବାବୁଙ୍କୁ ମୁଣ୍ଡନୁଆଁଇ ନମସ୍କାର କଲା। ବିଜୁବାବୁ ପଚାରିଲେ, ଇଏ ତୋ ବାପା ନା। ପୁଅ ଉତ୍ତର ଦେଲା, ହଁ। ହଠାତ୍ ବିଜୁବାବୁ ଠୋ କରି ତା'ଗାଲରେ ଏକ ଚପୁଡ଼ା ମାରିଲେ। କହିଲେ, ବ୍ଲଡ଼ି ଇଡ଼ିୟଟ୍। ୮୨ ବର୍ଷ ବାପକୁ ଆମ୍ବକାଠ ଗୋଟାଇବାକୁ ପଠାଇଛୁ।

ବୁଢ଼ାକୁ ଡାକି ପକେଟ୍‌ରୁ ୨୦ ଟଙ୍କା ନୋଟ୍‌ର ଏକ ବଣ୍ଡଲ୍ ଧରାଇଦେଲେ। କହିଲେ ଏ ଟଙ୍କାରୁ ୧୦ ଖଣ୍ଡ ପୋଷ୍ଟକାର୍ଡ଼ କିଣିବୁ। ପୁଅବୋହୂ ତତେ ଖାଇବାକୁ ନଦେଲେ ପୋଷ୍ଟକାର୍ଡ଼ରେ ଲେଖି ମୋପାଖକୁ ପଠାଇବୁ। ତୋ ପୁଅର ମୁଁ ଚାକିରି ନେଇଯିବି। ବାକି ପଇସାରେ ତୋର ଯାହା ଇଚ୍ଛା ଖାଇବୁ।

ବିଜୁବାବୁଙ୍କ ଗୋଡ଼ତଳେ ଲମ୍ବହୋଇ ପଡ଼ିଯାଇଥିଲା ବୁଢ଼ାର ପୁଅ। କହିଲା, ସାର୍ ମୋତେ କ୍ଷମାକର ! ବାପା ବଞ୍ଚିଥିବା ପର୍ଯ୍ୟନ୍ତ ମୁଁ ତାଙ୍କୁ ଭଲରେ ରଖିବି। ବିଜୁବାବୁ କହିଲେ, ପୁଅର କର୍ତ୍ତବ୍ୟ କର।

## ଓ ୟୋର ପ୍ରତିଷ୍ଠାତା ରିତେଶ୍ ଅଗ୍ରୱାଲ :-



ରିତେଶ୍ ଅଗ୍ରୱାଲାଙ୍କ ଓଡ଼ିଶାର ରାୟଗଡ଼ା ଜିଲ୍ଲା ବିଷମ କଟକର ମଧ୍ୟବିତ୍ତ ମାରୱାଡ଼ି ପରିବାରରେ ୧୯୯୩ ମସିହାରେ ଜନ୍ମ। ଏହି ଯୁବକ ବର୍ତ୍ତମାନ ବିଶ୍ୱର ସର୍ବକନିଷ୍ଠ ବିଲିଆନେତ୍ ପାଲଟିଯାଇଛନ୍ତି। ସେ ଓୟୋର ପ୍ରତିଷ୍ଠାତା। ପରିଶ୍ରମ କରି କୋଟି କୋଟିଟଙ୍କାର ମାଲିକ ହେବାସହ ଅନେକଙ୍କୁ ନିଯୁକ୍ତି ମଧ୍ୟ ଦେଇଛନ୍ତି। କିଛିବର୍ଷ ପୂର୍ବେ ରିତେଶ୍ ଓଡ଼ିଶାରେ ସିମ୍‌କାର୍ଡ଼ ବିକୁଥିଲେ। ଟିଭି ରିମୋର୍ଟରୁ ସେ ଓୟୋ ରୁମସ୍‌ର ପରିକଳ୍ପନା କରିଥିଲେ। ଟି.ଭି.କୁ ରିମୋର୍ଟ ମାଧ୍ୟମରେ ନିୟନ୍ତ୍ରଣ କରାଯାଏ। ସେହିଭଳି ଘରେ ବସି ଓୟୋ ରୁମ୍ ମଧ୍ୟ ବୁକ୍ କରାଯାଇପାରିବ।

ସେ କଲେଜର ପାଠପଢ଼ା ଅଧାରୁ ଛାଡ଼ିଥିଲେ ଯେତେବେଳେ ୨୦ ବର୍ଷ ସେ ୫୦ ପଚାଶଟଙ୍କା ଜମାକରି ଗୋଟିଏ ବ୍ୟାଙ୍କଖାତା ଖୋଲିଥିଲେ। ୨୨ ବର୍ଷ ବୟସରେ ୫୦୦ ହୋଟେଲ୍ ମାଲିକଙ୍କୁ ବୁଝାଇ ନିଜର ବ୍ୟବସାୟ ଆରମ୍ଭ କରିଥିଲେ। ୨୬ ବର୍ଷ ବୟସରେ ବିଶ୍ୱର ୪୬,୦୦୦ ହୋଟେଲ୍ ସହିତ ନିଜର ବ୍ୟବସାୟକୁ ଅନୁବନ୍ଧିତ କରିପାରିଛନ୍ତି। ଏବେ ତାଙ୍କ ଅଧୀନରେ ୨୦ଜଣ ଆଇ.ଆଇ.ଏମ୍. ଓ ୨୦୦ ଆଇ.ଆଇ.ପି ଛାତ୍ର କାମ କରୁଛନ୍ତି। ପ୍ରତିଦିନ ଗୋଟିଏ ହୋଟେଲ୍‌କୁ ନିଜ କଂପାନୀ ସହ ଯୋଡ଼ିବାର ଲକ୍ଷ୍ୟ ରଖୁଥିବା ରିତେଶ୍ ଆମେରିକାର ୩୫ଟି ସହରରେ ନିଜର ବ୍ୟବସାୟକୁ ପହଞ୍ଚାଇପାରିଛନ୍ତି।

## ବ୍ୟବସାୟର ଆରମ୍ଭ :-

ପ୍ରଥମେ ସେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପର୍ଯ୍ୟଟକମାନଙ୍କୁ ରୁମ୍ ଦେଉଥିବା ହୋଟେଲ୍ ମାଲିକମାନଙ୍କୁ ଭେଟିଥିଲେ। ପର୍ଯ୍ୟଟକଙ୍କ ସଂଖ୍ୟା, ଆବଶ୍ୟକତା, ରୁଚି, ଓ ଚାହିଦାକୁ ଦୃଷ୍ଟିରେ ରଖି ହୋଟେଲ୍‌କୁ ନୂଆରୂପ ଦେବାପାଇଁ କଥାବାର୍ତ୍ତା କଲେ। ଏଲ୍.ଇ.ଡ଼ି. ବଲ୍ ଲଗାଇବା, ଆକର୍ଷଣୀୟ ବେଡ଼୍ ପକାଇବା, ଥଣ୍ଡା ଓ ଗରମପାଣିର ବ୍ୟବସ୍ଥା କରାଇବା ଓ ବିଭିନ୍ନ ପ୍ରକାରର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଲେ। ସେ ଓରାଭେଲ୍ ନାମକ ୱେବ୍‌ସାଇଟ୍ ସ୍ଥାପନ କରିଥିଲେ। ପରେ ଓୟୋ ରୁମ୍‌ସ ନାମରେ ପରିଚିତ ହେଲା। ସୁନ୍ଦର ସୁନ୍ଦର ଫଟୋ ଉଠାଇ ସୋସିଆଲ୍ ମିଡ଼ିଆରେ ପକାଇଲେ। ପରେ ତାଙ୍କର ହୋଟେଲ୍ ଶୃଙ୍ଖଳା ପାଲଟିଗଲା ବିଶ୍ୱର ଏକ ପ୍ରମୁଖ ବ୍ରାଣ୍ଡ୍। ଏବେ ୪୩,୦୦୦ ହୋଟେଲ୍ ବ୍ୟବସାୟର ଭାଗ୍ୟରେଖା ତିଆରି କରୁଛନ୍ତି ରିତେଶ୍। ଏବେ ଓଡ଼ିଶାରେ ୭୫୦୦ଟି ଓୟୋରୁମ୍ ସକ୍ରିୟ ଥିବାବେଳେ ଆଗକୁ ହୋଟେଲ୍, ହଷ୍ଟେଲ୍ ଓ ରୁମ୍ ଉପରେ ଅଧିକ ପୁଞ୍ଜିନିବେଶ ପାଇଁ ଗୁରୁତ୍ୱ ଦିଆଯିବ। ଓୟୋ ଗତବର୍ଷ ୫୦୦୦ ଚାକିରି ସୃଷ୍ଟି କରିଥିବା ସହ ଆହୁରି ଅଧିକ ନିଯୁକ୍ତି ସୃଷ୍ଟି କରିପାରିବ ବୋଲି ଲକ୍ଷ୍ୟରଖିଛି।

## ୧୧ ଲକ୍ଷ ନୁହେଁ ୧୦୧ ଟଙ୍କା ରଖିଲେ ଶ୍ୱଶୁର :-



ରାଜସ୍ଥାନର ଗୁଣ୍ଡିଜିଲ୍ଲା ଖଜୁରୀ ପଞ୍ଚାୟତ ପିପାରା ବାଲା ଗାଁରେ ରହୁଛନ୍ତି ବ୍ରଜମୋହନ ମିଣା। ସେ ସ୍କୁଲର ପ୍ରଧାନଶିକ୍ଷକ ଭାବରେ ଅବସର ନେଇଛନ୍ତି। ନିଜ ପୁଅର ବାହାଘର ଟୋଙ୍କ ଜିଲ୍ଲାର ଏକ ଗାଁରେ ଠିକ୍ କରିଥିଲେ। ପୁଅର ନିର୍ବନ୍ଧ ପାଇଁ ସେ ପରିବାର ସହ ଝିଅଘରେ ପହଞ୍ଚିଥିଲେ। ଝିଅର ବାପା ଏକ ଥାଳିରେ ୧୧ଲକ୍ଷ ଟଙ୍କା ରଖି ଦେଇଥିଲେ, କିନ୍ତୁ ମିଣା ତାଙ୍କର ଯୌତୁକ ଦରକାର ନାହିଁ କେବଳ ଝିଅଟିଏ ଦରକାର ବୋଲି କହିଥିଲେ। ପରମ୍ପରା ଅନୁସାରେ ଏହି ଟଙ୍କା ତାଙ୍କୁ ଦିଆଯାଇଛି ବୋଲି ଝିଅଘରର ଲୋକମାନେ ବୁଝାଇଥିଲେ। ମାତ୍ର ବ୍ରଜମୋହନ ୧୦୧ ଟଙ୍କା ରଖି ବାକିତକ ଟଙ୍କା ଫେରାଇଦେଲେ। ଏହା ଉପସ୍ଥିତ ଲୋକମାନଙ୍କୁ ଆଚମ୍ବିତ କରିବା ସହିତ ସମସ୍ତେ ମିଣାଙ୍କୁ ପ୍ରଶଂଶା କରିଥିଲେ। ବିଭାହେବାକୁ ଥିବା ଝିଅ ଏସବୁ ପ୍ରଶଂସା ଜାଣି ଖୁସିରେ ଆତ୍ମହରାହୋଇ କହିଲେ, ଶ୍ୱଶୁର ତାଙ୍କର ମାନ ସମ୍ମାନ ବଢ଼ାଇଛନ୍ତି। ଏମିତି ପିତା ସମାନ ଶ୍ୱଶୁର ପାଇବା ତାଙ୍କର ସୌଭାଗ୍ୟ ବୋଲି ସେ କହିଥିଲେ।

ସମାଜ ପାଇଁ ଏହା ଏକ ଭଲ ସନ୍ଦେଶ ।

କ'ଣ କରିବା ଉଚିତ୍ ସେ ବିଷୟରେ ଅଧିକ ଚିନ୍ତା କରିବା ଦରକାର ନାହିଁ ବରଂ ନିଜେ କ'ଣ ହେବା ଉଚିତ୍ ତାହା ଭଲ ଭାବରେ ଚିନ୍ତା କରିବା ଦରକାର।

# ଶାବର ଶ୍ରୀକ୍ଷେତ୍ରେ ଶ୍ରୀଜଗନ୍ନାଥ



ପ୍ରିୟମ୍ବଦା ସାହୁ

ଦୂରକୁ ସୁନ୍ଦର ପାହାଡ଼ ପର୍ବତ
ନିକଟେ ପାଷାଣ ଗୋଡ଼ି,
ଦୂରକୁ ଶୋଭନ ଗହଳ ବନସ୍ତ
ପାଶକୁ ଦୁରୂହ ଭାରି ।। କାଳିଆ ରେ...

ଦୂରକୁ ସୁନ୍ଦର ଟିକି ଝରଣାଟି
ଓହ୍ଲାଇ ଆସିଲେ ନଈ
ସେଇ ନଈ ପରା ଜୀବର ଜୀବନ
କୁଳୁକୁଳୁ ଯାଏ ବହି ।। କାଳିଆରେ...

ତୋ ଡ଼ୋରି ସିନା ଟାଣେ ଭକତଙ୍କୁ
ଟାଣିଲା ଭକତ ଡ଼ୋର,
ନନ୍ଦିଘୋଷ ଛାଡ଼ି ଗରୁଡ଼ରେ ଚଢ଼ି
ପଶିଲୁ ଜଙ୍ଗଲ ଘୋର ।। କାଳିଆ ରେ...

ଆଦିମ କାଳରେ ପାହାଡ଼ କନ୍ଦରେ
ବୁଲୁଥିଲୁ ବନେ ବନେ,
ସେହି କଥା ତୋର ନଯାଇ ପାଶୋର
ରହିଥିଲା ମନେ ମନେ।। କାଳିଆ ରେ...

ନୀଳାଚଳ ଧାମେ ଗହଣ ଲାଗିଛି
ଗରଜୁଛି ବେତବାଡ଼ି,
ବନ ଶୋଭା ଦେଖି କୋରାପୁଟଠାରେ
ବସିଗଲୁ ଚକାମାଡ଼ି ।। କାଳିଆ ରେ...

ଚନ୍ଦନ ବକୁଳ ବଟ କଦମ୍ବରେ
ତାକୁ କରିଦେଲୁ ତୁଚ୍ଛ,
ଶାଳ ପିଆଶାଳ ଶିରିଷ ମହୁଲ
ଦେଖି ମନ ଲାଗେ ତୋଷ।। କାଳିଆ ରେ...

ଦୁଲୁଗା ଦୟଣା ଗେଣ୍ଡୁ ଚମ୍ପା ପଦ୍ମ
କେତେ ମାଳ ପିନ୍ଧୁଥିଲୁ,
ଜୁଇ ଜାଈ କିଆ ବଣମଲ୍ଲୀ ଫୁଲ
ବାସ୍ନା ପାଇ ଭୁଲିଗଲୁ ।। କାଳିଆ ରେ...

ବଡ଼ ଦେଉଳରେ ଷାଠିଏ ପଉଟି
ଭୋଗ ଖାଉଥିଲୁ ବସି,
ନାନା ବଣଫଳ କୋଳି କନ୍ଦାମୂଳ
ଖାଇ ଦେଉ ହସି ହସି ।। କାଳିଆ ରେ...

ଧୋବଧାଉଳିଆ ଅନ୍ତଳ ପେଟୁଆ
ଭକ୍ତଙ୍କୁ ଦେଇ ଭୁଲାଇ,
ବକ୍‌କଳ ପିନ୍ଧା ବଣ ଆଦିବାସୀ
ସାଥେ ହେଉଛୁ ଗେହ୍ଲେଇ।। କାଳିଆ ରେ...

ତୋହରି ସେବାରେ ଛତିଶପାଟକ
ଶ୍ରୀମନ୍ଦିରେ ଖଞ୍ଜା ରୀତି,
କେତେ ଭକ୍ତ ତୋତେ ନେତ୍ରେ ନଦେଖିଲେ
ଜଳ ସ୍ପର୍ଶ ନକରନ୍ତି ।। କାଳିଆ ରେ...

ଇନ୍ଦ୍ରାବତୀ ଆଉ ମୁଖୀଗୁଡ଼ାଠାରେ
ଗଢ଼ା ହେଲା ତୋ ମନ୍ଦିର,
ତୋ ପରଶ ପାଇ ହସଇ ଜଙ୍ଗଲ
ଅପାର କରୁଣା ତୋର ।। କାଳିଆ ରେ...

ଧନୀ ଗରିବ କି ଜାତି ଅଜାତିର
ଭେଦଭାବ ରଖିନାହୁଁ,
ଜଗନ୍ନାଥ ତୁହି ସାରା ଜଗତରେ
ମହିମା ପ୍ରକାଶି ଥାଉ ।। କାଳିଆ ରେ...

।। ଦ୍ୱାଦଶପଦୀ ।।

**୧୦୩୪, ମହାନଦୀ ବିହାର, କଟକ - ୪**




# ବରଷା ଗୋ ତୁମେ......

ଡ. ଶରତ କୁମାର ଚଉଁରୀ



ବରଷା ଗୋ ତୁମ ଆଗମନେ ଶୁଭେ
ନୂପୁରର ମୃଦୁ ଧ୍ୱନି,
ନିକୁଞ୍ଜ ବନରେ ରହି ନେପଥ୍ୟରେ
ପିକ ଗାଏ ଆବାହନୀ ।
ବରଷା ଗୋ ତୁମ ପରଶରେ ବାସେ
ସଜ ମଲ୍ଲୀଫୁଲ ବାସ୍ନା,
ବିରହୀ ବୈଶାଖୀ ଉଷ୍ଣତା ବରଜି
ଉଦ୍‌-ଭାଷିତ ହୁଏ ଜ୍ୟୋସ୍ନା ।
ତୁମ ଉପସ୍ଥିତି ଦୂରକରେ ଭୀତି
ତନୁମନ ଶିହରଇ,
ମେଘ ମହ୍ଲାରରେ ଚପଳା ଛନ୍ଦରେ
ନୃତ୍ୟରଚେ ପ୍ରିୟ ପାଇଁ ।
ଜୀବନ ଅବଧି ଲାଗି ମହୌଷଧି
ସୃଷ୍ଟି ରକ୍ଷା ସଂଜୀବନୀ,
ମୁମୂର୍ଷୁ ପ୍ରାଣରେ ସ୍ନିଗ୍ଧ ସୁଧାଝର
ଭୂସ୍ୱର୍ଗର ମନ୍ଦାକିନୀ ।
ବରଷା ଗୋ ତୁମେ ସୃଷ୍ଟିକର୍ତ୍ତାଙ୍କର
ଅଲିଅଳୀ ସୁଶ୍ରୀ କନ୍ୟା,
ସୃଷ୍ଟିରକ୍ଷା ଲାଗି ନିଜକୁ ଉତ୍ସର୍ଗୀ
ପ୍ରକୃତରେ ତୁମେ ଧନ୍ୟା ।

**ଶିଶୁ ଦରବାର**
**ମଙ୍ଗଳପୁର, ପିପିଲି, ପୁରୀ**
**ମୋ - ୯୪୩୭୫୫୧୨୦୩**

# ଭଗବାନ ମହାବୀର ଓ ଅହିଂସା



ତୁଳସୀ ଜୈନ

ବିଶ୍ୱର ଘଡ଼ିସନ୍ଧି ସମୟରେ ବୀର ପ୍ରସବିନୀ ଭାରତ ବର୍ଷ ଅନେକ ଅବତାର ଓ ତୀର୍ଥଙ୍କରଙ୍କୁ ଜନ୍ମ ଦେଇ ଆସିଛି, ଯେଉଁମାନେ ସ୍ୱୀୟ ତପଃପୂତ ସାଧନା ଦ୍ୱାରା ପ୍ରାଣୀମାନଙ୍କ ହିତ ସାଧନ କରି ଯାଇଛନ୍ତି । ତନ୍ମଧ୍ୟରେ ଭଗବାନ ମହାବୀରଙ୍କ ଚରିତ୍ର ଉଦାତ୍ତ ଓ ଅନୁକରଣୀୟ । ଅହିଂସା, ଅପରିଗ୍ରହ ଓ ଅନେକାନ୍ତର ସୂତ୍ରଧର ଭଗବାନ ମହାବୀରଙ୍କ ଜନ୍ମ ଖ୍ରୀଷ୍ଟପୂର୍ବ ୫୯୯ ରେ ଅର୍ଥାତ୍ ଆଜଠୁଁ ୨୬୧୩ ବର୍ଷ ପୂର୍ବେ କ୍ଷତ୍ରିୟକୁଣ୍ଡ ନଗରୀରେ ହୋଇଥାଏ । ମାତା ତ୍ରିଶଳା ଓ ପିତା ସିଦ୍ଧାର୍ଥ । ଜନ୍ମ ସହିତ ରାଜ୍ୟର ସମୃଦ୍ଧିରେ ଅତ୍ୟଧିକ ବିକାଶ ଦେଖି ବାଲ୍ୟ ନାମ ରଖାଯାଇଥିଲା ବର୍ଦ୍ଧମାନ । ଜୈନ ଧର୍ମ ଏକ ପ୍ରାଚୀନ ଧର୍ମ ଏବଂ ଭଗବାନ ଋଷଭ ହେଉଛନ୍ତି ଏହାର ଆଦ୍ୟ ପ୍ରବର୍ତ୍ତକ । ନିର୍ଗ୍ରନ୍ଥ, ଆର୍ହତ ବା ଶ୍ରମଣ ଧର୍ମକୁ ଜୈନ ଧର୍ମର ଆଧୁନିକ ରୂପ ଦେବାର ଶ୍ରେୟ ମିଳିଥିଲା- ଚର୍ତୁବିଂଶତମ ତୀର୍ଥଙ୍କର ମହାବୀରଙ୍କୁ । ବର୍ଦ୍ଧମାନରୁ ମହାବୀର ପର୍ଯ୍ୟନ୍ତ ଯାତ୍ରା ପଥ ଅତିକ୍ରମ କରିବାପାଇଁ, ମଣିଷରୁ ଭଗବାନ ହେବାପାଇଁ, ଏହାଙ୍କୁ ଯେ ପ୍ରବଳ ପରାକ୍ରମ କରିବାକୁ ପଡ଼ିଥିଲା ।

ତାଙ୍କର ଆବିର୍ଭାବ ହୋଇଥିଲା ସେତେବେଳେ, ଯେତେବେଳେ ଜଣେ ମଣିଷ ଅନ୍ୟ ଜଣଙ୍କୁ ଦାସ କରି ରଖୁଥିଲା । ପଣ୍ୟବସ୍ତୁ ସଦୃଶ କ୍ରୟ ବିକ୍ରୟ କରୁଥିଲା । ତା'ର ସମ୍ବେଦନା ରାଜିକୁ ପଦଦଳିତ କରି କ୍ରୁରତାର ସହ ତା' ଶ୍ରମ ଓ ଅସ୍ତିତ୍ୱର ଶୋଷଣ କରୁଥିଲା ।

ତାଙ୍କର ଆବିର୍ଭାବ ହେଲା - ଯେତେବେଳେ ନାରୀ ମାତ୍ର ଭୋଗ୍ୟା ଓ ଦାସୀ ରୂପରେ ପରିଗଣିତ ହେଉଥିଲା । ନାରୀକୁ ଅନେକ ସାମାଜିକ, ଧାର୍ମିକ ଓ ମାନବୀୟ ଅଧିକାରରୁ ବଞ୍ଚିତ ରଖାଯାଉଥିଲା ।

ତାଙ୍କର ଆବିର୍ଭାବ ହେଲା - ଯେତେବେଳ ନିଜ ଜିହ୍ୱା ଲାଳସାରେ କରାଯାଉଥିବା ମୂକ ଓ ନିରପରାଧ ଜୀବର ବର୍ବରତମ ହତ୍ୟାକୁ ଧର୍ମ ନାମରେ ଓ ଦେବଦେବୀ ଙ୍କ ନାମରେ ବଳିର ଆଖ୍ୟା ଦିଆଯାଉଥିଲା । ତଥାକଥିତ ଧାର୍ମିକମାନେ ନିରୀହ ଜୀବଙ୍କ ରକ୍ତରେ ସ୍ନାନକରି ହିଂସାର ତାଣ୍ଡବନୃତ୍ୟ କରୁଥିଲେ । ତାଙ୍କର ଆବିର୍ଭାବ ହେଲା - ଯେତେବେଳେ ଏ ଜାତିଭେଦ ଘୃଣା ଚରମ ସୀମାରେ ପହଞ୍ଚି ଥିଲା ।

ସେତେବେଳେ ମହାବୀରଙ୍କ ଆତ୍ମାଚିତ୍କାର କରି ଉଠିଥିଲା । ତାଙ୍କ ସ୍ୱର ଶୁଭିଲା, "ମନୁଷ୍ୟ ଜନ୍ମ ଦ୍ୱାରା ନୁହେଁ, କର୍ମ ଦ୍ୱାରା ମହାନ ହୋଇଥାଏ ।" ସେ ଅହିଂସାର ସୂକ୍ଷ୍ମତମ ବିଶ୍ଳେଷଣ ପ୍ରସ୍ତୁତ କରି ସତ୍ୟ, କ୍ଷମା, କରୁଣା, ମୈତ୍ରୀ ଓ ସହ-ଅସ୍ତିତ୍ୱକୁ ବ୍ୟାବହାରିକ ରୂପ ପ୍ରଦାନ କଲେ । ସେ ଅହିଂସା ନିରୂପଣ ସମୟରେ ଜୀବ ସଂଯମ ପ୍ରତି ଯେତେ ଜୋର ଦେଉଥିଲେ, ଅଜୀବ ସଂଯମ ପ୍ରତି ମଧ୍ୟ ସେତେ ଜୋର ଦେଇଥିଲେ । ଅଚେତନ ପଦାର୍ଥର ଦୁରୂପଯୋଗକୁ ସେ ହିଂସା ଶ୍ରେଣୀଭୁକ୍ତ କରିଥିଲେ । ଅଧୁନାତନ ପରିବେଶ ପ୍ରଦୂଷଣ ଓ ପ୍ରାକୃତିକ ସଂସାଧନକୁ ଯେଉଁ ଭଳି ଭାବେ ନିର୍ମମ ଦୋହନ କରାଚାଲିଛି, ସେଥିରୁ ମହାବୀରଙ୍କ ପ୍ରାସଙ୍ଗିକତା ବୁଝିହୁଏ ।

କୌଣସି ପ୍ରାଣୀର ପ୍ରାଣ ବିୟୋଜନ ମାତ୍ରକୁ ହିଂସାର ପରିଭାଷା ମଧ୍ୟରେ ସୀମିତ ନ ରଖି ଜୀବନର ନିତ୍ୟ ନୈମିତ୍ତିକ ଘଟଣା ସହିତ ଜଡ଼ିତ କରିଛନ୍ତି । ଅନ୍ୟର ସ୍ୱତ୍ୱର ଅପହରଣ ବି ହିଂସା ଅଟେ । ଭାବନାଦ୍ୱାରା ଅନ୍ୟର ଅହିତ ଚିନ୍ତନ ଓ ମର୍ମଭେଦୀ ବାଣୀର ପ୍ରୟୋଗ ମଧ୍ୟ ହିଂସା ଶ୍ରେଣୀଭୁକ୍ତ । ବିଶ୍ୱ ଚେତନା ସହ ତାଦାତ୍ମ୍ୟ ସ୍ଥାପନା କରିବା ହେଉଛି ତାଙ୍କ ଅହିଂସାର ଲକ୍ଷ୍ୟ ।

ସେ ରାଜକୁଳରେ ଜନ୍ମ ଗ୍ରହଣ କରିଥିଲେ । ବୈଭବ ମଧ୍ୟରେ ତାଙ୍କର ଲାଳନ ପାଳନ ହୋଇଥିଲା । ଯେମିତି ଯୁବା ହେଲେ ସେମିତି ତାଙ୍କ ସମତ୍ୱ ଚକ୍ଷୁ ବିକଶିତ ହେଲା । ସମତ୍ୱର ସାଧନାରେ ନିଜକୁ ବିନିଯୋଗ କରି ସିଦ୍ଧିଲାଭ କଲେ । ସେ ଜନସାଧାରଣଙ୍କୁ ଶାନ୍ତି, ସମତା ଓ ଅନେକାନ୍ତର ମାର୍ଗଦର୍ଶନ ଦେଲେ। ତାଙ୍କ ଦର୍ଶନ କେବଳ ବ୍ୟକ୍ତି ପାଇଁ ନୁହେଁ ସମାଜ ପାଇଁ ମଧ୍ୟ ଉପଯୋଗୀ ଥିଲା । ତାଙ୍କ ଧର୍ମ କେବଳ ପରଲୋକ ପାଇଁ ନୁହଁ ଇହଲୋକ ପାଇଁ ଉଦ୍ଦିଷ୍ଟ । ତାଙ୍କର ଆଚାର ପଦ୍ଧତି ଦ୍ୱାରା ଆନ୍ତରିକ ସମସ୍ୟାଗୁଡ଼ିକର ସମାଧାନ ତ' ମିଳୁଥାଏ । କିନ୍ତୁ ତା' ସଂଗେ ସଂଗେ ସମାଜର ବ୍ୟବସ୍ଥା ଜନ୍ୟ ସମସ୍ୟାଗୁଡ଼ିକର ସମାଧାନ ବି ମିଳୁଥାଏ । ତାଙ୍କର ଅହିଂସା କାପୁରୁଷଙ୍କ ଅହିଂସା ନୁହେଁ, ଯୋଦ୍ଧାର ଅହିଂସା । ଅଭୟ ଓ ପରାକ୍ରମ ତା' ସହିତ ଜଡ଼ିତ । ମହାବୀରଙ୍କ ନିବୃତ୍ତି କେବଳ ଅକର୍ମଣ୍ୟତା ନୁହେଁ । କର୍ମ ପରିଷ୍କାରର ଅଜେୟଶକ୍ତି ଓ ମାନସିକ ଶକ୍ତିର ମହାନ ସାଧନ ହେଉଛି ତାଙ୍କ ନିବୃତ୍ତି ।

ଭଗବାନ ମହାବୀର ବ୍ୟକ୍ତି ନୁହନ୍ତି, ସେ ସତ୍ୟ । ତାଙ୍କ ସମଗ୍ର ଜୀବନ ସତ୍ୟର ମନନ, ଉପଲବ୍ଧି ଏବଂ ଅନୁଦାନର ଜୀବନ । ସାଧନାର ଇତିହାସରେ ମହାବୀର ସଦୃଶ ତପସ୍ୱୀ ବିରଳ । କାଳର ପ୍ରଲମ୍ବ ଦୂରତ୍ୱ ତାଙ୍କର ଉପଲବ୍ଧି ଗୁଡ଼ିକୁ ଆଚ୍ଛାଦିତ କରିଛି । ମହାବୀର ଅନେକାନ୍ତର ସେହି ମହାନ୍ ସିଦ୍ଧାନ୍ତର ବ୍ୟାଖ୍ୟା କରିଛନ୍ତି, ଯହିଁରେ ବିଶ୍ୱର ସମସ୍ତ ବିଚାରଧାରାର ସମନ୍ୱୟ ହୋଇ ପାରିବ । ଭାରତୀୟ ଜୀବନରେ ପୁରୁଷାର୍ଥର ପ୍ରେରଣା ଦେଉଥିବା ମହାପୁରୁଷମାନଙ୍କ ମଧ୍ୟରେ ଭଗବାନ ମହାବୀର ଶୀର୍ଷ ସ୍ଥାନରେ ଅବସ୍ଥିତ । ତାଙ୍କ ଜୀବନ ଦର୍ଶନରେ ଶାଶ୍ୱତ ଓ ସାମୟିକ ଉଭୟ ସତ୍ୟ ବ୍ୟକ୍ତ। ତାଙ୍କ ଜୀବନ ବୃତ୍ତ ଅହିଂସାର ବୃତ୍ତାନ୍ତ । ଆଜି ଆମେ ନିଜେ ନିଜକୁ ପ୍ରଶ୍ନ କରିବା ଉଚିତ୍ ଯେ ସତରେ ଆମେ କ'ଣ ମହାବୀରଙ୍କ ପ୍ରଦର୍ଶିତ ପଥର ପଥିକ ? ଯେଉଁ ପଥରେ ଆମର ସମ୍ୟକ୍ ଶ୍ରଦ୍ଧା ଓ ଦୃଢ଼ ଆସ୍ଥା ଅଛି । ସେଥିପାଇଁ ବିଶ୍ୱ ବିଖ୍ୟାତ୍ ଦାର୍ଶନିକ, ପ୍ରକାଣ୍ଡ ବିଦ୍ୱାନ ଡା. ରାଧାକ୍ରିଷ୍ଣନ୍ ଅନେକ ସ୍ଥାନରେ କହିଛନ୍ତି "ଭାରତୀୟ ସଂବିଧାନ, ମହାବୀର ଦର୍ଶନ ଦ୍ୱାରା ବିଶେଷ ଅନୁପ୍ରାଣିତ । ଅନାକ୍ରମଣ, ସହ ଅସ୍ତିତ୍ୱ ଏବଂ ସର୍ବଧର୍ମ ସମନ୍ୱୟର ସିଦ୍ଧାନ୍ତ ହେଉଛି ଏହି

ଦର୍ଶନର ମୌଳିକ ଅବଦାନ । ମହାବୀରଙ୍କ ନିର୍ଦ୍ଧାରିତ ମାର୍ଗରେ ପଦଚାରଣ କରିପାରିଲେ ହିଁ ମାନବୀୟତା ଅମରତ୍ୱକୁ ପ୍ରାପ୍ତ କରି ପାରିବ ।

ଆଜିର ଯଥାର୍ଥବାଦୀ ଯୁଗ ହେଉଛି ତାଙ୍କ ଦ୍ୱାରା ଅଭିବ୍ୟକ୍ତ ଯଥାର୍ଥତାର କ୍ରିୟାନ୍ୱୟନର ଉପଯୁକ୍ତ ସମୟ । ଆଜି ଏପରି ଏକ ମହାବୀର ଆମର ଲୋଡା ଯେ ବିଳାସୀ ବ୍ୟକ୍ତିର ବିଳାସିତାକୁ ଧ୍ୱଂସ କରିଦେବ । କ୍ରୁର ବ୍ୟକ୍ତିର କ୍ରୁରତାକୁ ନଷ୍ଟ କରି ପାରିବ ଏବଂ ଦାସମାନଙ୍କୁ ଦାସତ୍ୱର ଶୃଙ୍ଖଳାରୁ ମୁକ୍ତ କରିବ । ପ୍ରଶ୍ନ ଉଠେ ଯେ ଆଜି ବିଳାସୀ ଓ କ୍ରୁର ବ୍ୟକ୍ତି ତ ବହୁ ସଂଖ୍ୟାରେ ମିଳିବେ । ଯ' ଦ୍ୱାରା ହିଂସା, ଆତଙ୍କ, ଉଗ୍ରବାଦ, ଲୁଟତରାଜ, ବଳାତ୍କାର ଏବଂ ଅସହିଷ୍ଣୁତାର ପ୍ରତିକ୍ଷଣ ଜନ୍ମ ଘଟୁଛି । କିନ୍ତୁ ସ୍ୱଚ୍ଛନ୍ଦ ଚେତନା ଯୁକ୍ତ ବିଶ୍ୱରେ ଓ ସଚେତନ ମାନବିକ ଅଧିକାରର ଏହି ରଣଦୁନ୍ଦୁଭି ଭିତରେ ଆମେ ଦାସ କାହାକୁ କହିବା ? ଦାସତ୍ୱରୁ ମୁକ୍ତି ପୁଣି କ'ଣ ଓ କାହାର ପାଇଁ ? ତେବେ ନିଜ ଆତ୍ମାକୁ ପ୍ରଶ୍ନ କଲେ ଜଣାଯିବ ଯେ ଆମେ ଦାସ କି ନୋହୁଁ । କେହି ମନର ଦାସ, କେହି ଇନ୍ଦ୍ରିୟର ଦାସ, କେହି ପ୍ରବୃତ୍ତିର ଦାସ, କେହି ବାସନାର ଦାସ, କେହି କାଞ୍ଚନର ଦାସ, କେହି କାମିନୀର ଦାସ ତ' କେହି ସର୍ବଶକ୍ତିମାନ ସତ୍ତାର ଦାସ । ପ୍ରାଚୀନ ଯୁଗରେ ବ୍ୟକ୍ତି ନିଜକୁ ବିକ୍ରୟ କରି ଦାସରେ ପରିଣତ ହୋଇ ଥିଲା କିନ୍ତୁ ଆଜି ସବୁକିଛି ଥାଇ, କିଣିବାର କ୍ଷମତା ଥାଇ ବି ଆମେ ଦାସ ସାଜିଛେଁ । ଅଣୁବ୍ରତ ପ୍ରବର୍ତ୍ତକ ଆଚାର୍ଯ୍ୟ ଶ୍ରୀ ତୁଳସୀଙ୍କ ମତରେ ସ୍ୱତନ୍ତ୍ରତା, ସାପେକ୍ଷତା, ସହ ଅସ୍ତିତ୍ୱ, ସମନ୍ୱୟ ଓ ସମତ୍ୱାନୁଭୂତି ଆଦି ତତ୍ତ୍ୱ ଆଜି ଜ୍ଞାତ-ଅଜ୍ଞାତ ସାରରେ ଲୋକପ୍ରିୟ ହୋଇ ଯାଇଛନ୍ତି । ଏହି ଧାରାକୁ ଏକ ମହାପ୍ରବାହରେ ପରିଣତ କରି ମାନବଜୀବନର ଉର୍ବରାକୁ ଅହିଂସା ଓ ଅନେକାନ୍ତରେ ସିଞ୍ଚନ ଦେଇ ପାରିବା । ଏହି ଚିନ୍ତନ ଆମ ସମସ୍ତଙ୍କ ପାଇଁ ଓ ସମଗ୍ର ବିଶ୍ୱ ପାଇଁ କଲ୍ୟାଣକର ହେବ । ସୁପ୍ରସିଦ୍ଧ ବିଦ୍ୱାନ ଜର୍ଜ ବର୍ଣ୍ଣାଡ ଶ ଲେଖିଛନ୍ତି - 'ପୂର୍ବଜନ୍ମ ଓ ପୁନର୍ଜନ୍ମ ସମ୍ବନ୍ଧରେ ମୁଁ ନିଶ୍ଚିତ ଭାବରେ କିଛି କହି ପାରୁ ନାହିଁ । ତେବେ ମୋତେ ଯଦି ପୁନର୍ବାର ଜନ୍ମଧାରଣ କରିବାକୁ ହେବ ମୁଁ ଜୈନ କୁଳରେ ଜନ୍ମ ନେବାର ଅଭିଳାଷ ପୋଷଣ କରୁଛି'- ଏହାହିଁ ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ ।

ସର୍ବଜନପୂଜ୍ୟ ଭଗବାନ ଜଗନ୍ନାଥଙ୍କ ପବିତ୍ରମାଟିରେ, ସମ୍ରାଟ ଖାରବେଳଙ୍କ କର୍ମଭୂମି ଏହି ଐତିହାସିକ କଳିଙ୍ଗ ଜିନ କ୍ଷେତ୍ରରେ ଭଗବାନ ମହାବୀରଙ୍କ ଅହିଂସା, ଅପରିଗ୍ରହ ଓ ଅନେକାନ୍ତର ତ୍ରିବେଣୀ ପ୍ରତ୍ୟେକ ମାନବ ହୃଦୟରେ ପ୍ରବାହିତ ହେଉ । ମହାବୀରଙ୍କ ପବିତ୍ର ଜନ୍ମ ଦିବସରେ ଏକ ସୁସ୍ଥ ସମାଜ ସଂରଚନାରେ ବ୍ରତୀ ହୋଇ, ଅନାବିଳ ମୈତ୍ରୀର ଆଧାରରେ ପରସ୍ପର ମଧ୍ୟରେ ନିବିଡ଼ ସମ୍ବନ୍ଧ ସ୍ଥାନ କରି ପାରିଲେ, ସେ ମହାମନାଙ୍କ ଧରାପୃଷ୍ଠରେ ଅବତରଣର ସାର୍ଥକତା ପ୍ରତିପାଦିତ କରାଯାଇ ପାରିବ । ହୋଇଥିଲା, ତାହା ପ୍ରାୟ ଉତୁରି ଗଲାଣି । ଏବେ କଥା ହେଲା ଜମିରେ ପାଦ ଥାପି ବିରାଟ ସ୍ୱପ୍ନ ଦେଖିବାର ଅଭ୍ୟାସ କରାଯାଉ ।

ବିଜ୍ଞାନ ମତରେ ଜୀବନରେ ସନ୍ତୋଷ ଆସିଗଲା ମାନେ ପ୍ରଗତିର ମାର୍ଗ ଅବରୁଦ୍ଧ ହେଲା । ସନ୍ତୋଷ ଆମର କର୍ମଜାଶକ୍ତିକୁ ସ୍ଥାଣୁ କରିଦିଏ, ଉତ୍ସାହ ଓ ଉଦ୍ଦୀପନାକୁ ମନ୍ଦ କରିଦିଏ । କାର୍ଯ୍ୟ ପ୍ରତି ନିଷ୍ଠା ହଜିଯାଏ । ସନ୍ତୋଷ ବା ପର୍ଯ୍ୟାପ୍ତିବୋଧ ଅର୍ଥାତ୍ ମୋ ପାଖରେ ସବୁ କିଛି ଅଛିର ଭାବନା ସେଚ୍ୟୁରେସନ ନିର୍ମାଣ କରେ, ଯାହା ଦ୍ୱାରା ଆର୍ଥିକ ଅଗ୍ରଗତି ବାଧିତ ହୁଏ । ଏହା କେତେକାଂଶରେ ସତ ହୋଇପାରେ । କିନ୍ତୁ ଅଧ୍ୟାତ୍ମ କହୁଛି ଜୀବନରେ ଯଦି ସନ୍ତୋଷ ଆସି ପାରି ନାହିଁ, ତେବେ ସେଭଳି ଜୀବନର କୌଣସି ମୂଲ୍ୟ ନାହିଁ । ସନ୍ତୋଷ ବିନା ସୁଖ କାହିଁ ? ଜଣେ କୋଟିପତି ଯେ ପରମ ଶାନ୍ତି ପାଉଛି ତା'ର ଗ୍ୟାରେଣ୍ଟି କେହି ଦେବାକୁ ପ୍ରସ୍ତୁତ ନୁହନ୍ତି । ଜୀବନର ସର୍ବନିମ୍ନ ଏବଂ ସର୍ବ ସୁବିଧାଯୁକ୍ତ ଆବଶ୍ୟକତା ଯଥା ଅନ୍ନ, ବସ୍ତ୍ର ବାସଗୃହ ସହ ଶିକ୍ଷା, ଚିକିତ୍ସା ର ସମୁଚିତ ବ୍ୟବସ୍ଥା ହୋଇ ପାରିଲେ ଯଦି ମଣିଷ ସନ୍ତୁଷ୍ଟ ହେଲା କ୍ଷତି କ'ଣ ? "ଇଚ୍ଛୟା ଆକାଶ ସମ ଅନନ୍ତା ।" ଇଚ୍ଛା ଆକାଶ ପରି ଅନନ୍ତ । ଉପଭୋଗ ଦ୍ୱାରା କାମନାକୁ ତୃପ୍ତ କରାଯାଇ ପାରେନି । ଧନର ପରିମାଣ ସହିତ ସାମାଜିକ ପ୍ରତିଷ୍ଠାର ତୃଷ୍ଣା ମିଶି ଏପରି ଏକ କ୍ୟାମେଷ୍ଟ୍ରି ସୃଷ୍ଟି କରିଛନ୍ତି ଯାହା ସମଗ୍ର ମନୁଷ୍ୟ ଜାତିକୁ ବିକଳ କରି ଦେଇଛି । ତେବେ କଥା ହେଲା ଆଧ୍ୟାତ୍ମିକ ଦୃଷ୍ଟିକୁ ପ୍ରାଥମିକତା ଦେଇ ନୂତନ ଅର୍ଥଶାସ୍ତ୍ର ରଚିତ ହେଲେ ମାନବ ସମାଜର କଲ୍ୟାଣ ହେବ । ଆମକୁ ଶାନ୍ତି ଓ ପ୍ରଗତି ଉଭୟ ଦରକାର । ସାଂପ୍ରତିକ ପରିସ୍ଥିତିରେ ଦୀନହୀନ ଶାନ୍ତି କେହି ଚାହିଁବେ ନାହିଁ କି ଶାନ୍ତିଶୂନ୍ୟ ସମୃଦ୍ଧି ବି ଆମର କାମ୍ୟ ନୁହେଁ ।

କାମନାର ବିନାଶ ନୁହେଁ କାମନାର ସୀମାକରଣ ଦ୍ୱାରା ସନ୍ତୋଷ ଓ ପ୍ରଗତି ମଧ୍ୟରେ ସମନ୍ୱୟ ସ୍ଥାପନ କରାଯାଇ ପାରିବ । କାମନାର ବିନାଶ ସନ୍ନ୍ୟାସୀଙ୍କ ପାଇଁ । ମଣିଷ ପାଇଁ ସୀମାକରଣ । ବିକାଶ ଆବଶ୍ୟକ କିନ୍ତୁ ତଥାକଥିତ ବିକାଶ ବଢ଼ି ବଢ଼ି ଯଦି ପରମାଣୁ ବୋମା ପର୍ଯ୍ୟନ୍ତ ପହଞ୍ଚିଛି, ତେବେ ଟିକିଏ ଥାକି ଭାବିବାର କଥା । ସମ୍ୟକ୍‌ଦୃଷ୍ଟି ଓ ସକାରାତ୍ମକ ଚିନ୍ତନ ଆମକୁ ବିଷାଦଗ୍ରସ୍ତ ହେବାକୁ ଦେବ ନାହିଁ । ଦୃଷ୍ଟିକୋଣ ଯଥାର୍ଥ ହେବା ବିଧେୟ । ଏଥି ସହିତ ପଜେଟିଭ ଥିଙ୍କିଙ୍ଗ୍ ରହିଥିଲେ ଆମେ କହି ପାରିବା ଯେ ୧୦ ମାସ ତଳେ ୧୦୦ ଟଙ୍କାରେ ଗୋଟିଏ ସେୟାର ମିଳୁଥିଲା ଆଜି ସେତିକ ମୂଲ୍ୟରେ ମୁଁ ତିନୋଟି ସେୟାର କିଣି ପାରୁଛି ।

ହେନରି ଫୋର୍ଡଙ୍କ ଝିଅ ନିଜ ପାଇଁ ଡ୍ରେସ୍ କିଣିବାକୁ ବଜାରକୁ ଗଲେ । ଦୋକାନୀ ତାଙ୍କୁ ସାମାନ୍ୟ ବେଶି ଦାମର ପୋଷାକ ଦେଖାଇଲେ । ତରୁଣୀ ଜଣକ କହିଲେ - "କ୍ଷମା କରିବେ, ଏହା ମୋ ବଜେଟରେ ନାହିଁ । ଟିକିଏ କମ୍ ଦାମ୍‌ର ଦେଖାନ୍ତୁ ।" ବିଶ୍ୱର ଜଣେ ନାମଜାଦା ଉଦ୍ୟୋଗପତିଙ୍କ ପରିବାରର ସଦସ୍ୟମାନଙ୍କଠାରୁ ବି ଆମକୁ ଅନେକ କିଛି ଶିଖିବାର ଅଛି । ପୂର୍ବକର୍ମ ଓ ଆଚରଣରୁ ଶିକ୍ଷା ଲାଭ କରି ପୃଥକ ମାର୍ଗରେ ପାଦ ବଢ଼ୁ । ଅନ୍ୟର ଅନିଷ୍ଟ ନ କରି ନିଜେ ଯେତେ ଅର୍ଜନ କଲେ ଚଳିବ । କିନ୍ତୁ ଉପାର୍ଜିତ ଅର୍ଥର ଆବଶ୍ୟକୀୟ ପରିମାଣ ହିଁ ନିଜ ଉପରେ ବ୍ୟୟ କରିବାର ସଂକଳ୍ପ ନିଆଯାଉ। ବିକାଶର ସମସ୍ତ ଅବସରଗୁଡ଼ିକର ଅନ୍ୱେଷଣ ସହିତ ଶାନ୍ତି ଓ ସନ୍ତୋଷ ଦିଗ ପ୍ରତି ସମୁଚିତ ଧ୍ୟାନ ଦିଆ ହେଲେ ବ୍ୟକ୍ତି ଓ ସମାଜ ଉଭୟେ ଉପକୃତ ହେବେ ।

ତୁଷରା
ଦୂରଭାଷା -୯୪୩୭୦୩୯୦୯୬



*ମାର୍ଚ୍ଚ ୨୩ ବଳିଦାନ ଦିବସ ଉପଲକ୍ଷେ*

# ଶହୀଦ ଭଗତ, ରାଜଗୁରୁ ଓ ସୁଖଦେବ

**ପଦ୍ମନାଭ ସ୍ୱାଇଁ**



ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ ପୃଷ୍ଠାରେ ମାର୍ଚ୍ଚ ୨୩ ତାରିଖର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି, କାରଣ ୧୯୩୧ ମାର୍ଚ୍ଚ ୨୩ ତାରିଖ ସଂନ୍ଧ୍ୟା ୭ଘା.୩୩ ମିନଟ୍ ସମୟରେ କ୍ରୁର ସାମ୍ରାଜ୍ୟବାଦୀ ବ୍ରିଟିଶ ଶାସକ ମୁକ୍ତି ସଂଗ୍ରାମର ମହାନ୍ ଯୋଦ୍ଧା ଭଗତ, ରାଜଗୁରୁ ଓ ସୁଖଦେବଙ୍କୁ ଫାଶୀ ଦେଇଥିଲେ। ଯେଉଁମାନେ ଦେଶର ସ୍ୱାଧୀନତା ପାଇଁ ନିଜର ସମ୍ପୂର୍ଣ୍ଣ ଜୀବନ ଉତ୍ସର୍ଗ କରିବା ସଙ୍ଗେସଙ୍ଗେ ଏକ ଶୋଷଣମୁକ୍ତ ଭାରତର ନବନିର୍ମାଣ ନିମନ୍ତେ ଆହ୍ୱାନ ଦେଇ ହସିହସି ଫାଶୀଖୁଣ୍ଟରେ ଝୁଲିଯାଇଥିଲେ। ସର୍ଦ୍ଦାର ଭଗତ ସିଂହ ତଥା ତାଙ୍କର ସହଯୋଗୀମାନେ ସମସ୍ତ ପ୍ରକାର ସାମାଜିକ ଶୋଷଣ ତଥା ନିର୍ଯ୍ୟାତନା ବିରୋଧରେ ଆଜୀବନ ସଂଘର୍ଷ କରିଥିଲେ ସେମାନଙ୍କ ବୀରତାପୂର୍ଣ୍ଣ କାର୍ଯ୍ୟକଳାପ ଦେଖି ବ୍ରିଟିଶ ଶାସକଙ୍କର ଆଖିରୁ ନିଦ ହଜିଯାଇଥିଲା।

ଶୋଷଣ ବିହୀନ ଆଦର୍ଶ ଲୋକତନ୍ତ୍ର ସ୍ଥାପନର ଲକ୍ଷ୍ୟ ନେଇ ଶୋଷଣକାରୀ ଦୁର୍ଦ୍ଦାନ୍ତ ବ୍ରିଟିଶ ସାମ୍ରାଜ୍ୟବାଦୀ ଶକ୍ତିକୁ ଆହ୍ୱାନ୍ ଦେଇ ଆଜୀବନ ସଂଘର୍ଷ କରି ମାତୃଭୂମିର ମୁକ୍ତି ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଥିବା ଏହି ମହାନ୍ ବୀରମାନଙ୍କର ବଳିଦାନ ଦିବସ ପାଳନ କରିବାରେ ଆଜି ଆମେ ସମସ୍ତେ ଗର୍ବ ଅନୁଭବ କରିବା ସଙ୍ଗେସଙ୍ଗେ ସେମାନଙ୍କ ଆଦର୍ଶରୁ ପ୍ରେରଣା ପ୍ରାପ୍ତ କରି ଆମର ମହାନ୍ ଗଣତନ୍ତ୍ରର ସୁରକ୍ଷା ପାଇଁ ଉଦ୍ୟମ କରିବା ଉଚିତ। ୧୯୨୦ ମସିହାରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଭଗତ ସିଂହ ସକ୍ରିୟ ଅଂଶ ଗ୍ରହଣ କରିବା ପରେ ବ୍ରିଟିଶ୍ ଶାସକବର୍ଗ ତାଙ୍କୁ ସେମାନଙ୍କ ରାସ୍ତାର କଣ୍ଟା ବୋଲି ବୁଝିଥିଲେ। ୧୯୨୬ରେ ଭଗତ ସିଂହ **ନୌଯବାନ୍ ଭାରତସଭା** ଗଠନ କରିଥିଲେ। ୧୯୨୮ ଅକ୍ଟୋବର ୩୦ରେ ସାଇମନ୍ କମିଶନକୁ ବିରୋଧ ପ୍ରଦର୍ଶନ କରିବାରେ ମହାନ୍ ରାଷ୍ଟ୍ରଭକ୍ତ ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ଏହି ନୌଯବାନ୍ ଭାରତସଭା ସମସ୍ତଙ୍କ ସମ୍ମୁଖରେ ରହିଥିଲା। ବିଶାଳ ଜନସମୁହଙ୍କର ବିରୋଧ ପ୍ରକଟରେ ଉତ୍ତେଜିତ ଇଂରେଜ ସିପାହୀମାନେ ଲାଲାଜୀଙ୍କ ଉପରେ ନିର୍ମମ ଲାଠି ପ୍ରହାର କରିଥିଲେ। ପରିଣାମ ସ୍ୱରୂପ ଲାଲାଜୀ ଚିରଦିନ ପାଇଁ ଭାରତମାତାର ବକ୍ଷରେ ଟଳି ପଡ଼ିଥିଲେ। ଲାଲଜୀଙ୍କର ଏହି ବଳିଦାନର ପ୍ରତିଶୋଧ ନେବାକୁ ଯାଇ ସହିଦ୍ ଭଗତ ସିଂହ ଏବଂ ତାଙ୍କର ସାଥୀଗଣ ଇଂରେଜ ଅଧିକାରୀ ସାଣ୍ଡର୍ସଙ୍କୁ ହତ୍ୟା କରିଥିଲେ।

୧୯୨୯ ମସିହା ଅପ୍ରେଲ ୮ ତାରିଖର ଘଟଣା ମାତ୍ର ୨୩ ବର୍ଷ ବୟସର ଯୁବକ ଭଗତ ସିଂହ ଇଂରେଜ ଶାସକଙ୍କର ବଧିର କର୍ଣ୍ଣରେ ନିଜର ବଜ୍ର ଆହ୍ୱାନକୁ ପହୁଞ୍ଚାଇବା ପାଇଁ ନିଜ ସାଥୀମାନଙ୍କ ସହ ଦିଲ୍ଲୀ ଆସେମ୍ବ୍ଲି ହଲ୍‌ରେ ବୋମା ଫିଙ୍ଗିବା ପାଇଁ ଯୋଜନା କରିଥିଲେ। ବଟୁକେଶ୍ୱର ଦତ୍ତଙ୍କ ସହିତ ଆସେମ୍ବ୍ଲି ହଲ୍‌ରେ ଦର୍ଶକ ଗାଲେରିରେ ଉପସ୍ଥିତ ହୋଇ ହଲ୍ ଭିତରେ ବୋମାମାଡ଼ କରି ଆତଙ୍କ ସୃଷ୍ଟି କରିଥିଲେ ଏବଂ ଭୀରୁଙ୍କ ଭଳି ଦୌଡ଼ିବା ବଦଳରେ ବୀରତା ପୂର୍ବକ ପୋଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲେ। ଆସେମ୍ବ୍ଲି ହଲ୍‌ରେ ବୋମାମାଡ଼ ଘଟଣାରେ ଭଗତ ସିଂହ ତଥା ତାଙ୍କର ଅନ୍ୟ ସହଯୋଗୀଙ୍କ ବିରୋଧରେ ମକଦ୍ଦମା ଚାଲିଲା, ଯେଉଁଥିରେ ରାଜଗୁରୁ ତଥା ସୁଖଦେବ ବି ସାମିଲ ଥିଲେ। ମକଦ୍ଦମା ବେଳେ ନିଜର ପକ୍ଷ ରଖିବାକୁ

ଯାଇ ଏହି ମହାନ୍ ଦେଶଭକ୍ତମାନେ କହିଥିଲେ ବୋମାମାଡ଼ କରିବାର ଉଦ୍ଦେଶ୍ୟ କାହାକୁ ଶାରୀରିକ କ୍ଷତି ପହୁଞ୍ଚାଇବା ନୁହେଁ ବରଂ ଇଂରେଜ ଶାସକଙ୍କୁ ଏହି ଚେତାବନୀ ଦେବାର ଥିଲା ଯେ ସେମାନେ ଭାରତ ଛାଡ଼ି ଚାଲିଯାଆନ୍ତୁ। ଶେଷରେ ବ୍ରିଟିଶ ବିଚାରାଳୟର ନାଟକ ଶେଷ ହେବା ସହିତ ୭ ଅକ୍ଟୋବର ୧୯୩୦ରେ ଏହି ତିନି ଜଣଙ୍କୁ ଫାଶିଦଣ୍ଡରେ ଦଣ୍ଡିତ କରାଯାଇଥିଲା। କିନ୍ତୁ ଇଂରେଜ ସରକାରଙ୍କ ବ୍ୟବହାରରେ କ୍ଷୁବ୍ଧ ଥିବା ଏହି କ୍ରାନ୍ତିକାରୀମାନେ ସେତେବେଳେ ଅଦାଲତକୁ ଅସ୍ୱୀକାର କରୁଥିଲେ, ତେଣୁ ଜେଲରେ ଥିବା ଏହି କ୍ରାନ୍ତିକାରୀମାନଙ୍କୁ ଜଣେ ସନ୍ଦେଶ ବାହକ ଦ୍ୱାରା ଏହି କ୍ରୁର ଦଣ୍ଡ ସମ୍ବନ୍ଧରେ ସୂଚୀତ କରାଯାଇଥିଲା। ଏହି ଫାଶୀଦଣ୍ଡ ବିଷୟକୁ ଅତ୍ୟନ୍ତ ଗୁପ୍ତ ରଖାଯାଇଥିଲା କିନ୍ତୁ ଜନତା ଏହାର ସଂକେତ ପାଇଯାଇଥିଲେ ଏବଂ ସରକାର ବିରୋଧରେ ଆନ୍ଦୋଳନ ଆରମ୍ଭ କରିଦେଇଥିଲେ। ସେତେବେଳେ ଗଣମାଧ୍ୟମ ବି ଏହି ଏକତରଫା ନିର୍ଣ୍ଣୟକୁ ବିରୋଧ କରିଥିଲା। ଆଶ୍ଚର୍ଯ୍ୟର କଥା ଲାଲାଜୀଙ୍କର ମୃତ୍ୟୁର ପ୍ରତିଶୋଧ ନେବାକୁ ଯାଇ ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହୋଇଥିବା ଭାରତମାତାର ଏହି ତିନି ବୀର ସନ୍ତାନଙ୍କୁ ଫାଶୀଦଣ୍ଡରୁ ମୁକ୍ତ କରାଇବା ପାଇଁ ସମଗ୍ର ଦେଶରେ ତତ୍କାଳୀନ କଂଗ୍ରେସ ନେତାଙ୍କ ଉପରେ ଚାପ ସୃଷ୍ଟି ହୋଇଥିଲେ ମଧ୍ୟ ତଥାକଥିତ ଅହିଂସାବାଦୀ କଂଗ୍ରେସ ନେତୃବୃନ୍ଦ ଏହି ବୀରମାନଙ୍କର ଜୀବନ ରକ୍ଷା ପାଇଁ ସାମାନ୍ୟ ଉଦ୍ୟମ କରିବା ଉଚିତ ମଣି ନଥିଲେ।

ଶେଷରେ ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନଟି ଆସିଗଲା ଯେଉଁଦିନ ଏହି ତିନି କ୍ରାନ୍ତିକାରୀଙ୍କୁ ଫାଶୀଖୁଣ୍ଟରେ ଝୁଲିବାରଥିଲା। ତିନିହେଁ **ଇନ୍‌କିଲାବ ଜିନ୍ଦାବାଦ** ଉଦ୍‌ଘୋଷ ଦେବା ସହିତ ଫାଶୀଖୁଣ୍ଟରେ ଝୁଲୁଥିବା ରସିକୁ ନିଜ ଗଳାରେ ଲଗାଇ ଝୁଲି ଯାଇଥିଲେ। ସତେ ଯେପରି ଯୁଦ୍ଧକ୍ଷତ୍ରକୁ ଯିବା ପାଇଁ ଫୁଲମାଳ ଗଳାରେ ପିନ୍ଧିଥିଲେ, ଆଉ ଭାରତମାତାର ସ୍ୱାଧୀନତା ପାଇଁ ହସିହସି ମୃତ୍ୟୁକୁ ବରଣ କରିଥିଲେ। କୁହାଯାଏ ଯେ ସାଧାରଣ ଜନତାଙ୍କ ଅସନ୍ତୋଷ ବା ଆକ୍ରୋଶର ଭୟରେ ଏହି ତିନି କ୍ରାନ୍ତିକାରୀ ବୀରଙ୍କୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଫାଶୀ ଦିଆଯାଇଥିଲା ଏବଂ ଏହି ମହାନ୍ ଯୋଦ୍ଧାମାନଙ୍କ ଶବକୁ ସେମାନଙ୍କ ପରିଜନଙ୍କୁ ହସ୍ତାନ୍ତର ନ କରି ଫିରୋଜପୁର ନିକଟସ୍ଥ ହୁସେନ୍‌ବାଲାରେ କିରୋସିନି ଢାଳି ଜଳାଇଦେଇଥିଲେ। ସେହି ସ୍ଥାନରେ ବର୍ତ୍ତମାନ ଏହି ବୀରମାନଙ୍କର ସ୍ମୃତିରେ ଗୋଟିଏ ସ୍ମାରକ ନିର୍ମାଣ କରାଯାଇଛି, ଯେଉଁଠି ପ୍ରତିବର୍ଷ ଏହି ବୀରମାନଙ୍କ ସ୍ମୃତିରେ ମେଳା(ଉତ୍ସବ) ଆୟୋଜନ କରାଯାଉଛି। ଭାରତମାତାର ଏହି ତିନି ମହାନ୍ ଶହୀଦ ସନ୍ତାନମାନଙ୍କ ପ୍ରତି ଆଜିର ଏହି ବଳିଦାନ ଦିବସରେ ସମଗ୍ର ଦେଶବାସୀଙ୍କ ତରଫରୁ କୋଟି କୋଟି ପ୍ରଣାମ।

**ସମ୍ପାଦକ - ଶ୍ରୁତିନ୍ୟାସ**
**ଏଫ୍ - ୨୨, ସେକ୍ଟର - ୧୮, ରାଉରକେଲା**
**ମୋ - ୯୮୬୧୩୩୫୩୨୧**

# ଅନ୍ୟ ଏକ ପୃଥିବୀ



**ଡ଼.ପ୍ରଫୁଲ୍ଲ କୁମାର ସାମନ୍ତରାୟ**

ବିଶାଳତା ଆପଣେଇ ଶିଥିଳ ପ୍ରୟାସରେ
କାଳାତୀତ ଆଗ୍ନେୟର ଉଷ୍ମତା ଆକର୍ଷଣରେ।
ଯନ୍ତ୍ରଣା, ମନ୍ତ୍ରଣା, ତାଡ଼ନାର ଅଜସ୍ର ଅଶାନ୍ତିରେ
ମେଣ୍ଟେନି କ୍ଲାନ୍ତି ଜ୍ୱାଳାମୁଖୀ ଚିତ୍ରପଟ୍ଟ ଆଙ୍କିବାରେ।
ଖୋଜେ ଅନ୍ୟ ଏକ ପୃଥିବୀ ମହାକାଶ ସନ୍ଧାନରେ
ଆଶାର ସୁଦୀର୍ଘ ପ୍ରାଚୀର ଦୂରତା ଅତିକ୍ରମରେ।
ସମର୍ପିତ ଚେତନାର ଉର୍ଦ୍ଧ୍ୱଗାମୀ ଭାବନାରେ
ପୂର୍ଣ୍ଣତା ପ୍ରାପ୍ତି ବିଶ୍ୱ ନିୟନ୍ତାଙ୍କ ଆଶିଷ ଧାରାରେ।
ଆଶିଷ ପ୍ରାପ୍ତିର ଏକ ଶୁଭ ଲଗ୍ନ ଅପେକ୍ଷାରେ
ଅନ୍ୟ ଏକ ପୃଥିବୀ ଛାଇର ଝାପ୍ସା ଆଲୁଅରେ।
କ୍ଷୀଣ ପୁଲକତାର ଉଦୟ ଅସ୍ତରାଗରେ
ସୁଦୃଢ ପାହାଡ଼ ତୋଳି ହୁଏ ହୃଦୟ ମନ୍ଦିରେ।

**ନୂଆ ବସଷ୍ଟାଣ୍ଡ, ଖୋରଧା**
**ମୋ: ୯୪୩୭୧୩୩୪୬୪**

# କଅଁଳ ଫୁଲ

**ଶ୍ରୀ ଜଗନ୍ନାଥ ନାୟକ**

କଅଁଳ ଫୁଲ ମୁଁ     କଢ଼ିଟିଏ ପରା
ମନ ଅଛି ଫୁଟିବାରେ,
ମଧୁ ଖାଇବାକୁ     ନାହିଁ ମୋ ପାଖରେ
ଏବେ ରୁହ ଦୂରେ ଦୂରେ ।     ॥୧॥

ନୁହେଁ ମୁଁ ଭ୍ରମର     ଅବା ମଧୁଚ୍ଛେର
ହେବି ତୁମ ସହଚର,
ସାହିତ୍ୟ ସାଧନା     କରିବା ନିମନ୍ତେ
ବିନିମୟେ ଭାବନାର ।     ॥୨॥

ତେବେ ମୁଁ ତୁମକୁ     କରୁଛି ସ୍ୱାଗତ
ମିଳାଅ ତାହାଲେ ମୋ ସାଙ୍ଗରେ ହାତ
ଆଜି ହସି ହସି     ଭାବନାରେ ଭାସି
ଯାଉ ହେ ଆମର ଚିତ୍ତ ।     ॥୩॥

**ରାଜାବଜାର, ଜଟଣୀ**
**ମୋ- ୯୪୩୭୪୬୭୮୫୯**

# ଗଜପତି ପୁରୁଷୋତ୍ତମ ଦେବ

(୧୬୦୦-୧୬୨୧)

ଡ. ପ୍ରସନ୍ନ କୁମାର ଜେନା

ଖୋର୍ଦ୍ଧ ରାଜ୍ୟର ପ୍ରତିଷ୍ଠାତା ପ୍ରଥମ ରାମଚନ୍ଦ୍ର ଦେବଙ୍କ ପରେ ପୁରୁଷୋତ୍ତମ ଦେବ ଖୋର୍ଦ୍ଧାର ରାଜା ହେଲେ (୧୬୦୦)। ପିତାଙ୍କ ପରି ସେ ଅଭିଜ୍ଞ, ଯୋଗ୍ୟ ଓ ଦକ୍ଷ ଥିଲେ। ଆଫଗାନ - ମୋଗଲ ସଂଘର୍ଷ ବେଳେ ଆଫଗାନ ବିଦ୍ରୋହୀମାନଙ୍କ ସହିତ ସାରଙ୍ଗଗଡ଼ରେ ସେ ଅବସ୍ଥାନ କରିଥିଲେ। ମାନସିଂହ ଓ ରାମଚନ୍ଦ୍ର ଦେବଙ୍କ ମଧ୍ୟରେ ଚୁକ୍ତି ସଂପାଦନ ଓ ମିତ୍ରତା ସ୍ଥାପନ ପରେ ସେ ମୋଗଲ ଦରବାରକୁ ଯାଇଥିଲେ। ତତ୍କାଳୀନ ଭାରତରେ ରାଜନୈତିକ ଅବସ୍ଥା, ଆକବରଙ୍କ ଶକ୍ତି ଓ ଦକ୍ଷତା ବିଷୟରେ ତାଙ୍କର ବାସ୍ତବ ଅଭିଜ୍ଞତା ଥିଲା। ସେ ମୋଗଲ ଅଧିକାରୀମାନଙ୍କ ସହିତ ସୁସଂପର୍କ ରଖିଥିଲେ। ଆକବରଙ୍କ ପରେ (୧୬୦୫) ଜାହାଙ୍ଗିର ସିଂହାସନ ଆରୋହଣ କଲେ। ସେତେବେଳକୁ ବଙ୍ଗ ଓ ବିହାରରେ ମୋଗଲ ଶାସନ ସୁଦୃଢ ହୋଇସାରିଥିଲା। ଆକବରଙ୍କ ସମୟରେ ବଙ୍ଗ ସୁବା ଅଧୀନରେ ଓଡିଶାକୁ ୫ଟି ସରକାରରେ (ଜଳେଶ୍ୱର, ଭଦ୍ରକ, କଟକ, କଳିଙ୍ଗଦଣ୍ଡପାଟ, ରାଜମହେନ୍ଦ୍ରୀ) ବିଭକ୍ତ କରାଯାଇଥିଲା। କିନ୍ତୁ କଳିଙ୍ଗଦଣ୍ଡପାଟ, ରାଜମହେନ୍ଦ୍ରୀ ଉପରେ ମୋଗଲ ନିୟନ୍ତ୍ରଣ ସୁଦୃଢ ଓ ନିରବଚ୍ଛିନ୍ନ ନଥିଲା। ଗୋଲକୁଣ୍ଡା ଶାସକ ଦକ୍ଷିଣ ଓଡିଶା ଅଞ୍ଚଳ ଦଖଲ କରିଥିଲେ। ଜାହାଙ୍ଗିର ଓଡିଶାକୁ ଏକ ସ୍ୱତନ୍ତ୍ର ସୁବା କରି କଟକଠାରେ ଜଣେ ସୁବାଦାରଙ୍କୁ ଅବସ୍ଥାପିତ କଲେ। ଜାହାଙ୍ଗିର ଆକବରଙ୍କ ପରି ଧର୍ମକ୍ଷେତ୍ରରେ ଉଦାର ଓ ସହନଶୀଳ ନଥିଲେ।ପରିବର୍ତ୍ତିତ ମୋଗଲ ନୀତି ଦ୍ୱାରା ଖୋର୍ଦ୍ଧାରାଜ୍ୟ ଓ ଶ୍ରୀ ଜଗନ୍ନାଥ ମନ୍ଦିର ବହୁ ବିପଦର ସମ୍ମୁଖୀନ ହୋଇଥିଲେ। ଜାହାଙ୍ଗିରଙ୍କ ରାଜତ୍ୱ କାଳରେ (୧୬୦୫- ୧୬୨୭) ଉତ୍ତେଜନାର କୌଣସି କାରଣ ନଥାଇ ପୁରୁଷୋତ୍ତମ ଦେବ ବହୁବାର (୪ଥର) ମୋଗଲ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଜଗନ୍ନାଥଙ୍କ ସୁରକ୍ଷା ପାଇଁ ବିଗ୍ରହମାନଙ୍କୁ ବାରମ୍ବାର ଗୁପ୍ତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ପଡିଥିଲା। ରାଜା ରାଜଧାନୀରୁ ବିତାଡିତ ହୋଇଥିଲେ। ଖୋର୍ଦ୍ଧା ରାଜ୍ୟ ମୋଗଲ ଅଧୀନରେ ଥିଲା। କିନ୍ତୁ ଖୋର୍ଦ୍ଧାର ରାଜା, ଓଡିଶାର ଧାର୍ମିକ ଓ ସାମାଜିକ ମୁଖ୍ୟଭାବେ ସ୍ୱତନ୍ତ୍ର ସମ୍ମାନ ଓ ପ୍ରଭାବର ଅଧିକାରୀ ଥିଲେ। ତାଙ୍କର ପ୍ରତିଷ୍ଠା ଧ୍ୱଂସ କରିବା ଓ ଶ୍ରୀମନ୍ଦିରରେ ଗଚ୍ଛିତ ଧନ ରତ୍ନ ଲୁଣ୍ଠନ କରିବା ଉଦ୍ଦେଶ୍ୟରେ ହିଁ ମୋଗଲ ସୁବାଦାରମାନେ ବାରମ୍ବାର ପୁରୀ ଓ ଖୋର୍ଦ୍ଧା ଆକ୍ରମଣ କରିଥିଲେ।

ଜାହାଙ୍ଗିରଙ୍କ ରାଜତ୍ୱ ଆରମ୍ଭ ସମୟରୁ ହିଁ ପୁରୀ ଉପରେ ଆକ୍ରମଣ ଆରମ୍ଭ ହୋଇଥିଲା। ମାଦଳା ପାଞ୍ଜି ଅନୁସାରେ 'ଏ ମହାରାଜାଙ୍କ ୮ଅଙ୍କେ ଖୁରମ ଆଇଲା। ପରମେଶ୍ୱରଙ୍କୁ ଚକା ଛଡାଇ ଚଉଦୋଳ ବିଜେ କରାଇ କପିଳେଶ୍ୱରପୁର ଶାସନ ପଞ୍ଚମୁଖୀ ଗୋସାମଣିଙ୍କ (୫ଦ୍ୱାର ଥିବା ଠାକୁରାଣୀଙ୍କ ମନ୍ଦିର) ଯାଏ ନେଲେ। ସେଠାରେ ଦୋଳଯାତ୍ରା ହୋଇ ବାହୁଡା ବିଜେ କଲେ।' ଖୁରମ (ଜାହାଙ୍ଗିରଙ୍କ ପୁର୍ବନାମ) ପୁରୀ ଆସିବା କଥାର ବର୍ଣ୍ଣନା ଅନ୍ୟ କେଉଁଠାରେ ଏପର୍ଯ୍ୟନ୍ତ ଦେଖିବାକୁ ମିଳିନାହିଁ। କେଦାରନାଥ ମହାପାତ୍ରଙ୍କ ମତରେ ସେ ବଙ୍ଗ ସୁବାଦାର ଇସଲାମ ଖାଁଙ୍କର ସେନାପତି ମିର୍ଜା ଖୁରମ ହୋଇପାରନ୍ତି।

ଓଡିଶାର ପ୍ରଥମ ସୁବାଦାର ହାସିମ ଖାଁ ଦାୟିତ୍ୱ ନେବା ଦିନଠାରୁ ଖୋର୍ଦ୍ଧା ଆକ୍ରମଣ ପାଇଁ ଯୋଜନା କରିଥିଲେ। ତାଙ୍କର ଜଣେ ଅଧସ୍ତନ ମରହଟ୍ଟା ଜାଗିରଦାର କେଶୋଦାସ (କେଶୋଦାସ ମାରୁ) ରଥଯାତ୍ରା ସମୟରେ ଦର୍ଶନାର୍ଥୀ ଭାବେ ମନ୍ଦିରରେ ପ୍ରବେଶ କରି ମନ୍ଦିରକୁ ନିଜ କବଜାକୁ ନେଇଗଲେ। ୩ ରଥ ପୋଡିଦେଲେ ଓ ମନ୍ଦିର ଲୁଣ୍ଠନ କଲେ (୧୬୦୯-୧୦)। ଗଜପତି ପୁରୁଷୋତ୍ତମ ଖୋର୍ଦ୍ଧାରୁ ଯାଇ ତାଙ୍କୁ ପ୍ରତିରୋଧ କଲେ। କେଶୋଦାସ ମନ୍ଦିର ପରିସର ମଧ୍ୟରେ ରହି ଯୁଦ୍ଧ କଲେ। ତୁମୁଳ ସଘଂର୍ଷ ହେଲା। ବହୁ କ୍ଷୟକ୍ଷତି ହେଲା। ବଙ୍ଗ ଓ କଟକରୁ ଅଧିକ ସୈନ୍ୟ ଆସିବା ଖବର ପାଇ ରାଜା କେଶୋଦାସଙ୍କ ସହିତ ଏକ ଚୁକ୍ତି କଲେ। ଚୁକ୍ତି ଅନୁସାରେ ରାଜା ମୋଗଲ ସମ୍ରାଟଙ୍କୁ ୩ ଲକ୍ଷ ଟଙ୍କା ପେଶକସ ଓ ନିଜର କନ୍ୟାଙ୍କୁ ପ୍ରଦାନ କରିବେ। କେଶୋଦାସଙ୍କ ସହିତ ନିଜ ଭଉଣୀକୁ ବିବାହ ଦେଇ ୧ଲକ୍ଷ ଟଙ୍କା ଉପହାର ହିସାବରେ ଦେବେ। ବୁଝାମଣା ପରେ କେଶୋଦାସ ମନ୍ଦିରରୁ ବାହାରି ଗୁଣ୍ଡିଚା ମନ୍ଦିରଠାରେ ବହୁ ଓଡିଆ ସୈନ୍ୟଙ୍କୁ ହତ୍ୟା କରି ଖୋର୍ଦ୍ଧା ଯାଇ ରାଜଭଗ୍ନୀଙ୍କୁ ବିବାହ କରି ୧ଲକ୍ଷ ଟଙ୍କା ଓ ୬ଗୋଟି ହାତୀ ନେଇ ଆସିଥିଲେ। ଜଗନ୍ନାଥ ମନ୍ଦିର ସୁରକ୍ଷା ଓ ପ୍ରଜାମାନଙ୍କୁ ଅତ୍ୟାଚାରରୁ ରକ୍ଷା କରିବା ପାଇଁ ପୁରୁଷୋତ୍ତମ ଦେବ ଏପରି ଏକ ଅପମାନଜନକ ସନ୍ଧି କରିବାକୁ ବାଧ ହୋଇଥିଲେ।

ଅନ୍ୟ ଏକ ମତାନୁସାରେ ଗଜପତି ନିଜର କନ୍ୟା ଓ ଭଉଣୀଙ୍କ ସ୍ଥାନରେ ଅନ୍ୟ ଦୁଇଜଣ କନ୍ୟାକୁ ପ୍ରଦାନ କରିଥିଲେ। ନିଜର କନ୍ୟା ଓ ଭଉଣୀକଂୁ ଯଥାକ୍ରମେ ସମ୍ବଲପୁର ରାଜା ବଳଭଦ୍ର ସାଏ ଓ ନରସିଂହପୁର ରାଜା ହରିହର ସିଂହଙ୍କ ସହିତ ବିବାହ ଦେଇଥିଲେ। ମଦଳାପାଞ୍ଜିର ବର୍ଣ୍ଣନା ଅନୁସାରେ 'ଏ ରାଜାଙ୍କ ଯାତ୍ରୀପଣେ କେସୋମାରୁ ଆସି ଗୁଣ୍ଡିଚା ଯାତ୍ରା ଦେଖି ଦୁଇ ଦେଉଳ ଧଇଲା। ପରମେଶ୍ୱର ଗୁଣ୍ଡିଚା ଘରେ ବିଜେ ହୋଇଥିଲେ। ତିନିରଥେ ପୋଡିଦେଲା। ପରମେଶ୍ୱରଙ୍କୁ ଚଉଦୋଳରେ

ବିଜେ କରାଇ ବାହାରିଙ୍କ କାନ୍ଧେ ଦେଇ ବଡଦେଉଳ ବିଜେ କରାଇଲେ। ମାସେ ପର୍ଯ୍ୟନ୍ତ ଦରବନ୍ଧାରେ ରହିଲେ। ପରମେଶ୍ୱର ଶୀତଳ ଭୋଗ ମୁଣୋହି ହୋଇଥିଲେ। ରାଜାଙ୍କ ସଙ୍ଗେ ପୀରତି ହୋଇଲା। ଗୁଣ୍ଡିଚା ଘରଠାରେ ଅନେକ ମାଇଲା।'

ଏହାପରେ ପ୍ରଥମ ମୋଗଲ ସୁବାଦାର ହାସିମ ଖାଁ ପୁରୀ ଆକ୍ରମଣ କରି ମନ୍ଦିର ଲୁଣ୍ଠନ କରିଥିଲା। ଏହି ଆକ୍ରମଣ ବିଷୟରେ ମାଦଳାପାଞ୍ଜି କୁହେ 'ଏ ମହାରାଜାଙ୍କ ଅ୧୪ଙ୍କ ହାସିମ ଅଇଲା। ସେବକ ପରମେଶ୍ୱରଙ୍କୁ ନେଇ ଖୁରୁଧାରେ ଗୋପାଳ ଦେଉଳେ ବିଜେ କରାଇଥିଲେ। ଅ୧୫ଙ୍କେ ଶ୍ରୀ ପୁରୁଷୋତ୍ତମ ବଡଦେଉଳ ବିଜେ କରାଇଲେ।

ହାସିମ ଖାଁଙ୍କ ପରବର୍ତ୍ତୀ ସୁବାଦାର କଲ୍ୟାଣ ମଲ୍ଲ (ତୋଡର ମଲ୍ଲଙ୍କ ପୁତ୍ର) ଓଡ଼ିଶା ସୁବାର ଦାୟିତ୍ୱ ଗ୍ରହଣ କରିବା ପରେ ପରେ ଖୋର୍ଦ୍ଧା ଆକ୍ରମଣ କଲେ। ଆକ୍ରମଣ ଆଶଙ୍କାକରି ସେବକମାନେ ବିଗ୍ରହମାନଙ୍କୁ ସ୍ଥାନାନ୍ତର କରି ଚିଲିକାର ମହିଷାନାସି ଓ ପରେ ବାଣପୁରଠାରେ ରଖିଥିଲେ। ରାଜା ସନ୍ଧି ପ୍ରସ୍ତାବ ଦେଲେ। ଏକ ଲକ୍ଷଟଙ୍କା ଓ ତାଙ୍କର ପ୍ରିୟ ହାତୀ ଶେଷନାଗକୁ ପ୍ରଦାନ କଲେ। ସେନାପତି ଦାସ ବିଦ୍ୟାଧର ଘଣ୍ଟଶିଳା ଘାଟିଠାରେ କଲ୍ୟାଣ ମଲ୍ଲଙ୍କୁ ସାକ୍ଷାତ କଲେ। ବିଶ୍ୱାସଘାତକତା କରି ତାଙ୍କୁ ବନ୍ଦୀ ଓ ହତ୍ୟା କରାଗଲା। ତାଙ୍କ ସହିତ ୧୬ ଜଣ ସେନା ନାୟକଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। କଲ୍ୟାଣ ମଲ୍ଲଙ୍କର ବିଶ୍ୱାସଘାତକତା ଓ ହତ୍ୟାକାଣ୍ଡ ବିରୁଦ୍ଧରେ ଖୋର୍ଦ୍ଧାରେ ବିଦ୍ରୋହ ଦେଖାଦେଲା। ପ୍ରତିଶୋଧ ପରାୟଣ ପାଇକ ସେନା ଜାଗିଉଠି ମୋଗଲ ସେନାଙ୍କୁ ପ୍ରବଳ ଆକ୍ରମଣ କରି ରାଜ୍ୟରୁ ବାହାର କରିଦେଇଥିଲେ।

ଏତିକିରେ ପୁରୁଷୋତ୍ତମ ଦେବଙ୍କର ଦୁର୍ଦ୍ଦଶାର ଅନ୍ତ ହୋଇନଥିଲା। କୌଣସି କାରଣ ବିନା କେବଳ ଲୁଟ ଓ ତାଙ୍କର ପ୍ରତିପତି ଓ ପ୍ରଭାବ ହ୍ରାସ କରିବା, ମୋଗଲ ସୁବାଦାରମାନଙ୍କର ପ୍ରଥମ ଓ ପ୍ରଧାନ କାର୍ଯ୍ୟ ଥିଲା। କଲ୍ୟାଣ ମଲ୍ଲଙ୍କର ପରବର୍ତ୍ତୀ ସୁବାଦାର ମକରମ ଖାଁ (୧୬୧୭-୧୯) ବିନା କାରଣରେ ଖୋର୍ଦ୍ଧା ଆକ୍ରମଣ କରି ଖୋର୍ଦ୍ଧା ଦୁର୍ଗ ଅଧିକାର କରି ପ୍ରାୟ ଏକ ବର୍ଷ ନିଜ ଅଧୀନରେ ରଖିଥିଲେ। ରାଜା ଖୋର୍ଦ୍ଧାରୁ ଯାଇ ପ୍ରଥମେ ରାଜମହେନ୍ଦ୍ରୀ ଓ ସେଠାରୁ ଆସି ଗଡମାଣତ୍ରିଠାରେ ରହିଲେ। ମଦଳାପାଞ୍ଜି ଅନୁସାରେ '୨୧ ଅଙ୍କେ ମକରମ ଖାଁ ଅଇଲେ। ଧନୁ ୨୨ ଦିନେ ଘେନିଲେ। ସାକ୍ଷିଗୋପାଳଙ୍କୁ ଖୁଣ କଲେ। ପରମେଶ୍ୱର ଗୁରୁବାଇଠାରୁ ଯାଇ ବାଣପୁର ସୀମା ଗବପଦର ଠାଇ ନଈ ଭିତରେ ଚାପରେ ବିଜେ କରିଥିଲେ। ଶୀତଳ ମଣୋହି କରୁଥିଲେ। ରାଜା ଯାଇ କୁଟୁମ୍ବ ଘେନି ରଣପୁର ସୀମାରେ ମାଣତ୍ରୀ ଗ୍ରାମରେ କଟକ କରିଥିଲେ।' ମକରମ ଖାଁ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ଖୋର୍ଦ୍ଧା ଦୁର୍ଗକୁ ଅଧିକାର କରି ରଖିଥିଲେ। ସେଠାରୁ ପୁରୀ ଆଡକୁ ଯାଇ ସାକ୍ଷୀଗୋପାଳ ଆକ୍ରମଣ କରିଥିଲେ।

ମୁକାରାମ ଖାଁଙ୍କ ପରେ ଅଳ୍ପକାଳପାଇଁ ହୁସନ ଖାଁ ଓ ତାଙ୍କପରେ ଅହମଦ ବେଗ (ନୁରଜାହାନଙ୍କ ଭାଇର ପୁଅ) ଓଡିଶାର ସୁବାଦାର ହେଲେ (୧୬୨୧-୨୮)। ଏହି ସମୟରେ ପୁରୁଷୋତ୍ତମଦେବ ରଣପୁର, ବାଣପୁର, ରାଜମହେନ୍ଦ୍ରୀର ରାଜାମାନଙ୍କୁ ଏକଜୁଟ କରି ବିଦ୍ରୋହ ପାଇଁ ଉଦ୍ୟମ କରିଥିଲେ। ତାଙ୍କ ଉଦ୍ୟମକୁ ପଣ୍ଡ କରିବାକୁ ଅହମଦବେଗ ଖୋର୍ଦ୍ଧା ଆକ୍ରମଣ କରି ରଣପୁର ପର୍ଯ୍ୟନ୍ତ ମାଡି ଯାଇଥିଲେ। ରାଜା ପୁନର୍ବାର ରାଜ୍ୟଛାଡି ବାଣପୁର ନିକଟ ଖଣତି ବା ଖନତା (ଅନ୍ୟ ମତରେ ଗଡମାଣତ୍ରୀ) ଠାରେ ଅବସ୍ଥାନକଲେ ଓ ସେଠାରେ ତାଙ୍କର ମୃତ୍ୟୁ ଘଟିଲା (୧୬୨୧)।

ଗଜପତି ପୁରୁଷୋତ୍ତମ ଦେବ ବାରମ୍ବାର ମୋଗଲ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଦୃଢ଼ତାର ସହ ଆକ୍ରମଣର ମୁକାବିଲା କରିଥିଲେ। ରାଜ୍ୟ ଓ ଜଗନ୍ନାଥଙ୍କର ସୁରକ୍ଷା ପାଇଁ ଅପମାନ ଜନକ ସନ୍ଧି ମଧ୍ୟ କରିଥିଲେ। ବାରମ୍ବାର ପରାଜୟ ଓ ରାଜଧାନୀ ହରାଇବା ସତ୍ତ୍ୱେ ବି ଆତ୍ମବିଶ୍ୱାସ ହରାଇନଥିଲେ। ନିଜର ସ୍ଥିତି ଦୃଢ କରିବାକୁ ଉଦ୍ୟମରେ ହେଳା କରିନଥିଲେ। ବିଦ୍ରୋହ କରିଥିଲେ। ପଡୋଶୀ ରାଜ୍ୟମାନଙ୍କୁ ଏକତ୍ରିତ କରି ମୋଗଲ ଶକ୍ତିର ମୁକାବିଲା କରିବାକୁ ଉଦ୍ୟମ କରିଥିଲେ। ଏହା ତାଙ୍କର ଯୋଗ୍ୟତା, ଦକ୍ଷତା, ଶକ୍ତି, ନିଷ୍ଠା ଓ ବ୍ୟକ୍ତିତ୍ୱର ପ୍ରମାଣ ଦିଏ। କିନ୍ତୁ ସମସ୍ତ ଉଦ୍ୟମ ସତ୍ତ୍ୱେ ତାଙ୍କ ଜୀବନକାଳ ମଧ୍ୟରେ ବିଗ୍ରହମାନଙ୍କୁ ଶ୍ରୀ ମନ୍ଦିରରେ ପୁନଃ ପ୍ରତିଷ୍ଠା କରିପାରିନଥିଲେ। ସାରା ରାଜତ୍ୱ କାଳ ସଂଗ୍ରାମରେ ବ୍ୟସ୍ତ ରହିବା ସତ୍ତ୍ୱେ ସେ ୩ ଟି ବ୍ରାହ୍ମଣ ଶାସନ - ବୀର ପୁରୁଷୋତ୍ତମପୁର, ଶ୍ରୀପୁରୁଷୋତ୍ତମପୁର, ପ୍ରତାପ ପୁରୁଷୋତ୍ତମପୁର ପ୍ରତିଷ୍ଠା କରିଥିଲେ।

ଦୂରଭାଷ- ୯୮୬୧୦୧୬୩୪୯


# ସୁ-ଡୋକୁ

**ସୁ-ଡୋକୁ ଏକ ଗାଣିତିକ ଧନ୍ଦାର ଉତ୍ତର ୨୧ ପୃଷ୍ଠାର**

| | | | | | | | | |
|---|---|---|---|---|---|---|---|---|
| 4 | 5 | 9 | 8 | 6 | 7 | 1 | 2 | 3 |
| 7 | 8 | 2 | 1 | 4 | 3 | 9 | 6 | 5 |
| 1 | 6 | 3 | 5 | 2 | 9 | 4 | 8 | 7 |
| 5 | 7 | 6 | 4 | 8 | 2 | 3 | 9 | 1 |
| 3 | 2 | 4 | 7 | 9 | 1 | 6 | 5 | 8 |
| 8 | 9 | 1 | 3 | 5 | 6 | 2 | 7 | 4 |
| 9 | 4 | 7 | 6 | 3 | 5 | 8 | 1 | 2 |
| 2 | 3 | 5 | 9 | 1 | 8 | 7 | 4 | 6 |
| 6 | 1 | 8 | 2 | 7 | 4 | 5 | 3 | 9 |

# ଚଳାଇବା କେତେ ଦିନ ?

**ଅଧ୍ୟାପକ ଶିବ ପ୍ରସାଦ ପାଢ଼ୀ**



କ୍ଷମତା ହସ୍ତାନ୍ତରର ୭୨ ବର୍ଷ ପରେ ମଧ୍ୟ ଆମର ସ୍ଥିତି ଯେତେ ଦ୍ରୁତବେଗରେ ଆଗେଇବା କଥା ତାହା ବୋଧେ ସମ୍ଭବ ହୋଇପାରିନାହିଁ ଏଥିରେ ଆମେ ନିଶ୍ଚୟ ଏକମତ ହେବା। ଗତିଶୀଳତାରେ ଦେଶର ପ୍ରଗତି ବାଧାପ୍ରାପ୍ତ ହୁଏ। ପ୍ରଗତିର ଧାରାକୁ ବଜାୟ ରଖିବାପାଇଁ ଆମ ସମସ୍ତଙ୍କର ଅବଦାନ ରହିବା ଉଚିତ୍। ମଣିଷ ଏକ ସାମାଜିକ ପ୍ରାଣୀ, ଯିଏ ଅନେକ ବାଧାବିଘ୍ନ ଦେଇ ପ୍ରତ୍ୟେକ ଦିନ ଗତିକରିଥାଏ। ଏହାକୁ ସମ୍ମୁଖୀନ କରି, ଉଚିତ୍ ପଥରେ ପଥିକ ହେବା ଏକ ସୁମଣିଷର ଲକ୍ଷଣ ।

ଓଡ଼ିଆରେ ଏକ ଢଗ ଅଛି 'ବିରିମାଡ଼ ଦେଖି କୋଳଥ ଝେପା'। ଗତ ଅଢ଼େଇମାସ ତଳେ ଏକ ଉତ୍ତମ ପଦକ୍ଷେପ (ଗାଡ଼ିର କାଗଜ ତନଖି) ନେଇ ସରକାର ରାଜରାସ୍ତାକୁ ଓହ୍ଲାଇଥିଲେ। ଏହାର ସ୍ୱରୂପକୁ ବୈଦ୍ୟୁତିକ ଓ ମୁଦ୍ରିତ ମାଧ୍ୟମ, ତଥା ପଥପାର୍ଶ୍ୱରେ ବିଜ୍ଞାପନ ମଧ୍ୟରେ ଜନସାଧାରଣଙ୍କୁ ଜଣାଇଥିଲେ। ହୋଇପାରେ ଏହି ପ୍ରଚାର କମ୍ ହୋଇଥିବ, କିନ୍ତୁ ଆମେ ପ୍ରାୟ ଭାରତୀୟ ଏପରି ପଦାର୍ଥରେ ତିଆରି ହୋଇଛେ ବୋଧେ ନିଜ ଉପରକୁ ବିପଦ ନଆସିଲେ ଚେତାଇ ନଥାଉ। ପୂର୍ବେ ରାସ୍ତାରେ ଗାଡ଼ି ଚଳାଇବା ପାଇଁ ଯେଉଁ ନିୟମ ଥିଲା, ବର୍ତ୍ତମାନ ମଧ୍ୟ ତାହା ଅଛି। କିନ୍ତୁ କାର୍ଯ୍ୟାନୁଷ୍ଠାନର ପରିମାଣ ଅତି ନଗଣ୍ୟ, ଯଦି ନିୟମରେ ଖିଲାପ ହୁଏ। ସେଥିପାଇଁ ଲୋକଙ୍କ ମନରୁ ଭୟ ଧୀରେ ଧୀରେ କମିଯାଏ। ଦଣ୍ଡ ଗଣିବା ଆଗେ ମଧ୍ୟ ଥିଲା, ବର୍ତ୍ତମାନ ମଧ୍ୟ ଅଛି। ସେହି ଜୋରିମାନା ସେତେବେଳେ ଆର୍ଥିକ ସ୍ଥିତିକୁ ନେଇ କରାଯାଇଥିଲା। ତାହାକୁ ବର୍ତ୍ତମାନ ପ୍ରୟୋଗ କରିବା ଦ୍ୱାରା ଲୋକଙ୍କୁ ବାଧୁନାହିଁ। କାରଣ ଆମର ଆର୍ଥିକ ସ୍ଥିତି ବର୍ତ୍ତମାନ ଯଥେଷ୍ଟ ଅଧିକ। ଉଦାହରଣ ମାଧ୍ୟମରେ ଚିନ୍ତାକଲେ ତାହା ଆମେ ବୁଝିପାରିବା। ସେତେବେଳେ ବିନା ଶିରାବରଣ (ହେଲମେଟ୍) ରେ ଗାଡ଼ି ଚଳାଇଲେ ୧୦୦ ଟଙ୍କା ଥିଲା। ତାହା ଆଜିର ଗାଡ଼ି ଚଳାଇବା ଲୋକପାଇଁ ପାନଖର୍ଚ୍ଚ। ଯାହାକୁ ସେହି ଲୋକ ୧୦୦ ଟଙ୍କା ଜରିମାନା ଦେଲାବେଳେ ବାଧୁଛି। ଯାହାଦ୍ୱାରା ସେ ସଚେତନ ହେଉଛି ୧୦୦ ଟଙ୍କା ଜରିମାନା ଦେବା ଅପେକ୍ଷା ଶିରାବରଣ କିଣିଦେଲେ ଭଲହେବ, ଅନ୍ୟକୁ ଉଦାହରଣ ଏବଂ ନିଜପାଇଁ ନିରାପଦ। ଏଭଳି ଯଦି ଆମେ ହୋଇଯିବା ତେବେ ଦୁର୍ଘଟଣାରୁ ବର୍ତ୍ତିଯିବାର ସମ୍ଭାବନା ବଢ଼ିଯାଏ।

ଗାଡ଼ି ଚଳାଇବା ଅନୁମତି ପତ୍ର (ଡିଏଲ୍) ବିନା, ବେଧଡ଼କ ଚାଲୁଥିଲା। ତେବେ ଦୁର୍ଘଟଣା କରିବା ପରେ ସେମାନେ ଖସି ଯାଉଥିଲେ। ବର୍ତ୍ତମାନର ନୂତନ ଛାଟଦ୍ୱାରା ପରିବହନ କାର୍ଯ୍ୟାଳୟ ଅବସ୍ଥା କ'ଣ ହେଲା, ଆପଣମାନେ ଜାଣିଥିବେ। ସରକାର ବାଧ୍ୟ ହେଲେ ଅନେକ ବୈଦ୍ୟୁତିକ ମାଧ୍ୟମର ବ୍ୟବସ୍ଥା ଖୋଲିବା ଏବଂ ପରିବହନ କାର୍ଯ୍ୟାଳୟର ସମୟକୁ ବର୍ଦ୍ଧିତ କରିବା। ଯେଉଁଭଳି ପରିମାଣରେ ଆବେଦନପତ୍ର ଆସିଲା, ସେଥିରେ ଜଣାଗଲା ଆମେ କିଭଳି ସ୍ଥିତିରେ ଅଛେ। ଦୀର୍ଘ ୭୨ ବର୍ଷର ଶାସନ ହସ୍ତାନ୍ତର ପରେ ମଧ୍ୟ ।

ଆଧୁନିକର ନାମକୁ ବିକି ଆଜିର ଚାଳକ ଯେଭଳି ଗାଡ଼ି ଚଳାଉଛି ତାହା ଅଙ୍ଗେ ଲିଭାଉଛେ। କାନରେ ତାର ଫୋଡ଼ି, ମଦ୍ୟପାନ କରି, ସଂପର୍କ ଯନ୍ତ୍ରକୁ ବେକ ପାଖରେ ଲଗାଇ ଗାଡ଼ି ଚଳାଇଲେ ଆମକୁ ଆଧୁନିକର ମୋହର ମିଳେ। ଏହାଦ୍ୱାରା ଅନ୍ୟର କ'ଣ ଘଟୁଛି, ତାହା ଦୃଶ୍ୟମାନ। ଏଭଳି କରିବାଦ୍ୱାରା କେତେବେଳେ ବିଦ୍ୟାଳୟ ଗାଡ଼ି ଧକ୍କା ହେଉଛି ତ କେତେବେଳେ ନିରୀହ ପଥଚାରୀକୁ ଧକ୍କା ଓ କେତେବେଳେ ନିଜର କ୍ଷତି। ବର୍ତ୍ତମାନର କଠୋର କାର୍ଯ୍ୟାନୁଷ୍ଠାନ ଦ୍ୱାରା ଦୁର୍ଘଟଣା ସଂଖ୍ୟା ଅନେକ ମାତ୍ରାରେ କମିଥିଲା।

ବର୍ତ୍ତମାନର ମହାବିଦ୍ୟାଳୟର ୧୮ ବର୍ଷରୁ କମ୍ ଛାତ୍ରଛାତ୍ରୀ ଗାଡ଼ି ଚଳାଇବା ପ୍ରମାଣପତ୍ର ବିନା ଗାଡ଼ି ଚଳାଇଲେ ପିତାମାତା ଦଣ୍ଡ ଭୋଗିବେ ବୋଲି ଯେଉଁ ନିୟମ ଆସିଛି ତାକୁ କଡ଼ାକଡ଼ି ପ୍ରୟୋଗ କରାଯାଉ। ସାଧାରଣ ସ୍ଥିତିରେ ସରକାର ଏହି କଠିନ ନିୟମକୁ ପ୍ରୟୋଗ କରିବା ସହ ସାଧାରଣ ଲୋକଙ୍କ ଜୀବନକୁ ରକ୍ଷାକରନ୍ତୁ ।

ହାଟବଜାର,ଜଟଣୀ,ଖୋରଧା

**'ଆମରି ସତ୍ୟ' ଗ୍ରାହକମାନଙ୍କ ପାଇଁ ପଦେ....**

'ଆମରି ସତ୍ୟ' ପତ୍ରିକାଟି ୨୦୧୦ ମସିହା ଜୁଲାଇ ଠାରୁ ଏ ପର୍ଯ୍ୟନ୍ତ ପ୍ରକାଶ ପାଇ ଆସୁଅଛି। ଏହାର ବିକାଶ ପାଇଁ ଆପଣଙ୍କ ସହଯୋଗ ଆବଶ୍ୟକ। ଆପଣ ଗୋଟିଏ ବା ଦୁଇଟି ବର୍ଷିକିଆ ଗ୍ରାହକ ହେବା ପାଇଁ ନିଜ ସମ୍ପର୍କରେ ଥିବା ବ୍ୟକ୍ତି ବିଶେଷଙ୍କୁ ଅନୁରୋଧ କରନ୍ତୁ।

ପ୍ରତ୍ୟେକ ଗ୍ରାହକ ଆମର ସମ୍ପତ୍ତି।

ଡ. ପ୍ରମୋଦ ଚନ୍ଦ୍ର ଦାଶ
ପ୍ରତିଷ୍ଠାତା

# ପଥର ଓଧ



**ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର**

ପୃଥିବୀରେ ବିଭିନ୍ନ ପ୍ରଜାତିର ଓଧ ବାସ କରନ୍ତି । ଏଭଳି ଏକ ପ୍ରଜାତିର ଓଧ ଯାହାର ନାମ ପଥର ବା ପ୍ରସ୍ତର ଓଧ କୁହାଯାଏ । ଇଂରାଜୀରେ ଏମାନଙ୍କର ନାମ Stone marten ଓ ବୈଜ୍ଞାନିକ ନାମ ହେଉଛି Martes foina. ଏହି ପ୍ରାଣୀଟି ଆମ ଭାରତର ହିମାଳୟ ପାର୍ବତ୍ୟ ଅଞ୍ଚଳ, କାଶ୍ମୀର ଓ ସିକିମ ଅଞ୍ଚଳରେ ବାସ କରନ୍ତି ।ଭାରତ ବ୍ୟତୀତ ଦକ୍ଷିଣ ୟୁରୋପ , ପଶ୍ଚିମ ଓ ଦକ୍ଷିଣ ଏସିଆର କିଛି ଦେଶଗୁଡିକରେ ମଧ୍ୟ ବାସ କରନ୍ତି । ହିମାଳୟ ଅଞ୍ଚଳରେ ଏମାନଙ୍କ ସଂଖ୍ୟା ଅଧିକ । ବିଶେଷ କରି ସେଠାର ଜଙ୍ଗଲ ଓ ଗଛମାନଙ୍କ ମଧ୍ୟରେ ଥିବା ଖୋଲା ସ୍ଥାନମାନଙ୍କରେ ଏମାନେ ବିଚରଣ କରନ୍ତି । ପଥରଖୋଲ, ଗଛକୋରଡ, ଶୁଖିଲା କାଠ ଗଣ୍ଡି ଏବଂ ରୁକ୍ଷ ଜମିମାନଙ୍କରେ ଏମାନେ ରହିଥାନ୍ତି । ଦିନ ଓ ରାତି ସମୟରେ ଶିକାର କରିଥାନ୍ତି । ଏମାନେ ମୂଷା, ଛୋଟ ଛୋଟ ଠେକୁଆ, ଗୁଣ୍ଡିଚି ମୂଷା ଓ ବିଭିନ୍ନ ଋତୁର ବିଭିନ୍ନ ପ୍ରକାରର ଫଳ ମଧ୍ୟ ଖାଇଥାନ୍ତି । ଏମାନେ ମହୁପାନ କରିବାକୁ ଭଲ ପାଆନ୍ତି । ବେଳେ ବେଳେ ସାପ , ଏଣ୍ଡୁଅ, ବେଙ୍ଗ, କୁକୁଡ଼ା ଓ ପାରାମାନଙ୍କୁ ଖାଇଥାନ୍ତି ।

ଗୋଟିଏ ବୟସ୍କ ପ୍ରାଣୀର ଦୈର୍ଘ୍ୟ ୨୫ ରୁ ୪୫ ସେମି ଅଟେ । ଗୋଡଗୁଡିକ ମଧ୍ୟମ ଧରଣର ଏବଂ ଲମ୍ବା ଲମ୍ବା । ଲାଞ୍ଜ ମଧ୍ୟ ଲମ୍ବା ଓ ହାରାହାରି ମୁଣ୍ଡ ସହିତ ଲାଞ୍ଜଟି ଅଧା ହୋଇଥାଏ । ଶରୀରର ରଙ୍ଗ କାଦୁଆ ଧୂଷର ଓ ବେକ ପାଖ ଧଳା ରଙ୍ଗର ଲୋମ ଦ୍ୱାରା ଆବୃତ ହୋଇଥାଏ । ଏମାନଙ୍କ ଓଜନ ପ୍ରାୟ ୧ କି.ଗ୍ରାରୁ ୧.୫କି.ଗ୍ରା ଅଟେ । ଫେବୃୟାରୀ ମାସରେ ଏମାନଙ୍କର ମିଳନ ଋତୁ । ଗର୍ଭଧାରଣ ସମୟ ୯ମାସ । ଏମାନେ ଥରକେ ୪ରୁ ୫ଟି ପର୍ଯ୍ୟନ୍ତ ଶାବକ ଜନ୍ମ ଦିଅନ୍ତି । ଶାବକମାନଙ୍କୁ ଗଛକୋରଡ ଓ ପଥର ଖୋଲ ତଳେ ଶୁଖିଲା ଘାସପତ୍ର ବିଛାଇ ରଖିବା ସହ ଯତ୍ନ ନିଅନ୍ତି । ଜନ୍ମ ସମୟରେ ଶାବକମାନଙ୍କ ଆଖି ଫିଟି ନଥାଏ । ବଡ଼ ହେବା ପରେ ଶାବକମାନେ ମା' ସହିତ ବାହାରକୁ ଯାଇ ଶିକାର ଶିଖନ୍ତି । ନିଜକୁ ରକ୍ଷା କରିବା ଭଳି ବୟସ ହେଲେ ଏମାନେ ଏକୁଟିଆ ବିଚରଣ କରିଥାନ୍ତି । ନିଜ ଅଞ୍ଚଳରେ ଅନ୍ୟ କୌଣସି ପ୍ରାଣୀମାନଙ୍କୁ ଏମାନେ ପାଖରେ ପୂରାଇ ଦିଅନ୍ତି ନାହିଁ । ପୁରୁଷ ଓ ସ୍ତ୍ରୀ ପ୍ରାଣୀ ମିଳନ ଏବଂ ଶାବକମାନେ ଥିବା ସମୟରେ ଏକାଠି ରହିଥାନ୍ତି । ଏମାନଙ୍କୁ ଛୋଟ ସମୟରେ ଧରିଆଣି ଘରେ ରଖିଲେ ପୋଷା ମାନିଯାଆନ୍ତି । ପ୍ରକୃତିର ଏହି ପ୍ରଜାତିର ଓଧଟି ଦେଖିବାକୁ ଖୁବ୍ ସୁନ୍ଦର । ଏମାନଙ୍କ ସମ୍ବନ୍ଧରେ ଆହୁରି ଗବେଷଣା ଦରକାର, ତାହାହେଲେ ଏମାନଙ୍କର ଆହାର , ବ୍ୟବହାର ଓ ଜୀବନ ଶୈଳୀ ବିଷୟରେ ଆଉ ନୂତନ ତଥ୍ୟ ମିଳିପାରିବ ବୋଲି ଆଶା ରହିଛି । ପ୍ରକୃତିର ଏହି ବିଚିତ୍ରମୟ ପ୍ରାଣୀର ସୁରକ୍ଷା, ଗବେଷଣା ଓ ପ୍ରଜନନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ।

**ପ୍ରାଣୀବିଜ୍ଞାନ ବିଭାଗ**
**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ**
**ବାଙ୍କୀ, କଟକ**
**ଦୂରଭାଷ -୯୪୩୭୩୧୭୬୫୯**





# ଟେନିସ୍ ଜଗତର ବିଗ୍-ଥ୍ରୀ



**ଆଶିଷ କୁମାର ରାୟ**

ଗତ ଫେବ୍ରୁଆରୀ ମାସରେ ସମ୍ପନ୍ନ ହୋଇଥିବା ୨୦୨୧ର ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ପ୍ରତିଯୋଗିତାରେ ପୁନର୍ବାର ଚାମ୍ପିଆନ୍ ହୋଇଛନ୍ତି ନୋଭାକ୍ ଡ୍ୟୋକୋଭିଚ୍। ପୁରୁଷ ସିଂଗଲ୍ସ ଫାଇନାଲରେ ରୁଷ ଦେଶର ଡାନିଲ୍ ମେଡ୍‌ଭେଡେଭ୍‌ଙ୍କୁ ପରାସ୍ତ କରି ସେ ଏହି କୃତିତ୍ୱ ହାସଲ କରିଛନ୍ତି। ପୂର୍ବରୁ ନୋଭାକ୍ ଡ୍ୟୋକୋଭିଚ୍ ଏହି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ଅନ୍ୟ ଜଣେ ରୁଷୀୟ ତାରକା ଆସ୍‌ଲାନ୍ କାରାତ୍ସେଭଙ୍କୁ ତଥା କ୍ୱାର୍ଟର ଫାଇନାଲରେ ରୁଷୀୟ ବଂଶୋଦ୍ଭବ ଜର୍ମାନ ତାରକା ଆଲେକ୍‌ଜାଣ୍ଡାର୍ ଜ୍ୱେରେଭଙ୍କୁ ପରାସ୍ତ କରିଥିଲେ। ପ୍ରକୃତରେ ଦେଖିବାକୁ ଗଲେ ଅଷ୍ଟ୍ରେଲିଆନ୍ ଓପନ୍ ହେଉଛି ନୋଭାକ୍ ଡ୍ୟୋକୋଭିଚ୍‌ଙ୍କର ସର୍ବାଧିକ ପସନ୍ଦଯୋଗ୍ୟ ଟୁର୍ଣ୍ଣାମେଣ୍ଟ। ସେଇଥି ପାଇଁ ତ ସେ କ୍ରମାଗତ ଭାବେ ମେଲବୋର୍ଣ୍ଣ ପାର୍କର ଏହି କ୍ରୀଡ଼ାଙ୍ଗନରେ ଟାଇଟେଲ୍ ଜିତି ଆସୁଛନ୍ତି। ଏବେ ଏଠାରେ ପୁନର୍ବାର ଚାମ୍ପିଆନ ହୋଇ ସର୍ବିୟାର ଏହି ମହାନ କ୍ରୀଡ଼ାବିତ ଜଣକ ନବମ ଥର ସକାଶେ ଅଷ୍ଟ୍ରେଲିଆନ୍ ଓପନ୍ ଜିଣିବା ସହିତ ହାସଲ କରିଛନ୍ତି ନିଜର ଅଷ୍ଟାଦଶତମ ଗ୍ରାଣ୍ଡ ସ୍ଲାମ୍ ସିଂଗଲ୍ସ ଟାଇଟେଲ୍। ଗ୍ରାଣ୍ଡ ସ୍ଲାମ୍ ପ୍ରତିଯୋଗିତାରେ ଅଠର ଥର ସିଂଗଲ୍ସ ଚାମ୍ପିଆନ ହୋଇ ନୋଭାକ୍ ବିଶ୍ୱର ଅନ୍ୟ ଦୁଇ ମହାନ ଟେନିସ୍ ତାରକାଙ୍କ ସହିତ ଶ୍ରେଷ୍ଠତାର ଦୌଡ଼ରେ ନିଜକୁ ଆଉ ପାଦେ ଅଗ୍ରସର କରାଇଛନ୍ତି। ସେହି ଦୁଇ ମହାନ ତାରକା ହେଉଛନ୍ତି ରୋଜର୍ ଫେଡେରର୍ ଏବଂ ରାଫାଏଲ୍ ନାଦାଲ୍, ଆଉ ଏହି ଦୁଇଜଣ ୨୦ଟି ଲେଖାଏଁ ଗ୍ରାଣ୍ଡ ସ୍ଲାମ୍ ସିଂଗଲ୍ସ ଟାଇଟେଲ୍ ସହିତ ରହିଛନ୍ତି ଶୀର୍ଷରେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱିଜର୍‌ଲାଣ୍ଡର ରୋଜର୍ ଫେଡେରର୍, ସ୍ପେନ୍‌ର ରାଫାଏଲ୍ ନାଦାଲ୍ ଓ ସର୍ବିୟାର ନୋଭାକ୍ ଡ୍ୟୋକୋଭିଚ୍ - ଏହି ତିନିଜଣଙ୍କୁ ଟେନିସ୍ ଜଗତରେ ବିଗ୍ ଥ୍ରୀ ଆଖ୍ୟା ଦିଆଯାଇଛି। ଗତ ୧୫/୧୬ବର୍ଷ ଧରି ପୁରୁଷ ଟେନିସ୍‌ରେ ଏହି ତିନିଜଣ ହିଁ ପ୍ରାୟତଃ ପ୍ରଭାବ ବିସ୍ତାର କରି ଆସିଛନ୍ତି। ଏମାନଙ୍କ ପ୍ରଭାବ ସମ୍ମୁଖରେ ଅନ୍ୟ ଖେଳାଳିମାନଙ୍କର ପ୍ରତିଭା ମ୍ଳାନ ପଡ଼ିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଷ୍ଟ୍ରେଲିଆନ୍ ଓପନ୍, ଫ୍ରେଞ୍ଚ ଓପନ୍, ୟୁ.ଏସ୍. ଓପନ୍ ତଥା ଢ୍ୱିମ୍ବଲ୍‌ଡନ୍ ଭଳି ଚାରିଟି ଗ୍ରାଣ୍ଡ ସ୍ଲାମ୍ ପ୍ରତିଯୋଗିତା ସମେତ ବିଶ୍ୱର ଅନ୍ୟ ପ୍ରମୁଖ ଟୁର୍ଣ୍ଣାମେଣ୍ଟମାନଙ୍କରେ ଦୀର୍ଘ ବର୍ଷ ଧରି ଏହି ତିନିଜଣ ହିଁ ଆଧିପତ୍ୟ ବିସ୍ତାର କରି ଆସିଛନ୍ତି। ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ଏହି ତିନିଜଣଙ୍କ ମଧ୍ୟରେ ହେଉଛି କହିଲେ ଚଳେ। ଆମେ ଯଦି ୨୦୦୪ରୁ ଏଯାବତ ଆୟୋଜିତ ହୋଇଥିବା ୬୮ଟି ଗ୍ରାଣ୍ଡ ସ୍ଲାମ୍ ପ୍ରତିଯୋଗିତାର ପୁରୁଷ ସିଂଗଲ୍ସ ଚାମ୍ପିଆନ୍‌ମାନଙ୍କର ସୂଚୀ ଉପରେ ଦୃଷ୍ଟିନିକ୍ଷେପ କରିବା ତେବେ ଦେଖିପାରିବା ଯେ, ସେଥି ମଧ୍ୟରୁ ୫୭ଟିରେ ଏହି ତିନିଜଣ ହିଁ ବିଜେତା ହୋଇଛନ୍ତି, ଯାହାକି ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ।

୨୦୦୨ରେ ୟୁ.ଏସ. ଓପନ୍ ଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକାର ପିଟ୍ ସାମ୍ପ୍ରାସ ନିଜ ଦେଶର ଆନ୍ଦ୍ରେ ଆଗାସିଙ୍କୁ ପରାସ୍ତ କରି ଚାମ୍ପିଆନ ହୋଇଥିଲେ, ଯାହାକି ଥିଲା ତାଙ୍କର ଚତୁର୍ଦ୍ଦଶତମ ଗ୍ରାଣ୍ଡ ସ୍ଲାମ୍ ଟାଇଟେଲ୍। ୧୪ଟି ଗ୍ରାଣ୍ଡ ସ୍ଲାମ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଆନ ହୋଇ ପିଟ୍ ସାମ୍ପ୍ରାସ ଅଷ୍ଟ୍ରେଲିଆର ରୟ ଏମର୍ସନ ଓ ରଡ୍ ଲେଭର ତଥା ସ୍ୱିଡେନ୍‌ର ବ୍ୟୋର୍ଣ୍ଣ ବର୍ଗ ଆଦିଙ୍କୁ ପଛରେ ପକାଇ ଦେଇଥିଲେ। ସେ ସମୟରେ ଅନେକେ ଭାବି ନେଇଥିଲେ ଯେ, ପ୍ରତିଦ୍ୱନ୍ଦ୍ୱିତାମୂଳକ ଟେନିସ ଜଗତରେ ସାମ୍ପ୍ରାସଙ୍କ ରେକର୍ଡକୁ ଅତିକ୍ରମ କରିବା ହୁଏତ କାହା ପକ୍ଷେ ସମ୍ଭବ ହୋଇନପାରେ। କିନ୍ତୁ ପରବର୍ତ୍ତୀ ସମୟରେ ବିଗ୍ ଥ୍ରୀ ନାମରେ ଖ୍ୟାତି ଅର୍ଜନ କରିଥିବା ରୋଜର୍ ଫେଡେରର୍, ରାଫାଏଲ ନାଦାଲ ଓ ନୋଭାକ୍ ଡ୍ୟୋକୋଭିଚ୍ ଏହିଭଳି ଜଣକ ପରେ ଜଣେ ତାଙ୍କର କୀର୍ତ୍ତିମାନକୁ ଅତିକ୍ରମ କରିଯିବା ସହିତ ଶୀର୍ଷ ସ୍ଥାନ ହାସଲ ନିମନ୍ତେ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରୁଛନ୍ତି।

ଟେନିସ୍ ଜଗତରୁ ପିଟ୍ ସାମ୍ପ୍ରାସ ବିଦାୟ ନେଇଯିବା ପରେ ସ୍ୱିଜରଲାଣ୍ଡର ବାସେଲ୍ ସହରରେ ଜନ୍ମଗ୍ରହଣ କରିଥିବା ରୋଜର୍ ଫେଡେରର୍ ନିଜର ପ୍ରଭାବ ବିସ୍ତାର କରିବାକୁ ଲାଗିଲେ। ୨୦୦୩ରେ ଢ୍ୱିମ୍ବଲ୍‌ଡନ୍ ଚାମ୍ପିଆନ୍ ହୋଇ ଫେଡେରର୍ ହାସଲ କରିଥିଲେ ନିଜର ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟାଇଟେଲ୍। ଏହାପରେ ୨୦୦୪ରୁ ଆରମ୍ଭ ହୋଇଗଲା ତାଙ୍କର ଆଧିପତ୍ୟ। ୨୦୦୪ରେ ତିନିଟି, ୨୦୦୫ରେ ଦୁଇଟି, ୨୦୦୬ ଓ ୨୦୦୭ରେ ତିନିଟି ଲେଖାଏଁ ଟାଇଟେଲ୍





ଜିତି ସେ ନିଜର ଗ୍ରାଣ୍ଡ ସ୍ଲାମ୍ ଟାଇଟେଲ୍ ସଂଖ୍ୟା ୧୨କୁ ବୃଦ୍ଧି କରିଦେଲେ। ଅର୍ଥାତ୍ ପିଟ୍ ସାମ୍ପ୍ରାସ ଅବସର ନେବାର ମାତ୍ର ପାଞ୍ଚବର୍ଷ ମଧ୍ୟରେ ତାଙ୍କ ରେକର୍ଡ ଧ୍ୱସ୍ତ ହେବାର ସ୍ପଷ୍ଟ ସୂଚନା ମିଳିଯାଇଥିଲା। ଫେବ୍ରୁଆରୀ-୨୦୦୪ରୁ ଅଗଷ୍ଟ-୨୦୦୮ ପର୍ଯ୍ୟନ୍ତ ଫେଡେରର୍ ବିଶ୍ୱର ଶୀର୍ଷ ମାନ୍ୟତାପ୍ରାପ୍ତ ଟେନିସ ଖେଳାଳିର ଆସନ ଅଳଂକୃତ କରିଥିଲେ। ଗ୍ରାସ୍ କୋର୍ଟରେ ଖେଳାଯାଇଥିବା ୱିମ୍ବଲଡନ୍ ତଥା ହାର୍ଡ କୋର୍ଟରେ ଖେଳାଯାଉଥିବା ଅଷ୍ଟ୍ରେଲିଆନ୍ ଓପନ ଏବଂ ୟୁ.ଏସ. ଓପନ୍‌ରେ ରୋଜର୍ ଫେଡେରର୍ ନିଜର ଆଧିପତ୍ୟ ବିସ୍ତାର କରିଥିବା ବେଳେ କ୍ଲେ-କୋର୍ଟରେ ଆୟୋଜିତ ହେଉଥିବା ଅନ୍ୟତମ ଗ୍ରାଣ୍ଡ ସ୍ଲାମ୍ ପ୍ରତିଯୋଗିତା ଫ୍ରେଞ୍ଚ ଓପନ୍‌ରେ କିନ୍ତୁ ଭିନ୍ନ ପରିଣାମ ଦେଖିବାକୁ ମିଳୁଥିଲା। ଏଠାରେ ଥିଲା ସ୍ପେନୀୟ ତାରକା ରାଫାଏଲ୍ ନାଦାଲଙ୍କ ରାଜୁତି। ୨୦୦୫ରୁ ୨୦୦୮ ପର୍ଯ୍ୟନ୍ତ ଫ୍ରେଞ୍ଚ ଓପନ୍‌ରେ ସେ ହିଁ ଚାମ୍ପିଆନ ହୋଇଥିଲେ।

୨୦୦୮ରେ କିନ୍ତୁ ସ୍ଥିତି କିଛିଟା ବଦଳିବା ସହିତ ଟେନିସ ଜଗତ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଉଠିଲା। ୨୦୦୮ର ଅଷ୍ଟ୍ରେଲିଆନ୍ ଓପନ୍ ଜିତି ସର୍ବିୟାର ନୋଭାକ ଡ୍ୟୋକୋଭିଚ୍ ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟାଇଟେଲ୍ ହାସଲ କରିବା ସହିତ ଉଦୀୟମାନ ତାରକା ଭାବେ ନିଜ ଆଗମନର ସୂଚନା ଦେଇଦେଲେ। ଏହାପରେ ସେହିବର୍ଷ ରାଫାଏଲ୍ ନାଦାଲ ଫ୍ରେଞ୍ଚ ଓପନ୍ ଓ ୱିମ୍ବଲଡନ୍ ଚାମ୍ପିଆନ ହେବା ସହିତ ବେଜିଂ ଅଲିମ୍ପିକ୍‌ର ସ୍ୱର୍ଣ୍ଣ ପଦକ ହାସଲ କଲେ। ଅଗଷ୍ଟ-୨୦୦୮ରେ ଫେଡେରର୍‌ଙ୍କୁ ପଛରେ ପକାଇ ନାଦାଲ ହେଲେ ବିଶ୍ୱର ଏକ ନମ୍ବର ମାନ୍ୟତାପ୍ରାପ୍ତ ଟେନିସ ତାରକା। ୨୦୦୯ରେ ସେ ମଧ୍ୟ ହାସଲ କରିଥିଲେ ନିଜର ଏକମାତ୍ର ଅଷ୍ଟ୍ରେଲିଆନ୍ ଓପନ୍ ଟ୍ରଫି। ଇତି ମଧ୍ୟରେ ରୋଜର୍ ଫେଡେରର୍ ୨୦୦୮ର ୟୁ.ଏସ. ଓପନ୍ ତଥା ୨୦୦୯ର ଫ୍ରେଞ୍ଚ ଓପନ୍ ଏବଂ ୱିମ୍ବଲଡନ୍‌ରେ ବିଜୟୀ ହୋଇ ନିଜର ଗ୍ରାଣ୍ଡ ସ୍ଲାମ୍ ଟାଇଟେଲ୍ ସଂଖ୍ୟା ୧୫କୁ ବୃଦ୍ଧି କରିବା ସହିତ ପିଟ୍ ସାମ୍ପ୍ରାସଙ୍କ ରେକର୍ଡ ଭଙ୍ଗ କଲେ। ଏହାପରେ ଫେଡେରର୍ ୨୦୧୨ ଓ ୨୦୧୭ରେ ୱିମ୍ବଲଡନ୍ ତଥା ୨୦୧୦, ୨୦୧୭ ଓ ୨୦୧୮ର ଅଷ୍ଟ୍ରେଲିଆନ୍ ଓପନ୍ ଜିତି ନିଜର ଗ୍ରାଣ୍ଡ ସ୍ଲାମ୍ ବିଜୟ ସଂଖ୍ୟା ୨୦ରେ ପହଞ୍ଚାଇଛନ୍ତି। ବିଶେଷ କରି ୨୦୧୨ ପରେ ଚାରିବର୍ଷ ଧରି କୌଣସି ଟାଇଟେଲ୍ ହାସଲ କରିପାରିନଥିବା ଫେଡେରର୍ ଯେଉଁଭଳି ଭାବେ ପ୍ରତ୍ୟାବର୍ତ୍ତନ କରି ୩୬/୩୭ ବର୍ଷ ବୟସରେ ତିନିଟି ଗ୍ରାଣ୍ଡ ସ୍ଲାମ୍ ଟୁର୍ଣ୍ଣାମେଣ୍ଟ ଜିତିଲେ ତାହା ନିଶ୍ଚିତ ଭାବେ ତାଙ୍କ ଦୃଢ଼ ମାନସିକତାର ପରିଚୟ ଦିଏ।

ଅନ୍ୟ ଦିଗରେ ସ୍ପେନ୍‌ର ମାୟୋର୍କାଠାରେ ଜନ୍ମଗ୍ରହଣ କରିଥିବା ରାଫାଏଲ୍ ନାଦାଲ ନିଜର ୨୦ଟି ଗ୍ରାଣ୍ଡ ସ୍ଲାମ୍ ଟାଇଟେଲ୍ ମଧ୍ୟରୁ କେବଳ ଫ୍ରେଞ୍ଚ ଓପନ୍‌ରେ ହିଁ ୧୩ଥର ବିଜୟୀ ହୋଇଛନ୍ତି। ୨୦୦୫ରୁ ୨୦୦୮ ପର୍ଯ୍ୟନ୍ତ କ୍ରମାଗତ ଭାବେ ଚାରିଥର, ତାପରେ ୨୦୧୦ରୁ ୨୦୧୪ ପର୍ଯ୍ୟନ୍ତ କ୍ରମାଗତ ପାଞ୍ଚଥର ଓ ପୁନର୍ବାର ୨୦୧୭ରୁ ୨୦୨୦ପର୍ଯ୍ୟନ୍ତ ଲଗାତାର ଚାରିଥର ସେ ଫ୍ରେଞ୍ଚ ଓପନରେ ବିଜେତାର ମୁକୁଟ ପରିଧାନ କରିଛନ୍ତି। ଗତ ବର୍ଷ ପରିବର୍ତ୍ତିତ କାର୍ଯ୍ୟସୂଚୀ ଅନୁଯାୟୀ ଅକ୍ଟୋବର ମାସରେ ସମ୍ପନ୍ନ ହୋଇଥିବା ଫ୍ରେଞ୍ଚ ଓପନ୍‌ରେ ବିଜୟୀ ହୋଇ ରାଫାଏଲ୍ ନାଦାଲ୍ ନିଜର ବିଂଶତମ ଗ୍ରାଣ୍ଡ ସ୍ଲାମ୍ ଟାଇଟେଲ ସହିତ ରୋଜର୍ ଫେଡେରର୍‌ଙ୍କ ସମକକ୍ଷ ହୋଇଥିଲେ। ଫ୍ରେଞ୍ଚ ଓପନ୍ ବ୍ୟତୀତ ନାଦାଲ୍ ୨୦୦୮ ଓ ୨୦୧୦ର ୱିମ୍ବଲଡନ୍, ୨୦୦୯ର ଅଷ୍ଟ୍ରେଲିଆନ୍ ଓପନ୍ ତଥା ୨୦୧୦, ୨୦୧୩, ୨୦୧୭ ଓ ୨୦୧୯ର ୟୁ.ଏସ୍. ଓପନ୍ ଚାମ୍ପିଆନ୍ ମଧ୍ୟ ହୋଇଛନ୍ତି।

ଫେଡେରର୍ ଓ ନାଦାଲ୍‌ଙ୍କ ତୁଳନାରେ ଟେନିସ୍ ଜଗତରେ ଡ୍ୟୋକୋଭିଚ୍‌ଙ୍କ ଅଗ୍ରଗତି କିଛିଟା ବିଳମ୍ବରେ ହୋଇଥିଲା। ସର୍ବିୟାର ବେଲ୍‌ଗ୍ରେଡ ନଗରୀରେ ଜନ୍ମଗ୍ରହଣ କରିଥିବା ଏହି ତାରକା ଜଣକ ୨୦୦୮ର ଅଷ୍ଟ୍ରେଲିଆନ ଓପନ୍‌ରେ ଚାମ୍ପିଆନ ହେବା ପରେ ୨୦୧୧ରେ ତିନି ତିନିଟି ଗ୍ରାଣ୍ଡ ସ୍ଲାମ୍ ଟାଇଟେଲ୍ ଜିଣି ଚହଳ ସୃଷ୍ଟି କରିବା ସହିତ ବିଶ୍ୱର ଏକ ନମ୍ବର ଟେନିସ୍ ତାରକା ହେବାର ଗୌରବ ହାସଲ କରିଥିଲେ।

ମୋଟାମୋଟି ଦେଖିବାକୁ ଗଲେ ନୋଭାକ୍ ଡ୍ୟେକୋଭିଚ୍‌ଙ୍କର ୧୮ଟି ଗ୍ରାଣ୍ଡ ସ୍ଲାମ୍ ଟାଇଟେଲ୍ ମଧ୍ୟରୁ ନଅଟି ଆସିଛି ଅଷ୍ଟ୍ରେଲିଆନ୍ ଓପନ୍‌ରୁ। ୨୦୦୮ ଓ ୨୦୧୧ ବ୍ୟତୀତ ୨୦୧୨, ୨୦୧୩, ୨୦୧୫, ୨୦୧୬, ୨୦୧୯, ୨୦୨୦ ଓ ଏବେ ୨୦୨୧ରେ ସେ ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିଆନ୍ ହୋଇଛନ୍ତି। ଏତଦ୍‌ବ୍ୟତୀତ ୱିମ୍ବଲଡନ୍‌ରେ ସେ ୨୦୧୧. ୨୦୧୪, ୨୦୧୫, ୨୦୧୮ ଓ ୨୦୧୯ ଏହିଭଳି ମୋଟ ପାଞ୍ଚଥର, ୟୁ.ଏସ. ଓପନ୍‌ରେ ୨୦୧୧, ୨୦୧୫ ଓ ୨୦୧୮ରେ ମୋଟ ତିନିଥର ତଥା ୨୦୧୬ରେ ଥରେ ମାତ୍ର ଫ୍ରେଞ୍ଚଓପନ୍ ଚାମ୍ପିଆନ ହୋଇଛନ୍ତି। ଗ୍ରାଣ୍ଡ ସ୍ଲାମ୍ ପ୍ରତିଯୋଗିତାକୁ ବାଦ ଦେଲେ ଆନ୍ୟାନ୍ୟ ପ୍ରମୁଖ ଟୁର୍ଣ୍ଣାମେଣ୍ଟମାନଙ୍କରେ ମଧ୍ୟ ବିଗ୍ ଥ୍ରୀଙ୍କର ଯାଦୁ ବହୁବାର ଦେଖିବାକୁ ମିଳିଛି ଏବଂ ଏହି ତିନିଜଣ ହିଁ ଅଧିକାଂଶ ସମୟରେ ପାଳିକରି ବିଶ୍ୱର ଏକ ନମ୍ବର ଆସନ ମଧ୍ୟ ଦଖଲ କରିଛନ୍ତି। ତେବେ ଟେନିସ୍ ଜଗତରେ ଆଉ କେତେ ଦିନ ଏମାନଙ୍କ ଆଧିପତ୍ୟ ଚାଲିବ ତାହା ଦେଖିବାକୁ ଖେଳପ୍ରେମୀମାନେ ଉତ୍ସୁକତାର ସହିତ ଚାହିଁ ରହିଛନ୍ତି।


ମୋ-୯୪୩୭୬୨୭୫୧୪

# ସମ୍ବାଦ ବିଚିତ୍ରା

୧. ୨୦୨୨ ରେ ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଯୋଗାଇବ ଏଲନ୍ ମସ୍କଙ୍କ କଂପାନୀ ଷ୍ଟାର୍ ଲିଙ୍କ୍ ।
୨. ପି.ଆଇ.ବି ର ପ୍ରମୁଖ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଜୟଦୀପ ଭଟ୍ଟନାଗର।
୩. ଭାରତୀୟ ସେନା ଏକ ମେସେଜିଙ୍ଗ୍ ଆପ୍ ପ୍ରସ୍ତୁତ କରିଛନ୍ତି ଯାହାର ନାମ ସିକ୍ୟୁୟର୍ ଆପ୍ଲିକେସନ୍ ଫର୍ ଇଣ୍ଟରନେଟ୍ ।
୩. ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡି.ଆର୍.ଡ଼ି.ଓ) ଅତ୍ୟାଧୁନିକ ସର୍ଭିଲାନ୍ସ ଉପଗ୍ରହ (ସିନ୍ଧୁନେତ୍ର) ମହାକାଶର କକ୍ଷରେ ସ୍ଥାପିତ କରିଛି।
୪. ୪୪ ଦିନରେ ରାମ ମନ୍ଦିର ନିଧି ସମର୍ପଣ ଅଭିଯାନରେ ୨୧୦୦ କୋଟି ଟଙ୍କା ଆଦାୟ କରାଯାଇଛି।
୫. ଉତ୍ତରପ୍ରଦେଶ ଜାଲୋଉନରେ ବାସ କରୁଥିବା ୬ବର୍ଷର ଶିଶୁ ଋଷଭ ଗଣିତରେ ୧ ରୁ ୧୦୦ ପର୍ଯ୍ୟନ୍ତ ବର୍ଗ ମୁହେଁ ମୁହେଁ କହିପାରୁଥିବାରୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ୍‌ରେ ନିଜର ନାମ ରଖିଛି।
୬. ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ(ଏନ୍.ଏଚ୍ ଏ) ମାତ୍ର ୧୮ ଘଣ୍ଟାରେ ୨୫.୫୪ ସିଙ୍ଗଲ୍ ଲେନ୍ ରାସ୍ତା ନିର୍ମାଣକରି ଲିମ୍କା ରେକର୍ଡ଼ ଅଫ୍ ବୁକ୍‌ରେ ନିଜର ନାମ ସ୍ଥାନିତ କରିଛି।
୭. ଇସ୍ରୋ ଚଳିତବର୍ଷର ପ୍ରଥମ ସ୍ୱେଶ୍ ଧ୍ରୁବୀୟ ଉପଗ୍ରହ ପ୍ରକ୍ଷେପଣ ଯାନ (ପି.ଏସ୍.ଏଲ୍.ଭି) ଦ୍ୱାରା ୧୯ ଗୋଟି ସାଟେଲାଇଟ୍ ମହାକାଶକୁ ପ୍ରକ୍ଷେପିତ କରିଛି।
୮. ଫାଷ୍ଟ୍‌ଟ୍ୟାଗ୍ ଟୋଲ୍ କନେକ୍‌ସନ୍‌ରେ ଜମା ହେଉଛି ପ୍ରାୟ ଦିନକୁ ୧୦୪ କୋଟି ଶୁଳ୍କ।
୯. ବ୍ରାଜିଲ୍‌କୁ ଭାରତ ବାୟୋଟେକ୍ ୨୦ ନିୟୁତ କେଭାକ୍ସିନ୍ ପଠାଇବ।
୧୦. ପ୍ରଥମ ଭାରତ ଖେଳନା ମେଳା ୨୦୨୧ କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।
୧୧. କେରଳ, ତାମିଲନାଡୁ ଓ ପୁଡୁଚେରୀରେ ଏପ୍ରିଲ୍ ୬ ରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ମେ ୨ ରେ ଫଳାଫଳ ପ୍ରକାଶ ପାଇବ।
୧୨. ପଶ୍ଚିମବଙ୍ଗରେ ୮ଟି ଏବଂ ଆସାମରେ ୩ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ ।
୧୩. ଭାରତରେ ୦ - ୧୪ ବର୍ଷ ଅନ୍ୟୁନ ୩୭୫ ନିୟୁତ ଶିଶୁଙ୍କ ଉପରେ କୋଭିଡ଼୍-୧୯ ର ଦୀର୍ଘସ୍ଥାୟୀ ପ୍ରଭାବ ପଡ଼ିବ ବୋଲି ସେଣ୍ଟର ଫର୍ ସାଇନ୍‌ସ ଆଣ୍ଡ୍ ଏନ୍‌ଭାରନ୍‌ମେଣ୍ଟର ଏକ ସର୍ଭେରୁ ଜଣାପଡ଼ିଛି।
୧୪. କେନ୍ଦ୍ର ସରକାର ନେଟ୍ ଫ୍ଲିକ୍ସ ଆମାଜନ୍ ପ୍ରାଇମ୍ ଓ ଏମ୍.ଏକ୍ସ ପ୍ଲେୟାର୍ ଭଳି ଓ.ଟି.ଡ଼ି ପ୍ଲାଟ୍‌ଫର୍ମ ଏବଂ ସୋସିଆଲ ମିଡ଼ିଆ ଉପରେ ନଜର ରଖିବାପାଇଁ ଏକ ଗାଇଡ଼୍‌ଲାଇନ୍ ଜାରିକରିଛନ୍ତି।
୧୫. ଏକ ରିପୋର୍ଟ ଅନୁସାରେ ଅନେକ କଂପାନୀ ଡିଜିଟାଲ କ୍ଷେତ୍ରରେ ଦକ୍ଷ କର୍ମଚାରୀ ପାଉନାହାନ୍ତି। ବର୍ତ୍ତମାନ ତୁଳନାରେ ୨୦୨୫ ସୁଦ୍ଧା ଦେଶରେ ୯ଗୁଣ ଅଧିକ ଡିଜିଟାଲ କର୍ମଚାରୀଙ୍କର ଆବଶ୍ୟକତା ଅଛି।
୧୬. ତାମିଲନାଡୁ ସରକାର ସରକାରୀ କର୍ମଚାରୀମାନଙ୍କର ଅବସର ବୟସ ୫୯ ବର୍ଷରୁ ୬୦ ବର୍ଷ ପର୍ଯ୍ୟନ୍ତ ବଢ଼ାଇଦେଇଛନ୍ତି।
୧୭. ନାସା ପ୍ରଥମଥର ପାଇଁ ମଙ୍ଗଳଗ୍ରହର ଅଡ଼ିଓ ଜାରିକରିଛି। ନାସାର କ୍ୟାମେରା ଏବଂ ମାଇକ୍ରୋଫୋନ୍ ବିଭାଗର ଇଞ୍ଜିନିୟର ଡ଼େଭ୍ ବ୍ରୁଏଲ୍ କହିଛନ୍ତି ୬୦ ସେକେଣ୍ଡର ଅଡ଼ିଓ ମଧ୍ୟରେ ୧୦ ସେକେଣ୍ଡର ପବନ ବହିବା ଭଳି ଧ୍ୱନି ଶୁଣିବାକୁ ମିଳିଛି।
୧୮. ଇସ୍ରୋର କେ.ଶିବନ୍ କହିଛନ୍ତି ଚନ୍ଦ୍ରଯାନ - ୩ ରେ ପୂର୍ବବର୍ତ୍ତୀ ଯାନପରି ଅରବିଟର୍ ରହିବନାହିଁ।
୧୯. ବିଶ୍ୱସ୍ତରରେ ଭାରତ ଏବଂ ଭାରତୀୟ ବଂଶୋଦ୍ଭବ ୧୫ଟି ବଡ଼ ବଡ଼ ଦେଶରେ ନେତୃତ୍ୱ ଭାର ନେଇଛନ୍ତି ।
୨୦. ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ କରୋନାର କୌଣସି ପାରମ୍ପରିକ ଔଷଧକୁ ମଞ୍ଜୁରି ଦିଆଯାଇନାହିଁ ।
୨୧. ରିଲାଏନ୍ସ ଗୁଜୁରାଟର ଜାମ୍‌ନଗରରେ ବିଶ୍ୱର ସର୍ବବୃହତ୍ ପ୍ରାଣୀଉଦ୍ୟାନ ନିର୍ମାଣ କରିବାପାଇଁ ସରକାରୀ ମଞ୍ଜୁରି ଲାଭକରିଛି।
୨୨. ଦେଲୋୟଟ୍ ସର୍ଭେ ମୁତାବକ ଚଳିତବର୍ଷ ପାଖାପାଖି ୯୦ ପ୍ରତିଶତ କଂପାନୀ ତାଙ୍କର କର୍ମଚାରୀମାନଙ୍କର ଦରମା ବୃଦ୍ଧି କରିବାପାଇଁ ପ୍ରସ୍ତୁତ ଅଛନ୍ତି ।
୨୩. ଭାରତରେ ପ୍ରତି ଘରେ ଜଣେବ୍ୟକ୍ତି ନଷ୍ଟ କରୁଛନ୍ତି ବାର୍ଷିକ୫୦ କେ.ଜି. ଖାଦ୍ୟ ବୋଲି ଜାତିସଂଘର ଏକ ରିପୋର୍ଟ ପ୍ରକାଶ ପାଇଛି।
୨୪. ନିଜ କର୍ମଚାରୀ ଓ ପରିବାର ସଦସ୍ୟମାନଙ୍କର କୋଭିଡ଼୍ ଟୀକାକରଣ ଖର୍ଚ୍ଚ ବହନ କରିବେ ରିଲାଏନ୍ସ କମ୍ପାନୀ।
୨୫. ପ୍ଲାଟ୍‌ଫର୍ମର ଟିକେଟ୍ ପୂର୍ବାପେକ୍ଷା ୩ ଗୁଣା ବଢ଼ିଯାଇଛି।
୨୬. ବର୍ତ୍ତମାନ ସୁଦ୍ଧା ୪୭ଟି ଦେଶକୁ ଭାରତ କୋଭିଡ଼୍ ଟୀକା ପଠାଇଲା।
୨୭. ଇଜି ଅଫ୍ ଲିଭିଙ୍ଗ୍ ମାମଲାରେ ଦେଶର ମହାନଗରମାନଙ୍କ ମଧ୍ୟରେ ବେଙ୍ଗାଲୁରୁ ପ୍ରଥମରେ ଅଛି କିନ୍ତୁ କମ୍ ଜନସଂଖ୍ୟା ବିଶିଷ୍ଟ ସହରରେ ସିମ୍‌ଲା ପ୍ରଥମରେ ଅଛି।
୨୮. ଇଜି ଅଫ୍ ଲିଭିଙ୍ଗ୍ ଇଣ୍ଡେକ୍ସରେ ଶିକ୍ଷାରେ ଥିରୁଅନନ୍ତପୁରମ୍ ଦେଶର ସବୁଠୁ ଉନ୍ନତ ସହର।
୨୯. ଇଜି ଅଫ୍ ଲିଭିଙ୍ଗ ଇଣ୍ଡେକ୍ସରେ ସିଟିଜେନ୍ ପର୍‌ସେପ୍‌ସନ୍ ବା ନାଗରିକ ଧାରଣା ମାମଲାରେ ଭୁବନେଶ୍ୱର ଶୀର୍ଷରେ ଅଛି।
୩୦. ନୂଆ ସଂସଦ ଭବନରେ ସୁଡ଼ଙ୍ଗ ଜରିଆରେ ସଂସଦରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ପହଞ୍ଚିବେ।
୩୧. ଜୟଲଳୀତାଙ୍କ ସହଯୋଗୀ ଶଶୀକଳା ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି।
୩୨. କେଭାକ୍ସିନ୍‌ର ତୃତୀୟ ପର୍ଯ୍ୟାୟ ଟ୍ରାଏଲର ପରିଣାମ ୮୧ ପ୍ରତିଶତ ଫଳପ୍ରଦ ଅଟେ।
୩୩. ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓପନ୍ ସ୍କୁଲିଙ୍ଗ୍ ବା (ଏନ୍.ଆଇ.ଓ.ଏସ୍) ପ୍ରାଚୀନ ଭାରତୀୟ ଜ୍ଞାନ ଓ ପରମ୍ପରାକୁ ନେଇ ୧୦୦ଟି ମାଦ୍ରାସାରେ ନୂଆ ପାଠ୍ୟକ୍ରମ ଆରମ୍ଭ କରିବ।
୩୪. ଫାଇଜର ଓ ଆଷ୍ଟ୍ରୋଜେନିକା ଟୀକା କୋଭିଡ଼୍ -୧୯ ସତୁରି ବର୍ଷ ଏବଂ ଅଧିକ ବୟସ୍କ ଲୋକଙ୍କ ମଧ୍ୟରେ କରୋନା ସଂକ୍ରମଣକୁ ରୋକିବାପାଇଁ ପ୍ରଭାବୀ ହୋଇଥିବା ଜଣାପଡ଼ିଛି।
୩୫. ଚାନ୍ଦିପୁର ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ ଇଣ୍ଟିଗ୍ରେଟେଡ଼୍ ଟେଷ୍ଟ ରେଞ୍ଜର ସଲିଡ଼୍ ଇନ୍ଧନ ଡକ୍ଟେଡ଼୍ ରାମ୍‌ଜେଟ୍ କ୍ଷେପଣାସ୍ତ୍ରର ସଫଳତା ସହ ପରୀକ୍ଷା ପରିଛି।
୩୬. ଦେଶରେ ବାସୋପଯୋଗୀ ସହର ତାଲିକାରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ୨ୟ ଶ୍ରେଷ୍ଠ ସହରରେ ବିବେଚିତ ହୋଇଛି।
୩୭. ୨୦୨୧-୨୨ ପାଇଁ ଶ୍ରୀମନ୍ଦିର ଅର୍ଥ ସବ୍‌କମିଟି ୨୦୨ କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ କରିଛି ।
୩୮. ଆସନ୍ତା ଏପ୍ରିଲ୍ ମାସରୁ ସ୍କୁଲରେ ରବିବାର ଦିନ ପାଠପଢ଼ା ବନ୍ଦ ରହିବ।
୩୯. ଉତ୍ତରାଖଣ୍ଡର ତ୍ରିବେନ୍ଦ୍ର ସିଂହ ରାଓତ୍ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି।
୪୦. ଦିଲ୍ଲୀବାସୀଙ୍କୁ ମାଗଣାରେ କୋଭିଡ଼୍ ଟୀକା ଦେବାପାଇଁ ଦିଲ୍ଲୀ ସରକାର ବଜେଟ୍‌ରେ ୫୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି।



# ସାଧାରଣ ଜ୍ଞାନ




## (1) ABBREVIATION

1.BIRAC - Biotechonology Industry Research Assistance Council.
2.IOC - Indian Ocean Commission
3.FICCI - Federation of Indian Chambers of Commerce and Industries.
4.IPs - Intellectual Pooporties
5. ITEC - Indian Technical and Economic Corporation.
6.NCIIPC - Nationl Critical Information Infrastructure Protection Centre.
7.NSC - National Security Council.
8.UNHRC - United Nations Human Rights Council.
9.WWF - World Wildlife Fund
10.UNFCCC- United Nations Framework Convention on Climate Change

## (୨) ପୁସ୍ତକ ଓ ଲେଖକ

1. Right under our Nose - R.Giridharan
2.Bahana Masterclass - Alfredo Coveli
3. Sabarimala Vignaana Kosham - K.S.Vijayann.
4. The Common Wealth Cricket - Ram Ch. Guha
5. India 2030 : The Rise of a Rajasic Nation - Gautam Chikarmane.

୧. 'ଅଶୁଭ ପୁତ୍ରର କାହାଣୀ' - ଅଚ୍ୟୁତାନନ୍ଦ ପତି
୨. ମାର୍କସ୍‌ବାଦୀ ସାହିତ୍ୟ - ଅବନୀ କୁମାର ବରାଳ
୩. ବିଜ୍ଞାନର ବଳ - ଅମୂଲ୍ୟ କୃଷ୍ଣ ମିଶ୍ର
୪. 'ଆଧୁନିକ କବିତାର ରୂପରେଖ' - ଉମାଚରଣ ପୂଜାରୀ
୫. ନାଗପଞ୍ଚମୀ - ଉପେନ୍ଦ୍ରନାଥ ଧଳ

## (୩) ସହର ଓ ନାମରେ ପରିଚିତ

୧. ଜୟପୁର - ପିଙ୍କ୍ ସିଟି
୨. ଜାମସେଦପୁର - ଷ୍ଟିଲ ସିଟି
୩. କୋଲକାତା - ସିଟି ଅଫ୍ ବିଲଡ଼ିଙ୍ଗ୍
୪. ଲକ୍ଷ୍ନୌ - ସିଟି ଅଫ୍ ନବାବ
୫. ମହୀଶୂର - ପର୍ଲ ଅଫ୍ କର୍ଣ୍ଣାଟକ

## (୪)ଓଡ଼ିଶା ସରକାରଙ୍କ ଯୋଜନା

**୧. ବିଜୁ କୃଷକ କଲ୍ୟାଣ ଯୋଜନା - ନଭେମ୍ବର,୧୩**
**-ସ୍ୱାସ୍ଥ୍ୟ ବୀମା କୃଷକଙ୍କ ପାଇଁ**
**୨. ଆହାର - ଅପ୍ରେଲ ୨୦୧୫**
**-ସହରାଞ୍ଚଳ ଗରୀବଙ୍କ ପାଇଁ ୫ ଟଙ୍କାରେ ଖାଦ୍ୟ**
**୩. ବସୁଧା - ୨୦୧୭ - ୧୮ ବଜେଟ - ଜଳ ଯୋଗାଣ**
**୪. ମଧୁବାବୁ ପେନସନ୍ ଯୋଜନା - ଅକ୍ଟୋବର ୨୦୧୧**
**-ବୃଦ୍ଧ,ବିଧବା ଏବଂ ଶାରୀରିକ ଅକ୍ଷମଙ୍କୁ ପେନସନ ଯୋଜନା**

## (୫) କେନ୍ଦ୍ରଶାସିତ ଅଞ୍ଚଳ / ରାଜ୍ୟ

୧. ରାଜ୍ୟର ନାମ - ଗୁଜୁରାଟ
୨. ରାଜ୍ୟପାଳ - ଆଚାର୍ଯ୍ୟ ଦେଓ୍ୱରାଟ
୩. ମୁଖ୍ୟମନ୍ତ୍ରୀ - ବିଜୟ ରୂପାଣୀ
୪. ଗଠନ - ୧ ମେ ୧୯୬୦
୫. କ୍ଷେତ୍ରଫଳ - ୧୯୬,୦୨୪ବ.କିମି
୬. ରାଜଧାନୀ - ଗାନ୍ଧୀନଗର
୭. ଲୋକସଭା ସଭ୍ୟ ସଂଖ୍ୟା - ୨୬ ୮. ରାଜ୍ୟସଭା ସଭ୍ୟ ସଂଖ୍ୟା - ୧୧
୯. ବିଧାନ ସଭା ସଭ୍ୟସଂଖ୍ୟା - ୧୮୨ ୧୦.ବିଧାନ ପରିଷଦ - ୦୦
୧୧. ମୁଖ୍ୟ ଭାଷା - ଗୁଜୁରାଟୀ
୧୨. ଜନସଂଖ୍ୟା ସମୁଦାୟ -୬୦,୩୮୩,୬୨୮(୨୦୧୧)
ପୁରୁଷ - ୩୧,୪୮୨,୨୮୨
ମହିଳା - ୨୮, ୯୦୧,୩୪୬
୧୩. ଜନସଂଖ୍ୟା ବୃଦ୍ଧିହାର - ୧୯.୧୭%
୧୪. ଜନସଂଖ୍ୟା ଘନତ୍ୱ - ୩୦୮/ବର୍ଗ କି.ମି
୧୫. ଶିଶୁ ଲିଙ୍ଗ ଅନୁପାତ - ୮୮୬ ଝିଅ ୧୦୦୦ ପୁଅ
୧୬. ଲିଙ୍ଗ ଅନୁପାତ - ୯୧୮ ମହିଳା ୧୦୦୦ ପୁରୁଷରେ
୧୭. ସାକ୍ଷରତା ହାର - ୭୯.୩୧ % ପୁରୁଷ- ୮୭.୨୩%ମହିଳା- ୭୦.୭୩%
୧୮. ଜିଲ୍ଲା - ୨୬
୧୯. ଗ୍ରାମ - ୧୮,୦୬୬ ୨୦.ସହର - ୨୪୨
୨୧. ମୁଖ୍ୟ ନଦୀ - ସାବରମତୀ, ମାହ, ନର୍ମଦା, ତାପ୍ତି, ବନସ ସରସ୍ୱତୀ, ଦାମନଗଙ୍ଗା ।
୨୨. ଜଙ୍ଗଲ ଜମି - ୪୬,୬୫୨ବର୍ଗ କି.ମି.
୨୩. ପର୍ଯ୍ୟଟନ ସ୍ଥଳୀ - ମାଣ୍ଡବୀ ବିଚ୍, କୀର୍ତ୍ତି ତୋରାନ୍, ଭସାଇ ଜୈନ ମନ୍ଦିର, ଅକ୍ଷର ଧାମ, ମାଧେରା ସୂର୍ଯ୍ୟ ମନ୍ଦିର, ବିଜୟ ବିକାଶ ପାର୍ଲେସ କର୍ସ, ଲକ୍ଷ୍ମୀବିକାଶ ପ୍ୟାଲେସ ବାଦୋଧାରା ।

## (୬) ପୁରସ୍କାର

୧. ଅଂଜଳି ଭରଦ୍ୱାଜ - ଆନ୍ତର୍ଜାତିକ ଆଣ୍ଟି କରପସନ୍ ଚମ୍ପିଆନ ପୁରସ୍କାର
୨. ଇଉନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ - ଓ୍ୱାର୍ଲଡ୍ ଏଚ୍.ଆର.ଡ଼ି କଂଗ୍ରେସ ପୁରସ୍କାର
୩. ୨୦୨୦ ଟ୍ରି ସିଟି ଅଫ୍ ଓ୍ୱାର୍ଲଡ଼ - ହାଇଦ୍ରାବାଦ (ଭାରତ)
୪. ଏସ୍.ଥିଓଡ଼ର୍ ଭାସ୍କରନ୍ - ସଣ୍ଟୋରୀ ଲାଇଫ୍ ଟାଇମ୍ ସାଇନସ୍ ପୁରସ୍କାର ୨୦୨୦.
୫. ତାମିଲ୍ ଫିଲମ୍ "କୁଜ୍ ହାନ୍‌ଗଲ୍" - ଟାଇଗର ପୁରସ୍କାର ୨୦୨୦ ।

## (୭) ନିଯୁକ୍ତି

୧. ଅନୀସ୍ ଶାହ୍ - ଚେୟାର୍‌ମେନ୍, ମହିନ୍ଦ୍ରା ଫାଇନାନ୍‌ସ
୨. ଆଣ୍ଡି ଜେସି - ଚିଫ୍ ଏକ୍ସିକ୍ୟୁଟିଭ୍ ଅଫିସର, ଆମାଜନ
୩.ଏସ୍.ଏନ୍.ସୁବ୍ରମଣ୍ୟନ୍ - ଚେଆରମେନ୍. ନ୍ୟାସନାଲ ସେଫ୍‌ଟି କାଉନ୍‌ସିଲ୍
୪. ପ୍ରୀତି ସିହ୍ନା - ମୁଖ୍ୟ, ଇଉନାଇଟେଡ଼୍ ନେସନ୍‌ସ ଡେଭଲପମେଣ୍ଟ ଫଣ୍ଡ୍
୫. ଦୁଷ୍ମନ୍ତ ଚଉତଲା - ଅଧକ୍ଷ, ଟେବୁଲ୍-ଟେନିସ୍ ଫେଡ଼େରେସନ /ଭାରତ

## (୮) ଓଡ଼ିଶା

୧. ବୌଦ୍ଧପୀଠ ଲଳିତଗିରି କେଉଁଠାରେ ଅବସ୍ଥିତ ?
(କ) ଯାଜପୁର (ଖ) କଟକ
(ଗ) କେନ୍ଦ୍ରାପଡ଼ା (ଘ) ଜଗତସିଂହପୁର

୨. ବେଦାନ୍ତ ଆଲୁମିନିୟମ କାରଖାନା କେଉଁଠାରେ ଅବସ୍ଥିତ ?
(କ) ରାୟଗଡ଼ା (ଖ) ଲାଞ୍ଜିଗଡ଼
(ଗ) ଝାରସୁଗୁଡ଼ା (ଘ) ରାଜଗାଙ୍ଗପୁର

୩. ଓଡ଼ିଶାରେ ବର୍ତ୍ତମାନ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷରୁ ପ୍ରକାଶିତ ୨୦୧୮ ରିପୋର୍ଟ ଅନୁସାରେ ଓଡ଼ିଶାରେ କେତୋଟି କଲରାପତରିଆ ବାଘ ଅଛନ୍ତି ?
(କ) ୨୦୦ ଟି (ଖ) ୬୦୦ଟି
(ଗ) ୫୪୦ ଟି (ଘ) ୪୮୦ ଟି

୪. ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁରାଜା କିଏ ଥିଲେ ?
(କ) ମୁକୁନ୍ଦଦେବ (ଖ) ପ୍ରତାପରୁଦ୍ର ଦେବ
(ଗ) କପିଳେନ୍ଦ୍ର ଦେବ (ଘ) ନରସିଂହ ଦେବ

୫. ଓଡ଼ିଶାକୁ ଇଂରେଜମାନେ କେବେ ଅଧିକାର କରିଥିଲେ ?
(କ) ୧୫୬୮ (ଖ) ୧୬୦୦
(ଗ) ୧୭୮୫ (ଘ) ୧୮୦୩

୬. ନୀଳମଣି ବିଦ୍ୟାରତ୍ନଙ୍କଦ୍ୱାରା ବାମଣ୍ଡାରୁ କେଉଁ ସମ୍ବାଦପତ୍ର ପ୍ରକାଶିତ ହେଉଥିଲା ?
(କ) ସମ୍ବଲପୁର ହିତୈଷିଣୀ (ଖ) ସମ୍ବାଦବାହିକା
(ଗ) ବୋଧଦାୟିନୀ (ଘ) ଉତ୍କଳ ଦୀପିକା

୭. କତା ଶିଳ୍ପ ପାଇଁ କେଉଁ ସ୍ଥାନ ପ୍ରସିଦ୍ଧ ଅଟେ ?
(କ) ସାକ୍ଷୀଗୋପାଳ (ଖ) ପୁରୀ
(ଗ) କଟକ (ଘ) ଖୋରଧା

୮. କଟକ ଜିଲ୍ଲାରେ କେତୋଟି ଉପଖଣ୍ଡ ଅଛି ?
(କ) ୧ (ଖ) ୨ (ଗ) ୩ (ଘ)୪

୯. ମାଲକାନଗିରି ସ୍ୱତନ୍ତ୍ର ଜିଲ୍ଲା ହେବା ଆଗରୁ କେଉଁ ଜିଲ୍ଲାରେ ଥିଲା ?
(କ) କଟକ (ଖ) କୋରାପୁଟ
(ଗ) ରାୟଗଡ଼ା (ଘ) କଳାହାଣ୍ଡି

୧୦. ରାଜ୍ୟର ଘରୋଇ ଲ୍ୟାବ୍‌ରେ କରୋନା ଚିହ୍ନଟ ପାଇଁ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟର ମୂଲ୍ୟ ରାଜ୍ୟ ସରକାର କେତେ ସ୍ଥିର କରିଛନ୍ତି ?
(କ) ୫୦ ଟଙ୍କା (ଖ) ୩୦ ଟଙ୍କା
(ଗ) ୧୦୦ ଟଙ୍କା (ଘ) ୨୦୦ ଟଙ୍କା

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ରୀନାର ବୟସ ସୁନିତାର ବୟସର ୨ ଗୁଣ ୩ ବର୍ଷ ପୂର୍ବେ ତାର ବୟସ ସୁନିତା ବୟସର ୩ ଗୁଣ ଥିଲା। ତେବେ ରୀନାର ବର୍ତ୍ତମାନ ବୟସ କେତେ ?
(କ) ୬ (ଖ) ୭ (ଗ) ୮ (ଘ) ୧୨

୨. ୪୯ ଜଣ ଛାତ୍ରଙ୍କ ମଧ୍ୟରୁ ନିତିନର କ୍ରମିକ ନମ୍ବର ପ୍ରଥମରୁ ୧୮ ହେଲେ ତାହାର କ୍ରମିକ ନମ୍ବର ଶେଷରୁ କେତେ ହେବ ?
(କ) ୧୮ (ଖ) ୧୯ (ଗ) ୩୧ (ଘ) ୩୨

୩. ୧୧ ଠାରୁ ୫୦ ଭିତରେ କେତୋଟି ସଂଖ୍ୟା ଅଛି ଯାହା ୭ ଦ୍ୱାରା ବିଭାଜ୍ୟ କିନ୍ତୁ ୩ ଦ୍ୱାରା ବିଭାଜ୍ୟ ନୁହେଁ?
(କ) ୨ (ଖ) ୪ (ଗ) ୫ (ଘ) ୬

୪. ଯଦି 'L' ଯୋଗ , M ବିୟୋଗ, N ଗୁଣ. P ହରଣ ହୁଏ ତେବେ୧୪N୧୦L୪୨P୨M ୮
(କ) ୧୫୩ (ଖ) ୨୧୬ (ଗ) ୨୪୮ (ଘ) ୨୫୧

୫. ପ୍ରତ୍ୟେକ ଜୋତାରେ ନିଶ୍ଚିତ କଣ ଥିବ ?
(କ) ଲେସ (ଖ) ଚମଡା (ଗ) ଡିଜାଇନ (ଘ) ସୋଲ

୬. ମୁଣ୍ଡ:ଟୋପି :: ଆଙ୍ଗୁଠି :
(କ) ଗ୍ଲୋଭ (ଖ) ଥିମ୍ବଲ (ଗ) ନେଲ (ଘ) ଥମ୍ବ

୭.ଫ୍ୟାନର ନିଶ୍ଚୟ କଣ ରହିବ ?
(କ) ସ୍ୱିଜ (ଖ) ବ୍ଲେଡ (ଗ) କରେଣ୍ଟ (ଘ) ତାର

୮. ଚେୟାର:କବାଟ:ବାଡି ଏହା ସହ କେଉଁଟି ଠିକ
(କ)ଟମାଟୋ:ଆଳୁ:ବାଇଗଣ(ଖ)ମାଛ:କୁମ୍ଭିର:ପାଣି
(ଗ)ଘୋଡା:ବଳଦ:ଶିଙ୍ଘ (ଘ)ଟ୍ରକ:ସ୍କୁଟର:ଗିୟର

୯. EGIK : FILO :: FHJL : ?
(କ)GJMP (ଖ) GMJP (ଗ) JGMP (ଘ)JGPM

10. ପ୍ରଶ୍ନବାଚକ ଚିହ୍ନର ମୂଲ୍ୟ କେତେ ?

| | | |
|---|---|---|
| 8 | 9 | 9 |
| 6 | 7 | 8 |
| 9 | 11 | ? |
| 39 | 52 | 59 |

(କ) 10 (ଖ) 11 (ଗ) 12 (ଘ) 13

**ଉତ୍ତର**

**୧.(କ)ଯାଜପୁର,୨.(ଖ)ଲାଞ୍ଜିଗଡ଼,୩.(ଖ)୬୦୦ଟି, ୪.(କ)ମୁକୁନ୍ଦଦେବ,୫.(ଘ)୧୮୦୩,୬.(କ)ସମ୍ବଲପୁରହିତୈଷିଣୀ, ୭.(କ)ସାକ୍ଷୀଗୋପାଳ,୮.(ଗ) ୩ ,୯.(ଖ) କୋରାପୁଟ, ୧୦.(ଗ) ୧୦୦ ଟଙ୍କା ।**

୧.(ଘ) ୧୨ ୨.(ଘ) ୩୨ ୩.(ଖ) ୪ ୪.((କ) ୧୫୩ ୫. (ଘ) ସୋଲ ୬.(ଖ) ଥିମ୍ବଲ ୭.(ଖ) ବ୍ଲେଡ ୮.(ଗ)ଘୋଡା:ବଳଦ:ଶିଙ୍ଘ ୯.(କ)GJMP ୧୦.(ଘ) 13

## (୧୦) ଇତିହାସ

୧. ଗାନ୍ଧିଜୀ କସ୍ତୁରବାଙ୍କୁ କେବେ ବିବାହ କରିଥିଲେ ?
(କ)୧୮୮୦ ମସିହାରେ (ଖ)୧୮୮୨ ମସିହାରେ
(ଗ)୧୮୮୪ ମସିହାରେ (ଘ)୧୮୮୬ ମସିହାରେ

୨. ଭାରତୀୟ ମୁସଲମାନ ବ୍ୟବସାୟୀଙ୍କ ଓକିଲ ରୂପେ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର କେଉଁ ସ୍ଥାନକୁ ଯାଇଥିଲେ ?
(କ) ଟ୍ରାନ୍ସଭାଲ (ଖ) ଜୋହାନ୍ସବର୍ଗ
(ଗ) ରୋଡ଼େସିଆ (ଘ) ନାଟାଲ

୩. ଖଲିଫା କିଏ ?
(କ)ମୁସଲମାନମାନଙ୍କର ଧର୍ମଗୁରୁ (ଖ)ଖ୍ରୀଷ୍ଟିୟାନମାନଙ୍କର ଧର୍ମଗୁରୁ
(ଗ)ଶିଖ୍‌ମାନଙ୍କର ଧର୍ମଗୁରୁ (ଘ) ପାର୍ସୀମାନଙ୍କର ଧର୍ମଗୁରୁ

୪. ଚୌରିଚୌରା ଥାନାରେ ସାଧାରଣ ଲୋକମାନେ କେବେ ନିଆଁ ଲଗାଇ ଦେଇଥିଲେ ?
(କ) ୧୯୨୨ ମସିହା ଫେବୃୟାରୀ ୦୫
(ଖ) ୧୯୨୨ ମସିହା ଜୁଲାଇ ୧୦
(ଗ) ୧୯୨୩ ମସିହା ଫେବୃୟାରୀ ୦୧
(ଘ) ୧୯୨୪ ମସିହା ମାର୍ଚ୍ଚ ୦୩

୫. ମୌଲାନା ଆବୁଲ କାଲାମ ଆଜାଦ୍ କେବେ ମରଣୋତ୍ତର ଭାରତରତ୍ନ ଉପାଧିରେ ଭୂଷିତ ହୋଇଥିଲେ ?
(କ) ୧୯୯୧ (ଖ) ୧୯୯୨
(ଗ) ୧୯୪୯ (ଘ) ୧୯୫୦

୬. ସାବରମତୀ ଆଶ୍ରମଠାରୁ ଦାଣ୍ଡୀର ଦୂରତା କେତେ ଥିଲା ?
(କ) ୨୪୦ ମାଇଲ (ଖ) ୨୪୧ ମାଇଲ
(ଗ) ୨୪୨ ମାଇଲ (ଘ) ୨୪୩ ମାଇଲ

୭. କେଉଁ ସ୍ଥାନରେ ଜନତା ଜଙ୍ଗଲ ଆଇନ ଅମାନ୍ୟ କରିଥିଲେ ?
(କ) କର୍ଣ୍ଣାଟକ (ଖ) ଗୁଜୁରାଟ
(ଗ) ମାଡ୍ରାସ (ଘ) ମହାରାଷ୍ଟ୍ର

୮. ଖାନ୍ ଅବଦୁଲ୍ ଗଫର ଖାନ୍ କେଉଁ ନାମରେ ପରିଚିତ ?
(କ) ମହାତ୍ମାଗାନ୍ଧୀ (ଖ) ସୀମାନ୍ତ ଗାନ୍ଧୀ
(ଗ) ରାଜୀବ ଗାନ୍ଧୀ (ଘ) ସୋନିଆ ଗାନ୍ଧୀ

୯. କେଉଁ ଗୋଲବେଟ୍‌ଲ ବୈଠକରେ କଂଗ୍ରେସ ଯୋଗ ଦେଇନଥିଲା ?
(କ) ପ୍ରଥମ (ଖ) ଦ୍ୱିତୀୟ
(ଗ) ତୃତୀୟ (ଘ) ଚତୁର୍ଥ

୧୦. ଗାନ୍ଧିଜୀଙ୍କୁ 'ଅର୍ଦ୍ଧନଗ୍ନ ଫକୀର' ଭାବେ କିଏ ଆଖ୍ୟା କରିଥିଲେ ?
(କ) ଚର୍ଚ୍ଚିଲ୍ (ଖ) ଇରଉଇନ୍
(ଗ) ମାକ୍‌ଡ଼ୋନାଲଡ଼ (ଘ) ଡାୟାର୍

## (୧୧) ବାଣିଜ୍ୟ

୧. ଭାରତୀୟ ରିଜର୍ଭ ବ୍ୟାଙ୍କ୍ କେଉଁ ବ୍ୟାଙ୍କ୍‌ର ଲାଇସେନ୍ସକୁ ବାତିଲ୍ କରିଛନ୍ତି ?
(କ) ଷ୍ଟେଟ୍ ବ୍ୟାଙ୍କ୍ (ଖ) କୋଟ୍ାକ୍ ମହିନ୍ଦ୍ରା ବ୍ୟାଙ୍କ୍
(ଗ) ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଘ) ୟୁକୋ ବ୍ୟାଙ୍କ୍

୨. ଭାରତୀୟ ରିଜର୍ଭ ବ୍ୟାଙ୍କ୍ କେଉଁ ବ୍ୟାଙ୍କ୍ ଉପରେ ୧୦ ଲକ୍ଷ ଟଙ୍କା ଜୋରିମାନା କରିଛନ୍ତି ?
(କ) ଏଚ୍.ଡ଼ି.ଏଫ୍.ସି (ଖ) ଓଭରସିସ୍
(ଗ) ୟୁକୋ (ଘ)ଷ୍ଟେଟ୍

୩. କେଉଁ ବ୍ୟାଙ୍କ୍ FX4U ଯୋଜନା ଆରମ୍ଭ କରିଛି ?
(କ) କାନାରା ବ୍ୟାଙ୍କ୍ (ଖ) ବରୋଦା ବ୍ୟାଙ୍କ୍
(ଗ) ରିଜର୍ଭ ବ୍ୟାଙ୍କ୍ (ଘ) ଆକ୍ସିସ୍ ବ୍ୟାଙ୍କ୍

୪. ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଗୃହଋଣର ସୁଧହାର କେତେ ପ୍ରତିଶତ ରଖିଛି ?
(କ) ୫.୫୦% (ଖ) ୮.୯୦%
(ଗ) ୩.୬୦% (ଘ) ୬.୭୦%

୫. କେନ୍ଦ୍ରାପଡ଼ାର କେଉଁଠାରେ ୫୦ହଜାର କୋଟି ଟଙ୍କା ବିନିଯୋଗରେ ମିତଲ୍ ନିପନ୍ ଷ୍ଟିଲ୍ ଇଣ୍ଡିଆ ମେଗାଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବ ?
(କ) ମଙ୍ଗେଶ୍ୱର (ଖ) ମହାକାଳପଡ଼ା
(ଗ) ଗୋପାଳପୁର (ଘ) ସାଲେପୁର

୬. ଫାଷ୍ଟ୍ୟାଗ୍ ଟୋଲ୍ କନେକ୍ସନ୍‌ରେ ଦୈନିକ କେତେ କୋଟି ଟଙ୍କା ଶୁଳ୍କ ଆଦାୟ କରାଯାଇଛି ?
(କ) ୧୦୪ କୋଟି (ଖ) ୧୦୫ କୋଟି
(ଗ) ୧୦୬ କୋଟି (ଘ) ୧୦୭ କୋଟି

୭. ରିଲାଏନ୍ସ ହୋମ୍ ଫାଇନାନସ୍ କଂପାନୀ ଡିସେମ୍ବର ୨୦୨୦ ରେ କେତେ କୋଟି ଟଙ୍କାର ଲୋନ୍ ଡିଫଲ୍ଟ କରିଛି ?
(କ) ୧୦୦ କୋଟି (ଖ) ୨୦୦ କୋଟି
(ଗ) ୧୧୫ କୋଟି (ଘ) ୨୦୫ କୋଟି

୮. ଆନ୍ତର୍ଜାତିକ ବିମାନ ଚଳାଚଳ କେତେ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି ?
(କ) ମାର୍ଚ୍ଚ ୩୧ ତାରିଖ (ଖ) ଏପ୍ରିଲ୍ ୧୪ ତାରିଖ
(ଗ) ମାର୍ଚ୍ଚ ୫ ତାରିଖ (ଘ) ମେ ୮ ତାରିଖ

୯. ଭାରତରେ ଅରବପତି (୧୦୦କୋଟି)ଙ୍କ ସଂଖ୍ୟା ଆସନ୍ତା ୫ବର୍ଷ ମଧ୍ୟରେ କେତେ ପ୍ରତିଶତ ବୃଦ୍ଧିପାଇବ ?
(କ) ୬୨% (ଖ) ୫୯%
(ଗ) ୬୩% (ଘ) ୬୫%

୧୦. ବିଶ୍ୱର ଏକ ନମ୍ବର ବିତ୍ତଶାଳୀ ଭାବେ କିଏ ରହିଛନ୍ତି ?
(କ) ଜେଫ୍ ବେଜୋସ୍ (ଖ) ଜନ୍ ସନ୍‌ସନ୍
(ଗ) ଏଲନ୍ ମସ୍କ (ଘ) ମୁକେଶ ଅମ୍ବାନୀ

---

**ଉତ୍ତର**

୧.(ଖ)୧୮୮୨ମସିହାରେ, ୨.(ଘ)ନାଟାଲ, ୩.(କ) ମୁସଲମାନମାନଙ୍କର ଧର୍ମଗୁରୁ, ୪.(କ)୧୯୨୨ ମସିହା ଫେବୃୟାରୀ ୦୫, ୫.(ଖ)୧୯୯୨, ୬.(ଖ)୨୪୧ମାଇଲ, ୭.(ଘ) ମହାରାଷ୍ଟ୍ର, ୮.(ଖ) ସୀମାନ୍ତ ଗାନ୍ଧୀ, ୯.(କ) ପ୍ରଥମ, ୧୦.(କ) ଚର୍ଚ୍ଚିଲ୍ ।

୧.(ଖ) କୋଡ଼ାକ୍ ମହିନ୍ଦ୍ର ବ୍ୟାଙ୍କ୍, ୨.(କ) ଏଚ୍.ଡ଼ି.ଏଫ୍.ସି ବ୍ୟାଙ୍କ୍, ୩.(କ) କାନାରା ବ୍ୟାଙ୍କ୍ , ୪.(ଘ) ୬.୭୦%, ୫.(ଖ) ମହାକାଳପଡ଼ା, ୬.(କ) ୧୦୪ କୋଟି , ୭.(କ) ୧୦୦ କୋଟି , ୮.(କ) ମାର୍ଚ୍ଚ ୩୧ ତାରିଖ , ୯.(ଖ) ୫୯%, ୧୦.(କ) ଜେଫ୍ ବେଜୋସ୍।

## (୧୨) ଅର୍ଥନୀତି

୧. ୨୦୧୯ - ୨୦ ଆର୍ଥିକ ବର୍ଷର ଜି.ଏସ୍.ଟି ରିଟର୍ଣ୍ଣ ଦାଖଲରେ ସମୟସୀମା କେଉଁ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ?
(କ) ୩୧ ଫେବୃୟାରୀ (ଖ) ୩୧ ମାର୍ଚ୍ଚ
(ଗ) ୨୨ ମାର୍ଚ୍ଚ (ଘ) ୨୫ ଏପ୍ରିଲ୍

୨. ଓଡ଼ିଶାରେ କେତୋଟି 'ମୋ ସେବା' କେନ୍ଦ୍ର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି ?
(କ) ୩୦୦୦ (ଖ) ୪୦୦୦
(ଗ) ୫୦୦୦ (ଘ) ୬୦୦୦

୩. ଡିସେମ୍ବର ତ୍ରୈମାସିକରେ ଭାରତର ଜି.ଡ଼ି.ପି. ରେ (ସକଳ ଘରୋଇ ଉତ୍ପାଦ) କେତେ ପ୍ରତିଶତ ବୃଦ୍ଧିହୋଇଛି ?
(କ) ୧୧% (ଖ) ୧୦% (ଗ) ୦.୪% (ଘ) ୮%

୪. ଓଡ଼ିଶାର ବଜେଟ୍ ୨୦୨୧ରେ ଟଙ୍କିକିଆ ଚାଉଳ ପାଇଁ କେତେ କୋଟିଟଙ୍କା ବ୍ୟୟ ବରାଦ କରାଯାଇଛି ?
(କ) ୯୫୮ କୋଟି (ଖ) ୬୭୦ କୋଟି
(ଗ) ୯୭୮ କୋଟି (ଘ) ୯୬୯ କୋଟି

୫. ମିଳିତ ଜାତିସଂଘ ରିପୋର୍ଟ ଅନୁସାରେ ଭାରତର ପ୍ରତି ଘରେ ଜଣେ ବ୍ୟକ୍ତି ବାର୍ଷିକ କେତେ କେ.ଜି ଖାଦ୍ୟ ନଷ୍ଟ କରୁଛନ୍ତି ?
(କ) ୫୦ କେ.ଜି (ଖ) ୬୦ କେ.ଜି
(ଗ) ୭୦ କେ.ଜି (ଘ) ୮୦ କେ.ଜି

୬. ମହାମାରୀ ଯୋଗୁ ମହାରାଷ୍ଟ୍ରର ପ୍ରାୟ କେତେ ପ୍ରତିଶତ ଲୋକଙ୍କର ଆୟ ନାଶ ଘଟିଛି ବୋଲି ଅନ୍ନ ଅଧିକାର ଅଭିଯାନ ସର୍ବେକ୍ଷଣରୁ ଜଣାପଡ଼ିଛି ?
(କ) ୧୦% (ଖ) ୯୬% (ଗ) ୧୩% (ଘ) ୧୫%

୭. ୨୦୨୦-୨୧ର ଜମି ରେକର୍ଡ଼ରେ ନ୍ୟାସନାଲ୍ କାଉନ୍ସିଲ୍ ଅଫ୍ ଆପ୍ଲାଏଡ଼୍ ଇକନୋମିକ୍ ରିସର୍ଚ୍ଚ ତାଲିକାରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟଭାବେ କାହାର ନାମଅଛି ?
(କ) ପଶ୍ଚିମବଙ୍ଗ (ଖ) ବିହାର
(ଗ) କର୍ଣ୍ଣାଟକ (ଘ) ଓଡ଼ିଶା

୮. ଭୁବନେଶ୍ୱରରେକେଉଁଠାରେ ଯୁବଗୋଷ୍ଠୀମାନଙ୍କ ମଧ୍ୟରେ ଦକ୍ଷତା ବିକାଶ ପାଇଁ ଦକ୍ଷତା ବିକାଶ କେନ୍ଦ୍ର ଉଦଘାଟିତ ହୋଇଛି ?
(କ) ଖଣ୍ଡଗିରି (ଖ) ମଞ୍ଚେଶ୍ୱର
(ଗ) ପାତ୍ରପଡ଼ା (ଘ) ରସୁଲଗଡ଼

୯. ଏବେ ପ୍ଲାଟ୍‌ଫର୍ମର ଟିକେଟ୍ ଦର କେତେ ଗୁଣ ବଢ଼ାଯାଇଛି ?
(କ) ୩ (ଖ) ୫ (ଗ) ୭ (ଘ)୯

୧୦. ଇଜି ଅଫ୍ ଲିଭିଙ୍ଗ୍ ଇଣ୍ଡେକ୍ସ ର୍ୟାଙ୍କିଙ୍ଗ୍‌ରେ ୨୦୨୦ ଅନୁସାରେ ୧୦ ଲକ୍ଷରୁ କମ୍ ଜନସଂଖ୍ୟା ବର୍ଗରେ ଭୁବନେଶ୍ୱର କେତେତମ ସ୍ଥାନରେ ରହିଛି ?
(କ) ୨ୟ (ଖ) ୩ୟ (ଗ) ୪ର୍ଥ (ଘ) ୫ମ

## (୧୩) କ୍ରୀଡ଼ା

୧. ୨୦୨୧ର ଅଷ୍ଟ୍ରେଲିଆନ୍ ଓପନ୍ ଟେନିସର ସିଂଗଲ୍ସ ଚାମ୍ପିଆନ୍ ହୋଇ ସର୍ବିୟାର ନୋଭାକ୍ ଡ୍ୟୋକୋଭିଚ୍ ନିଜର କେତେତମ ଗ୍ରାଣ୍ଡ ସ୍ଲାମ୍ ଟାଇଟେଲ୍ ହାସଲ କରିଛନ୍ତି ?
(କ) ୧୬ତମ (ଖ) ୧୭ତମ (ଗ) ୧୮ତମ (ଘ) ୧୯ତମ

୨. ଟେନିସ୍ ଖେଳର ପୁରୁଷ ସିଂଗଲ୍ସରେ ସର୍ବାଧିକ ଗ୍ରାଣ୍ଡ ସ୍ଲାମ୍ ଟାଇଟେଲ୍ ହାସଲର ରେକର୍ଡ ରୋଜର ଫେଡେରର୍ ଓ ରାଫାଏଲ୍ ନାଦାଲ୍‌ଙ୍କ ନାମରେ ରହିଛି। ଏ ଦୁହେଁ କେତୋଟି ଟାଇଟେଲ୍ ଜିଣିଛନ୍ତି ?
(କ) ୨୦ଟି (ଖ) ୨୧ଟି (ଗ) ୨୨ଟି (ଘ) ୨୩ଟି

୩. ୨୦୨୧ର ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ଡ୍ୟୋକୋଭିଚ୍ ରୁଷ ଦେଶର କେଉଁ ଖେଳାଳିଙ୍କୁ ପରାସ୍ତ କରି ଚାମ୍ପିଆନ୍ ହୋଇଥିଲେ ?
(କ) ଆଲେକ୍‌ଜାଣ୍ଡର୍ ଜ୍ୱେରେଭ୍ (ଖ) ଆନ୍ଦ୍ରେ ରୁବ୍‌ଲେଭ୍
(ଗ) ଡାନିଲ୍ ମେଡ୍‌ଭେଡେଭ୍ (ଘ) ଆସ୍‌ଲାନ୍ କାରାସେଭ୍

୪. ୨୦୨୧ର ଅଷ୍ଟ୍ରେଲିଆନ୍ ଓପନ୍‌ରେ ମହିଳା ସିଂଗଲ୍ସ ଚାମ୍ପିଆନ ହୋଇଥିବ ନାଓମି ଓସାକା କେଉଁ ଦେଶର ତାରକା ?
(କ) ଜାପାନ (ଖ) ତାଇୱାନ୍ (ଗ) ସ୍ପେନ୍ (ଘ) ରୁଷିଆ

୫. ୨୦୨୧ର ଅଷ୍ଟ୍ରେଲିଆନ୍ ଓପନ୍ ମହିଳା ସିଂଗଲ୍ସ ଫାଇନାଲରେ ନାଓମି ଓସାକା କେଉଁ ଖେଳାଳିଙ୍କୁ ହରାଇ ଚାମ୍ପିଆନ ହୋଇଥିଲେ ?
(କ) ସେରେନା ୱିଲିୟମ୍ସ (ଖ) ସିମୋନା ହାଲେପ୍
(ଗ) ଜେନିଫର୍ ବାର୍ଡି (ଘ) ଆଶ୍‌ଲେ ବାର୍ଟି

୬. ବର୍ଷ-୨୦୨୦ରେ କରୋନା ମହାମାରୀ ଯୋଗୁଁ କେଉଁ ଗ୍ରାଣ୍ଡ ସ୍ଲାମ୍ ଟେନିସ ପ୍ରତିଯୋଗିତା ଆୟୋଜିତ ହୋଇପାରିନଥିଲା ?
(କ) ଅଷ୍ଟ୍ରେଲିଆନ୍ ଓପନ୍ (ଖ) ଫ୍ରେଞ୍ଚ ଓପନ୍
(ଗ) ୱିମ୍ବଲଡନ୍ (ଘ) ୟୁ.ଏସ. ଓପନ୍

୭. ବ୍ୟାଡମିଣ୍ଟନ୍ ଖେଳରେ ବିଶ୍ୱର ସର୍ବ ପୁରାତନ ଆନ୍ତର୍ଜାତିକ ଟୁର୍ଣ୍ଣାମେଣ୍ଟ କେଉଁ ମସିହାରେ ଆରମ୍ଭ ହୋଇଥିଲା ?
(କ) ୧୮୯୦ (ଖ) ୧୮୯୪ (ଗ) ୧୮୯୬ (ଘ) ୧୮୯୯

୮. ବିଶ୍ୱର ସର୍ବ ପୁରାତନ ଆନ୍ତର୍ଜାତିକ ଫୁଟବଲ ଟୁର୍ଣ୍ଣାମେଣ୍ଟର ନାମ କଣ ?
(କ) ୟୁରୋ କପ୍ (ଖ) କୋପା ଆମେରିକା
(ଗ) ଫିଫା ବିଶ୍ୱକପ୍ (ଘ) ଏସିଆ କପ୍ ଫୁଟବଲ

୯. ଇଂଲାଣ୍ଡ ବିରୁଦ୍ଧରେ ଚେନ୍ନାଇରେ ଟେଷ୍ଟ ପଦାର୍ପଣ କରି ଅକ୍ଷର ପଟେଲ ଭାରତର କେତେତମ ଟେଷ୍ଟ ଖେଳାଳିରେ ପରିଣତ ହୋଇଛନ୍ତି ?
(କ) ୩୦୦ (ଖ) ୩୦୨ (ଗ) ୩୦୪ (ଘ) ୩୦୬

୧୦) ଏମାନଙ୍କ ମଧ୍ୟରୁ କେଉଁ ହକି ଖେଳାଳି ଜଣକ ସୁନ୍ଦରଗଡ଼ ଜିଲ୍ଲାର ବାସିନ୍ଦା ନୁହନ୍ତି ?
(କ) ରୋଶନ୍ ମିଞ୍ଜ (ଖ) ଅମିତ ରୋହିଦାସ
(ଗ) ବୀରେନ୍ଦ୍ର ଲାକ୍ରା (ଘ) ଦୀପସାନ୍ ତିର୍କୀ

**ଉତ୍ତର**

୧.(ଖ) ୩୧ ମାର୍ଚ୍ଚ ,୨.(କ) ୩୦୦୦ଟି,୩.(ଗ) ୦.୪%, ୪.(ଘ) ୯୬୯ କୋଟି, ୫.(କ) ୫୦ କେ.ଜି,୬.(ଖ) ୯୬% , ୭.(ଘ) ଓଡ଼ିଶା, ୮.(ଖ) ମଞ୍ଚେଶ୍ୱର,୯.(କ) ୩ ଗୁଣ, ୧୦. (କ) ୨ୟ ।

୧. (ଗ) ୧୮ତମ, ୨.(କ) ୨୦ଟି, ୩. (ଗ) ଡାନିଲ୍ ମେଡ୍‌ଭେଡେଭ୍, ୪.(କ) ଜାପାନ, ୫.(ଗ) ଜେନିଫର୍ ବାର୍ଡି, ୬.(ଗ) ୱିମ୍ବଲଡନ୍, ୭.(ଘ) ୧୮୯୯, ୮. (ଖ) କୋପା ଆମେରିକା, ୯.(ଖ) ୩୦୨, ୧୦.(କ) ରୋଶନ୍ ମିଞ୍ଜ

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. କିଙ୍ଗ୍ ଲିୟର୍, ମ୍ୟାକ୍‌ବେଥ୍, ଓଥେଲୋ ଭଳି ପ୍ରସିଦ୍ଧ ନାଟକ କେଉଁ ବିଶ୍ୱପ୍ରସିଦ୍ଧ ସାହିତ୍ୟିକଙ୍କ ରଚନା ଅଟେ ?
(କ) ଜର୍ଜ ବର୍ଣ୍ଣାଡ ଶ (ଖ) ୱିଲିୟମ୍ ଶେକ୍ସପିୟର୍
(ଗ) ଜନ୍ ୱେବ୍‌ଷ୍ଟର (ଘ) ଜନ୍ ଭାନ୍‌ବର୍ଗ

୨. ରବିନସନ୍ କ୍ରୁସୋ ପୁସ୍ତକର ରଚୟିତା କିଏ ?
(କ) ଡାନିଏଲ୍ ଡିଫୋ (ଖ) ଚାର୍ଲସ୍ ଡିକେନ୍ସ
(ଗ) ଭିକ୍ଟର୍ ୟୁଗୋ (ଘ) ଆଲେକ୍‌ଜାଣ୍ଡାର୍ ଡୁମା

୩. ଏଥିମଧ୍ୟରୁ କେଉଁ ହିନ୍ଦୀ ପୁସ୍ତକଟି ହରିବଂଶରାୟ ବଚ୍ଚନଙ୍କ ରଚନା ?
(କ) ସାକେତ୍ (ଖ) ରଶ୍ମୀରଥୀ (ଗ) ଉର୍ବଶୀ (ଘ) ମଧୁଶାଲା

୪. ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ପ୍ରଥମ ଓଡ଼ିଆ ସାହିତ୍ୟିକଙ୍କ ନାମ କଣ ?
(କ) ମନୋଜ ଦାସ (ଖ) ଗୋପୀନାଥ ମହାନ୍ତି
(ଗ) ସଚ୍ଚି ରାଉତରାୟ (ଘ) ନିତ୍ୟାନନ୍ଦ ମହାପାତ୍ର

୫. ବିଶିଷ୍ଟ ସଂଗୀତଜ୍ଞ ଉସ୍ତାଦ୍ ଆମଜାଦ୍ ଅଲ୍ଲୀ ଖାନ୍ କେଉଁ ବାଦ୍ୟଯନ୍ତ୍ର ବାଦନ ନିମନ୍ତେ ପ୍ରସିଦ୍ଧ ?
(କ) ସନ୍ତୁର୍ (ଖ) ବୀଣା (ଗ) ସରୋଦ୍ (ଘ) ସିତାର୍

୬. ଭାରତ ରତ୍ନ ସମ୍ମାନ ଲାଭ କରିଥିବା ବିଶିଷ୍ଟ ସଙ୍ଗୀତଜ୍ଞ ପଣ୍ଡିତ ରବିଶଙ୍କର ମୁଖ୍ୟତଃ କେଉଁ ବାଦ୍ୟଯନ୍ତ୍ର ନିମନ୍ତେ ପ୍ରସିଦ୍ଧ ?
(କ) ସିତାର୍ (ଖ) ବେହେଲା (ଗ) ବଂଶୀ (ଘ) ବୀଣା

୭. ବିଶ୍ୱର ସର୍ବବୃହତ ହିନ୍ଦୁ ମନ୍ଦିର ଆଙ୍କୋର୍ ୱାଟ୍ କେଉଁ ଦେଶରେ ଅବସ୍ଥିତ ?
(କ) ଭାରତ (ଖ) ମିୟାଁମାର୍ (ଗ) କାମ୍ବୋଡ଼ିଆ (ଘ) ଥାଇଲାଣ୍ଡ

୮. ନେପାଳର ରାଜଧାନୀ କାଠମାଣ୍ଡୁ ଠାରେ କେଉଁ ପ୍ରସିଦ୍ଧ ଶିବ ମନ୍ଦିର ଅବସ୍ଥିତ ?
(କ) ଓଙ୍କାରେଶ୍ୱର ମନ୍ଦିର (ଖ) ପଶୁପତିନାଥ ମନ୍ଦିର
(ଗ) କୈଳାସନାଥ ମନ୍ଦିର (ଘ) ମହାକାଳେଶ୍ୱର ମନ୍ଦିର

୯. ପୁରୀ ନିକଟସ୍ଥ କରମଳା ଗ୍ରାମରେ କେଉଁ ଧର୍ମଗୁରୁ ଜନ୍ମଗ୍ରହଣ କରିଥିଲେ ?
(କ) ଶ୍ରୀ ନିଗମାନନ୍ଦ (ଖ) ଶ୍ରୀ ଅନୁକୂଳ ଚନ୍ଦ୍ର
(ଗ) ଶ୍ରୀ ଶଙ୍କର ଦେବ (ଘ) ଶ୍ରୀ ଅଭିରାମ ପରମହଂସ

୧୦) ହୋଲି ପର୍ବ ଅବସରରେ ହୋଲା ମୋହଲ୍ଲା ଉତ୍ସବ ମୁଖ୍ୟତଃ ଭାରତର କେଉଁ ରାଜ୍ୟରେ ପାଳନ କରାଯାଏ ?
(କ) ପଞ୍ଜାବ (ଖ) ହିମାଚଳ ପ୍ରଦେଶ
(ଗ) ଉତ୍ତରାଖଣ୍ଡ (ଘ) ଗୁଜରାତ

## (୧୫) ଭୂଗୋଳ

୧. ପଶ୍ଚିମଘାଟ ପର୍ବତମାଳାରେ ଥିବା ଦକ୍ଷିଣ ଭାରତର ଉଚ୍ଚତମ ପର୍ବତ ଶୃଙ୍ଗର ନାମ କ'ଣ ?
(କ) ଦୋଦାବେଟ୍ଟା (ଖ) ଆନ୍ନାଇମୁଡି
(ଗ) ଆନ୍ନାମଲାଇ (ଘ) ସାବରିମାଲା

୨. ଯୁକ୍ତରାଷ୍ଟ୍ର ଆମେରିକାର ବିଶ୍ୱ ପ୍ରସିଦ୍ଧ ହୁଭର୍ ଡ୍ୟାମ୍ କେଉଁ ନଦୀ ଉପରେ ନିର୍ମିତ ହୋଇଛି ?
(କ) କଲୋରାଡୋ (ଖ) ମିସିସିପି (ଗ) ରିଓ ଗ୍ରାଣ୍ଡ (ଘ) ପେକୋସ୍

୩. ମଧ୍ୟପ୍ରଦେଶରୁ ଉତ୍ପତ୍ତି ଲାଭ କରି ଉତ୍ତର ଦିଗକୁ ପ୍ରବାହିତ ହୋଇଥିବା ବେଟଓ୍ୱା ନଦୀ କେଉଁ ନଦୀର ଉପନଦୀ ଅଟେ ?
(କ) ଗୋଦାବରୀ (ଖ) ନର୍ମଦା (ଗ) ଗଙ୍ଗା (ଘ) ତାପ୍ତି

୪. ୟୁରୋପ ମହାଦେଶର ଉଚ୍ଚତମ ପର୍ବତ ଶୃଙ୍ଗର ନାମ କ'ଣ ?
(କ) ରଷ୍ଟିଭେଲି (ଖ) ଡାଇଖ୍-ତାଉ (ଗ) ଏଲବ୍ରୁସ୍ (ଘ) ମଁ ବ୍ଲାଁ

୫. ପୃଥିବୀର ବୃହତ୍ତମ ସାଗରର ନାମ କ'ଣ ?
(କ) ବେରିଂ ସାଗର (ଖ) ଭୂମଧ୍ୟ ସାଗର
(ଗ) କାରବିୟନ୍ ସାଗର (ଘ) ଦକ୍ଷିଣ ଚୀନ୍ ସାଗର

୬. ରୁଷିଆ ପଛକୁ ଆୟତନ ଦୃଷ୍ଟିରୁ ପୃଥିବୀର ଦ୍ୱିତୀୟ ବୃହତ୍ତମ ଦେଶର ନାମ କ'ଣ ?
(କ) ଯୁକ୍ତରାଷ୍ଟ୍ର ଆମେରିକା (ଖ) ଅଷ୍ଟ୍ରେଲିଆ (ଗ) କାନାଡ଼ା (ଘ) ଚୀନ୍

୭. ରେକ୍ୟାଭିକ୍ ନଗରୀଟି କେଉଁ ଦେଶର ରାଜଧାନୀ ଅଟେ ?
(କ) ନେଦରଲାଣ୍ଡସ (ଖ) ଦକ୍ଷିଣ ଆଫ୍ରିକା
(ଗ) ଆଇସ୍‌ଲାଣ୍ଡ (ଘ) ନ୍ୟୁଜିଲାଣ୍ଡ

୮. ଏଥିମଧ୍ୟରୁ କେଉଁ ସାମୁଦ୍ରିକ ସ୍ରୋତଟି ଭାରତ ମହାସାଗରରେ ପ୍ରବାହିତ ହୋଇଥାଏ ?
(କ) ଆଗ୍ୟୁଲାସ୍ ସ୍ରୋତ (ଖ) କ୍ୟୁରାଇଲ୍ ସ୍ରୋତ
(ଗ) କ୍ୟୁରୋସିଓ ସ୍ରୋତ (ଘ) ବେଙ୍ଗୁଆଲା ସ୍ରୋତ

୯. କେଉଁ ଅଞ୍ଚଳଟି ପୃଥିବୀର ସର୍ବାଧିକ ଶୁଷ୍କ ଅଞ୍ଚଳ ଭାବେ ପରିଚିତ ?
(କ) ଭାରତର ଥର୍ ମରୁଭୂମି (ଖ) ଚିଲୀର ଆଟାକାମା ମରୁଭୂମି
(ଗ) ସାଉଦି ଆରବର ମରୁଭୂମି (ଘ) ଆଫ୍ରିକାର ସାହାରା ମରୁଭୂମି

୧୦. ଓଡ଼ିଶାର ଦାର୍ଜିଲିଂ ଭାବେ ପରିଚିତ ଦାରିଙ୍ଗବାଡ଼ି ସହରଟି କେଉଁ ଜିଲ୍ଲାରେ ଅବସ୍ଥିତ ?
(କ) କୋରାପୁଟ (ଖ) କେନ୍ଦୁଝର (ଗ) ବୌଦ୍ଧ (ଘ) କନ୍ଧମାଳ

**ଉତ୍ତର**

୧. (ଖ) ୱିଲିୟମ୍ ଶେକ୍ସପିୟର, ୨.(କ) ଡାନିଏଲ୍ ଡିଫୋ, ୩. (ଘ) ମଧୁଶାଲା, ୪.(ଖ) ଗୋପୀନାଥ ମହାନ୍ତି, ୫. (ଗ) ସରୋଦ୍, ୬.(କ) ସିତାର୍, ୭.(ଗ) କାମ୍ବୋଡ଼ିଆ, ୮. (ଖ) ପଶୁପତିନାଥ ମନ୍ଦିର, ୯.(ଘ) ଶ୍ରୀ ଅଭିରାମ ପରମହଂସ, ୧୦. (କ) ପଞ୍ଜାବ

୧.(ଖ) ଆନ୍ନାଇମୁଡି, ୨.(କ) କଲୋରାଡୋ, ୩.(ଗ) ଗଙ୍ଗା, ୪.(ଗ) ଏଲବ୍ରୁସ୍, ୫.(ଘ) ଦକ୍ଷଣ ଚୀନ୍ ସାଗର, ୬.(ଗ) କାନାଡ଼ା, ୭.(ଗ) ଆଇସ୍‌ଲାଣ୍ଡ, ୮. (କ) ଆଗ୍ୟୁଲାସ୍ ସ୍ରୋତ , ୯.(ଖ) ଚିଲୀର ଆଟାକାମା ମରୁଭୂମି , ୧୦. (ଘ) କନ୍ଧମାଳ ।

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. କିଏ ସଂସଦର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟନ୍ତି ?
(କ) ପ୍ରଧାନମନ୍ତ୍ରୀ (ଖ) ମୁଖ୍ୟମନ୍ତ୍ରୀ
(ଗ) ରାଷ୍ଟ୍ରପତି (ଘ) ଉପରାଷ୍ଟ୍ରପତି

୨. "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଶାସନ" - ଏକଥା କିଏ କହିଥିଲେ ?
(କ) ଆବ୍ରାହମ୍ ଲିଙ୍କନ୍ (ଖ) ଜର୍ଜ ୱାସିଙ୍ଗଟନ୍
(ଗ) ଜବାହରଲାଲ ନେହେରୁ (ଘ) ମହାତ୍ମାଗାନ୍ଧୀ

୩. ଭାରତର ସମ୍ବିଧାନ ପ୍ରସ୍ତୁତ କରିବାରେ କିଏ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ?
(କ) ଜବାହରଲାଲ ନେହେରୁ (ଖ) ବଲ୍ଲଭଭାଇ ପଟେଲ
(ଗ) ସରୋଜିନୀ ନାଇଡୁ (ଘ) ଡ.ଭୀମରାଓ ଆମ୍ବେଦକର

୪. କେଉଁଟି ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ନୁହେଁ ?
(କ) ପୌରନିଗମ (ଖ) ପୌରପାଳିକା
(ଗ) ଜିଲ୍ଲା ପରିଷଦ (ଘ) ବିଜ୍ଞାପିତ ଅଞ୍ଚଳ ପରିଷଦ

୫. କେଉଁଟି ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ନୁହେଁ ?
(କ) ଗ୍ରାମପଞ୍ଚାୟତ (ଖ) ପଞ୍ଚାୟତ ସମିତି
(ଗ) ବିଜ୍ଞାପିତ ଅଞ୍ଚଳ ପରିଷଦ (ଘ) ଜିଲ୍ଲାପରିଷଦ

୬. ନିମ୍ନୋକ୍ତ କେଉଁଟି ଆମ ସମ୍ବିଧାନର ମୁଖବନ୍ଧ ସ୍ୱରୂପ ?
(କ) ସୂଚୀପତ୍ର (ଖ) ପ୍ରାକ୍‌କଥନ
(ଗ) ଧାରା (ଘ) ଅୟମାରମ୍ଭ

୭. କେନ୍ଦ୍ର ମନ୍ତ୍ରୀମଣ୍ଡଳ କାହା ନିକଟରେ ସାମୂହିକ ଭାବରେ ଉତ୍ତରଦାୟୀ ରହନ୍ତି ?
(କ) ଲୋକସଭା (ଖ) ରାଜ୍ୟସଭା
(ଗ) ରାଷ୍ଟ୍ରପତି (ଘ) ପ୍ରଧାନମନ୍ତ୍ରୀ

୮. ସମ୍ବିଧାନର କେଉଁ ଧାରାରେ ଲୋକସଭାର ଆସନ ସଂରକ୍ଷଣ ବ୍ୟବସ୍ଥା ରହିଛି ?
(କ) ୩୩୦ ଧାରା (ଖ) ୩୩୨ ଧାରା
(ଗ) ୩୪୨ ଧାରା (ଘ) ୩୭୨ ଧାରା

୯. ଲୋକସଭା ନିର୍ବାଚନ ବ୍ୟବସ୍ଥାରେ କିଏ ରିଟର୍ଣ୍ଣିଂ ଅଫିସର ଭାବରେ ନିଯୁକ୍ତ ହୁଅନ୍ତି ?
(କ) ବି.ଡ଼ି.ଓ (ଖ) ତହସିଲଦାର
(ଗ) ଜିଲ୍ଲାପାଳ (ଘ) ଉପ-ଜିଲ୍ଲାପାଳ

୧୦. ଓଡ଼ିଶାର ନିମ୍ନୋକ୍ତ କେଉଁ ଜିଲ୍ଲାରେ ଗୋଟିଏ ମାତ୍ର ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଅଛି ?
(କ) ଝାରସୁଗୁଡ଼ା (ଖ) ବୌଦ୍ଧ
(ଗ) ସୁବର୍ଣ୍ଣପୁର (ଘ) ଦେବଗଡ଼

## (୧୭) କମ୍ପ୍ୟୁଟର୍ ଶିକ୍ଷା

୧. କମ୍ପ୍ୟୁଟର କି ବୋର୍ଡ(Key Board)ରେ କେତୋଟି କି (Key) ଅଛି ?
(କ) ୧୦୦ (ଖ) ୮୮ (ଗ) ୧୦୧ (ଘ) ୧୧୦

୨. MICR, ର 'C' ନିମ୍ନରୁ କେଉଁଟିକୁ ବୁଝାଇଥାଏ ?
(କ) କଲର (ଖ) କୋଡ (ଗ) କ୍ୟାରେକ୍ଟର (ଘ) କୋଡିଙ୍ଗ୍

୩. ପ୍ରିଣ୍ଟେଡ୍ କପିକୁ ________ କୁହାଯାଏ ?
(କ) ସଫ୍ଟକପି (ଖ) ବ୍ଲାଙ୍କ୍ କପି
(ଗ) ହାର୍ଡ କପି (ଘ) ରାଇଟ୍ କପି

୪. ଏମ୍‌ଏସ୍ ୱାର୍ଡରେ ଏକ ନୂଆ ଫାଇଲ୍ ଖୋଲିବା ପାଇଁ କେଉଁ ସର୍ଟକଟ କି ବ୍ୟବହାର କରାଯାଇଥାଏ ?
(କ) Ctrl+X (ଖ) Ctrl+N (ଗ) Ctrl+C (ଘ) Ctrl+D

୫. ଏକ୍ସେଲର (Excel) ଏକ କଲମ (Column) କୁ କିପରି ସିଲେକ୍ଟ କରାଯାଇପାରିବ ?
(କ) Ctrl+Space bar (ଖ) Ctrl+B
(ଗ) Shift+Enter (ଘ) Ctrl+C

୬. URL________ କୁ ବୁଝାଇଥାଏ ?
(କ) Uniform Read Locator
(ଖ) Uniform Research Locator
(ଗ) Unicode Research Location
(ଘ) United Research Locator

୭. କମ୍ପ୍ୟୁଟରରେ ଗଣନା କାର୍ଯ୍ୟ ନିମ୍ନଲିଖିତ କାହାଦ୍ୱାରା ସମ୍ଭବପର ହୋଇଥାଏ ?
(କ) Memory (ଖ) Control Unity
(ଗ) ALU (ଘ) CPU

୮. ହାର୍ଡ ଡିସ୍କ (Hard Disk) ଟି ________ ରେ ତିଆରି ହୋଇଛି ?
(କ) ଆଇରନ (ଖ) କପର (ଗ) ଆଲୁମିନିୟମ୍ (ଘ) ବିସମଥ୍

୯. କେଉଁ କମାଣ୍ଡଦ୍ୱାରା ଗୋଟିଏ ଫାଇଲର ବିଷୟବସ୍ତୁ ଦେଖିହେବ ?
(କ) ଟାଇପ୍ (ଖ) କପି
(ଗ) ଇଡି (ଘ) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

୧୦. କଟ୍ (Cut) କରିବାକୁ କେଉଁ ସଟକଟ୍ କି ବ୍ୟବହାର କରାଯାଇଥାଏ ?
(କ) Ctrl+X (ଖ) Ctrl+Y
(ଗ) Ctrl+V (ଘ) Ctrl+A

**ଉତ୍ତର**

୧.(ଗ) ରାଷ୍ଟ୍ରପତି, ୨.(କ) ଆବ୍ରାହମ୍ ଲିଙ୍କନ୍, ୩.(ଘ)ଡ.ଭୀମରାଓ ଆମ୍ବେଦକର, ୪.(ଗ)ଜିଲ୍ଲା ପରିଷଦ, ୫.(ଗ)ବିଜ୍ଞାପିତ ଅଞ୍ଚଳ ପରିଷଦ, ୬.(ଖ) ପ୍ରାକ୍‌କଥନ, ୭.(କ)ଲୋକସଭା, ୮.(କ)୩୩୦ ଧାରା, ୯.(ଘ) ଉପ-ଜିଲ୍ଲାପାଳ, ୧୦.(ଘ) ଦେବଗଡ଼ ।

୧.(ଗ) ୧୦୧ ୨.(ଗ) କ୍ୟାରେକ୍ଟର ୩.(ଗ) ହାର୍ଡ କପି
୪.(ଖ) Ctrl+N ୫.(କ) Ctrl+Space bar
୬.(ଖ) Uniform Research Locator ୭.
୮.(ଗ) ଆଲୁମିନିୟମ୍ ୯.(କ) ଟାଇପ୍ ୧୦.(କ) Ctrl+X

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. କେତେ ଗ୍ରାମରେ ଏକ ଆଉନ୍ସ ହୁଏ ?
(କ) ୨୮.୩୪୯୫ ଗ୍ରାମ୍ (ଖ) ୩୭.୨୫ ଗ୍ରାମ୍
(ଗ) ୪୬.୨୮ ଗ୍ରାମ୍ (ଘ)୬୫.୩ ଗ୍ରାମ୍

୨. ଏକ ଟନ୍ ମାନେ କେତେ କିଲୋଗ୍ରାମ ?
(କ)୧୦୦୦ କିଲୋଗ୍ରାମ (ଖ)୧୦୧୬.୦୫କି.ଗ୍ରା
(ଗ) ୯୦୭.୧୮୫ କି.ଗ୍ରା (ଘ) ୨୦୦୦ କି.ଗ୍ରା

୩. ୪୦ ଉଷ୍ଣତାରେ ୧ ଘନ ସେ.ମି ବିଶୁଦ୍ଧ ଜଳର ବସ୍ତୁତ୍ୱ କେତେ ?
(କ) ୧ ମିଲିଗ୍ରାମ୍ (ଖ) ୦.୫ ଗ୍ରାମ୍
(ଗ) ୧ ଗ୍ରାମ୍ (ଘ) ୨ ଗ୍ରାମ୍

୪. କେତେ ମିନିଟ୍‌ରେ ଏକ ଘଡ଼ି ହୁଏ ?
(କ) ୧ ଘଣ୍ଟା (ଖ) ୪୮ ମିନିଟ୍
(ଗ) ୪୫ ମିନିଟ୍ (ଘ) ୩୦ ମିନିଟ୍

୫. ଗଣିତଶାସ୍ତ୍ରରେ ପ୍ରଥମେ ଇଂରାଜୀ ପୁସ୍ତକ କେବେ ଛାପାହୋଇଥିଲା ?
(କ) ୧୫୪୦ ମସିହା (ଖ) ୧୬୬୪ ମସିହା
(ଗ) ୧୭୩୭ ମସିହା (ଘ) ୧୮୨୫ ମସିହା

୬. ସଂଖ୍ୟାତତ୍ତ୍ୱ ସମ୍ପର୍କିତ ପ୍ରଥମ ପୁସ୍ତକ "ଏରିଥ୍‌ମେଡ଼ିକୋ" ର ରଚୟିତା କିଏ ?
(କ) ନିଉଟନ (ଖ) ଦ' ଲାମ୍ବର୍ଟ
(ଗ) ଆବେଲ (ଘ) କାର୍ଲ ଫ୍ରେଡ଼େରିକ୍ ଗସ୍

୭. ଗଣିତରେ ବ୍ୟବହୃତ ପ୍ରଥମ ସାଙ୍କେତିକ ଚିହ୍ନଟି କ'ଣ ?
(କ) + ଚିହ୍ନ (ଖ) - ଚିହ୍ନ
(ଗ) ଚିହ୍ନ (ଘ) / ଚିହ୍ନ

୮. '+' ଚିହ୍ନ ପ୍ରଥମେ କିଏ ପ୍ରଚଳନ କରିଥିଲେ ?
(କ) ଦ' ଲାମ୍ବର୍ଟ (ଖ) ବ୍ରହ୍ମଗୁପ୍ତ
(ଘ) ଜୋହାନ ୱିଡ୍‌ମ୍ୟାନ (ଘ) ଫର୍ମା

୯. ବିୟୋଗପାଇଁ ବ୍ୟବହାର କରାଯାଉଥିବା '-' ଚିହ୍ନ ପ୍ରଥମେ କିଏ ବ୍ୟବହାର କରିଥିଲେ ?
(କ) କାର୍ଡ଼ନ (ଖ) ଫେରାରି
(ଗ) ବ୍ରହ୍ମଗୁପ୍ତ (ଘ) ଜୋହାନ ୱିଡ୍‌ମ୍ୟାନ୍

୧୦. ସମୟ ମାପର ମାନକ ଏକକ କ'ଣ ?
(କ) ଘଣ୍ଟା (ଖ) ମିନିଟ୍
(ଗ) ସେକେଣ୍ଡ (ଘ) ଡିଗ୍ରୀ

## (୧୯) ସାଧାରଣ ବିଜ୍ଞାନ

୧. ଲେଜରରଶ୍ମି ବ୍ୟବହାର କରି ପ୍ରଥମେ କେବେ ପୃଥିବୀରୁ ଚନ୍ଦ୍ରପୃଷ୍ଠର ଦୂରତା ନିରୂପଣ କରାଯାଇଥିଲା ?
(କ)୧୯୫୮ମସିହାରେ (ଖ)୧୯୬୫ ମସିହାରେ
(ଗ)୧୯୬୯ମସିହାରେ (ଘ)୧୯୭୮ ମସିହାରେ

୨. ଲେଜର ପ୍ରଥମେ କିଏ ଉଦ୍ଭାବନ କରିଥିଲେ ?
(କ)ଟି.ଏଚ୍.ମାଇମ୍ୟାନ୍ (ଖ) କ୍ରିଷ୍ଟିଏନା ହାଇଜେନ୍ସ
(ଗ)ସି.ଏଚ୍.ଟ୍ରାନ୍ସ (ଘ) ଡ଼େନ୍ନିସ ଗ୍ୟାବର

୩. ଲେଜରରଶ୍ମି ଏତେ ଶକ୍ତିଶାଳୀ କାହିଁକି ?
(କ) ଲେଜରରଶ୍ମିର ତରଙ୍ଗ ଦୈର୍ଘ୍ୟ ଅଧିକ
(ଖ) ଲେଜରରଶ୍ମିର ଆବୃତ୍ତି କମ୍
(ଗ) ଲେଜରରଶ୍ମି ଅଧିକ ବେଗରେ ଗତି କରେ
(ଘ) ଲେଜରରଶ୍ମିଗୁଡ଼ିକ ସୁଂସହତ

୪. ଆଲୋକର ଉଜ୍ଜ୍ୱଳତା ମାପ କରିବାପାଇଁ ନିମ୍ନଲିଖିତ କେଉଁ ଉପକରଣ ବ୍ୟବହାର କରାଯାଏ ?
(କ) ଫଟୋମିଟର (ଖ) ପାଇରୋମିଟର
(ଗ) ସ୍ପେକ୍‌ଟ୍ରୋମିଟର (ଘ) ଫଟୋ ସେଲ୍

୫. ସାଧାରଣ ବାୟୁମଣ୍ଡଳୀୟ ତାପମାତ୍ରା ରେ ବାୟୁରେ ଧ୍ୱନିର ବେଗ କେତେ ?
(କ) ୩୩୩ ମି./ସେ. (ଖ) ୩୪୩.୪ ମି./ସେ.
(ଗ) ୩୬୭ ମି./ସେ. (ଘ) ୩୮୮ ମି./ସେ.

୬. ବାୟୁ ମାଧମରେ ଧ୍ୱନିର ବେଗ ବାୟୁର ନିମ୍ନଲିଖିତ କେଉଁ ଉପାଦାନ ଉପରେ ନିର୍ଭର କରେନାହିଁ ?
(କ) ତାପମାତ୍ରା (ଖ) ଆର୍ଦ୍ରତା
(ଗ) ଚାପ (ଘ) ସାନ୍ଦ୍ରତା

୭. ତାପମାତ୍ରା ବୃଦ୍ଧି ସହିତ ଧ୍ୱନିର ବେଗ କିପରି ପ୍ରଭାବିତ ହୋଇଥାଏ ?
(କ) ହ୍ରାସ ପାଏ (ଖ) ପରିବର୍ତ୍ତିତ ହୁଏନାହିଁ
(ଗ) ବୃଦ୍ଧିପାଏ (ଘ) ପ୍ରଥମେ ବୃଦ୍ଧିପାଏ ଓ ପରେ ହ୍ରାସପାଏ

୮. ସମୁଦ୍ର ପତ୍ତନରେ ସାଧାରଣ ବାୟୁମଣ୍ଡଳୀୟ ଚାପ କେତେ ?
(କ) ପାରଦ ସ୍ତମ୍ଭର ୭୬ ସେ.ମି (ଖ) ପାରଦ ସ୍ତମ୍ଭର ୭୩ ସେ.ମି
(ଗ) ପାରଦ ସ୍ତମ୍ଭର ୭୦ ସେ.ମି (ଘ) ପାଦର ସ୍ତମ୍ଭର ୮୦ ସେ.ମି

୯. କେଉଁ ନିୟମ ହେତୁ ଜଳରେ ପହଁରିବା ସମୟରେ ହାଲୁକା ଅନୁଭୂତ ହୁଏ ?
(କ) ପାସ୍କାଲଙ୍କ ନିୟମ (ଖ) ବର୍ଣ୍ଣୁଲିଙ୍କ ସୂତ୍ର
(ଗ) ଆର୍କିମେଡ଼ିସ୍‌ଙ୍କ ସୂତ୍ର (ଘ) ଷ୍ଟୋକ୍‌ଙ୍କ ନିୟମ

୧୦. ନଳ ମଧରେ ପ୍ରବାହିତ ଜଳର ବେଗ ନିରୂପଣ ପାଇଁ କେଉଁ ଉପକରଣ ବ୍ୟବହୃତ ହୋଇଥାଏ ?
(କ) ଭିସ୍କୋମିଟର (ଖ) ହ୍ୱିଡ୍ରୋମିଟର
(ଗ) ଭେଞ୍ଚୁରିମିଟର (ଘ) ଏନିମୋମିଟର

**ଉତ୍ତର**

୧.(କ)୨୮.୩୪୯୫ ଗ୍ରାମ୍, ୨.(ଖ)୧୦୧୬.୦୫କି.ଗ୍ରା, ୩.(ଗ) ୧ ଗ୍ରାମ୍, ୪.(ଖ)୪୮ ମିନିଟ୍, ୫.(କ)୧୫୪୦ ମସିହା, ୬.(ଘ) କାର୍ଲ ଫ୍ରେଡ଼େରିକ୍ ଗସ୍, ୭.(କ)+ ଚିହ୍ନ, ୮.(ଘ)ଜୋହାନ ୱିଡ୍‌ମ୍ୟାନ, ୯.(ଘ)ଜୋହାନ ୱିଡ୍‌ମ୍ୟାନ, ୧୦.(ଗ)ସେକେଣ୍ଡ ।

୧.(ଗ)୧୯୬୯ମସିହାରେ, ୨.(କ)ଟି.ଏଚ୍.ମାଇମ୍ୟାନ, ୩.(ଘ) ଲେଜରରଶ୍ମିଗୁଡ଼ିକ ସୁଂସହତ, ୪.(କ)ଫଟୋମିଟର, ୫.(କ) ୩୩୩ ମି./ସେ. ମି./ସେ., ୬.(ଗ)ଚାପ, ୭.(ଗ)ବୃଦ୍ଧିପାଏ, ୮.(କ)ପାରଦ ସ୍ତମ୍ଭର ୭୬ ସେ.ମି, ୯.(ଗ)ଆର୍କିମେଡ଼ିସ୍‌ଙ୍କ ସୂତ୍ର, ୧୦.(ଗ) ଭେଞ୍ଚୁରିମିଟର ।

# (୨୦) କେନ୍ଦ୍ରାପଡା ଜିଲ୍ଲା

୧. ଜିଲ୍ଲାର ନାମ - କେନ୍ଦ୍ରାପଡା
୨. ଗଠନ - ୧ ଏପ୍ରିଲ୍ ୧୯୯୩
୩. କ୍ଷେତ୍ରଫଳ - ୨୬୪୪ବର୍ଗ.କି.ମି
୪. ଜନସଂଖ୍ୟା - ୧୪୩୯୮୯୧
(କ) ପୁରୁଷ - ୭୧୭୬୯୫
(ଖ) ମହିଳା - ୭୨୨୧୯୬



୫. ଉପଖଣ୍ଡ - ୦୧
୬. ତହସିଲ - ୦୯(ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ଡ଼େରାବିଶ, କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା, ଗରଦପୁର, ରାଜକନିକା ।)
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) -୦୯ (ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ଡ଼େରାବିଶ, କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା, ଗରଦପୁର, ରାଜକନିକା ।)
୮. ଗ୍ରାମ ପଞ୍ଚାୟତ - ୨୩୦
୯. ଗ୍ରାମ - ୧୫୪୭
୧୦. ଥାନା - ୧୩
୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି)- ୦୧
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) - ୦୧
୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୫
୯୬-ପାଟକୁରା,୯୭-କେନ୍ଦ୍ରାପଡ଼ା,୯୮-ଆଳି,୯୯-ରାଜନଗର,୧୦୦-ମହାକାଳପଡ଼ା
୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୧୫୩୪୪୩
୧୫. ସାକ୍ଷରତା ହାର - ୮୫.୯୩%
୧୬.ପୁରୁଷ ସାକ୍ଷରତା ହାର -୯୨.୪୫ %
୧୭. ମହିଳା ସାକ୍ଷରତା ହାର - ୭୯.୫୧ %
୧୮.ଜନସଂଖ୍ୟା ବୃଦ୍ଧି ହାର -୧୦.୫୯ %
୧୯.ଜନସଂଖ୍ୟା ଘନତ୍ୱ - ୫୪୫ / ବର୍ଗ କି.ମି
୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୧୦୦୬
୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୯୨
୨୨. ନିଆଁଲିଭା କେନ୍ଦ୍ର- ୦୪
୨୩.ଲୋକସଭା ଆସନ ସଂଖ୍ୟା - ୦୧
୨୪ ଜଙ୍ଗଲ ଜମି - ୨୪୮.୦୫ବର୍ଗ କି.ମି
୨୫.ହାରାହାରି ତାପମାତ୍ରା-
ସର୍ବନିମ୍ନ୪୨.୧°-ସର୍ବୋଚ୍ଚ ୧୦.୫ °
୨୬. ସାଧାରଣ ବୃଷ୍ଟିପାତ - ୧୫୫୬ ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.- ୨୯
୨୮.ପର୍ଯ୍ୟଟନସ୍ଥଳୀ - ଆଳି, ଭିତରକନିକା, ତମଲାଶାସନ, ଶାନ୍ତପୁର।

## ପର୍ବପର୍ବାଣୀ

### ମାର୍ଚ୍ଚ ୨୦୨୧

| | |
|---|---|
| ତା.୮ | ଶରଣ ଆରମ୍ଭ |
| ତା.୯ | ପଙ୍କୋଦ୍ଧାର ଏକାଦଶୀ ଓ ହ.ନି |
| ତା.୧୧ | ଶିବରାତ୍ରି (ଜାଗର) |
| ତା.୧୨ | ସବେ - ମେରାଜ୍ (ପୂର୍ବରାତ୍ରୀ), ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି |
| ତା.୧୩ | ଫାଲଗୁନ ଅମାବାସ୍ୟା, ମାସାନ୍ତ, ଶରଣ ଶେଷ ଓ ହ.ନି |
| ତା.୧୪ | ମୀନ ସଂକ୍ରାନ୍ତି, ଦ୍ୱିତୀୟାର ଚନ୍ଦ୍ରଦର୍ଶନ ପୂଜା ଓ ହ.ନି |
| ତା.୧୮ | ଗୁରୁ ପଞ୍ଚମୀ ବ୍ରତ |
| ତା.୨୨ | ରାଷ୍ଟ୍ରୀୟ ନବବର୍ଷ ଆରମ୍ଭ ଓ ଶକାବ୍ଦଃ ୧୯୪୩ ପ୍ରବେଶ |
| ତା.୨୪ | ଫଗୁ ଦଶମୀ ଓ ଦୋଳଯାତ୍ରା ଆରମ୍ଭ |
| ତା.୨୫ | ପାପନାଶିନୀ ଏକାଦଶୀ, ଲକ୍ଷ୍ମୀ ନାରାୟଣ ବ୍ରତ ଓ ହ.ନି . |
| ତା.୨୬ | ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ |
| ତା.୨୭ | ବରାହ ଦୋଳ, ରାଜାଗ୍ନି, ଓଳକଣା ମେଳନ ଓ ଶିବଚତୁର୍ଦ୍ଦଶୀ ଉପବାସ |
| ତା.୨୮ | ଦୋଳ ପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ଓ ଚନ୍ଦ୍ରପୂଜା |
| ତା.୨୯ | ହୋଲି ଉତ୍ସବ ଓ ସବେ - ବରାତ୍ (ପୂର୍ବରାତ୍ରୀ) |
| ତା.୩୦ | ତାରାତାରେଣୀ ଯାତ୍ରାରମ୍ଭଃ |

### ଅପ୍ରେଲ୨୦୨୧

| | |
|---|---|
| ତା.୨ | ସ୍କନ୍ଧ ଷଷ୍ଠୀ ଓ ପଞ୍ଚୁଦୋଳ |
| ତା.୫ | ବୃହସ୍ପତି ଚଳନ ଓ ଶରଣ ଆରମ୍ଭ |
| ତା.୭ | ପାପମୋଚନୀ ଏକାଦଶୀ ଓ ହଳ ନିଷେଧ |
| ତା.୯ | ବାରଣୀ ସ୍ନାନ ଓ ଶରଣ ଶେଷ |
| ତା.୧୦ | ସୁହୀ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଉପବାସ |
| ତା.୧୧ | ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳନିଷେଧ |
| ତା.୧୨ | ମଧୁ ଅମାବାସ୍ୟା, ବାସନ୍ତୀକ ନବଦିନାତ୍ମକ ପୂଜାରମ୍ଭ ଓ ସୋମମହତୀ ସ୍ନାନ |
| ତା.୧୩ | ସୃଷ୍ଟ୍ୟାରମ୍ଭ ଦିବସ ଓ ସମ୍ବତ୍ ୨୦୭୮ ପ୍ରବେଶ, ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ରମଜାନ ମାସ ଆରମ୍ଭ, ମାସାନ୍ତ ଓ ବର୍ଷ ଶେଷ |
| ତା.୧୪ | ମହାବିଷୁବ ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ହଳ ନିଷେଧ |
| ତା.୧୮ | ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ବିଲ୍ୱବରଣ ଓ ଶ୍ରୀ ମନ୍ଦିରରେ ଚୈତ୍ର ଗୁଣ୍ଡିଚା |
| ତା.୧୯ | ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ସପ୍ତମୀ ପୂଜା |
| ତା.୨୦ | ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ମହାଷ୍ଟମୀ ପୂଜା, ଅଶୋକାଷ୍ଟମୀ ଓ ଶ୍ରୀ ଲିଙ୍ଗରାଜ ଦେବଙ୍କର ରଥଯାତ୍ରା |
| ତା.୨୧ | ଶ୍ରୀରାମ ନବମୀ ଓ ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ନବମୀ ପୂଜା |
| ତା.୨୨ | ବାସନ୍ତୀକ ଦଶହରା ଓ ସୁଦଶା ବ୍ରତ |
| ତା.୨୩ | କାମଦା ଏକାଦଶୀ ଓ ହଳ ନିଷେଧ |
| ତା.୨୫ | ଅନଙ୍ଗ ତ୍ରୟୋଦଶୀ, ବିଷ୍ଣୁ ଓ ଶିବ ଦମନକ ଚତୁର୍ଦ୍ଦଶୀ ଓ ଶିବଚତୁର୍ଦ୍ଦଶୀ |
| ତା.୨୬ | ହିଙ୍ଗୁଳା ଯାତ୍ରା ଓ ପୂର୍ଣ୍ଣିମାର ଚନ୍ଦ୍ରପୂଜା |
| ତା.୨୭ | ଚୈତ୍ର ପୂର୍ଣ୍ଣିମା ଓ ବୈଶାଖ ବ୍ରତାରମ୍ଭଃ |

## ବିଭିନ୍ନ ଦିବସ ପାଳନ

### ମାର୍ଚ୍ଚ ୨୦୨୧

| | |
|---|---|
| ତା ୦୩ - | ଜାତୀୟ ପ୍ରତିରକ୍ଷା ଦିବସ |
| ତା ୦୪ - | ଜାତୀୟ ସୁରକ୍ଷା ଦିବସ |
| ତା ୦୫ - | ବିଜୁ ପଟ୍ଟନାୟକ ଜୟନ୍ତୀ ପଞ୍ଚାୟତରାଜ ଦିବସ |
| ତା ୦୮ - | ଆନ୍ତର୍ଜାତୀୟ ମହିଳା ଦିବସ |
| ତା. ୧୧ - | ଆଣ୍ଡାମାନ୍ ଓ ନିକୋବର ଜାତୀୟ ଦିବସ |
| ତା. ୧୨ - | ସି.ଆଇ.ଏସ୍.ଏଫ୍ ଦିବସ |
| ତା ୧୫ - | ବିଶ୍ୱ ଖାଉଟି ଦିବସ |
| ତା ୨୦ - | ଆନ୍ତର୍ଜାତୀୟ ଆନନ୍ଦ ଦିବସ |
| ତା ୨୧ - | ବିଶ୍ୱ କବିତା ଦିବସ |
| ତା ୨୧ - | ବିଶ୍ୱ ଜଙ୍ଗଲ ଦିବସ |
| ତା ୨୨ - | ବିଶ୍ୱ ଜଳ ଦିବସ |
| ତା.୨୨ - | ବିହାର ଜାତୀୟ ଦିବସ |
| ତା ୨୩ - | ବିଶ୍ୱ ପାଣିପାଗ ଦିବସ |
| ତା.୨୩ - | ଆତ୍ମ ବଳିଦାନ ଦିବସ |
| ତା ୨୪ - | ବିଶ୍ୱ ଯକ୍ଷ୍ମା ଦିବସ |
| ତା ୨୫ - | ଗୁଡ୍ ଫ୍ରାଇଡେ |

### ଅପ୍ରେଲ୨୦୨୧

| | |
|---|---|
| ତା ୧ - | ଉତ୍କଳ ଦିବସ, |
| ତା ୨ - | ବିଶ୍ୱ ଅଟିଜିମ୍ ଦିବସ |
| ତା ୫ - | ବିଶ୍ୱ ନୌବାହିନୀ ଦିବସ |
| ତା ୭ - | ବିଶ୍ୱ ସ୍ୱାସ୍ଥ୍ୟ ଦିବସ |
| ତା ୧୦ - | ରାଷ୍ଟ୍ରୀୟ ସୁରକ୍ଷିତ ମାତୃତ୍ୱ ଦିବସ |
| ତା ୧୧ - | ଜାତୀୟ ନିରାପଦ ମାତୃତ୍ତ୍ୱ ଦିବସ |
| ତା ୧୨ - | ଶାରିରିକ ଶିକ୍ଷା ଦିବସ |
| ତା ୧୩ - | ଓଡ଼ିଶା ରାଜଧାନୀ ପ୍ରତିଷ୍ଠା ଦିବସ |
| ତା ୧୪ - | ଅଗ୍ନିସମ ସେବା ଦିବସ |
| ତା ୧୫ - | ହିମାଚଳ ପ୍ରଦେଶ ଦିବସ |
| ତା ୧୭ - | ବିଶ୍ୱ ହେମୋଫୋଲିଆ ଦିବସ |
| ତା ୧୮ - | ବିଶ୍ୱ ଐତିହ ଦିବସ |
| ତା ୧୯ - | ଜାତୀୟ ବୀମା ଦିବସ |
| ତା ୨୨ - | ଆର୍ନ୍ତଜାତୀକ (ପୃଥିବୀ) ଦିବସ |
| ତା ୨୩ - | ବିଶ୍ୱ ପୁସ୍ତକ ଓ ସ୍ୱତ୍ତ୍ୱାଧିକାର ଦିବସ |
| ତା ୨୪ - | ମାନବାଧିକାର ଦିବସ |
| ତା ୨୫ - | ବିଶ୍ୱ ମାଲେରିଆ ଦିବସ |
| ତା ୨୬ - | ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ |
| ତା ୨୮ - | ସ୍ୱାଭିମାନ ଦିବସ (ମଧୁସୂଦନ ଜୟନ୍ତୀ) |
| ତା ୩୦ - | ଶିଶୁ ଶ୍ରମିକ ଦିବସ |

## କବିତା ପରିବେଷଣରେ ଭାଗନେଇଥିବା ଅତିଥିମାନଙ୍କ ସହ ଆମରିସତ୍ୟ ସଂପର୍କରେ ଅଭିମତ ପ୍ରକାଶ କରିଥିବା ବ୍ୟକ୍ତିବିଶେଷ


ବିଷ୍ଣୁପ୍ରସାଦ ହରିଚନ୍ଦନ


ଶ୍ରୀମତୀ ରଶ୍ମୀତା ନାୟକ


ପ୍ରଫୁଲ୍ଲ ବେହେରା


ପଦ୍ମନାଭ ପାଣିଗ୍ରାହୀ


ଡ. ନିରଞ୍ଜନ ମହାନ୍ତି


ଅଧ୍ୟାପିକା ସୌଦାମିନୀ ବେହେରା


ପ୍ରାଧ୍ୟାପକ ଶିବ ପ୍ରସାଦ ପାଢ଼ୀ


ଶ୍ରୀ କୃଷ୍ଣଚନ୍ଦ୍ର ହରିଚନ୍ଦନ


ଡ. ଅଜୟ କୁମାର ସ୍ୱାଇଁ


ଶ୍ରୀ ପଦ୍ମଲୋଚନ ସାହୁ


ଶ୍ରୀ ସତ୍ୟବାଦୀ ସାହୁ


ସସ୍ମିତା ପାଢ଼ିକରାୟ

## କବିତା ପାଠୋତ୍ସବ, ଭଜନ ଗାନ ସହ କ୍ଷୁଦ୍ର ନାଟକ 'କରୋନା'


ଡ. ଶରତଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା କବିତା ପାଠୋତ୍ସବ ଉଦ୍‌ଘାଟନ



କବିତା ପାଠୋତ୍ସବ ଅବସରରେ ମଞ୍ଚାସୀନ ଅତିଥି







କ୍ଷୁଦ୍ର ନାଟକ 'କରୋନା'ରେ ଅଭିନୟ କରୁଥିବା କଳାକାରଙ୍କୁ ଆମରିସତ୍ୟ ତରଫରୁ ସମ୍ମାନ

Postal Regd. No. : PURI-33/2019-21
Volume-11 | Issue No.-9 | Monthly | March-2021 | RNI Regn. No. ODIODI/2010/35051 | Page-52



ଗାୟକ ସୁବାସ ରାଉତ ଏବଂ ଶ୍ରୀମତୀ ରାଉତ ସମ୍ବର୍ଦ୍ଧିତ




ଡା. ଧନେଶ୍ୱର ସାହୁ ଏବଂ ଶ୍ରୀମତୀ ସାହୁ ସମ୍ବର୍ଦ୍ଧିତ




ପୁସ୍ତକ ଉନ୍ମୋଚନ : ଜବାହରଲାଲ ସୁବୁଦ୍ଧିଙ୍କ "ଓଡ଼ିଶାରେ ଗାନ୍ଧିଜୀ"




ପୁସ୍ତକ ଉନ୍ମୋଚନ : ଡା. ଧନେଶ୍ୱର ସାହୁଙ୍କ "ଅଟୋବାଲା", "ଏ ନୁହେଁ ଗପ", "ଆଛା ଗୋଟେ ମିନିଟ୍", "ଦରବାର"




ପୁସ୍ତକ ଉନ୍ମୋଚନ : ଶ୍ରୀମତୀ ରେଣୁକା ରଥଙ୍କ "ସତ୍ୟପଥେ ତ୍ରିଧାରା"



ବନ୍ଧୁମାନଙ୍କ ସହ...

Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - Webline, D2/19, Mancheswar Industrial Estate, BBSR-10, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar Jena
Founder : Dr. Pramod Chandra Dash

From